

ସହିଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଇଣ୍ଡଷ୍ଟ୍ରିରେ ପାରିଶ୍ରମିକକୁ ନେଇ ପ୍ରଶ୍ନ ଉଠାଇଲେ ୱାମିକା | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୭୦ Vol. 22 No-70 10 JUNE 2025 TUESDAY, BHUBANESWAR ମଙ୍ଗଳବାର, ୧୦ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ମୋଦୀଙ୍କ ତୃତୀୟ ପାଳିର ଏକବର୍ଷ ପୂର୍ତ୍ତି

# ବଦଳିଛି ବିକାଶର ପରିଭାଷା







ଜୁନ୍ ୯, ୨୦୨୪ରେ ତୃତୀୟ ଥରପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଉଛନ୍ତି ନରେନ୍ଦ୍ର ମୋଦୀ

- ୧୧ ବର୍ଷର ରିପୋର୍ଟ କାର୍ଡ ବଖାଣିଲେ ନଡ୍ଡା
- ଭାରତ ହେବ ବିଶ୍ୱର ଚତୁର୍ଥ ଅର୍ଥନୀତି
- ଧାରା ୩୭୦, ଟ୍ରିପଲ ତଲାକ ଉଚ୍ଛେଦ ବଡ଼ ଉପଲବ୍ଧି
- ବିଦେଶ ମୁଦ୍ରାଭଣ୍ଡାର, ଏଫଡିଆଇରେ ବୃଦ୍ଧି
- ନୂଆ ୱାକଫ୍ ଆଇନ ଐତିହାସିକ ନିଷ୍ପତ୍ତି

ନୂଆଦିଲ୍ଲୀ,୯।୬: ୨୦୨୪ ଜୁନ୍ ୯ ତାରିଖରେ ନରେନ୍ଦ୍ର ମୋଦୀ ତୃତୀୟ ଥରପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଇତିମଧ୍ୟରେ ତାଙ୍କ କାର୍ଯ୍ୟକାଳର ଏକବର୍ଷ ପୂର୍ତ୍ତି ହୋଇଛି। ତେବେ ନରେନ୍ଦ୍ର ମୋଦୀ ସରକାରର ମୋଟ ୧୧ବର୍ଷର ପୂର୍ତ୍ତି ଅବସରରେ ସରକାରଙ୍କ ଉପଲବ୍ଧିକୁ ପ୍ରକାଶ କରିଛନ୍ତି ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା। ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ନଡ୍ଡା କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ରାଜନୈତିକ ସଂସ୍କୃତିକୁ ବଦଳାଇ ଏକ ନୂଆ ଯୁଗ ଆରମ୍ଭ କରିଛନ୍ତି। ପୂର୍ବ ସରକାର ତୁଷ୍ଟିକରଣକୁ ଗୁରୁତ୍ୱ ଦେଉଥିବାବେଳେ ମୋଦୀ ସରକାର ତୁଷ୍ଟିକରଣ ସ୍ଥାନରେ ଉତ୍ତରଦାୟୀ, ପାରଦର୍ଶିତା ଓ ବିକାଶକୁ ସ୍ଥାନ ଦେବାରେ ସାମାନ୍ୟ ହେଳା ପ୍ରଦର୍ଶନ କରିନାହାନ୍ତି। ମୋଦୀ ସରକାର କଠୋର ନିଷ୍ପତ୍ତି ନେବା ସହ ଆର୍ଥିକ ଅନୁଶାସନ ଆଣିବାରେ ସଫଳତା ହାସଲ କରିଛନ୍ତି। ଶ୍ରୀ ନଡ୍ଡା କହିଥିଲେ, ୧୧ ବର୍ଷ ପୂର୍ବେ ଦେଶରେ ତୁଷ୍ଟିକରଣ ରାଜନୀତି ଚାଲିଥିଲା। କିନ୍ତୁ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାପରେ ଏହାକୁ ବଦଳାଇ ଉତ୍ତରଦାୟୀର ରାଜନୀତି ଓ ରିପୋର୍ଟ କାର୍ଡ ରାଜନୀତି ଆରମ୍ଭ କରିଛନ୍ତି। କହିବାକୁ ଗଲେ ମୋଦୀ ସରକାର ନ୍ୟୁ ନର୍ମାଲ ଓ ନ୍ୟୁ ଅର୍ଡର ବ୍ୟବସ୍ଥା ସ୍ଥାପନ କରିଛନ୍ତି। ମୋଦୀ ସରକାର ଏପରି ଏକ ସରକାର, ଯିଏ ଭବିଷ୍ୟତକୁ ଆଖିଆଗରେ ରଖି ଆଗକୁ ମାଡ଼ି ଚାଲିଥାଏ। ପୂର୍ବ ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି • ପୃଷ୍ଠା ୫ ଦେଖନ୍ତୁ

## ■ କେନ୍ଦ୍ରାପଡ଼ାରେ ମୁଖ୍ୟମନ୍ତ୍ରୀ ■

# ବିକାଶର ଶୀର୍ଷ ଛୁଇଁବ କେନ୍ଦ୍ରାପଡ଼ା



- ସୁଭଦ୍ରା, ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଏକ ନମ୍ବର
- ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସନ୍ତୋଷଜନକ, ତ୍ୱରାନ୍ୱିତ ପରାମର୍ଶ
- କେନ୍ଦ୍ରାପଡ଼ାରେ ହେବ ମେଡ଼ିକାଲ କଲେଜ ସ୍ଥାପନ
- ବଳଦେବ ଜିଉଙ୍କ ମନ୍ଦିର ପରିକ୍ରମା ଓ ବିକାଶ ନେଇ ଆଲୋଚନା
- ବ୍ୟାପକ ହେବ ହେନ୍ତାଳ ଜଙ୍ଗଲ, ଇକୋ-ଟୁରିଜିମ୍

ଭୁବନେଶ୍ୱର,୯।୬(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଦକ୍ଷଣ ଗୃହ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରିଛନ୍ତି ଓ ଘୋଷଣା କରିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଆରମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଆରମ୍ଭରୁ ହିଁ ହେବ। ସମୀକ୍ଷାରୁ ଜଣା ଯାଇଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳ ସମ୍ପଦର ବିକାଶ ହେବା ପାଇଁ ଏବଂ ଏହି ଜିଲାରେ ଶିକ୍ଷର ବିକାଶ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। କେନ୍ଦ୍ରାପଡ଼ା ଅଞ୍ଚଳରେ ଥିବା ହେନ୍ତାଳ ଜଙ୍ଗଲକୁ ଆହୁରି ବ୍ୟାପକ କରିବା ପାଇଁ ଏବଂ ଭିତରକନିକା ଓ ଗହୀରମଥା ଅଞ୍ଚଳରେ ଇକୋ ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ। ଖୁବ୍‌ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପ ଗୁଡ଼ିକ ଏହି ଜିଲ୍ଲାରେ ଉଦ୍‌ଘାଟନ ହେବା ପାଇଁ ଯାଉଛି ଏବଂ କେନ୍ଦ୍ରାପଡ଼ା ଠାରେ ମେଡିକାଲ କଲେଜ ସ୍ଥାପନ ଓ ମହାପ୍ରଭୁ ଶ୍ରୀ ବଳଦେବ ଜିଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିଧାୟକଗଣ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି ବୋଲି ବୈଠକରୁ ଜଣାଯାଇଛି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଆଇଇଡି ବିସ୍ଫୋରଣରେ ଏଏସ୍‌ପି ସହିଦ

ମାଲକାନଗିରି, ୯।୬ (ଭାସ୍କର ନ୍ୟୁଜ୍): ଛତିଶଗଡ଼ର ସୁକମା ଜିଲ୍ଲାର କୋଣ୍ଟା ଅଞ୍ଚଳରେ ନକ୍ସଲମାନଙ୍କ ଦ୍ୱାରା କରାଯାଇଥିବା ଏକ ଆଇଇଡି ବିସ୍ଫୋରଣରେ ଏଏସ୍‌ପି ଆକାଶ ରାଓ ଗିରପୁଞ୍ଜେ ସହିଦ ହୋଇଛନ୍ତି । ଘଟଣା ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିଲା, କିନ୍ତୁ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଆକାଶ ରାଓ ଗିରପୁଞ୍ଜେଙ୍କ ସହିଦ ହେବା ଯୋଗୁଁ ସମଗ୍ର ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ବିସ୍ଫୋରଣରେ କୋଣ୍ଟା ପୋଲିସ ଷ୍ଟେସନ ଇନଚାର୍ଜ (ଟିଆଇ) ଏବଂ ଏସଡିପିଓ ମଧ୍ୟ ଆହତ ହୋଇଛନ୍ତି, ଯାହାଙ୍କ ଚିକିତ୍ସା ଚାଲିଛି। ପୋଲିସ ଟିମ୍ ପାଟ୍ରୋଲିଂରେ ବାହାରିଥିବା ବେଳେ କୋଣ୍ଟା ପୋଲିସ ଷ୍ଟେସନ ଅଞ୍ଚଳରେ ଏହି ଘଟଣା ଘଟିଛି। ପୋଲିସ ଏବଂ ସୁରକ୍ଷା ବାହିନୀ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି ।


### ଟ୍ରେନ୍‌ରୁ ଖସି ୫ ଯାତ୍ରୀ ମୃତ

ମୁମ୍ବାଇ, ୯।୬: ମହାରାଷ୍ଟ୍ରର ଠାଣେରେ ସୋମବାର ସକାଳେ ଏକ ବଡ ଅଘଟଣ ଘଟିଛି। ଠାଣେର ମୁମ୍ବ୍ରା ରେଲୱେ ଷ୍ଟେସନରେ ସିଏସଏମଟି ଅଭିମୁଖେ ଯାଉଥିବା ଲୋକାଲ୍ ଟ୍ରେନ୍‌ରୁ ଅନେକ ଯାତ୍ରୀ ଧାରଣାକୁ ଖସି ପଡି ଏଯାଏଁ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ପରେ ରେଲୱେ ଓ ଜିଆରପିର ଅଧିକାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ମିଳିଥିବା ସୂଚନାନୁସାରେ ୧୦ ରୁ ୧୨ ଯାତ୍ରୀ ଟ୍ରେନ୍ ?ରୁ ଖସି ପଡିଛନ୍ତି । ଟ୍ରେନ୍‌ରେ ଅତ୍ୟଧିକ ଭିଡ କାରଣରୁ ଏଭଳି ଅଘଟଣ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ସେନ୍‌ସେକ୍ସ: ୮୨,୪୪୫.୨୧
ସର୍ବାଧିକ: ୩୬.୪ ଡିଗ୍ରୀ
ସର୍ବନିମ୍ନ: ୨୭.୮ ଡିଗ୍ରୀ

## ସାରା ଦେଶରେ ବୃଦ୍ଧି ପାଉଛି କରୋନା ସଂକ୍ରମଣ

# ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ପାର୍



ନୂଆଦିଲ୍ଲୀ,୯।୬: ଦେଶରେ ଦିନକୁ ଦିନ କାୟା ବିସ୍ତାର କରି ଚାଲିଛି କରୋନାର ନୂଆ ଭାରିଆଣ୍ଟ। ପ୍ରତିଦିନ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟୁଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସୋମବାର ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ପାର୍ କରିଛି। ସୋମବାର ପୂର୍ବାହ୍ନ ୧୦ଟା ସୁଦ୍ଧା ସକ୍ରିୟ ମାମଲା ସଂଖ୍ୟା ୬୪୯୧ରେ ପହଞ୍ଚିଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ୩୫୮ଟି ନୂଆ ମାମଲା ପଞ୍ଜିକୃତ ହୋଇଛି। ତେବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଦେଇଛି ଯେ ୨୪ ଘଣ୍ଟାରେ କୌଣସି ଆକ୍ରାନ୍ତଙ୍କର ମୃତ୍ୟୁ ଘଟିନାହିଁ । ତେବେ କେରଳ କରୋନାର ହଟ୍‌ସ୍ପଟ୍ ପାଲଟିଥିବାବେଳେ ସେଠାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ସେଠାରେ ୧୯୭୫ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଗୁଜରାଟରେ ୯୮୦, ପଶ୍ଚିମବଙ୍ଗରେ ୭୪୭ ଓ ଦିଲ୍ଲୀରେ ୭୨୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କେରଳ ପରେ ସର୍ବାଧିକ ଆକ୍ରାନ୍ତ ଗୁଜରାଟରେ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ରାଜଧାନୀ ଦିଲ୍ଲୀରେ ୪୨ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ୭୭ଜଣ ଚିହ୍ନଟ ହୋଇଛନ୍ତି। ତେବେ ମହାରାଷ୍ଟ୍ରରେ ମୋଟ ସକ୍ରିୟ ମାମଲା ୬୦୭ଟି ରହିଛି। ଖୁସିର କଥା, ରବିବାର ୬ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର କାହାର ମୃତ୍ୟୁ ଘଟିନାହିଁ । ତେବେ ଏହି ଭାରିଆଣ୍ଟ ଏତେ ସାଂଘାତିକ ନ ହେଲେ ମଧ୍ୟ ଏ ନେଇ ସତର୍କତା ଅବଲମ୍ବନ ଜରୁରି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଯଦିଓ ଏ ନେଇ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ମାର୍ଗଦର୍ଶିକା ଜାରି କରାଯାଇନାହିଁ, ତେବେ ଆବଶ୍ୟକ ପଡ଼ିଲେ ଜାରି କରାଯିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ


# ୮୦ ପ୍ରତିଶତ ପ୍ରସ୍ତୁତି ଚୂଡ଼ାନ୍ତ



ପୁରୀ/ଭୁବନେଶ୍ୱର,୯।୬(ଭାସ୍କର ନ୍ୟୁଜ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଆଉମାତ୍ର କିଛିଦିନ ବାକି ରହିଥିବାବେଳେ ସୋମବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ରଥଯାତ୍ରା ପାଇଁ ୮୦ ପ୍ରତିଶତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ନେଇ ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ। ସେ କହିଛନ୍ତି, ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗଗୁଡ଼ିକ ନିଜ ନିଜ ଭିତରେ ସମନ୍ୱୟ ରକ୍ଷାକରି ଆଗକୁ ବଢି ଚାଲିଛନ୍ତି। ଆଗାମୀ ରଥଯାତ୍ରା ସମୟରେ ପୁରୀକୁ ୩୬୫ଟି ଟ୍ରେନ୍ ଚଳାଚଳ କରିବ। ସେହିପରି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ୩୦୦ ଡାକ୍ତରଙ୍କୁ ନିୟୋଜିତ କରାଯିବ। କୋଭିଡର ନୂଆ ଭାରିଆଣ୍ଟ ଏତେ ସାଂଘାତିକ ନଥିବାରୁ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି। ସେହିପରି ରଥ ନିର୍ମାଣ ଅଗ୍ରଗତି, ରାସ୍ତାଘାଟ ମରାମତି, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଆଇନଶୃଙ୍ଖଳା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଟ୍ରାଫିକ କଟକଣା ଏବଂ ଯୋଗାଯୋଗ ବ୍ୟବସ୍ଥା ଉପରେ ମଧ୍ୟ ବିଶଦ ଆଲୋଚନା କରାଯାଇଥିଲା। ଏଥିସହ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପାନୀୟଜଳ, ଶୌଚାଳୟ, ଯାତ୍ରୀଙ୍କ ରହଣୀ ବ୍ୟବସ୍ଥା, ଅପରାଧ ଦମନ, ଭିଡ଼ ନିୟନ୍ତ୍ରଣ, ଠାକୁରଙ୍କୁ ଶୃଙ୍ଖଳିତ ଦର୍ଶନ, ଉଚିତ ମୂଲ୍ୟରେ ମହାପ୍ରସାଦ ଯୋଗାଣ, ବସ୍ ଓ ଟ୍ରେନ୍ ଯାତ୍ରାକୁ ସହଜ କରିବା, ପରିମଳ, ଉନ୍ନତମାନର ଖାଦ୍ୟ ବିକ୍ରି, ଶ୍ରଦ୍ଧାଳୁଙ୍କ ସୁରକ୍ଷା ଏବଂ ରଥଯାତ୍ରାରେ ନୀତିନିର୍ଘଣ୍ଟ ଓ ନୀତିକାନ୍ତି ଉପରେ ମଧ୍ୟ ଆଲୋଚନା • ପୃଷ୍ଠା ୫ ଦେଖନ୍ତୁ

### ୯।୬ ।୨୦୨୫ ର ମତାମତ

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତ୍ୱରିତ ଅନୁଦାନ ଦେବା ଉଚିତ୍ ନୁହେଁ କି?





### ଆଜିର ପ୍ରସଙ୍ଗ

ଆଇଏଏସ୍ ଅଧିକାରୀଙ୍କ ଲାଞ୍ଚ ନେବା ଉପରେ ରୋକ୍ ଲାଗିବା ଠିକ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

### ଅର୍ଚ୍ଚିତ ଅନିର୍ବାଣ



ନିଆଁ ଜଳୁଅଛି ଆମେରିକାରେ
ପରିସ୍ଥିତି ଅଣାୟତ,
ଟ୍ରମ୍ପଙ୍କର ନୀତି, ନିଷ୍ପତ୍ତି ବିରୋଧେ
ବୃଦ୍ଧିପାଏ ଜନମତ ।
ନିଜ ଘରେ କଣା ଛାତ,
ପରଘରେ କିନ୍ତୁ ମାମଲତକାର
ନହେଲେ ରୁଚେନି ଭାତ !

## ୧୦ଲକ୍ଷ ଲାଞ୍ଚନେବା ହେଲା କାଳ

# ଜେଲ୍ ଗଲେ ଉପଜିଲ୍ଲାପାଳ




ଧର୍ମଗଡ଼,୯।୬(ଭାସ୍କର ନ୍ୟୁଜ): ଦୁର୍ନୀତିଗ୍ରସ୍ତ ସରକାରୀ ଅଫିସରଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା ପଦକ୍ଷେପ ଗ୍ରହଣ କରୁଛନ୍ତି। ଏପରିକି ଯେଉଁମାନେ ଲାଞ୍ଚ ନେଉଛନ୍ତି ସେମାନଙ୍କୁ ଜେଲ ପଠାଯିବ ବୋଲି ସତର୍କ କରାଇ ଦେଇଛନ୍ତି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ। ଏହି କ୍ରମରେ ଭିଜିଲାନ୍ସ ସୋମବାର ଧର୍ମଗଡ଼ ଉପଜିଲ୍ଲାପାଳ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ଧୀମନ ଚକ୍‌ମାଙ୍କୁ ୧୦ଲକ୍ଷ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଶ୍ରୀ ଧୀମନ ହେଉଛନ୍ତି ୨୦୨୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ସେ ଧର୍ମଗଡ଼ର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଥିଲେ। ଜଣେ ସ୍ଥାନୀୟ ବ୍ୟବସାୟୀଙ୍କ ଅଭିଯୋଗକ୍ରମେ ଉପଜିଲ୍ଲାପାଳ ୨୦ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଦୁଇଟି କିସ୍ତିରେ ୧୦ଲକ୍ଷ ଟଙ୍କା ଲେଖାଏଁ ନେବାପାଇଁ କହିଥିଲେ। ଅନ୍ୟଥା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଚେତାବନୀ ମଧ୍ୟ ଦେଇଥିଲେ। ତେବେ ଅଭିଯୋଗକାରୀ ଏ ନେଇ ଭିଜିଲାନ୍ସକୁ ଅବଗତ କରାଇଥିଲେ। ରବିବାର ରାତିରେ ଶ୍ରୀ ଧୀମନ ନିଜ ଆବାସିକ ବାସଭବନରେ ଅଭିଯୋଗକାରୀଙ୍କଠାରୁ ୧୦ଲକ୍ଷ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହାପରେ ତାଙ୍କ ବାସଭବନ ଓ ଚାମ୍ବରରେ ଚଢାଉ କରାଯାଇଥିଲା। ତାଙ୍କ ସରକାରୀ ବାସଭବନରୁ • ପୃଷ୍ଠା ୫ ଦେଖନ୍ତୁ

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁକାଳୀନ ସହାୟତା ରାଶି ୧୦ଲକ୍ଷକୁ ବୃଦ୍ଧି



ଭୁବନେଶ୍ୱର,୯।୬(ଭାସ୍କର ନ୍ୟୁଜ): ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ବୃଦ୍ଧି କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ପୂର୍ବରୁ ଥିବା ସହାୟତା ରାଶି ୬ଲକ୍ଷରୁ ୧୦ଲକ୍ଷକୁ ବୃଦ୍ଧି କରାଯାଇଥିବା ନେଇ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣର ନଜିର ଅଧିକ ରହିଥାଏ। ଏଥିରେ ଧନଜୀବନ ମଧ୍ୟ ହାନି ଘଟିଥାଏ। ତେଣୁ ମୁଖ୍ୟମନ୍ତ୍ରୀ ଏହି ସହାୟତା ରାଶିରେ ବୃଦ୍ଧି ଘଟାଇଛନ୍ତି। ଘୋଷଣା ଅନୁଯାୟୀ ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି ସହ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ନଚେତ ସମତୁଲ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ। ସେହିପରି ରୋଷେଇ ଘର, ଧାନ ରହୁଥିବା ଘର କିମ୍ବା ଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର କ୍ଷତିପୂରଣ ଯୋଗାଇ ଦିଆଯିବ। ସେହିଭଳି ପକ୍କା ପାଚେରୀ କ୍ଷତିଗ୍ରସ୍ତ ହେଲେ ମିଟର ପିଛା ୫ ହଜାର ଓ ସର୍ବାଧିକ ୨୫ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଗ୍ରାମ ପଞ୍ଚାୟତସ୍ଥିତ ଗୁଆଲୀ ଗ୍ରାମରେ ନୂତନ ଭାବେ ନିର୍ମାଣ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୧ ତାରିଖ ଦିନ ଅଙ୍କୁରାରୋପଣ, ୨ ତାରିଖ ଦିନ ଜଳ ଯାତ୍ରା ଘଟ ମଣ୍ଡଳାଧି ପୂଜା ଚଣ୍ଡୀପାଠ, ୩ ତାରିଖ ଦିନ ଗୋ ପୂଜା କୃଷ୍ଣ ସହସ୍ର ନାମାବଳୀ ଆହୁତି ଭଜନ ପରିବେଷଣ, ୪ ତାରିଖ ଦିନ ସୂର୍ଯ୍ୟପୂଜା ରାଧା ସହସ୍ରାନାମାବଳୀ, ୫ ତାରିଖ ଦିନ ବିଗ୍ରହମାନଙ୍କର ମହାସ୍ନାନ ମୁଖ୍ୟ ଦେବତାଙ୍କ ନ୍ୟାସ, ୬ ତାରିଖ ଦିନ ସର୍ବଦେବତାମାନଙ୍କର ଆହୁତି ବିଗ୍ରହମାନଙ୍କର ମନ୍ଦିର ପ୍ରବେଶ,ସନ୍ଧ୍ୟା ସମୟରେ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ପୂର୍ଣ୍ଣାହୁତି ସମୟରେ ବାଜା, ବାଣ, ଘଣ୍ଟ ମାଡ଼ରେ ପୀଠ ଉଚ୍ଛୁଳି ପଡୁଥିଲା। ରାତ୍ର ୮ ଟା ସମୟରେ ଆଧ୍ୟାତ୍ମିକ ଭଜନ ପରିବେଷଣ କରାଯାଇଥିଲା। ୬ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମକୁ ଗ୍ରାମର ରମେଶ ଚନ୍ଦ୍ର ପାତ୍ର, ଧୀରେନ୍ଦ୍ର ନାଥ ଛୋଟରାୟ, ଘନଶ୍ୟାମ ପାତ୍ର, ବିଶ୍ୱରଞ୍ଜନ ମଙ୍ଗରାଜ, ହୃଷିକେଶ ଛୋଟରାୟ, ନରେନ୍ ମଙ୍ଗରାଜ, ସନ୍ତୋଷ ପାତ୍ର, ମାନସ ମଙ୍ଗରାଜ ପ୍ରମୁଖ ପରିଚାଳନା କରିଥିଲେ।

ପୃଷ୍ଠା-୨
Page-2
ଭୁବନେଶ୍ୱର
Bhubaneswar
୧୦.୦୬.୨୦୨୫
10.06.2025

# ବିର୍ସା ମୁଣ୍ଡାଙ୍କ ୧୨୫ତମ ଶହୀଦ ଦିବସ ପାଳିତ



ବ୍ରହ୍ମପୁର (ଭାସ୍କର ନ୍ୟୁଜ) : ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ଓ ଓମ୍ ପ୍ରଭାତ ଲଫିଂ କ୍ଲବର ମିଳିତ ଆନୁକୂଲ୍ୟରେ ଆଜି ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୨୫ତମ ଶହୀଦ ଦିବସ ସ୍ଥାନୀୟ ଏମ୍‌କେସିଜି ମେଡିକାଲ କଲେଜ ପରିସରରେ ପାଳିତ ହୋଇଯାଇଛି। ଏଥି ଉଦ୍ଦେଶ୍ୟରେ କ୍ଲବ ସଭାପତି ଦେବରାଜ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସ୍ମରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ରିଟିଶ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ମୁଣ୍ଡା ବିଦ୍ରୋହ। ଏହାର ପ୍ରତିଷ୍ଠାତା ବିର୍ସା ମୁଣ୍ଡା ଭଗବାନ ବିର୍ସା ଭାବେ ଜଣାଶୁଣା। ଜମିଦାର ଓ ମହାଜନ ମାନଙ୍କ ଅନ୍ୟାୟ ଅନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେବାରୁ ସେମାନେ ବ୍ରିଟିଶକୁ ସହଯୋଗ କଲେ ଓ ବିର୍ସାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରି ତାଙ୍କୁ ଗିରିଫ କରାଇଦେଲେ। ବିହାରର ହଜାରିବାଗ ସେଣ୍ଟ୍ରାଲ ଜେଲରେ ବିର୍ସାଙ୍କୁ ରଖାଗଲା। ମହାଜନ, ଜମିଦାର ଓ ବ୍ରିଟିଶ ଶାସକ ମାନଙ୍କ ଅତ୍ୟାଚାର ଓ ଦମନକୁ ଲୋପକରି ମୁଣ୍ଡାରାଜ ପ୍ରତିଷ୍ଠା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହେଲା। ଜମି, ଜଳ. ଜଙ୍ଗଲରେ ଆଦିବାସୀଙ୍କ ଅଧିକାରକୁ ସାବ୍ୟସ୍ତ ପାଇଁ ବିର୍ସାଙ୍କ ଲଢେଇ ସମଗ୍ର ଆଦିବାସୀ ସମାଜରେ ପ୍ରେରଣା ଯୋଗାଇଲା। ଶେଷରେ ୧୯୦୦ ମସିହା, ଜୁନ ମାସ ୯ ତାରିଖରେ ବିର୍ସାଙ୍କୁ ଆର୍ସେନିକ ବିଷ ଦେଇ ବ୍ରିଟିଶ ହତ୍ୟା କରିଥିଲା। ଆଦିବାସୀ ମାନେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅଧିକାର ହାସଲ କରି ନାହାଁନ୍ତି। ବ୍ରିଟିଶ ବିରୋଧରେ ତାଙ୍କ ସଂଗ୍ରାମ ଚୀର ସ୍ମରଣୀୟ ରହିବ। ଆଜି ସମାଜସେବୀ ସୁରେନ୍ଦ୍ର ନାଥ ପଣ୍ଡା, ଗଗନ ଚନ୍ଦ୍ର ମଲ୍ଲିକ, ଅମୁଲ୍ୟ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବାବେଳେ ଆର. ସତ୍ୟ ନାରାୟଣ ରାଓ, ଅଶୋକ ଦଳାଇ, ଜଟେଶ୍ୱର ସାବତ, ଦୈତ୍ୟରୀ ବେହେରା, ରାମ ଚନ୍ଦ୍ର ସାହାଣୀ, ଡ. ଡମ୍ବୁରୁଧର ସାହୁ, ବୃନ୍ଦାବନ ପରିଡା, ରମାକାନ୍ତ ସାହୁ, ରାଧାକ୍ରିଷ୍ଣା ପାତ୍ର, ଭଗବତ ରାଓ, ଟି. ନାଗ ଭୂଷଣ, କରୁଣାକର ଗୌଡ଼ ପ୍ରମୁଖ ସ୍ମରଣ ସଭାରେ ଅଂଶଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୩ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର




ଛତ୍ରପୁର (ଭାସ୍କର ନ୍ୟୁଜ) : ଓଡିଶା ଅଣ ଗେଜେଟେଡ଼ ବନ ସେବା ସଙ୍ଘ ପକ୍ଷରୁ ୩ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଙ୍ଘ ପକ୍ଷରୁ କୁହାଯାଇଛି ଯେ ବାରମ୍ବାର ବନ କର୍ମରରୀ ମାନଙ୍କୁ ଗୁଳିକରି ହତ୍ୟା କରାଯାଉଥିବା ସ୍ଥଳେ, ଓଡ଼ିଶା ଅଣଗେଜେଟେଡ଼ ବନସେବା ସଂଘ ଗତ ମେ ୨୫ରେ ଜରୁରି ବୈଠକ କରି ବିଭାଗର ଅବ୍ୟବସ୍ଥା ପ୍ରତିକାର ନିମିତ ତିନିଗୋଟି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଥିଲା। ଏହା ଚଳିତ ମାସ ୮ ତାରିଖ ସୁଦ୍ଧା ପଦକ୍ଷେପ ନେବାକୁ ଦାବି ହୋଇଥିଲେ ମଧ୍ୟ ସରକାର ଅଦ୍ୟାବଧି କୌଣସି ପ୍ରତିକାର କିମ୍ବା ବିଚାର କଲେ ନାହିଁ। ଏଣୁ ସଂଘର ନିଷ୍ପତ୍ତିନାମା ପ୍ରକାରେ ବ୍ରହ୍ମପୁର ଫରେଷ୍ଟ ସର୍କଲ ଅନ୍ତର୍ଗତ ସମସ୍ତ କ୍ଷେତ୍ର ବନ ଅଧିକାରୀ, ଡେପୁଟିରେଞ୍ଜର, ଫରେଷ୍ଟର, ଫରେଷ୍ଟଗାର୍ଡ଼ ତାଙ୍କ ପ୍ରତି କରାଯାଉଥିବା ଅବହେଳା ପ୍ରତିବାଦରେ ସାମୂହିକ ଛୁଟିରେ ରହି ଅନଶନ କରିବାକୁ ବାଧ ହୋଇଥିବା କୁହାଯାଇଛି। ଉକ୍ତ ୩ ଦଫା ଦାବି ପୂରଣ ନେଇ ପୁନର୍ବାର ନିବେଦନ ସହ ଅନୁରୋଧ ସଙ୍ଘ ପକ୍ଷରୁ କରାଯାଇଛି । ଗତ ମେ ୨୪ ରେ ଢେଙ୍କାନାଳ ଡିଭିଜନ ହିନ୍ଦୋଳ ରେଞ୍ଜ ବନରକ୍ଷୀ ପ୍ରହ୍ଲାଦ ପ୍ରଧାନଙ୍କୁ ଯେଉଁଳି ନିର୍ମମ ହତ୍ୟା କରାଗଲା, ତାକୁ ସଂଘ ତରଫରୁ ନିନ୍ଦା କରିବା ସହ ଦୋଷୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ଫାଷ୍ଟଟ୍ରାକ୍ କୋର୍ଟରେ ସଂପୃକ୍ତ କେସ୍‌କୁ ବିଚାର କରାଇ ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ଅନୁକମ୍ପା ସହାୟତା, ତାଙ୍କ ନାବାଳିକା ଝିଅର ପାଠପଢ଼ା ସହ ଥଇଥାନ କରିବାକୁ ଦାବି ହୋଇଛି । ଅନ୍ୟ ଦାବି ଗୁଡିକରେ ଫରେଷ୍ଟ କମିଶନ ଗଠନ କରି କ୍ୟାଡର ପରିମାର୍ଜନ, ତାଲିମ ଓ ନିଯୁକ୍ତି ପ୍ରକ୍ରିୟାର ଉନ୍ନତି ଏବଂ କ୍ଷେତ୍ର କର୍ମଚାରୀଙ୍କ କଲ୍ୟାଣ ଓ ଦକ୍ଷତା ବୃଦ୍ଧି, ସମସ୍ତ ଉଇଙ୍ଗଙ୍କୁ ଇଣ୍ଟିଗ୍ରେଟ୍ କରି ଜିଲ୍ଲା ବା ସର୍କଲ ସ୍ତରରେ ପରିଚାଳନା, ବନ୍ୟପ୍ରାଣୀ ଓ ଟେରିଟୋରିଆଲ ଡିଭିଜନ ମାନଙ୍କରେ ସ୍ପେଶାଲ ଷ୍ଟ୍ରାଇକିଙ୍ଗ ଫୋର୍ସ ଏବଂ ରାପିଡ୍ ରେସ୍ ପଣ୍ଡ ଟିମ୍ ପାଇଁ ସତନ୍ତ୍ର କର୍ମଚାରୀ ନିୟୋଜନ ସହ ନୂତନ କ୍ୟାଡର ପୋଷ୍ଟ ସୃଷ୍ଟି କରିବା ନେଇ ଦାବି ହୋଇଛି। ଦାବି ପୂରଣ ନହେଲେ ୧୫ ରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରତୀକ ଅନଶନ ଭାବେ ସର୍କଲର ସମସ୍ତ ସଭ୍ୟ ସଭ୍ୟା କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ ବୋଲି ସଂଘ ପକ୍ଷରୁ ଜଣାଇଛନ୍ତି। ଯଦି ଦାବି ପୂରଣ ନହୁଏ, ତେବେ ୨୨ ତାରିଖ ଠାରୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହି ବ୍ରହ୍ମପୁର ଫରେଷ୍ଟ ସର୍କଲ ଅଫିସ ସାମ୍ନାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ସରକାରୀ ଅବହେଳା ସମ୍ବନ୍ଧୀୟ ପ୍ରତିବାଦ କରିବେ ବୋଲି କୁହାଯାଇଛି । ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର, ବ୍ରହ୍ମପୁର ଜୋନ ସଭାପତି ଅନୁପ କୁମାର ବିଷୋୟୀ, ସମ୍ପାଦକ ଅମରେଶ କୁମାର ଦାଶ, ଜୋନ କୋଷାଧ୍ୟକ୍ଷ ଗିରିଶ ଚନ୍ଦ୍ର ରାୟଙ୍କ ସମେତ ୯ଟି ବନ ଉପଖଣ୍ଡ ସଙ୍ଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସାନ୍ତାଳି ଭାଷାରେ ପରୀକ୍ଷାଦେଲେ ଛାତ୍ରଛାତ୍ରୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଜଡ଼ିଚାତର ଆଦିମ ମାର୍ଶାଲ ଶାନ୍ତାଳି ଆଶରା ଅଲଇତୁନ ଲୟର ଓ ହାୟର ସେକେଣ୍ଡାରୀ ଷ୍ଟାଣ୍ଡାଡ ବିଦ୍ୟାଳୟର ୩୦ଜଣ ଛାତ୍ରଛାତ୍ରୀ ସାନ୍ତାଳି ଭାଷାରେ ବାର୍ଷିକ ପରୀକ୍ଷା ଦେଇଛନ୍ତି । ଏଥିରେ ଚିତ୍ରାଙ୍କନ ବିଷୟରେ ଥିବା ପ୍ରଶ୍ନ ପରମ୍ପରା ବଳ ପେଟେର ଓ ପାତାଳାଫୁଲୁ ପାଟି ପରୀକ୍ଷାର ଆକର୍ଷଣ ହୋଇଥିଲା। ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ମାଝୀ, ଶିକ୍ଷୟିତ୍ରୀ ମୀତା ମାଝୀ ସ୍କୁଲ ପରିଚାଳନା କମିଟିର ଚେୟାରମ୍ୟାନ ରଘୁନାଥ ମାଝୀ, ସଂପାଦକ ଗୋପାଳ ମାଝୀ, କୋଷାଧ୍ୟକ୍ଷ ପରେଶ ମାଝୀ, ସଦସ୍ୟ ଦିଲ୍ଲିପ ମାଝୀ, ଯୋଗେନ୍ଦ୍ର ମାଝୀ, ପିତାମ୍ବର ମାଝୀ, ସୁରେନ୍ଦ୍ର ମାଝୀ, କୁନା ମାର୍ଡି, ବିଦ୍ୟାଧର ମାଝୀ, ସହଦେବ ମାଝୀ, ବାୟା ମାଝୀ ପ୍ରମୁଖଙ୍କ ସହଯୋଗରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଆସିଲା ଆଜ୍ଞାମାଳ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ କୁଶିଆପାଳ ପଞ୍ଚାୟତ ଅଧିନସ୍ଥ ପ୍ରଭୁ ଲକ୍ଷମନଜୀଉଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ଆଜି ଆଜ୍ଞାମାଳ ଆସି ପହଞ୍ଚିଛି। ଏଥିପାଇଁ ଆଜି ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ, କୁଶିଆପାଳ ସରପଞ୍ଚ ଦୟାନିଧି ଦାସଙ୍କ ସମେତ ବହୁ ଭକ୍ତ କେନ୍ଦ୍ରାପଡ଼ା ସ୍ଥିତ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା ପୂର୍ବକ ଆଜ୍ଞାମାଳ ଆଣିଥିଲେ। ଏହି ଆଜ୍ଞାମାଳକୁ ଭକ୍ତମାନଙ୍କ ଦ୍ୱାରା ସଂକୀର୍ତନ କରାଯାଇ ପ୍ରଭୁ ଲଛମନଜୀଉଙ୍କ ମନ୍ଦିରରେ ପହଞ୍ଚାଇ ଥିଲେ। ଆସନ୍ତା କାଲି ମହାଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବ।

# ବିନା ନିଲାମରେ ଉଠୁଛି ଶହ ଶହ ଟ୍ରିପ୍ ବାଲି, କୋଟି କୋଟି ଟଙ୍କାର ରାଜସ୍ୱ ହାନି


ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ୍) : ନଦୀରୁ ବେଆଇନ ଭାବେ ଦୈନିକ ହଜାର ହଜାର ଟ୍ରିପ ବାଲି ଉତ୍ତୋଳନ ହେଉଛି। ପ୍ରଶାସନ ଜାଣି ମଧ୍ୟ ଅଜଣା। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉନଥିବାରୁ ଦିନକୁ ଦିନ ବାଲି ମାଫିଆଙ୍କ କବ୍‌ଜାରେ ନଦୀ। ପ୍ରଶାସନିକ ଅଧିକାରୀ ନିଜ ପକେଟ ଗରମ କରିବାରୁ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ନଷ୍ଟ ହେଉଛି। ସାଧାରଣ ଲୋକଙ୍କ ଠାରୁ ଏହି ମାଫିଆ ପ୍ରତ୍ୟେକ ଟ୍ରିପରେ ୧ ହଜାରରୁ ୧୨ ଶହ ଟଙ୍କା ନେଉଛନ୍ତି । ନିର୍ଦ୍ଦିଷ୍ଟ କେତେଜଣ ବାଲି ମାଫିଆ ଦଲାଲ ସାଜି ନିଲାମ ହୋଇନଥିବା ଘାଟରୁ ହଜାର ହଜାର ଟ୍ରିପ୍ ବାଲି ଉଠାଇ ଅନ୍ୟ ବ୍ଲକ୍‌ରେ ବିକ୍ରି କରୁଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ତହସିଲ ନୀଳକଣ୍ଠପୂର୍ ଓ ଚଉଦ କୁଲାଟ ନଦୀ ପଠାରୁ ଆରମ୍ଭ କରି ଅଳପୁଆ ନଦୀରୁ ଆରମ୍ଭ ହୋଇ ସବୁଆଡେ ଲୁଟ୍ ହେଉଛି। ଜିଲ୍ଲାର ୯ଟି ବ୍ଲକ ଅଧିନ ସମସ୍ତ ବାଲିଘାଟ ନିଲାମ ନଥିବା ବେଳେ ବେଆଇନ ଉତ୍ତୋଳନ ଯୋଗୁଁ କୋଟି କୋଟି ଟଙ୍କାର ରାଜସ୍ୱ ନଷ୍ଟ ହେଉଛି। ଏହିସବୁ ସ୍ଥାନରୁ ଯାଜପୁର ଜିଲ୍ଲା ତଥା ପାରାଦ୍ୱୀପକୁ ବେଆଇନ ଭାବେ ବାଲି ଦିନରାତି ଯାଉଛି । ପୂର୍ବତନ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଜେସିବି ଲଗାଇ ନିଲାମ ହୋଇନଥିବା ଘାଟର ସେହି ରାସ୍ତାକୁ ବନ୍ଦ କରିଥିଲେ। ହେଲେ ବର୍ତ୍ତମାନ ମାଫିଆ ମନଇଚ୍ଛା ଲୁଟ୍ କରୁଛନ୍ତି । ରୋକ ଦେବାକୁ କେହି ନାହିଁ ବୋଲି ଅଭିଯୋଗ ହୋଇଛି । ଗୋଟିଏ ପଟେ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବାବେଳେ ବେଆଇନ ବାଲି ଚାଲାଣ ଯୋଗୁଁ ନଦୀପଠା କ୍ଷୟ ହୋଇ ତଟବର୍ତ୍ତୀ ଅଞ୍ଚଳଗୁଡିକ ପ୍ରତି ବିପଦ ଆଣିଦେଇଛି । ବେଆଇନ ଭାବେ ବାଲି ନିଆଯିବାରୁ ନଦୀକୂଳ ଅବକ୍ଷୟ ହୋଇ ଜିଲ୍ଲାର ଅନେକ ଅଞ୍ଚଳକୁ ବିପଦ ସୃଷ୍ଟି କରିଛି। ସ୍ଥାନୀୟ ତହସିଲ ପକ୍ଷରୁ ଟ୍ରାନଜିଟ ପାସର ଦୁରୂପଯୋଗ କରାଯାଇ ମଧ୍ୟ ଅନ୍ୟ ବ୍ଲକ୍‌କୁ ବାଲି ଚୋରା ଚାଲାଣ ହେଉଛି । ଦୈନିକ ହଜାର ହଜାର ଟ୍ରିପ ନଦୀ ପଠାରୁ ବାଲି ଖୋଳାଯାଇ ଡମ୍ଫରରେ ଚାଲାଣ ହେଉଥିଲେ ମଧ୍ୟ ଏହାକୁ ରୋକ ଦେବାରେ ଜିଲ୍ଲା ପ୍ରଶାସନ ଫେଲ୍ ମାରିଛି । କୋଟି କୋଟି ଟଙ୍କାର ଲଘୁ ଖଣିଜ ସଂପଦ ଲୁଟ ହେଉଥିବା ବେଳେ ଜାଣିଶୁଣି ଜିଲ୍ଲା ପ୍ରଶାସନ ଆଉ ସ୍ଥାନୀୟ ତହସିଲ ମିଳିମିଶି ମୋଟାଅଙ୍କର ପିସି ନେଇ ବାଲି ଖାଦାନ ନିଲାମ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି । ଫଳରେ ମାଫିଆମାନେ ନିଜ ମନ ମୁତାବକ ବାଲି ଚୋରି କରି ଅନ୍ୟତ୍ର ଚାଲାଣ କରୁଥିବା ଦେଖିବାକୁ ମିଳୁଛି । ଅନ୍ୟ ଜିଲ୍ଲାର ମାଫିଆଙ୍କ କବ୍‌ଜାରେ କେନ୍ଦ୍ରାପଡା ଜିଲ୍ଲାର ଲଘୁ ଖଣିଜ ସଂପଦ। କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ତହସିଲ ଅଞ୍ଚଳରେ ଏହିଭଳି କାର୍ଯ୍ୟ ଚାଲିଥିଲେ ମଧ୍ୟ ସମସ୍ତେ ସବୁକିଛି ଜାଣି ଚୁପ ବସିବାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ପୂର୍ବରୁ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ଭୟରେ କେବଳ ରାତିରେ ଏହି ବାଲି ଚୋରାଚାଲାଣ କରାଯାଉଥିଲା କ୍ଷ ଏବେ ପ୍ରଶାସନ ନରମ ମନୋଭାବର ସୁଯୋଗନେଇ ବାଲି ମାଫିଆମାନେ ସୈରାତରୁ ଦିନରେ ହଜାର ହଜାର ଟ୍ରିପ ବାଲିଚାଲାଣ କରୁଥିବା ଅଭିଯୋଗ ହେଉଛି । ନିଲାମ ହୋଇନଥିବା ସୈରାତରୁ ବେଆଇନ ଭାବେ ବାଲି ଚାଲାଣ ଯୋଗୁ ମାଫିଆ ମାଲାମାଲ୍ ହେଉଛନ୍ତି। ଯାହାଫଳରେ ପ୍ରତିବର୍ଷ ପ୍ରଶାସନ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି । ଏଭଳି ଚୋରା ବାଲିଚାଲାଣ କାହା ଇଙ୍ଗିତରେ ଚାଲୁଥିବା ନେଇ ଚର୍ଚ୍ଚାର ବିଷୟ ହୋଇଛି। ବର୍ତ୍ତମାନ ସମୟରେ ବାଲିର ଅହେତୁକ ମୂଲ୍ୟ ବୃଦ୍ଧି ଓ ପାରାଦୀପ ବନ୍ଦର ଅଞ୍ଚଳରେ ବାଲିର ଚାହିଦାକୁ ନେଇ ମାଫିଆମାନେ ସକ୍ରିୟ ହୋଇଉଠିଛନ୍ତି। କେବଳ ଯେ ପାରାଦୀପ ତାହା ନୁହେଁ ରାଜ୍ୟ ବାହାରକୁ କେନ୍ଦ୍ରାପଡାରୁ ବାଲି ଚୋରା ଚାଲାଣ କରାଯାଉଛି। ଆଗକୁ ବର୍ଷାଦିନ ଥିବାରୁ ବାଲି ମିଳିବାରେ ଅଭାବ ଦେଖାଦେବାର ସମ୍ଭାବନାକୁ ନେଇ ବେଶ ଦୁଇପଇସା ଲାଭ କରିବା ଆଶାରେ ମାଫିଆମନେ ଏବେଠୁ ଦିନରାତି ବାଲି ଠୁଳ କରିବା କାମରେ ଲାଗିଥିବା ଅଭିଯୋଗ ହେଉଛି। ପୋକଲିନ୍ ମେସିନ ଦ୍ୱାରା ନଦୀପଠା ଖୋଳି ପ୍ରତିଦିନ ଶହ ଶହ ଟ୍ରିପ ଚାଲାଣକରି ମାଫିଆମାନେ ବେଶ ମାଲାମାଲ ହେଉଛନ୍ତି। ଏହି ବାଲି ବୋଝେଇ ଗାଡିଗୁଡିକ ଚାଲିବା ଦ୍ୱାରା ନଦୀବନ୍ଧ ରାସ୍ତା ଖରାପ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବାଲି ସୈରାତରୁ ବିନା ନିଲାମ, ବିନା ପରିବେଶ ମଞ୍ଜୁରୀ ସରକାରୀ ଆଇନ୍ କାନୁନ୍‌କୁ ଜଳାଞ୍ଜଳି ଦେଇ ବାଲି ମାଫିଆମାନେ ଲଘୁ ଖଣିଜ ଦ୍ରବ୍ୟ ଭାବରେ ହଜାର ହଜାର ଟ୍ରିପ ବାଲି ବିକି ଲାଭବାନ ହେଉଥିବାବେଳେ ସାଧାରଣ ଲୋକଙ୍କୁ ଏଥିପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ନିଲାମ ହୋଇନଥିବା ବାଲିଖାଦାନ ତୁରନ୍ତ ନିଲାମ କରାଯିବା ସହ ବେଆଇନ୍ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ରୋକିବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ବାଲି ମାଫିଆମାନେ ରାତି ୧୦ଟା ପରେ ସେମାନଙ୍କ ଚୋରା ବାଲି ବେପାର ଚାଲୁ ରଖି ଭୋର୍ ହେବା ଆଗରୁ ବନ୍ଦ କରିଦେଉଛନ୍ତି। ରାତିରେ ବାଲି ଉଠୁଥିବାରୁ ସେମାନଙ୍କୁ ବାଲି ଲୁଟିବା ସହଜ ହେଉଛି। ପ୍ରତିଦିନ ଏହି ବାଲି ମାଫିଆ ଦିନକୁ ଶହ ଶହ ଟ୍ରକ୍ ବାଲି ଲୁଟି ଦିନକୁ ଲକ୍ଷ ଲକ୍ଷ ଟଙ୍କା ପକେଟ୍ ପୁରାଇ ଲାଲେଲାଲ୍ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ନଜର ରଖି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ନଚେତ୍ ଆଗାମୀ ଦିନରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜନସାଧାରଣ ରାଜରାସ୍ତାକୁ ଆସି ଆନ୍ଦୋଳନ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।



# ବଡଭାଇର ତୀରମାଡ଼ରେ ସାନ ଗୁରୁତର

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ବଣ୍ଡାଘାଟୀ ର ପୋଲ୍ଲାଗୁଡ଼ା ଗ୍ରାମ ର ଜମି ବିବାଦ କୁ ନେଇ ଭାଇ ଭାଇ ଭିତରେ ବଚସା ହୋଇଥିଲା, ଏଥିରେ ବଡଭାଇ ଉତକ୍ଷିପ୍ତ ହୋଇ ସାନଭାଇ ତିରୁପତି ମୁଦୁଲି ଙ୍କୁ ଧନୁ ତୀର ରେ ଆକ୍ରମଣ କରିଥିଲେ। ତୀର ଟି ସାନ ଭାଇର ଛାତିରେ ବାଜି ଥିଲା। ଘଟଣା ସ୍ଥଳରେ ହିଁ ତିରୁପତି ଗୁରୁତର ହୋଇ ପଡ଼ିଥିଲେ ପ୍ରଥମେ ତାଙ୍କୁ ଗୁରୁତର ଅବସ୍ଥାରେ ଖଇରପୁଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା, ସେଠାରେ ତାଙ୍କ ଅବସ୍ଥା ସଂକଟପନ୍ନ ଥିବାରୁ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଥିଲା। ଏହି ମାମଲା ରେ ବାଲିମେଳା ପୋଲିସ ତରଫରୁ ଏକ ମାମଲା ରୁଜୁ କରି ତଦନ୍ତ କରାଯାଉଛି।

# ମା'ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ



ମାହାଙ୍ଗା, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ଅଲିଯୋଡ଼ା ସ୍ଥିତ ଜେ. ଏନ କଲେଜ ଛକ ଠାରେ ଥିବା ତାରିଣୀ ମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ପ୍ରତ୍ୟୁଷରୁ କଳସ ଯାତ୍ରା ସହ ସୂର୍ଯ୍ୟ ପୂଜା ଗୋ ପୂଜା ଅଗ୍ନି ସ୍ଥାପନ ଆଦି ପୂଜା କାର୍ଯ୍ୟ ଯଥା ରୀତିନୀତି ରେ ପଣ୍ଡିତ ସୁରେଶ କୁମାର ମହାପାତ୍ର ଓ ଦୀପକ ମିଶ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ପୂଜା କାର୍ଯ୍ୟ ସମ୍ପାଦନ କରାଯାଥିଲା । ଏଥିରେ ନିରଞ୍ଜନ ସ୍ୱାଇଁ ଓ ଲତିକା ସ୍ୱାଇଁ କର୍ତା ଓ କର୍ତ୍ତୀ ଭାବେ ଯୋଗ ଦେଇଥିବା ବେଳେ ଉତ୍ସବ ପରିଚାଳନା ରେ ଗଙ୍ଗାଧର ବିଶ୍ୱାଳ, ଅଧିବନ୍ଧୁ ଲେଙ୍କା, ନରହରି ସ୍ୱାଇଁ ଅଜିତ ମହାପାତ୍ର, ରବୀନ୍ଦ୍ର ସ୍ୱାଇଁ, ଜ୍ଞାନରଞ୍ଜନ ବିଶ୍ୱାଳ, ବଳରାମ ସ୍ୱାଇଁ, ବସନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା



ବେତନଟୀ (ଭାସ୍କର ନ୍ୟୁଜ୍) : ଆମ୍ବଗଡ଼ିଆ ବିକାଶ ପରିଷଦ, ମୟୂରଭଞ୍ଜ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭା ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ରଙ୍କ ସଭାପତିତ୍ୱରେ ବେତନଟୀର ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ଅତିଥିମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫୋଟୋ ଚିତ୍ରରେ ଧୂପ ଓ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପ ଅର୍ପଣ କରିଥିଲେ। ଏହି ଅବସରରେ ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ମନ୍ତ୍ର ପାଠ କରିବା ସଙ୍ଗେ ସଙ୍ଗେ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ଲଲାଟେନ୍ଦୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ, ବୈଦିକ ଗୁରୁକୁଳ ଆଶ୍ରମ ପିଞ୍ଛାବଣିଆଁର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାର ମହତ୍ତ୍ୱ ସମ୍ପର୍କରେ ଉପଦେଶ ପ୍ରଦାନ କରିଥିଲେ। ବରେଣ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଅକ୍ଷୟ କୁମାର ମିଶ୍ର ଯୋଗ ଦେଇ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମ୍ମାନୀତ ବକ୍ତା ଭୀମ ଚରଣ ମାଝୀ, ସମ୍ମାନୀତ ଅତିଥି ସମାଜସେବୀ ଚକ୍ରଧର ମହାନ୍ତି, ରୂପସାର ଗଛ ମଣିଷ ରବିନ୍ଦ୍ର ବେହେରା ଯୋଗଦାନ କରି ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଓଡ଼ିଶାର ମ୍ୟାଟ୍ରିକ ଓ +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତିଭା ମାନଙ୍କୁ ପୁରସ୍କୃତ କରିଥିଲେ। ପରିଶେଷରେ ବିକାଶ ପରିଷଦର ସମ୍ପାଦକ କୁଳ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଆମ ପୋଖରୀ ଯୋଜନା ବାଟମାରଣା

ଆସିକା (ଭାସ୍କର ନ୍ୟୁଜ୍) : ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆମ ପୋଖରୀ ଯୋଜନାରେ ସୌନ୍ଦର୍ଯ୍ୟକରଣ ନାମରେ ବିଭିନ୍ନ ପୋଖରୀ ଗୁଡ଼ିକରୁ ପଙ୍କ ଉଦ୍ଧାର କରାଯାଇ ଥିଲା। ସେହିପରି ଆସିକା ଜୋକବନ୍ଧ ମଧ୍ୟ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସୌନ୍ଦର୍ଯ୍ୟ ଅଟକଳ ମୂଲ୍ୟର ପରିମାଣର ପ୍ରାୟ ୭୦ ଲକ୍ଷ୍ୟ ଟଙ୍କା ଥିବା ବେଳେ ଟଙ୍କା ଖର୍ଚ୍ଚ ହେବ ପରେ ମଧ୍ୟ ଜୋକବନ୍ଧର ରୂପରେଖ ପୂର୍ବରୁ ଯେମିତି ଥିଲା ତା ଠାରୁ ଅଧିକ ଦୟନୀୟ ଅବସ୍ଥାରେ ରହିଛି। ସ୍ଥାନୀୟ ଠିକା ନେଇଥିବା ବ୍ୟକ୍ତି ଜୋକବନ୍ଧରୁ ପଙ୍କ ଉଦ୍ଧାର କରି ଉକ୍ତ ପଙ୍କକୁ ଚାଷ ଜମିରେ ପକେଇ ଜମି ମାଲିକଙ୍କ ଠାରୁ ଗୋଟେ ଟ୍ରାକ୍ଟର ପିଛା ୨୦୦ ଟଙ୍କା ଅର୍ଥ ଆଦାୟ କରିଥିବା ବେଳେ ଏନ୍‌ଏସିରୁ ମଧ୍ୟ ବିଲ କରି ଟଙ୍କା ନେଇଥିବା ଅଭିଯୋଗ ହୋଉଛି। ବାବୁ ଓ ଠିକାଦାରଙ୍କ ମିଳିଭଗତରେ ମାଛ ତେଲରେ ମାଛ ଭଜା ଚାଲିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ। ଜୋକବନ୍ଧରୁ ପଙ୍କ ମାଟି ଉଦ୍ଧାର ନାଁରେ ବହୁ ଅର୍ଥ ବାଟମାରଣା ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ପଙ୍କ ମାଟି ଉଦ୍ଧାର ନାମରେ ହୋଇଥିବା ହରିଲୁଟକୁ ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରିଲେ ବହୁ ଗୁମର ଖୋଲିବ ବୋଲି ସହରବାସୀ ଦାବି କରିଛନ୍ତି। ଆମ ପୋଖରୀ ନାକକରଣ ଏବେ କାହାର ବୋଲି ଲୋକେ କହୁଛନ୍ତି।




# ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ଯୋଗୀମଠ ଗ୍ରାମବାସୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : ମୁଣ୍ଡ ଉପରେ ଛାତ ରହିବ, କେହି ଯୋଜନାରୁ ବଞ୍ଚିତ ହେବେ ନାହିଁ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। ମାତ୍ର ବାସ୍ତବତାରେ ସାଧାରଣ ଲୋକଙ୍କ ନିକଟରେ ଯୋଜନା କେମିତି କାର୍ଯ୍ୟକାରୀ ହେଉଛି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଯୋଗୀମଠ ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ଏକାଧିକ ଆଦିବାସୀ ପରିବାର ଝାଟିମାଟି କୁଡିଆ ଘରେ ବସବାସ କରୁଛନ୍ତି। ଘର ଅବସ୍ଥା ଏମିତି ରହିଛି କାନ୍ଥ ଭାଙ୍ଗି ଗଲାଣି ତ, ଅନ୍ୟକେହି ପାଲଟାଣି ରହୁଥିବା ଦେଖିବାକୁ ମିଳିଛି। ଯୋଗୀମଠ ଗ୍ରାମର ମଙ୍ଗଳ ମୁଣ୍ଡା, ଫୁଲମଣୀ ମୁଣ୍ଡା, ହୀରା ମୁଣ୍ଡା, ଯାତ୍ରୀ ମୁଣ୍ଡାଙ୍କ ସମେତ ଏକାଧିକ ଲୋକେ ପ୍ରଧାନମନ୍ତ୍ରୀ ଆବାସରୁ ବଞ୍ଚିତ ହୋଇଛନ୍ତି। ସମସ୍ତେ ଅଭିଯୋଗ କରିଆସୁଥିଲେ ହେଁ କୌଣସି ସୁଫଳ ମିଳୁନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏମାନଙ୍କ ପାଖରେ ଆର୍ଥିକ ଅନଟନ ରହିଥିବାବେଳେ ଖଟିଖିଆ ଅତି ଗରିବ ଶ୍ରେଣୀର ହୋଇଥିବାରୁ ପକ୍କାଘରଟିଏ ନିର୍ମାଣ କରି ପାରୁନାହାନ୍ତି। ବର୍ଷାଦିନେ ପିଲାଛୁଆଙ୍କୁ ଧରି ରହିବା କଷ୍ଟକର ହୋଇ ପଡୁଛି। ଝଡି ବରଷା ଲାଗି ରହିଲେ ଘର ଉପରୁ ଦରଦର ପାଣି ଗଳୁଛି। ସେତେବେଳେ ରୋଷେଇ ବାସ କରିବା ଏବଂ ଖାଇବା ପିଇବା ପାଇଁ ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ପ୍ରକୃତ ହିତାଧିକାରୀମାନଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦେବାକୁ ଦାବି ହୋଇଛି।

# ଦେଶୀ ଆମ୍ବର ଅଭାବୀ ବିକ୍ରି
# ଖାଦ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ଦାବି

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାରେ ଆମ୍ବ ଉତ୍ପାଦନ ଅତ୍ୟଧିକ ହୋଇଥିବାରୁ ଆମ୍ବ ଚାଷୀ ଏବଂ ଆଦିବାସୀମାନେ ଜଙ୍ଗଲରୁ ଆମ୍ବ ସଂଗ୍ରହ କରି ବିକ୍ରୀ ପାଇଁ କେନ୍ଦୁଝରର ବିଭିନ୍ନ ସ୍ଥାନକୁ ଆଣୁଛନ୍ତି। କିନ୍ତୁ ଉତ୍ପାଦ ଅନୁସାରେ ଚାହିଦା ନଥିବାରୁ ସେମାନଙ୍କ ଖର୍ଚ୍ଚ ସେମାନେ ଉଠାଇ ପାରୁନାହାଁନ୍ତି । ଆମ୍ବରୁ ବିଭିନ୍ନ ଉତ୍ପାଦ କରିବା ପାଇଁ କେନ୍ଦୁଝର ଜିଲ୍ଲାରେ ଫୁଡ ପ୍ରୋସେସିଂ ପ୍ଲାଣ୍ଟ ବା ଖାଦ୍ୟ ପ୍ରକ୍ରୀୟାକରଣ କେନ୍ଦ୍ର ନଥିବାରୁ ଆଦିବାସୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ସେମାନେ କେବଳ ଆମ୍ବ ବିକ୍ରୀ କରିବା ଛଡା ଆଉ କୌଣସି ଉତ୍ପାଦ ପ୍ରସ୍ତୁତ କରି ଅଧିକ ଦାମରେ ବିକ୍ରୀ କରିବାର ସୁଯୋଗ ପାଉନାହାଁନ୍ତି। ଆମ୍ବୁଲ, ଆମ୍ବସଢା, ଆମ୍ବ ଜୁସ ଇତ୍ୟାଦି ତିଆରି ପାଇଁ ସେମାନଙ୍କୁ କୌଣସି ତାଲିମ ଦିଆଯାଉନାହିଁ ବା ସରକାରଙ୍କ କୌଣସି ପ୍ରୋତ୍ସାହନ ବ୍ୟବସ୍ଥା ନାହିଁ । ଏଣୁ ଜଙ୍ଗଲରୀ ଆମ୍ବ ଗୁଡିକୁ ରାସ୍ତା କଡ ବଜାରରେ ବହୁ କମ ଦାମରେ ବିକ୍ରୀ କରିବାକୁ ବାଧ୍ୟ ହେଉଛନ୍ତି ଏବଂ ବେଳେ ବେଳେ ବିକ୍ରୀ ନ ହେଲେ ଫିଙ୍ଗି ଦେଇ ପଳାଉଛନ୍ତି । ଯେଉଁ ଆଦିବାସୀ ମହିଳା ଓ ପୁରୁଷ ଆମ୍ବ ବିକ୍ରୀ ପାଇଁ ଆଣୁଛନ୍ତି ଗାଡି ଭଡା ବାବଦ ପଇସା ଏବଂ ଖାଇବା ପାଇଁ ପଇସା ହେଉନାହିଁ। ସେମାନେ ଗାଁରେ କୌଣସି କାମଧନ୍ଦା ନ କରି ଆମ୍ବ ବିକ୍ରୀର ଲାଭ ଆଶାରେ ଆସି ଖରାରେ ବସି ବିକ୍ରୀ କରୁଛନ୍ତି । କେନ୍ଦୁଝର ସହରକୁ ତେଲକୋଇ, ବାଂଶପାଳ ଓ ପାଟଣା ବ୍ଲକ ଅଞ୍ଚଳରୁ ବହୁ ପରିମାଣରେ କଲମୀ ଓ ଶଙ୍କର ଜାତୀୟ ହାଇବ୍ରିଡ ଆମ୍ବ ବିକ୍ରୀ ପାଇଁ ଦୈନନ୍ଦିନ ଆସୁଛି । ଲୋକମାନେ ନିଜ ମନ ପସନ୍ଦର କଲମୀ ଆମ୍ବ ୪୦ରୁ ୫୦ଟଙ୍କା କିଲୋ ଦେଇ କିଣୁଛନ୍ତି । ଏହି ଆମ୍ବର ବିକ୍ରିବଟା ବଢିବା ଫଳରେ ଦେଶୀ ଆମ୍ବର ଚାହିଦା ସଂପୂର୍ଣ୍ଣ କମିବା ସହ ୨୦ଟଙ୍କିଆ ଭାଗ ଭାଗ ହୋଇ ସହରର ହାଟ ଓ ରାସ୍ତାକଡରେ ଦେଶୀ ପାଚିଲା ଆମ୍ବ ଆଉ ଆଗଭଳି ବିକ୍ରି ହେଉନଥିବା ଦେଖିବାକୁ ମିଳୁଛି । ବିଗତ ବହୁ ବର୍ଷ ଧରି ଆଦିବାସୀ ମହିଳାମାନେ ପାଚିଲା ଦେଶୀ ଆମ୍ବ ଜଙ୍ଗଲରୁ ସଂଗ୍ରହ କରି ବସ କିମ୍ବା କମାଣ୍ଡରରେ ଆସି କେନ୍ଦୁଝର ସହରରେ ବିକ୍ରୀ କରି ବେଶ କିଛି ଅର୍ଥ କମାଇଥାନ୍ତି । ମାତ୍ର ଏବେ ବଜାରରେ ଚାହିଦା ରହୁନଥିବା ଏବଂ ବିକ୍ରୀ ହେଉନଥିବାରୁ ଆଦିବାସୀଙ୍କ ଗାଡି ଖର୍ଚ୍ଚ ମଧ୍ୟ ବାହାରୁନାହିଁ । ଫଳରେ କେନ୍ଦୁଝର ସହରରେ ଦେଶୀ ପାଚିଲା ଆମ୍ବ ଆଉ ଦେଖିବାକୁ ମିଳୁନାହିଁ । ସଦର,ବାଂଶପାଳ ଓ ତେଲକୋଇ ବ୍ଲକରେ ଥିବା ଘଂଚ ଜଙ୍ଗଲରେ ଦେଶୀ ଆମ୍ବ ଗଛରୁ ପଡି ପଡି ନଷ୍ଟ ହୋଇଯାଉଛି । ଗ୍ରାହକ ଦେଶୀ ଆମ୍ବକୁ ପଚାରୁ ନଥିବାରୁ ଆଦିବାସୀ ମହିଳାମାନେ ବୋଝ ଧରି ହତାଶରେ ଫେରିବା ପରେ ଜଙ୍ଗଲକୁ ନେଇ ଆଦିବାସୀମାନଙ୍କୁ ବଞ୍ଚିବା କଷ୍ଟକର ହୋଇପଡିଛି ।ଜଙ୍ଗଲରେ ଆମ୍ବ ଗଛ ମୂଳରେ ଆମ୍ବ ପଡି ପଡି ପଚି ଯାଉଥିବାବେଳେ କାଁ ଭାଁ ନିଜ ବ୍ୟବହାର ପାଇଁ ରଖୁଛନ୍ତି । ଏହି ଆମ୍ବ ସଂଗ୍ରହ ହୋଇନପାରିଲେ ଆଦିବାସୀମାନେ ରଖିଥିବା ଗୃହପାଳିତ ପଶୁ ଏହାକୁ ଖାଉଛନ୍ତି। ଏହି ଫଳ ମୂଳ ଆଦିବାସୀଙ୍କ ପାଇଁ ଅଲୋଡା । ଆଦିବାସୀ କିପରି ଲାଭବାନ ହେବେ ସେ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ପ୍ରଥମ ତଥା ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ୯୪ ତମ ଜୟନ୍ତୀ ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି । ଜୟନ୍ତୀ ଅବସରରେ ଅନୁଷ୍ଠିତ ମାଲ୍ୟାର୍ପଣ ସଭାରେ ଉତ୍କଳ ସମ୍ମିଳନୀ ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି ନନ୍ଦିନୀ ଶତପଥୀଙ୍କ ଶାସନ କାଳରେ ପ୍ରଥମେ ସରକାରୀ ଭାବେ ଉତ୍କଳ ଦିବସ ପାଳନ ହୋଇଥିଲା ବୋଲି କହିଥିଲେ । ପୂର୍ବତନ ଅର୍ଥମନ୍ତ୍ରୀ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନନ୍ଦିନୀଙ୍କୁ ଏକାଧାରାରେ ରାଜନିତିଜ୍ଞ, ସାହିତ୍ୟିକ ଓ ସମାଜ ସଂସ୍କାରକ ଭାବେ ବର୍ଣ୍ଣନା କରିଥିଲେ । ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ଓ ଶାଖ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଆଦି ବରପୁତ୍ରୀଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ ଓ ଅକ୍ଷୟ କୁମାର ଜେଠୀ, ମହେଶ୍ୱର ବିଶ୍ୱାଳ, ବାସନ୍ତି ତ୍ରିପାଠି, ଲକ୍ଷ୍ମୀଧର ବେହେରା, ରାମ ଚନ୍ଦ୍ର ସାମଲ, ଅନୁପମା ବେହେରା, ସୁରଜିତ ପରିଡା ଓ ରମେଶ ଚନ୍ଦ୍ର ପାତାଳସିଂ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



## ଶ୍ରାଦ୍ଧଦିବସରେ ଶହୀଦ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

# 'ବ୍ରିଟିଶ୍‌ଙ୍କ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରୁଥିଲେ ବିର୍ସା'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତର ପୂର୍ବାଞ୍ଚଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁ ବିପ୍ଳବର ସ୍ୱର ଝଙ୍କୃତ ହୋଇଥିଲା ତାହା ହିଁ ଥିଲା ବ୍ରିଟିଶ ରାଜ ପ୍ରତିଷ୍ଠା ବିରୁଦ୍ଧରେ ପ୍ରତିବାଦର ସ୍ୱର । ଏହି ଆନ୍ଦୋଳନର ମୁଖ୍ୟ ସୂତ୍ରଧର ମହାନ ବିପ୍ଳବୀ ବିର୍ସା ମୁଣ୍ଡା । ୧୮୭୫ ମସିହା ନଭେମ୍ବର ୧୫ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ବ୍ରିଟିଶ ଶାସନର ଦାସତ୍ୱରୁ ମୁକ୍ତି ପାଇବା ନିମନ୍ତେ ବିପ୍ଳବୀ ବିର୍ସା ମୁଣ୍ଡାମାନଙ୍କୁ ସଂଗଠିତ କରିବା ନିମନ୍ତେ କାର୍ଯ୍ୟ ଆରମ୍ଭ କଲେ । ସେତେବେଳେ ଜାଗିରିଦାର, ଜମିଦାର ଓ ଠିକାଦାରମାନେ ମୁଣ୍ଡା ତଥା ଆଦିବାସୀମାନଙ୍କ ଉପରେ ଅତ୍ୟାଚାର କରିବା ସହିତ ବିଭିନ୍ନ ଭାବରେ ଶୋଷଣ କରୁଥିଲେ ଏବଂ ଭୟଭୀତ କରି ରଖିଥିଲେ । ଏହିଭଳି ଏକ ସନ୍ଧିକ୍ଷଣରେ ମହାନ ବିପ୍ଳବୀ ତଥା ସ୍ୱାଧୀନଚେତା ବିର୍ସା ମୁଣ୍ଡାଙ୍କର ଆବିର୍ଭାବ ଘଟିଥିଲା । ସେ ମୁଣ୍ଡା ସମ୍ପ୍ରଦାୟର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ବ୍ରିଟିଶ ଶାସନର ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇ ଥିଲେ । ବିର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ଶହୀଦ ହୋଇଥିଲେ । ବିର୍ସାଙ୍କ ସହ ହାତ ମିଳାଇ ଦେଶ ପାଇଁ ହଜାର ହଜାର ସଂଖ୍ୟକ ସଂଗ୍ରାମୀ ମୃତ୍ୟୁବରଣ କରିଥିଲେ । ଆଜି ବିର୍ସାଙ୍କୁ ସମ୍ମାନ କରାଯାଉଛି ଏବଂ ସେ 'ବିର୍ସା ଭଗବାନ' ଭାବେ ଓଡ଼ିଶା ଏବଂ ବିଭିନ୍ନ ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ପୂଜା ପାଉଛନ୍ତି । ଆମେ ଭାରତୀୟମାନେ ଗର୍ବିତ ଯେ ଆମ ମାତୃଭୂମିରେ ଏପରି ଜଣେ ତେଜସ୍ୱୀ ବୀର ସନ୍ତାନ ଭୂମିଷ୍ଠ ହୋଇଥିଲେ । ଗୋଡି ତଥା କ୍ରୀତଦାସ ପ୍ରଥା ବିରୁଦ୍ଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ଭାବେ ବିର୍ସା ଗଣା ହୁଅନ୍ତି । ଆଜି ସେ ଆଦିବାସୀମାନଙ୍କ ନିମନ୍ତେ ଗୌରବମୟ ପରିଚିତ ଓ ଭବିଷ୍ୟତ ପିଢ଼ିଙ୍କ ନିମନ୍ତ ଆଲୋକବର୍ତ୍ତିକା । ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସହିଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଓଡ଼ିଶା ବିଧାନସୌଧ ସମ୍ମୁଖରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ବାବୁ ସିଂ, ଦୁଷ୍ମନ୍ତ ସ୍ୱାଇଁ, ସରୋଜ ପାଢ଼ୀ, ଦୁର୍ଗା ଚରଣ ତନ୍ତୀ, ରୁପୁ ଭତ୍ରା, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ବିଧାସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ଓ ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# କ୍ରୀଡ଼ାବିତ୍ ଅନୁପମାଙ୍କୁ ଡିଜିପିଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ନବମ ଜିୟୁ ଜିତସୁ ଏସିୟାନ ଚମ୍ପିୟନସିପରେ ଅଂଶଗ୍ରହଣ କରି ଉଚ୍ଚକୋଟିର କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ କରିଥିବା ଅନୁପମା ସ୍ୱାଇଁଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି । ରାଜ୍ୟ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଜିପି ଶ୍ରୀ ଖୁରାନିଆ ଅନୁପମାଙ୍କ କ୍ରୀଡା ନୈପୁଣ୍ୟତାକୁ ଉଚ୍ଚ ପ୍ରଶଂସା କରିବା ସହ ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଏହା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ମଧ୍ୟ କାମନା କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଡିଆଇଜି (କାର୍ମିକ) ଯୁଗଳ କିଶୋର ବନୋଥ, ଏଆଇଜି (ମୁଖ୍ୟାଳୟ) ସୁରେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, ଗତ ମେ ମାସ ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଜୋର୍ଡାନର ଅମାନ ସହରଠାରେ ଏସିଆନ ଚମ୍ପିୟାନସିପ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଅନୁପମା ଦେଶକୁ ପ୍ରତିନିଧିତ୍ୱ କରି କଣ୍ଟାକ୍ଟ (୫୨ କେଜିରୁ କମ) ବର୍ଗରେ ରୌପ୍ୟ ପଦକ ଏବଂ ଫାଇଟିଂ ସିଷ୍ଟମ (୫୨ କେଜିରୁ କମ) ବର୍ଗରେ କାଂସ୍ୟ ପଦକ ଲାଭ କରି ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି । ବର୍ତ୍ତମାନ ଅନୁପମା ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲ୍ଲାରେ କନେଷ୍ଟବଳ ଭାବେ କାର୍ଯ୍ୟରତ ଅଛନ୍ତି । ସେ ପୂର୍ବରୁ ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ବିଜୟୀ ହେବା ସହ ଓଡିଶା ପୋଲିସକୁ ଗୌରବାନ୍ୱିତ କରିଛନ୍ତି ।

## 'ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଗାଁକୁ କରାଯିବ ବିକଶିତ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଗାଁକୁ କରାଯିବ ବିକଶିତ । ପଞ୍ଚାୟତି ରାଜ ବିଭାଗ ଏହି କାମ କରିବ । ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନାରେ ୧୦୦ ରୁ ୧୫୦ ଗ୍ରାମକୁ ବିକଶିତ କରାଯିବ । ରାଜ୍ୟରେ ମହାପୁରୁଷଙ୍କ ଜନ୍ମିତ ଗାଁ ଓ ପଞ୍ଚାୟତ ଏବେ ବି ଅବହେଳିତ । ରାସ୍ତା ଠୁ ନେଇ ଲୋକଙ୍କୁ ରୋଜଗାର ପର୍ଯ୍ୟନ୍ତ ବ୍ୟବସ୍ଥା କରାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ କହିଛନ୍ତି ।

## ନନ୍ଦିନୀ ଶତପଥୀଙ୍କୁ ପିସିସି ପକ୍ଷରୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ପୂର୍ବତନ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ପୂର୍ବତନ ସଭାପତି ସ୍ୱର୍ଗତା ନନ୍ଦିନୀ ଶତପଥୀଙ୍କ ୯୪ ତମ ଜୟନ୍ତୀ ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଚରଣ ଦାସ ଓ ଅନ୍ୟ ବରିଷ୍ଠ କଂଗ୍ରେସ ନେତୃବର୍ଗ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏହି ଅବସରରେ ଶ୍ରୀ ଦାସ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଭୁବନେଶ୍ୱରରେ ଥିବା ନନ୍ଦିନୀ ଶତପଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଶ୍ରୀ ଦାସ ନନ୍ଦିନୀ ଶତପଥଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ କଂଗ୍ରେସ ଦଳ ବିଶେଷକରି ଓଡ଼ିଶା ପାଇଁ ନନ୍ଦିନୀ ଶତପଥି ବହୁ ଜନମଙ୍ଗଳ କାର୍ଯ୍ୟ କରିଯାଇଛନ୍ତି । ମୁଁ କେନ୍ଦ୍ର ମନ୍ତ୍ରୀ ଥିଲାବେଳେ ତାଙ୍କୁ ଅନେକଥର ସାକ୍ଷାତ କରି ବହୁ ପ୍ରସଙ୍ଗରେ ଆଲୋଚନା କରିଛି । ନନ୍ଦିନୀ ଶତପଥୀଙ୍କୁ ଓଡ଼ିଶାରେ ବହ୍ନି କନ୍ୟା ବା ଲୌହମାନବୀ ଭାବରେ ଜାଣନ୍ତି । ଓଡ଼ିଶାକୁ ଆଜି ନନ୍ଦିନୀ ଶତପଥଙ୍କ ଭଳି ନାରୀନେତ୍ରୀ ଆବଶ୍ୟକତା ରହିଛି ବୋଲି ଶ୍ରୀ ଦାସ କହିଛନ୍ତି । କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ପ୍ରସାଦ ବେଉରା, ଜ୍ୟୋତିଷ ସାହୁ, ଉଷାରାଣୀ ବେହେରା, ଦୀପକ କୁମାର ସାହୁ, ମନୋରଞ୍ଜନ ରାଉତରାୟ, ଦୀପକ କୁମାର ମହାପାତ୍ର, ମିହିର ଆଚାର୍ଯ୍ୟ, ଖଗେଶ୍ୱର ମଲ୍ଲିକ, ସୁଭାଷ ପ୍ରଧାନ, ଏମଡି ସାହାଦୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ ।

## ମୃତ ଶ୍ରମିକ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

କଟକ(ଭାସ୍କର ନ୍ୟୁଜ୍): ଗତକାଲି ଶୈଳବାଳା କଲେଜ ସଂପ୍ରସାରଣ କାମ ବେଳେ ୬ ମହଲାରୁ ପଡି ଜଣେ ଶ୍ରମିକ ମୃତ୍ୟୁ ଘଟଣା ଠିକା ସଂସ୍ଥାର ବେପରୁଆ କାର୍ଯ୍ୟ, ଶ୍ରମ ବିଭାଗ ଓ ପ୍ରଶାସନର ତତ୍ପରତା ଅଭାବରୁ ଘଟିଛି ବୋଲି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇୟୁଟିୟୁସି ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି । ଏହି ଭଳି ଘଟଣା ବରମ୍ବାର ଘଟୁଛି ନିରିହ ଶ୍ରମିକ ମାନଙ୍କ ପ୍ରାଣହାନୀ ଘଟି ଚାଲିଛି । ଏବେକାର ଶ୍ରମିକ ମୃତ୍ୟୁ ଘଟଣା ବହୁ ପ୍ରକାର ପ୍ରଶ୍ନ ତୋଳି ଧରୁଛି । ଶ୍ରମିକମାନଙ୍କୁ ବିନା ସୁରକ୍ଷାରେ କାମ କରାଇବା, ଶ୍ରମ ବିଭାଗ ତଦାରଖ ନକରିବା, ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନଥିବା ସଂସ୍ଥାମାନଙ୍କୁ ଶ୍ରମ ବିଭାଗ ଅନୁମତି ଦେବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ନିୟମ ଉଲଙ୍ଘନ କରିବା ବହୁ ବିଷୟ ଇଙ୍ଗିତ କରୁଛି । ମୃତ ଶ୍ରମିକ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦେବା, ଠିକା ସଂସ୍ଥା ବିରୁଦ୍ଧରେ ଅପରାଧୀ ମାମଲା ରୁଜୁ କରି ଦଣ୍ଡ ବିଧାନ କରିବା ଓ ପ୍ରଶାସନ ଓ ଶ୍ରମ ବିଭାଗର ବିରୁଦ୍ଧରେ ଆଇନଗତ ପଦକ୍ଷେପ ନେବା ପାଇଁ ଶ୍ରମିକ ନେତା ଏଆଇୟୁଟିୟୁସି ଜିଲ୍ଲା ସଭାପତି ଖଗେଶ୍ୱର ସେଠୀ ଦାବି କରିଛନ୍ତି ।

# ଉଚ୍ଚଶିକ୍ଷା ବିଭାଗ ଓ ଇଗ୍ନୁ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ, ନୂଆଦିଲ୍ଲୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣା ପତ୍ର ଅନୁଯାୟୀ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ପାଠ୍ୟକ୍ରମ ସହିତ ସ୍ନାତକୋତ୍ତର ଡିପ୍ଲୋମା, ଡିପ୍ଲୋମା ଓ ସାର୍ଟିଫିକେଟ୍ ପାଠ୍ୟକ୍ରମ, ସ୍ନାତକ (ଭୋକେସନାଲ୍ ଷ୍ଟଡ଼ିଜ), ଟ୍ରାଭେଲ ଓ ଟୁରିଜିମ୍ ମ୍ୟାନେଜମେଣ୍ଟ, ବିବିଏ, ଏମ୍‌ବିଏ ଆଦି ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଦାନ କରାଯିବ । ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ କହିଥିଲେ ଯେ, ବୁଝାମଣା ପତ୍ର ସ୍ୱାକ୍ଷର ମାଧ୍ୟମରେ ଆମ ଛାତ୍ରଛାତ୍ରୀ ଓଡ଼ିଆ ଭାଷାରେ ଉଚ୍ଚଶିକ୍ଷା ଲାଭ କରିପାରିବେ । ଏହା ଏକ ଐତିହାସିକ ପଦକ୍ଷେପ । ଉଚ୍ଚଶିକ୍ଷା ଲାଭ କରିବାରେ ଭାଷା ଆଉ ବାଧକ ସାଜିବ ନାହିଁ । ସମସ୍ତଙ୍କ ପାଇଁ ଶିକ୍ଷା ଓ ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷା ଏହାକୁ ସୁନିଶ୍ଚିତ କରାଯାଇପାରିବ । ଏଥିସହିତ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷାଦାନର ମାଧ୍ୟମ ଓ ପାଠ୍ୟକ୍ରମକୁ ମାତୃଭାଷାରେ ପ୍ରଦାନ କରିବା ନିମନ୍ତେ ପ୍ରାଧାନ୍ୟ ଦିଆଯାଇଛି । ବୁଝାମଣା ପତ୍ର ସ୍ୱାକ୍ଷର ଦ୍ୱାରା ଉଚ୍ଚଶିକ୍ଷାର ପାଠ୍ୟକ୍ରମକୁ ମାତୃଭାଷାରେ ପ୍ରଦାନ କରାଯିବାର ଲକ୍ଷ୍ୟକୁ ପୂରଣ କରାଯାଇପାରିଛି । ମାତୃଭାଷାରେ ଉଚ୍ଚଶିକ୍ଷା ଲାଭ କଲେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ ହୋଇପାରିବ । ଏହିସହ ଏହା ଉଚ୍ଚଶିକ୍ଷା କ୍ଷେତ୍ରରେ ଡ୍ରପ୍ ଆଉଟ୍ ସଂଖ୍ୟାକୁ କମାଇବା ସହ ସାମଗ୍ରିକ ନାମଲେଖା ଅନୁପାତକୁ ବୃଦ୍ଧି କରିବାରେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ମତପ୍ରକାଶ କରିଛନ୍ତି । ବୁଝାମଣା ପତ୍ର ସ୍ୱାକ୍ଷର ସମାରୋହରେ ବାଲେଶ୍ୱରରୁ ନେଇ ମାଲକାନଗିରି ପର୍ଯ୍ୟନ୍ତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇ ଉଚ୍ଚଶିକ୍ଷା ବିଭାଗର ପଦକ୍ଷେପକୁ ସ୍ୱାଗତ ଜଣାଇବା ସହ ଉଚ୍ଚଶିକ୍ଷା ଲାଭ କରିବା ଦିଗରେ ବହୁ ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ନିଜର ମତପୋଷଣ କରିଥିଲେ । କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ, ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତି ଉମା କାଞ୍ଜିଲାଲ, ରେଜିଷ୍ଟ୍ରାର ଆଲୋକ ଚୌବେ ପ୍ରମୁଖ ଉପସ୍ଥିତ ଥିଲେ ।

## ନନ୍ଦିନୀ ଶଥପଥୀଙ୍କ ଜୟନ୍ତୀରେ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶଥପଥୀଙ୍କ ଜନ୍ମ ଜୟନ୍ତୀରେ ବିଜେଡି ଦଳ ତରଫରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଅବସରରେ ବିଜେଡି ନେତା ସଞ୍ଜୟ ଦାସବର୍ମା କହିଛନ୍ତି ଓଡ଼ିଆ ଜାତି ପାଇଁ ଆଜି ଏକ ପବିତ୍ର ଦିନ । ଓଡ଼ିଶାର ଶାସନକୁ ନୂଆ ଦିଗଦର୍ଶନ ଦେଇଥିଲେ । ଓଡ଼ିଆ ଭାଷା ଏବଂ ସଂସ୍କୃତିକୁ ଆଗକୁ ନେବାରେ ତାଙ୍କର ଅନେକ ଅବଦାନ ଥିଲା । ତାଙ୍କର ଚିନ୍ତା ଏବଂ ଚେତନା ଓଡ଼ିଆ ଜାତିକୁ ସର୍ବଦା ପ୍ରେରଣା ଦେଇଥାଉ ।

## ଫେରାର ଅଭିଯୁକ୍ତ ଘରେ ଲଟ୍‌କା ଲଗାଇଲା କମିଶନରେଟ ପୋଲିସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଫେରାର ଅଭିଯୁକ୍ତ ଘରେ ଲଟକା ଲଗାଇଲା କମିଶନରେଟ ପୋଲିସ । ଫେରାର ଅଭିଯୁକ୍ତ ହେଲେ ଲୋକନାଥ ସାମଲ । ୧୩ ବର୍ଷ ତଳେ ନିଶା କାରବାରରେ ଧରା ନପଡି ଫେରାର ଅଛନ୍ତି । ଡେଙ୍ଗୁରା ପିଟି ଲଟକା ଲଗାଇଲା ପୋଲିସ ।

## ମୋଟରସାଇକେଲ ଚୋର ଦଳ ଗିରଫ, ୭ ଗାଡି ଜବତ

କଟକ(ଭାସ୍କର ନ୍ୟୁଜ୍): ପୁରୀଘାଟ ଥାନା ପୁଲିସ ଏକ ମୋଟରସାଇକେଲ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି । ପୁଲିସ୍ ଠାବ ଗ୍ୟାଙ୍ଗଠାରୁ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୭ ମୋଟର ସାଇକେଲ ଜବତ କରିଛି । ଗିରଫ ଚୋରମାନେ ହେଲେ ବାରଙ୍ଗର ଚନ୍ଦନ ବେହେରା (୨୫), ଶିବାନୀ ଓରଫ ଶିବ ଜେନା (୨୯) ଓ ଗୋପାଳଜୀଉ ଲେନ୍‌ର ମହାଦେବ ନାୟକ (୩୦) । ଅଭିଯୁକ୍ତଙ୍କୁ ସୋମବାର ଅପରାହ୍ନରେ କୋର୍ଟ ଚାଲଣ କରାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ପୁରୀଘାଟ ଥାନା ଅନ୍ତର୍ଗତ ସନ୍‌ସାଇନ୍ ପଡିଆ ନିକଟରେ ଗତ ୭ରେ ଓଡି୦୫ଏଜି ୧୪୦୮ ନଂ ମୋଟର୍ ସାଇକେଲ ଚୋରି ହୋଥିଲା । ଏ ସଂପର୍କରେ ହରିପୁରର ବାସିନ୍ଦା ଦୀପଙ୍କର ପଲାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜ ଜବତ କରି ଲୁଟେରା ଗ୍ୟାଙ୍ଗକୁ ଠାବ କରିଥିଲେ । ଲୁଟେରା ବାରଙ୍ଗ, ଜଗତପୁର, କ୍ୟାଣ୍ଟନମେଣ୍ଟ ଭଳି ବିଭିନ୍ନ ସ୍ଥାନରୁ ଏକାଧିକ ମୋଟର୍ ସାଇକେଲ ଚୋରି କରିଥିବା ସଂପର୍କରେ ତଦନ୍ତରୁ ଜଣାପଡିଛି ।

## ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ରଥଯାତ୍ରା ପାଇଁ ୩୦୦ ଡାକ୍ତର ନିୟୋଜିତ ହେବେ । ଅସ୍ଥାୟୀ ବର୍ଣ୍ଣ ୟୁନିଟ୍, ଆଇସିୟୁ ହୋଇଛି । କୋଭିଡ ପାଇଁ ଆଡଭାଇଜରୀ ମାନନ୍ତୁ । ଅସୁସ୍ଥ ଥିଲେ ଭିଡ଼କୁ ଆସନ୍ତୁ ନାହିଁ, ମାସ୍କ ବ୍ୟବହାର କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ।

## ନନ୍ଦନକାନନ ନିକଟରେ ପ୍ରତିଷ୍ଠା ହେବ ସାଇନ୍ସ ସିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ନନ୍ଦନକାନନ ନିକଟରେ ପ୍ରତିଷ୍ଠା ହେବ ସାଇନ୍ସ ସିଟି । ୧୦୦ ଏକର ଜାଗାରେ ପ୍ରତିଷ୍ଠା ହେବ ସାଇନ୍ସ ସିଟି । ରାଜ୍ୟ ସରକାର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ନନ୍ଦନକାନନ ପାଖରେ ବିଜ୍ଞାନ ସହର ପ୍ରତିଷ୍ଠା କରାଯିବ ସୂଚନା ଦେଇଛନ୍ତି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ପ୍ରକଳ୍ପ ପାଇଁ ରାଜ୍ୟ ରାଜଧାନୀରେ ୧୦୦ ଏକର ଜମି ଆବଣ୍ଟନ ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଥିଲେ । ସେ କହିଛନ୍ତି ଯେ, ମୁଁ ପୂର୍ବରୁ କୋଲକାତା ଏବଂ ହାଇଦ୍ରାବାଦର ବିଜ୍ଞାନ ସହର ପରିଦର୍ଶନ କରିସାରିଛି, ଏବଂ ଖୁବ୍‌ଶୀଘ୍ର, ଭୁବନେଶ୍ୱରର ନିଜସ୍ୱ ଏକ ବିଜ୍ଞାନ ସହର ହେବ । ଏହା ଛାତ୍ର,ଛାତ୍ରୀ ଏବଂ ସାଧାରଣ ଜନତା ଉଭୟଙ୍କ ପାଇଁ ବୈଜ୍ଞାନିକ ଉଦ୍ଭାବନ ଏବଂ ଜ୍ଞାନ ବୃଦ୍ଧି କରିବାରେ ସାହାଯ୍ୟ ହେବ । ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କହିଛନ୍ତି । ନିଜେ ମୁଖ୍ୟମନ୍ତ୍ରୀ ଯାଇ ଶୁଭ ଦେବେ ସାଇନ୍ସ ସିଟିରେ ବୋଲି କହିଛନ୍ତି ମନ୍ତ୍ରୀ ।

## ଆଇଏମ୍‌ଡି ଡିଜି 'ସାସାକାୱା' ପୁରସ୍କାରରେ ସମ୍ମାନିତ, ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଶ୍ରୀ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରତିଷ୍ଠିତ ଜାତିସଂଘ ସାସାକାୱା ପୁରସ୍କାର -୨୦୨୫ରେ ସମ୍ମାନିତ ହୋଇଥିବାରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆପଣଙ୍କ ସଠିକ ଆକଳନ ଅଗଣିତ ବହୁମୂଲ୍ୟ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି ।

## ମେଡ଼ିସିନ ଷ୍ଟୋରରେ ଡ୍ରଗ୍ସ କଣ୍ଟ୍ରୋଲ ପକ୍ଷରୁ ଚଢଉ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନୟାପଲି ଅଞ୍ଚଳରେ ଥିବା ମେଡ଼ିସିନ ଷ୍ଟୋରରେ ଡ୍ରଗ୍ସ କଂଟ୍ରୋଲ ପକ୍ଷରୁ ଚଢାଉ । ଚଢ଼ାଉରେ ସାମିଲ ଅଛନ୍ତି ଡ୍ରଗ୍ସ କଣ୍ଟ୍ରୋଲ ଅଧିକାରୀ । ନୟାପଲିରେ ଥିବା ରୋଜ ମେଡ଼ିସିନ ଷ୍ଟୋରରେ ଚାଲିଛି ଚଢ଼ଉ ।

## ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର

# 'ଟଙ୍କା ତିଆରି ମେସିନ୍ ନୁହେଁ, ଭଲ ମଣିଷ ତିଆରି କରନ୍ତୁ'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜିର ସମୟରେ ଶିକ୍ଷା ବ୍ୟବସ୍ଥାରେ ହଜିଗଲାଣି ନୈତିକ ଶିକ୍ଷା । ଶିକ୍ଷାର ଅବକ୍ଷୟକୁ ନେଇ ସମସ୍ତେ ଚିନ୍ତିତ । ଶତକଡା କିଏ କେତେ ଅଧିକ ନଂ ପରୀକ୍ଷାରେ ରଖିପାରିଛି ତାକୁ ନେଇ ଦିନରାତି ପ୍ରତିଯୋଗିତା ଚାଲିଛି । ରାତିଦିନ ପାଠପଢାରେ ପିଲାଙ୍କର ସମସ୍ତ ସମୟ ଚାଲିଯାଉଛି । ଶିଶୁର ସୁଲଭଗୁଣ, ଚିନ୍ତା, ଚେତନା, ସୃଜନଶକ୍ତି ଓ ଆଗ୍ରହକୁ ମାଡି ମକଚି ଆମ୍ଭେମାନେ ନଷ୍ଟ କରିଦେଉଛୁ । ସେମାନଙ୍କୁ ଗୋଟିଏ ଟଙ୍କା ତିଆରି ମେସିନ୍ ଭାବରେ ତିଆରି କରୁଛୁ । ସେମାନଙ୍କୁ ଯେଉଁ ସଂସ୍କାର ଦେବା କଥା ସେଥିରୁ ବଞ୍ଚିତ ହେଉଛନ୍ତି । ସମାଜରେ ଡାକ୍ତର, ଇଞ୍ଜିନିୟରଙ୍କ ଅଭାବ ନାହିଁ, କିନ୍ତୁ ଭଲ ମଣିଷର ଅଭାବ ଅଛି ବୋଲି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଫରେଷ୍ଟ ପାର୍କ ଶାଖା ପକ୍ଷରୁ ୭ ଦିନିଆ ଗ୍ରୀଷ୍ମକାଳୀନ ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମାକୁମାରୀ ଲୀନା ଭଉଣୀ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ । ରାଜଯୋଗ ଆମର ମନବୁଦ୍ଧିକୁ ଏକାଗ୍ର କରି ଲକ୍ଷ୍ୟ ସାଧନ କରିପାରିଥାଏ । ନୈତିକ ମୂଲ୍ୟ ବିକାଶ ଉପରେ ସମସ୍ତେ ଗୁରୁତ୍ୱ ଦେବା ଦରକାର ବୋଲି ବ୍ରହ୍ମାକୁମାରୀ ଶୁଭଲକ୍ଷ୍ମୀ ଭଉଣୀ କହିଥିଲେ । ଶିବିରରେ ସୁନ୍ଦର କାହାଣୀ ଓ ରାଜଯୋଗ ମାଧ୍ୟମରେ କୁନିକୁନି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରକଳା, ସଙ୍ଗୀତ, ନୃତ୍ୟ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ବ୍ରହ୍ମାକୁମାରୀ ରେଣୁବାଳା ଭଉଣୀ, ବ୍ରହ୍ମାକୁମାରୀ ଅର୍ଚ୍ଚନା ଭଉଣୀ ଓ ସାମାଜିକ କର୍ମୀ ସନ୍ତୋଷୀ ଜୈନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଜୀବନ ଫେରିପାଇଲେ ଯୁବକ

# ମଣିପାଲ ହସ୍ପିଟାଲରେ ଜଟିଳ ଅସ୍ଥିମଜ୍ଜା ରୋଗର ସଫଳ ଚିକିତ୍ସା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱର ଖଣ୍ଡଗିରି ସ୍ଥିତ ମଣିପାଲ ହସ୍ପିଟାଲ ଠାରେ ଏକ ଜଟିଳ ଅସ୍ଥିମଜ୍ଜା ଚିକିତ୍ସା ସଫଳତାର ସହିତ କରାଯାଇଛି । ମଧ୍ୟପ୍ରଦେଶ ଇନ୍ଦୋରରୁ ଆସିଥିବା ୨୦ ବର୍ଷ ବୟସ ଜଣେ ଯୁବକଙ୍କର ଦୁର୍ଲଭ ଅସ୍ଥିମଜ୍ଜା ରୋଗ ଓ ସଂକ୍ରମଣ ରୋଗରେ ଆକ୍ରାନ୍ତ ଥିଲେ । ବିଭିନ୍ନ ହସ୍ପିଟାଲରେ ତାଙ୍କର ଚିକିତ୍ସା ହୋଇଥିଲେ ମଧ୍ୟ କୌଣସି ଚିକିତ୍ସା ଉପଶମ ନମିଳିବାରୁ ତାଙ୍କ ପରିବାର ସଦସ୍ୟ ମାନେ ମଣିପାଲ ହସ୍ପିଟାଲର ଡାକ୍ତରଙ୍କର ସହ ପରାମର୍ଶ ନେଇଥିଲେ । ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ସଠିକ୍ ଚିକିତ୍ସା କାରଣରୁ ଯୁବକ ଜଣଙ୍କ ନିଶ୍ଚିତ ମୃତ୍ୟୁ ମୁଖରୁ ଫେରିଆସିଛନ୍ତି । ଯୁବକ ଜଣଙ୍କ ଗୋଟିଏ ମାସ ଧରି ବାରମ୍ବାର ଅଚେତ ହେବା, ନିୟମିତ ଜ୍ୱର ଓ ଦୃଷ୍ଟିଶକ୍ତିରେ ସମସ୍ୟା ହେଉଥିଲା । ଏଥିପାଇଁ ସେ ଇନ୍ଦୋର ସହରର ବିଭିନ୍ନ ହସ୍ପିଟାଲରେ ଚିକିତ୍ସା ହୋଇଥିଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟରେ କୌଣସି ଉନ୍ନତ ପରିଲକ୍ଷିତ ହୋଇନଥିଲା । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ ପରିବାର ସଦସ୍ୟ ମାନେ ତାଙ୍କୁ ଓଡ଼ିଶା ନେଇ ଆସିଥିଲେ । ଶେଷରେ ଯୁବକଙ୍କ ବାପାମାଆ ମଣିପାଲ ହସ୍ପିଟାଲର ଡାକ୍ତରଙ୍କ ସହ ଯୋଗାଯୋଗ କରି ଚିକିତ୍ସା ପାଇଁ ଆଡମିସନ୍ କରିଥିଲେ । ମଣିପାଲ ହସ୍ପିଟାଲରେ ଯୁବକଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା, ଯେଉଁଠାରେ ତାଙ୍କର ରକ୍ତର ପାରାମିଟ ଅତ୍ୟଧିକ କମ୍ ମିଳିଥିଲା । ଏକ ଗମ୍ଭୀର ଅବସ୍ଥା, ବିଶେଷକରି ଜଣେ ତରୁଣ ଏବଂ ପୂର୍ବରୁ ସୁସ୍ଥ ଥିବା ବ୍ୟକ୍ତି ପାଇଁ ଏହା ଜୀବନ ପ୍ରତି ବିପଦପୂର୍ଣ୍ଣ । ସେହି ମୁହୂର୍ତ୍ତରେ ମଣିପାଲ ହସ୍ପିଟାଲର ଡାକ୍ତର ସନ୍ଦୀପ ଅଭିଜିତ ପଟ୍ଟନାୟକ, କନସଲଟାଣ୍ଟ- କ୍ଲିନିକାଲ୍ ହେମାଟୋଲୋଜି, ବୋନ୍ ମ୍ୟାରୋ ଟ୍ରାନସପ୍ଲାଣ୍ଟ୍ ତାଙ୍କ ଚିକିତ୍ସା ଆରମ୍ଭ କରିଥିଲେ । ପ୍ରାରମ୍ଭିକ ତଦନ୍ତରେ କୌଣସି ସ୍ପଷ୍ଟ ରୋଗ ନିର୍ଣ୍ଣୟ ହୋଇନଥିଲା, କିନ୍ତୁ ତାଙ୍କ ଅସ୍ଥିମଜ୍ଜା ରିପୋର୍ଟରେ ଗୋଟିଏ ଜଟିଳ ଓ ଦୁର୍ଲଭ ରୋଗ ପ୍ରକାଶ ପାଇଥିଲା-ଯାହାରେ ଅସ୍ଥିମଜ୍ଜାର ଏକ ବୈଶିଷ୍ଟ୍ୟପୂର୍ଣ୍ଣ ମାଇଲୋଇଡ୍ ଆଣ୍ଟିଜେନ୍ ହାରାଇଯିବା ସହିତ ଅସ୍ଥିମଜ୍ଜା ଟିବି, ଇ. କୋଲି ଓ ପ୍ୟାଣ୍ଟୋନିଆ ଜନିତ ବ୍ୟାକ୍ଟେରିଆଲ୍ ସଂକ୍ରମଣ, ଅଙ୍ଗଗୁଡିକ ଚାରିପାଖରେ ପାଣି ଜମିଯିବା ଓ ଏକ ଦ୍ରୁତ ଗମ୍ଭୀର ଅବସ୍ଥା ବିକାଶ ହେଉଥିବା ଦେଖିଯାଇଥିଲା । ସଠିକ୍ ଆଣ୍ଟିବାୟୋଟିକ୍ ଏବଂ ଟିବି ଔଷଧ ନିୟମିତ ବ୍ୟବହାର କରିବା ଫଳରେ ମାତ୍ର ୧୦ ଦିନ ଭିତରେ ଯୁବକ ଜଣଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିଲା । ତାଙ୍କ ସଂକ୍ରମଣ ଗୁଡିକ ଧୀରେ ଧୀରେ କମିବାକୁ ଲାଗିଲା । ଶେଷରେ ସୁସ୍ଥ ହୋଇ ସେ ଘରକୁ ଫେରିଛନ୍ତି । ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ହସ୍ପିଟାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର ଏହି ପାଇଁ ଡାକ୍ତର ସନ୍ଦୀପ ଅଭିଜିତ ପଟ୍ଟନାୟକ, ଡାକ୍ତର ଶୁଭଶ୍ରୀ ସାମନ୍ତରାୟ, ଡାକ୍ତର ସମିତ କୁମାର ଭୁୟାଁ ଓ ଡାକ୍ତର ପ୍ରଦୀପ ନାରାୟଣ ସାହୁ ଓ ତାଙ୍କ ପୁରା ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି । ମଣିପାଲ ହସ୍ପିଟାଲରେ ଅଭିଜ୍ଞ ଡାକ୍ତରଙ୍କ ଟିମ୍ ଓ ଅତ୍ୟାଧୁନିକ ମେସିନ୍ ଥିବାରୁ ଆମ ଚିକିତ୍ସା କରି ଅନେକ ଜଟିଳ ରୋଗୀଙ୍କ ଜୀବନ ରକ୍ଷା କରିପାରିଛୁ ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ନିଜେ ବିତରି ନ ଜାଣେ କୃପଣ,
ଖଣ୍ଡେ ନିଅନ୍ତି ବଳେ ତାର ଧନ।
ଖଣ୍ଡ ହେଲେ ହେଁ ପରକୁ ପ୍ରଦାନ
କରି ଜାଣେ ଯେ ସେ ଲୋକ ପ୍ରଧାନ।
-ସ୍ୱଭାବକବି ଗଙ୍ଗାଧର ମେହେର



ମହତ ନିଧନେ ସେ ମହତ ସ୍ଥାନେ
ପଡ଼ିଥିଲେ କ୍ଷୁଦ୍ର ଧୂଳିକଣିକା
ଭକତି ଆଦର କରେ ଯେ ତାହାର
ସେ ଦିଏ ମହତ ହୃଦୟ-ଶିକ୍ଷା।
- ଉତ୍କଳମଣି ଗୋପବନ୍ଧୁ ଦାସ




## ପରମ ବନ୍ଧୁ ଏବେ ଚରମ ଶତ୍ରୁ

# ରୋଚକ ମୋଡ଼ରେ ଟ୍ରମ୍ପ-ମସ୍କ ବିବାଦ

ଆଜି ଯିଏ ପରମ ବନ୍ଧୁ କାଲି ସିଏ ଚରମ ଶତ୍ରୁରେ ପରିଣତ ହେବାର ଅସଂଖ୍ୟ ଉଦାହରଣ ଆମ ସମାଜରେ ଦେଖିବାକୁ ମିଳିଥାଏ। ବ୍ୟକ୍ତିଗତ ଜୀବନରେ ଏଭଳି ଘଟଣା ସାମ୍ନାକୁ ଆସୁଥିବା ବେଳେ ସାମାଜିକ ଓ ରାଜନୈତିକ ଜୀବନରେ ମଧ୍ୟ ବନ୍ଧୁ ଚରମ ଶତ୍ରୁ ହେବାର ଦୃଷ୍ଟାନ୍ତ କିଛି କମ୍ ନୁହେଁ। ଏବେ ବିଶ୍ୱର ସବୁଠାରୁ ସମୃଦ୍ଧ ତଥା ପ୍ରଥମ ମହାଶକ୍ତି ରୂପେ ପରିଗଣିତ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ପୃଥିବୀର ଏକ ନମ୍ବର ଧନୀ ଏଲନ୍ ମସ୍କଙ୍କ ମଧ୍ୟରେ ମୁଣ୍ଡ ଟେକିଥିବା ବିବାଦ ଅନ୍ତର୍ଜାତୀୟ କ୍ଷେତ୍ରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ପ୍ରାୟ ବର୍ଷକ ପୂର୍ବ ପର୍ଯ୍ୟନ୍ତ ଟ୍ରମ୍ପ୍ ଓ ମସ୍କଙ୍କ ମଧ୍ୟରେ ବନ୍ଧୁତା ଏତେ ନିବିଡ଼ ଥିଲା ଯେ, ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କୁ ଜିତାଇବା ଲାଗି ଏଲନ୍ ମସ୍କ ସବୁ ଶକ୍ତି ଖଟାଇ ଦେଇଥିଲେ। ଟ୍ରମ୍ପ୍-ମସ୍କ ଯୋଡ଼ି ଆମେରିକାର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଦିଗରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଥିଲା। ଟ୍ରମ୍ପ୍ ପ୍ରଶାସନର ନୀତି ନିର୍ଦ୍ଧାରଣରେ ମସ୍କ ପ୍ରମୁଖ ଭୂମିକା ଗ୍ରହଣ କରିବା ଆରମ୍ଭ କରିଦେଇଥିଲେ। ମାତ୍ର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାର ଅଳ୍ପ କେତେ ମାସ ମଧ୍ୟରେ ବିଭିନ୍ନ କାରଣରୁ ଟ୍ରମ୍ପ୍ ଏବେ ଏଲନ୍ ମସ୍କଙ୍କ ଚରମ ଶତ୍ରୁରେ ପରିଣତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରେ ତିକ୍ତତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୁହିଁଙ୍କ ଭିତରେ ବିବାଦ ଏଭଳି ସ୍ଥିତିରେ ପହଞ୍ଚିଲାଣି ଯେ, ରାଷ୍ଟ୍ରପତି ପଦରୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ହଟାଇବା ଲାଗି ମସ୍କ ଖୋଲାଖୋଲି ଆହ୍ୱାନ ଦେଇ ସେ ଦିଗରେ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏପରିକି ନିଜର ଏକ ରାଜନୈତିକ ଦଳ ଗଠନ ପାଇଁ ମଧ୍ୟ ସେ ପ୍ରସ୍ତାବ ରଖିଛନ୍ତି। ଟ୍ରମ୍ପ୍ ତାଙ୍କରି ସାହାଯ୍ୟ ସମର୍ଥନ ଯୋଗୁଁ ହିଁ ବିଜୟ ହାସଲ କରି ଆଜି ରାଷ୍ଟ୍ରପତି ହୋଇପାରିଛନ୍ତି ବୋଲି ମସ୍କ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ସେଥିଲାଗି ଅନୁତାପ କରିଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ୍ ମଧ୍ୟ ଏଲନ୍ ମସ୍କଙ୍କୁ ଧମକ ଦେଇ ଡରାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଶନିବାର ଦିନ ଟ୍ରମ୍ପ୍ ଘୋଷଣା କରିଛନ୍ତି ଯେ, ଆଜିଠାରୁ ଏଲନ୍ ମସ୍କଙ୍କ ସହ ତାଙ୍କର ସମସ୍ତ ସମ୍ପର୍କ ଛିନ୍ନ ହୋଇଛି। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ରାଜନୈତିକ ଦଳ ଡେମୋକ୍ରାଟିକ୍ ପାର୍ଟିକୁ ଯଦି ମସ୍କ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତି, ତେବେ ପରିଣାମ ଭୋଗିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ଚେତାଇ ଦେଇଛନ୍ତି। ଅତୀତର ଦୁଇ ପରମ ବନ୍ଧୁଙ୍କ ମଧ୍ୟରେ ବିବାଦର ମୂଳ କାରଣ ଯାହା ଥାଉନା କାହିଁକି, ଟ୍ରମ୍ପ୍ ପ୍ରଶାସନ ଆଣୁଥିବା 'ବିଗ୍ ବିୟୁଟିଫୁଲ୍ ବିଲ୍' ଯୋଗୁ ଏଲନ୍ ମସ୍କଙ୍କ ଟେସ୍‌ଲା କମ୍ପାନୀ ଆର୍ଥିକ ଦିଗରୁ କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଉଛି, ଯେଉଁଥିପାଇଁ ମସ୍କ ଅତିମାତ୍ରାରେ କ୍ଷୁବ୍ଧ ହୋଇ ଉଠିଛନ୍ତି। ଟ୍ରମ୍ପ୍ ଏହି ବିଲ୍ ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ି ଏହା ପାରିତ ହେଲେ ଆମେରିକାରେ ନିବେଶ ବୃଦ୍ଧି ପାଇବ ଓ ଚୀନ୍ ଉପରେ ନିର୍ଭରଶୀଳତା କମିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଗ୍ ବିୟୁଟିଫୁଲ୍ ବିଲ୍‌କୁ ଏଲନ୍ ମସ୍କ 'ଲୁଟ୍‌ର ଦସ୍ତାବିଜ୍' ରୂପେ ଦର୍ଶାଇ ଏହା ଜାତୀୟ କ୍ଷତିକୁ ୨.୫ ଟ୍ରିଲିୟନ୍ ଡଲାର୍‌କୁ ବଢ଼ାଇ ଦେବ ବୋଲି କହିଛନ୍ତି। ଟ୍ରମ୍ପ୍‌ଙ୍କ ଅତୀତର ଯୌନ କେଲେଙ୍କାରୀ ମାମଲା ନେଇ ମସ୍କ 'ଏକ୍ସ'ରେ ପୋଷ୍ଟରେ କିଛି ତଥ୍ୟ ଦର୍ଶାଇ ଥିବାବେଳେ ଅଳ୍ପ ସମୟ ମଧ୍ୟରେ ତାହାକୁ ହଟାଇ (ଡିଲିଟ୍) ଦେଇଥିଲେ। ପୃଥିବୀର ଦୁଇ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ତିକ୍ତତା ବେଳକୁ ବେଳ ରୋଚକ ମୋଡ଼ ନେଉଥିବା ବେଳେ ଆଗକୁ ଏହା କେଉଁ ରୂପ ନେଉଛି, ତାକୁ ସମସ୍ତଙ୍କର ଅପେକ୍ଷା।

## ନୀତିବାଣୀ



ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍,
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥

**ଭାବାର୍ଥ :** ଯେତେବେଳେ ପୃଥିବୀ ପୃଷ୍ଠରେ ଧର୍ମର ଲୋପ ହୁଏ, ଅଧର୍ମ ବଢ଼ିଯାଏ, ସେତେବେଳେ ଅଧର୍ମର ବିନାଶ ପାଇଁ ମୁଁ ପ୍ରକଟ ହୁଏ । ସାଧୁଙ୍କ ରକ୍ଷା, ଦୁଷ୍ଟଙ୍କ ବିନାଶ ପାଇଁ ଧର୍ମର ସ୍ଥାପନା ଉଦ୍ଦେଶ୍ୟରେ ମୁଁ ସବୁ ଯୁଗରେ ପ୍ରକଟ ହୁଏ ।

# ନିର୍ବାଚନ ମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣରେ ବିଳମ୍ବ



ମହାମେଘବାହନ ଐର ଖାରବେଳ ସ୍ୱାଇଁ
Email: kharabelaswain(@gmail.com
ମୋ: ୯୪୩୭୦୨୦୨୯୦

ନିର୍ବାଚନ ମଣ୍ଡଳୀମାନଙ୍କର ପୁନଃ ସୀମା ନିର୍ଦ୍ଧାରଣ ହେବାକୁ ଯାଉଛି ଓ ତାହା କରିବାକୁ ହେଲେ ପ୍ରଥମେ ଗୋଟିଏ ଜନଗଣନା କରିବାକୁ ପଡ଼ିବ। ଭାରତର ଇତିହାସରେ ସବୁ ରାଜନୈତିକ ଦଳମାନେ ଜନଗଣନା ଚାହାନ୍ତି। ଦୁଇ ପର୍ଯ୍ୟାୟର ଜନଗଣନାରେ ଗତ ଜୁନ୍ ୪ ତାରିଖରେ ଏହି ଜନଗଣନା ହେବ ବୋଲି ଭାରତ ବର୍ଷର ସରକାର ଘୋଷଣା କରିଛନ୍ତି। ଗତ ଏପ୍ରିଲ ଓ ସେପ୍ଟେମ୍ବର ୨୦୨୬ରେ ବାସ୍ତବିକ ମୁଣ୍ଡଗଣତି କରାଯିବ ଯାହା ଫେବ୍ରୁଆରୀ ୨୦୨୭ରେ ସମାପ୍ତ ହେବ। ମାର୍ଚ୍ଚ ୧ ୨୦୨୭ ହେଉଛି ଯେ, ପ୍ରଥମ ତାରିଖ ଯେତେବେଳେ କି ଜନସଂଖ୍ୟାର ଗଣନା କରାଯିବ। ଯାହା ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଦ୍ଧାରଣ ପାଇଁ ଆବଶ୍ୟକ ଅଟେ। ଏହା ହେଉଛି ଭିତ୍ତି ଯାହା ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ସଂସଦୀୟ ନିର୍ବାଚନୀ ମଣ୍ଡଳୀମାନଙ୍କ ପାଇଁ ପରେ କରାଯିବ।

ସମ୍ବିଧାନର ୮୪ତମ ସଂଶୋଧନରେ ଯାହାକି ଲୋକସଭା ମାନଙ୍କର ଆସନ ସଂଖ୍ୟା ରାଜ୍ୟମାନଙ୍କ ପାଇଁ ସ୍ଥିର ହୋଇଥିଲା। ଯାହା ହେଉଛି ୧୯୭୧ର ଜନଗଣନା ଅନୁସାରେ କରାଯାଇଥିଲା। ଏହା ନିର୍ଦ୍ଦିଷ୍ଟ କରୁଥିଲା ଯେ, ନିର୍ବାଚନ ମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣ ଏଥର କରାଯିବ। ଏହି ଜନସଂଖ୍ୟାର ଆଧାର ଉପରେ ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯିବ।

ବହୁ ଲୋକ ବିଶ୍ୱାସ କରନ୍ତି ଯେ, ଯେଉଁ ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଦ୍ଧାରଣ ପାଇଁ ବିଳମ୍ବ ହେଉଛି ତାହାର ମୁଖ୍ୟ କାରଣ ହେଉଛି କୋଭିଡ୍ ମହାମାରୀ। କୋଭିଡ୍ ମହାମାରୀ ଯୋଗୁ ଏ ପର୍ଯ୍ୟନ୍ତ ୨୦୧୧ର ଜନଗଣନା କରାଯାଇ ପାରିନାହିଁ। ଜନଗଣନା ହୋଇଗଲେ ତାହା ରେକର୍ଡରେ ରହିବ ଓ ଏହାଫଳରେ ହିନ୍ଦୀ ଭାଷୀ ଅଞ୍ଚଳଗୁଡ଼ିକରେ ଅଧିକ ଲୋକସଭା ଆସନମାନ ସୃଷ୍ଟି ହେବ ଓ ସେ ସବୁରେ ବୃଦ୍ଧି ପାଇବ। ଜନଗଣନାର ରାଜନୈତିକ ଚରିତ୍ର କହେ ଯେ, କେବଳ ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଦ୍ଧାରଣ ନୁହେଁ, କିନ୍ତୁ ଏହା ଏଥିପାଇଁ ମହିଳା ଆରକ୍ଷଣ ବିଲ୍ ଯାହା ଗୃହୀତ ହୋଇଯାଇଛି ମୋଦି ସରକାରଙ୍କର ପୂର୍ବ ସରକାର ବେଳେ ଯାହା ଏବେ କାମରେ ଲାଗିବ ଏବଂ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ପରେ ଏହା ହେବ। ଏହାଛଡ଼ା ଜାତି ଜନଗଣନା ମଧ୍ୟ ଏବେ କରାଯିବ।

ଏଠାରେ ପ୍ରଶ୍ନ ଉଠେ ଯେ, ଆମ ନିକଟରେ ଅଳ୍ପ ସମୟ ଥିବାରୁ ଜନଗଣନା ପାଇଁ ଯାହାକି ଫେବ୍ରୁଆରୀ ୨୦୨୭ରେ ସମାପ୍ତ ହେବ ଏବଂ ବାସ୍ତବ ଜନସଂଖ୍ୟା ରିପୋର୍ଟ ପ୍ରକାଶ ପାଇବ। ଯାହା ୨୦୨୮ରେ କରାଯିବ। ସେଥିପାଇଁ ବିଭିନ୍ନ ପ୍ରକାରର ବୈଧାନିକ ପରିବର୍ତ୍ତନମାନ ଆଣିବାକୁ ପଡ଼ିବ। ଯାହା ୨୦୨୯ର ସାଧାରଣ ନିର୍ବାଚନ ପୂର୍ବରୁ କରାଯିବ। ଏପରିକି ଯଦି ଜନଗଣନା ୨୦୨୭ ସୁଦ୍ଧା ସମାପ୍ତ ହୁଏ, ତା'ହେଲେ ନିର୍ବାଚନ ମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣ ଆଉ ମାତ୍ର ବର୍ଷକ ମଧ୍ୟରେ କରାଯିବ। ଇତିମଧ୍ୟରେ ଯେହେତୁ ପ୍ରଥମ ବିସ୍ତୃତ ତଥ୍ୟମାନ ଜନଗଣନାର ଏବେ ଜଣାପଡ଼ିବା ଆରମ୍ଭ ହୋଇଛି ଯାହା ଗଣମାଧ୍ୟମରେ ପ୍ରକାଶିତ ହେଉଛି ଯେଉଁମାନେ ଲୋକସଭା ଆସନରେ ହାରି ଯାଇପାରନ୍ତି। ସେମାନେ ରାଜନୈତିକ ବିବାଦ ଆରମ୍ଭ କରିବେ। ଯାହା ସାଧାରଣ ମେଣ୍ଟ ଅବଜ୍ଞା କରିପାରିବ ନାହିଁ। ଏହି ଧରଣର ଧାରଣା ଅନୁସାରେ କୁହାଯାଉଛି ଯେ, ସେମାନଙ୍କର ସହଯୋଗୀମାନେ କେତେକ ରାଜନୈତିକ ସହମତି ଏ ବିଷୟରେ ଆଣିବାକୁ ପଡ଼ିବ।

ଯାହା ଘଟିପାରେ ତାହା ହେଉଛି ଗୋଟିଏ ରାଜନୈତିକ କ୍ଷମତାର ପରିବର୍ତ୍ତନ ଯାହା ଜନଗଣନାର ପରେ ପରେ ହେବ। ଏ ଗୁଡ଼ିକ ସାଧାରଣ ନିର୍ବାଚନ ୨୦୨୯ ପୂର୍ବରୁ ଘଟିବ ନାହିଁ। ମୁଖ୍ୟତଃ ମୋଦି ସରକାର ତାଙ୍କର ନିଜର ସଂଖ୍ୟା ଗରିଷ୍ଠତା ନଥିବା ହେତୁ ଓ ଏମାନଙ୍କର ମେଣ୍ଟ ଦକ୍ଷିଣ ଭାରତରେ ଟିଡିପି, ଜେଡିଏସ୍ ଓ ଏଆଇଏଡିଏମ୍‌କେ ସାଙ୍ଗରେ ଥିବା ହେତୁ ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଦ୍ଧାରଣ କେମିତି ହେବ ତାହା ଜଣାପଡୁନାହିଁ। ଯେଉଁ ଅନାକାଂକ୍ଷିତ ପରିଣାମଗୁଡ଼ିକ ହେବାର ଅଛି ତାହା ହେଉଛି ପ୍ରାଥମିକ ଅନୁମାନ ଯେ, ଏହି ପରିଣାମଗୁଡ଼ିକ ଅଧିକ ଅନିଶ୍ଚିତ ହେବ ଓ ଅଧିକ ଅନାକାଂକ୍ଷିତ ହେବ। ଗୋଟିଏ ସାଧାରଣ ବିଶ୍ୱସା ଯେ, ବିଜେପି ହେଉଛି ନିର୍ବାଚନ ମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣର ମୁଖ୍ୟ ଲାଭ ପାଉଥିବା ଦଳ। ଏହି ଧାରଣା ହୁଏତ ଠିକ୍ ହୋଇନପାରେ।

### ବିଜେପିର ଲାଭ

ଯଦି ବିଜେପି ଆଶା କରେ ଦକ୍ଷିଣ ଭାରତ ଭିତରକୁ ଏହା ଅଧିକ ମାଡ଼ିଯିବ ଏହା ଦକ୍ଷିଣ ଭାରତର ରାଜ୍ୟମାନଙ୍କର ଚିନ୍ତା ଓ ଭୟକୁ ଦୂର କରିବାକୁ ପଡ଼ିବ। ଦକ୍ଷିଣ ଭାରତର ରାଜ୍ୟମାନେ ଭାବୁଛନ୍ତି ଯେ, ସେମାନଙ୍କର ନିର୍ବାଚନ ମଣ୍ଡଳୀର ସଂଖ୍ୟା କମିଯିବ।

ଯଦିଓ ବିରୋଧୀ ଦଳମାନେ ଗୋଟିଏ ସଂସଦରେ ଦକ୍ଷିଣରୁ ଉତ୍ତର ଭାରତକୁ କ୍ଷମତାର ପରିବର୍ତ୍ତନ ଆଶା ନକରନ୍ତି, ସେମାନଙ୍କର ମଧ୍ୟରେ ଏକତା ଆସିବ ନାହିଁ ନିଶ୍ଚିତ ଭାବରେ। ସମାଜବାଦୀ ପାର୍ଟି, ଆର୍‌ଜେଡି, ବିଜେଡି ଓ ଏପରିକି କଂଗ୍ରେସ ମଧ୍ୟ ଏ ସମ୍ପର୍କରେ ନିର୍ବାଚନ ମଣ୍ଡଳୀ, ପୁନଃ ସୀମା ନିର୍ଦ୍ଧାରଣ ବିରୁଦ୍ଧରେ ନିଷ୍ପତ୍ତି ନେଇପାରିବ ନାହିଁ।

ଯଦି ଜେଡିୟୁ ବିଜେପି ମେଣ୍ଟ ବିହାର ନିର୍ବାଚନରେ ଅସୁବିଧା ଭୋଗ କରନ୍ତି, ତା'ହେଲେ ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଦ୍ଧାରଣ ଆଉ ଗୋଟିଏ ସମସ୍ୟା ହୋଇରହିବ। ଏହାଫଳରେ ରାଜ୍ୟମାନଙ୍କର କେନ୍ଦ୍ରରେ ଏକ ପ୍ରମୁଖ ଭୂମିକା ରହିବ। ଏହାପରେ କଂଗ୍ରେସ ଓ ଆର୍‌ଜେଡି ସେମାନଙ୍କର ଭୂମିକାକୁ ବଦଳାଇ ପାରିବେ କି ? ଯଦି କଂଗ୍ରେସ କେବେ ଚାହେଁ କେନ୍ଦ୍ରରେ କ୍ଷମତାକୁ ଆସିବାକୁ ୨୦୦ରୁ ଅଧିକ ଆସନ ନେଇ ଏମାନଙ୍କ ମଧ୍ୟରୁ ଅଧିକାଂଶ ଆସନ ଉତ୍ତର ପ୍ରଦେଶରୁ ଆସିବାକୁ ପଡ଼ିବ। କାରଣ ଏହା ହେଉଛି ଗୋଟିଏ ମେଣ୍ଟ ଯାହା ଇଣ୍ଡିଆ ବ୍ଲକ୍‌ରେ ରହିବ।

### ମୁଣ୍ଡଗଣତି ଯାହା କହେ

ମୁଣ୍ଡଗଣତି ଯାହା କରେ ତାହା କହୁଛି ଭବିଷ୍ୟତର ନିର୍ବାଚନ ମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପାଇଁ ଅଧିକ ଆସନ ସୃଷ୍ଟି କରିବ ଯେଉଁମାନଙ୍କର ଜନସଂଖ୍ୟା ବଢ଼ିଯାଇଛି। ଏ ଧରଣର ଗୋଷ୍ଠୀମାନେ ମଧ୍ୟ ସେମାନଙ୍କର ଆସନ ସଂଖ୍ୟା ବଢ଼ାଇବା ପାଇଁ ଚାହିଁବେ। ଗତ ଜନଗଣନାରେ ଯଦିଓ ଲୋକସଭା ଆସନମାନଙ୍କର ସଂଖ୍ୟା ୫୪୩ ଥିଲା ଏଥିରେ ଅନୁସୂଚିତ ଜାତି ଓ ଜନଜାତିମାନଙ୍କର ଜନସଂଖ୍ୟା କେବେ ଠାରୁ ବଢ଼ିଯାଇଛି। ୧୯୯୧ର ଜନଗଣନା ତୁଳନାରେ ଏହା ବଢ଼ିଛି। କାରଣ ବର୍ତ୍ତମାନର ନିର୍ବାଚନମଣ୍ଡଳୀମାନଙ୍କର ସଂଖ୍ୟା ଓ ଆରକ୍ଷଣ ୧୯୭୧ର ଜନଗଣନା ଅନୁସାରେ କରାଯାଇଛି।

ମହିଳାମାନଙ୍କର ଆରକ୍ଷଣକୁ ଏଥର ଲାଗୁ ହୋଇପାରେ ଯଦି ମୋଟ ଲୋକସଭାମାନଙ୍କର ଆସନ ସଂଖ୍ୟା ବୃଦ୍ଧିପାଏ। ଏହା ଯଦି ନହୁଏ, ତେବେ ବର୍ତ୍ତମାନର ଅନେକ ସାଂସଦ ଓ ବିଧାୟକମାନେ ଦେଖିବେ ଯେ, ସେମାନଙ୍କର ଆସନ ସଂଖ୍ୟା ଚାଲିଯାଇଛି ମହିଳାମାନଙ୍କ ପାଇଁ ଯାହା ଦଳମାନଙ୍କ ମଧ୍ୟରେ ବହୁତ ବଡ଼ ହୃଦ୍‌ଜ୍ୱଳନ ସୃଷ୍ଟି କରିବ।

### ଅଧିକ ଶିକ୍ଷା

ଜାତି ଜନଗଣନା ଅଧିକ ଶିକ୍ଷାର କଥା କହିବ ଓ ଚାକିରି କ୍ଷେତ୍ରରେ କୋଟାର ପ୍ରଶ୍ନ ଉଠାଇବ। ଏଥିରେ ମୋଟ ଆରକ୍ଷଣ ଆସନମାନଙ୍କର ସଂଖ୍ୟା ୪୯%ରୁ ହୁଏତ ଅଧିକ ହୋଇପାରେ। ଯାହାକୁ ସୁପ୍ରିମକୋର୍ଟ ତାଙ୍କର ଇନ୍ଦିରା ସାଓନି ରାଓରେ କହିଛନ୍ତି। ଏହି ସୀମାକୁ ବନ୍ଧା ହୋଇଛି ଯେ, ପୂର୍ବ ଅଦାଲତ ଗ୍ରହଣ କରିଛି ଯେ, ଭାରତ ସରକାରଙ୍କର ଯୁକ୍ତି ଆଉ ଅତିରିକ୍ତ ୧୦% ଆରକ୍ଷଣ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ବ୍ୟକ୍ତିମାନଙ୍କ ଦିଆଯାଉ। ଯେତେବେଳେ ତାମିଲନାଡୁ ଗୋଟିଏ ତା'ର ଆରକ୍ଷଣ ସଂଖ୍ୟାକୁ ୭୯ପ୍ରତିଶତକୁ ବଢ଼ାଇଛି। ଏବେ ଚାପ ସୃଷ୍ଟିହେବ ଯେ, ମୋଟ ଆରକ୍ଷଣର ସୀମା ୫୦%ରୁ ଅଧିକ କରାଯାଉ। ଘରୋଇ କ୍ଷେତ୍ରରେ ମଧ୍ୟ ଆରକ୍ଷଣ ବ୍ୟବସ୍ଥା ଲାଗୁ ହେଉ ବୋଲି ଦାବି ହେବ। ମୋଦି ସରକାରଙ୍କ ପାଇଁ ଏ ସମ୍ପର୍କରେ ଗୋଟିଏ ସହମତି ଆଣିବା କଷ୍ଟକର କଥା। ଏଥିପାଇଁ ବର୍ତ୍ତମାନ ଯେଉଁ ଉତ୍ତେଜନା ସୃଷ୍ଟି ହେଉଛି ଓ ସେଥିପାଇଁ ଯେଉଁ ହିସାବ ହେଉଛି ତାହା ହେଉଛି ବାସ୍ତବ। ଏଥିପାଇଁ କୁହାଯାଉଛି ଯେ, ସହମତି ଆଣିବା ପାଇଁ ବର୍ତ୍ତମାନ ଚେଷ୍ଟା ଚାଲିଛି।

ଏହା ମୋଦି ସରକାରଙ୍କ ପାଇଁ ପରିବର୍ତ୍ତନ ଆଣିବାକୁ ୨୦୨୯ ନିର୍ବାଚନରେ କିଛି ଗୋଟିଏ ସହଜସାଧ୍ୟ ହେବ ତା' ହୋଇନପାରେ। ସବୁ ବିରୋଧୀ ଦଳମାନଙ୍କ ପାଇଁ ଏହା ମଧ୍ୟ ସଫଳ ହେବ ନାହିଁ। ଆଞ୍ଚଳିକ ଦଳମାନେ ନିଶ୍ଚିତ ଭାବରେ ଯୁକ୍ତି କରିବେ ଓ ବିଜେପି ମଧ୍ୟ ଅରାଜି ହୋଇନପାରେ ତା'ର ନିଜର କିଛି କାର୍ଯ୍ୟକ୍ରମ ଏହି ଘଟଣାରେ ପ୍ରୟୋଗ କରିବା ପାଇଁ। ବିଜେପିର ଗୋଟିଏ ଯୁକ୍ତି ହେଉଛି ଗୋଟିଏ ରାଷ୍ଟ୍ର ଓ ଗୋଟିଏ ନିର୍ବାଚନ। ସେଥିପାଇଁ ନିର୍ବାଚନ ମଣ୍ଡଳୀର ପୁନଃ ସୀମା ନିର୍ଦ୍ଧାରଣର ଆବଶ୍ୟକତା ଅଛି। ଯାହା ରାଜନୈତିକ ଚାତୁରିକୁ ବୁଝାଇପାରେ। ଗୋଟିଏ ବ୍ୟକ୍ତିକୁ ବୁଝାଇବାକୁ ପଡ଼ିବ ଯେ, ଜନଗଣନାର ଶେଷ ସଂଖ୍ୟା ହେବ ନିର୍ବାଚନ ପ୍ରସଙ୍ଗ ୨୦୨୯ରେ। କିନ୍ତୁ ଏହା ଏକ ବାସ୍ତବ ପରିବର୍ତ୍ତନ ଏହି ସମୟରେ ନହୋଇପାରେ। ଯେ ପର୍ଯ୍ୟନ୍ତ ଜନଗଣନା ହୋଇନାହିଁ ଏବଂ ବର୍ତ୍ତମାନ ଗୋଟିଏ ଅଗ୍ରଗାମୀ କ୍ଷେତ୍ରରେ ଅଛି। ଆଗାମୀ କେତେ ବର୍ଷ ମଧ୍ୟରେ ଏହାକୁ ପ୍ରମାଣିତ କରିବାକୁ ହେବ। ବର୍ତ୍ତମାନ ଏ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସହମତିର ପରିବର୍ତ୍ତନ ହୋଇଛି ଏବଂ ଜନଗଣନାର ପରିବର୍ତ୍ତନ ହୋଇଛି। ବର୍ତ୍ତମାନ ନିର୍ବାଚନ ମଣ୍ଡଳୀମାନଙ୍କର ପୁନଃ ସୀମା ନିର୍ଦ୍ଧାରଣ ଯାହା ହେବାକୁ ଯାଉଛି ତାହା ଅତି ଗୁରୁତର ବ୍ୟାପାର ଅଟେ ଯାହା ଭବିଷ୍ୟତରେ କିଛି ଗୋଟିଏ ସମାଧାନ ଆଣିବ। ଏହାର ଯେଉଁ ପରିମାଣଗୁଡ଼ିକ ଆସିବ ସେଗୁଡ଼ିକ ତାହା କୌଣସି ସରକାରୀ କ୍ଷେତ୍ରରେ ବୁଝାମଣା କରିବ ନାହିଁ। ସେଥିପାଇଁ ଗୋଟିଏ ସହମତି ଏପର୍ଯ୍ୟନ୍ତ ଅଣାଯାଇ ପାରିନାହିଁ। ଆଗାମୀ ୨୦୨୯ ନିର୍ବାଚନ ପୂର୍ବରୁ ଏହା କରାଯାଇପାରିବ କି କ'ଣ ତାହା ମଧ୍ୟ ଜଣାନାହିଁ। ଜନଗଣନା ଓ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ନେଇ ବର୍ତ୍ତମାନ ଯେଉଁ ପ୍ରବଳ ମତଭେଦ ଉତ୍ତର ଓ ଦାକ୍ଷିଣାତ୍ୟର ରାଜ୍ୟମାନଙ୍କ ମଧ୍ୟରେ ଚାଲିଛି ତାହାର ସମାଧାନ ହୋଇପାରିବ ଯଦି ନିର୍ବାଚନ ମଣ୍ଡଳୀମାନଙ୍କର ସଂଖ୍ୟାକୁ ଯେଉଁ ଅନୁପାତରେ ଥିଲା ସେମାନଙ୍କୁ ସେହି ଅନୁପାତରେ ରଖାଯାଏ ଓ ନିର୍ବାଚନ ମଣ୍ଡଳୀମାନଙ୍କର ଜନଂସଖ୍ୟା କମାଇ ଦିଆନଯାଏ। ୨୦୨୭ର ଜନଗଣନାର ସମ୍ଭାବନା ଅଛି ବର୍ତ୍ତମାନର ନିର୍ବାଚନର କ୍ଷମତାକୁ ବଦଳାଇବା। କିନ୍ତୁ ପୂର୍ବଥର ଯେତେବେଳେ ଏହି ଜନଗଣନା କରାଯାଇଥିଲା ସେତେବେଳେ ତାହାକୁ ବର୍ତ୍ତମାନର ଆସନ ସଂଖ୍ୟା ଭିତରେ ବାଣ୍ଟିଂ ଦିଆଯାଇଥିଲା। ବର୍ତ୍ତମାନ ଯଦି ମଧ୍ୟ ସେୟା କରାଯାଏ, ତା' ହେଲେ କୌଣସି ପରିବର୍ତ୍ତନ ହେବ ନାହିଁ ଏବଂ କୌଣସି ଅଞ୍ଚଳର ଲୋକ କ୍ଷତିଗ୍ରସ୍ତ ହେବେ ନାହିଁ।

ତେବେ ସରକାରୀ ଚାକିରିରେ ଆରକ୍ଷଣର ବୃଦ୍ଧି ଏକ ବଡ଼ କଥା ଅଟେ। ଯାହାକୁ ସୁପ୍ରିମକୋର୍ଟ କହିନାହିଁ ଓ କରିବ ମଧ୍ୟ ନାହିଁ।

# ଆତଙ୍କବାଦ ଏକ କ୍ଷଣସ୍ଥାୟୀ ଝଡ଼ ନୁହେଁ, ଏହା ଏକ ନିରନ୍ତର ବିପଦ



ମାନସ କୁମାର କର
କୋତାଙ୍ଗ, କୋଣାର୍କ
ମୋ: ୭୩୮୧୩୮୨୨୧୦

ଭାରତର ବ୍ୟସ୍ତବହୁଳ ଗଣତନ୍ତ୍ରର କୋଳାହଳମୟ ପରିବେଶରେ ଯେଉଁଠାରେ ବିତର୍କ ଉଷ୍ମ ହୁଏ, ନିର୍ବାଚନ ଉତ୍ସାହର ସହିତ ଲଢ଼େ ଏବଂ ଆଦର୍ଶଗତ ରେଖା ଗଭୀର ଭାବରେ ଲମ୍ବିଥାଏ ଏହା ବିଶ୍ୱାସ କରିବା ସହଜ ଯେ ରାଜନୈତିକ ମତଭେଦ ଆମର ଜାତୀୟ ଚରିତ୍ରକୁ ପରିଭାଷିତ କରେ। ତଥାପି, ଏହି କୋଳାହଳପୂର୍ଣ୍ଣ ପୃଷ୍ଠ ତଳେ ଏକ ନୀରବ, ଅଧିକ ଶକ୍ତିଶାଳୀ ସତ୍ୟ ରହିଛି: ଯେତେବେଳେ ଦେଶର ସାର୍ବଭୌମତ୍ୱ ଏବଂ ସୁରକ୍ଷା ବିପଦରେ ପଡ଼ିଥାଏ, ସେତେବେଳେ ଭାରତୀୟମାନେ ଦଳଗତ ରେଖା ବାହାରେ ଏକ ହୋଇ ଠିଆ ହୁଅନ୍ତି। ଭୟଙ୍କର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଧୁରରେ ଦୃଢ଼ ସାମରିକ ପ୍ରତିକ୍ରିୟା ପରେ ଏକ ସର୍ବଦଳୀୟ ସଂସଦୀୟ ପ୍ରତିନିଧିମଣ୍ଡଳୀର ସାମ୍ପ୍ରତିକ ଗଠନ ଏବଂ ଅନ୍ତର୍ଜାତୀୟ ସମ୍ପର୍କ ଏକ ମର୍ମସ୍ପର୍ଶୀ ଏବଂ ଆବଶ୍ୟକୀୟ ସ୍ମରଣକାରୀ ଭାବରେ ଠିଆ ହୋଇଛି ଯେ ଆତଙ୍କବାଦ ବିରୁଦ୍ଧରେ ଯୁଦ୍ଧରେ, ଏକତା ଏକ ବିକଳ୍ପ ନୁହେଁ ଏହା ଏକ ଜାତୀୟ ଜରୁରି ମଧ୍ୟ।

ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ କେବଳ ଆଉ ଏକ ଅର୍ଥହୀନ ହିଂସାର କାର୍ଯ୍ୟ ନଥିଲା; ଏହା ଭାରତର ଆତ୍ମା ଉପରେ ଏକ ଆକ୍ରମଣ ଥିଲା। ଯେତେବେଳେ ଆତଙ୍କବାଦୀମାନେ କେବଳ ମାନବ ଜୀବନକୁ ନୁହେଁ ବରଂ ଗଣତନ୍ତ୍ରର ଆତ୍ମାକୁ ମଧ୍ୟ ଟାର୍ଗେଟ୍ କରନ୍ତି, ସେତେବେଳେ ଭାରତର ଧାରଣା ହିଁ ଘେରାବନ୍ଦୀ ହୋଇଯାଏ। ଏପରି ଭୟଙ୍କରତାର ଉପଯୁକ୍ତ ଜବାବ ଦଳୀୟ ରେଖା ସହିତ ଦିଆଯାଇ ପାରିବ ନାହିଁ; ଏହା ଏକ ମିଳିତ ଜାତୀୟ ବିବେକରୁ ଉଭା ହେବା ଉଚିତ। ସୀମାପାର ଆତଙ୍କବାଦୀ ଉପାଦାନଗୁଡ଼ିକ ବିରୁଦ୍ଧରେ ଏକ ଦ୍ରୁତ ଏବଂ ସାହସିକ ସାମରିକ କାର୍ଯ୍ୟାନୁଷ୍ଠାନ, ଅପରେସନ ସିନ୍ଦୂର, ସରକାରଙ୍କ ନିର୍ଣ୍ଣାୟକ ଭାବରେ କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତତାକୁ ପ୍ରଦର୍ଶନ କରିଥିଲା। କିନ୍ତୁ ଏହା ପରେ ଯାହା ଘଟିଥିଲା, ଭାରତର ସ୍ୱରକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଏକ ସର୍ବଦଳୀୟ ପ୍ରତିନିଧିମଣ୍ଡଳ ପ୍ରେରଣ ଯାହା ପ୍ରକୃତରେ ଏକ ପରିପକ୍ୱ ଗଣତାନ୍ତ୍ରିକ ନୀତିକୁ ପ୍ରତିଫଳିତ କରିଥିଲା।

ପ୍ରତୀକାତ୍ମକତା ଗଭୀର ଥିଲା। ଯେତେବେଳେ ବିଶ୍ୱ ଭାରତର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ, ଯେଉଁମାନେ ପ୍ରାୟତଃ ସଂସଦରେ ଜୋରଦାର କଥା କୁହନ୍ତି, ସେମାନଙ୍କୁ ଏକ ସମସ୍ୟାର ସମାଧାନ ପାଇଁ ପାଖରେ ଠିଆ ହୋଇଥିବାର ବିଶ୍ୱ ଯେତେବେଳେ ଦେଖେ, ସେତେବେଳେ ଏହା ଧ୍ୟାନ ଦିଏ। ଏହା ସଂକୀର୍ଣ୍ଣ ଅର୍ଥରେ ଏକ ସରକାରୀ ପ୍ରତିନିଧିମଣ୍ଡଳ ନଥିଲା ଏହା ଏକ ଭାରତୀୟ ପ୍ରତିନିଧିମଣ୍ଡଳ ଥିଲା। ବାର୍ତ୍ତା ସ୍ପଷ୍ଟ ଥିଲା, ଆତଙ୍କବାଦ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ ଯାହାକୁ ନିର୍ବାଚନୀ ଲାଭ ପାଇଁ ବ୍ୟବହାର କରାଯାଇ ପାରିବ, ବରଂ ଏକ ମିଳିତ ବିପଦ ଯାହା ପାଇଁ ସାମୂହିକ ସଂକଳ୍ପ ଆବଶ୍ୟକ।

ବହୁତ ଦିନ ଧରି, ଜାତୀୟ ସୁରକ୍ଷା ପ୍ରସଙ୍ଗଗୁଡ଼ିକ ରାଜନୈତିକ କାଦୁଅ ଫିଙ୍ଗାଫିଙ୍ଗି ପାଇଁ ଖାଦ୍ୟ ପାଲଟିଛି। କିନ୍ତୁ ଆତଙ୍କବାଦ ଗେରୁଆ, ସବୁଜ କିମ୍ବା ଲାଲ ନୁହେଁ, ଏହା ଏକ ଅନ୍ଧାର ଏବଂ ନିଷ୍କ୍ରିୟ ଶକ୍ତି। ଏବଂ ଏହା ସହିତ ପ୍ରଭାବଶାଳୀ ଭାବରେ ଲଢ଼ିବା ପାଇଁ, ଆମକୁ ଭାରତର ସମସ୍ତ ଗଣତାନ୍ତ୍ରିକ ରଙ୍ଗଙ୍କୁ ଏକତ୍ରିତ କରିବା ଆବଶ୍ୟକ।

ଏହି ପ୍ରତିନିଧିମଣ୍ଡଳର ଗୁରୁତ୍ୱ ପ୍ରତୀକାତ୍ମକତା ଠାରୁ ଅଧିକ। ଆଜିର ବିଶ୍ୱ ପରସ୍ପର ସହିତ ଜଡ଼ିତ ଏବଂ ଆତଙ୍କବାଦ ଏକ ବହୁଦେଶୀୟ ପଶୁ। ଏହାର ନେଟୱାର୍କ ମହାଦେଶଗୁଡ଼ିକରେ କାର୍ଯ୍ୟ କରେ, ଏହାର ପାଣ୍ଠି ଛାୟାମୟ ଚ୍ୟାନେଲଗୁଡ଼ିକ ମାଧ୍ୟମରେ ଗତି କରେ ଏବଂ ଏହାର ପ୍ରଚାର ସାଇବରସ୍ପେସ୍‌ରେ ମନକୁ ସଂକ୍ରମିତ କରେ। କୌଣସି ଏକକ ଦଳ, ଯେତେ ଶକ୍ତିଶାଳୀ ହେଉନା କାହିଁକି, ଏକାକୀ ଏହାର ମୁକାବିଲା କରିପାରିବ ନାହିଁ। କିମ୍ବା ଏକକ ସରକାର ଏକାକୀ ଏହି ଭାର ବହନ କରିପାରିବ ନାହିଁ। ଭାରତର ସ୍ୱର ବିଶ୍ୱ ମଞ୍ଚରେ ସବୁଠାରୁ ଶକ୍ତିଶାଳୀ ହୋଇଥାଏ ଯେତେବେଳେ ଏହା ଏକ ସଂଯୁକ୍ତ ସଂସଦରୁ ଉଭା ହୁଏ, କେବଳ ଏକ ଶାସକ ମେଣ୍ଟରୁ ନୁହେଁ।

ଗଣତନ୍ତ୍ର ଭାବରେ ଭାରତର ଶକ୍ତି ଏହାର ବିବିଧତା ଉପରେ ନିର୍ମିତ: ଭାଷାଗତ, ସାଂସ୍କୃତିକ, ଧାର୍ମିକ ଏବଂ ରାଜନୈତିକ। ଏହି ଜଟିଳତା ସତ୍ତ୍ୱେ ଆମେ କାର୍ଯ୍ୟ ଜାରି ରଖିବା ଆମର ସାଂଗଠନିକ ସ୍ଥିରତା ପ୍ରତି ଶ୍ରଦ୍ଧାଞ୍ଜଳି। କିନ୍ତୁ ଜାତୀୟ ସଙ୍କଟର ମୁହୂର୍ତ୍ତଗୁଡ଼ିକ କାର୍ଯ୍ୟକ୍ଷମତା ଅପେକ୍ଷା ଅଧିକ ଦାବି କରେ । ୨୬/୧୧ ଆକ୍ରମଣର ଆଘାତ ଠାରୁ ପୁଲୱାମା ଏବଂ ବର୍ତ୍ତମାନ ପହଲଗାମ୍ ପର୍ଯ୍ୟନ୍ତ, ଆମେ ଏହି ଏକତାର ଝଲକ ଦେଖିଛୁ। ଆମକୁ ଏବେ ଏହାକୁ କେବଳ ଏକ ପ୍ରତିଫଳନ ନୁହେଁ, ଏକ ଅଭ୍ୟାସ କରିବାକୁ ପଡିବ। ସମାଲୋଚକମାନେ ପ୍ରାୟତଃ ସର୍ବଦଳୀୟ ପ୍ରତିନିଧିମଣ୍ଡଳକୁ ପ୍ରତୀକାତ୍ମକ କିମ୍ବା ପ୍ରଭାବହୀନ ଭାବରେ ଖାରଜ କରନ୍ତି ସତ୍ୟ, କିନ୍ତୁ ସେମାନେ ବାଧ୍ୟତାମୂଳକ ପ୍ରସ୍ତାବ ପାସ୍ କରିପାରିବେ ନାହିଁ କିମ୍ବା ଚୁକ୍ତିପତ୍ରରେ ସ୍ୱାକ୍ଷର କରିପାରିବେ ନାହିଁ। କିନ୍ତୁ ଅନ୍ତର୍ଜାତୀୟ କୂଟନୀତିରେ, ପ୍ରତୀକଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ସେମାନେ ଧାରଣାକୁ ଆକାର ଦିଅନ୍ତି ଏବଂ ଧାରଣା ଫଳାଫଳକୁ ଆକାର ଦିଏ। ଯେତେବେଳେ ବିଶ୍ୱ ଭାରତକୁ ଏକତା ଦେଖେ – ଖଣ୍ଡ ଖଣ୍ଡ ନୁହେଁ – ଏହା ଆମର ନୈତିକ ଯୁକ୍ତିକୁ ମଜବୁତ କରେ, ଆମର ବିଶ୍ୱସନୀୟତାକୁ ଉଚ୍ଚ କରିଥାଏ ଏବଂ ସହଯୋଗୀ ଏବଂ ପ୍ରତିପକ୍ଷଙ୍କ ସମ୍ମାନ ଅର୍ଜନ କରିଥାଏ।

ଏହି ଏକତା ବିପଜ୍ଜନକ କାହାଣୀକୁ ମଧ୍ୟ ପ୍ରତିହତ କରେ। ବିଭିନ୍ନ ଧର୍ମ, ଅଞ୍ଚଳ ଏବଂ ବିଚାରଧାରାର ସାଂସଦମାନଙ୍କୁ ଏକାଠି କରି – ସେ ଜଣେ ମୁସଲିମ କଂଗ୍ରେସ ନେତା, ଜଣେ ଶିଖ ବିଜେପି ପ୍ରତିନିଧି, କିମ୍ବା ଜଣେ ଦକ୍ଷିଣ ଆଞ୍ଚଳିକ ଦଳର ବ୍ୟକ୍ତି ହୁଅନ୍ତୁ – ପ୍ରତିନିଧିମଣ୍ଡଳୀ ସ୍ପଷ୍ଟ ଭାବରେ ଏହି ଦାବିକୁ ଖଣ୍ଡନ କରିଥିଲେ ଯେ ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇ ରାଜନୈତିକ କିମ୍ବା ସାମ୍ପ୍ରଦାୟିକ ଭାବରେ ପରିଚାଳିତ ନୁହେଁ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟକୁ ଗୁରୁତ୍ୱାରୋପ କରିଥିଲା: ଭାରତର ଲଢ଼େଇ କୌଣସି ଧର୍ମ କିମ୍ବା ସମ୍ପ୍ରଦାୟ ବିରୁଦ୍ଧରେ ନୁହେଁ, ବରଂ ହିଂସା ମାଧ୍ୟମରେ ଗଣତନ୍ତ୍ର ଏବଂ ଶାନ୍ତିକୁ ବିପଦରେ ପକାଉଥିବା ଲୋକଙ୍କ ବିରୁଦ୍ଧରେ।

ତଥାପି, ଦ୍ୱିପାକ୍ଷିକ ମନୋଭାବ କେବଳ ବିଦେଶୀ ମିଶନରେ ସୀମିତ ରହିବା ଉଚିତ୍ ନୁହେଁ କିମ୍ବା କେବଳ ଦୁଃଖ ସମୟରେ ଉଭା ହେବା ଉଚିତ୍ ନୁହେଁ। ଏହାକୁ ଆମର ଘରୋଇ ରାଜନୈତିକ ସଂସ୍କୃତିର ଗଠନରେ ବୁଣାଯିବା ଆବଶ୍ୟକ। ଏକ ସ୍ଥାୟୀ ଜାତୀୟ ସୁରକ୍ଷା ପରିଷଦ କଳ୍ପନା କରନ୍ତୁ ଯେଉଁଥିରେ ସରକାର ଏବଂ ବିରୋଧୀ ଉଭୟର ନେତା ଅନ୍ତର୍ଭୁକ୍ତ। ଆତଙ୍କବାଦ ବିରୋଧୀ, ସାଇବର ସୁରକ୍ଷା ଏବଂ ଗୁପ୍ତଚର ସଂସ୍କାର ଉପରେ ନିୟମିତ ସର୍ବଦଳୀୟ ସୂଚନା ପ୍ରଦାନ କରନ୍ତୁ। ଏଗୁଡ଼ିକ ୟୁଟୋପିଆନ୍ ସ୍ୱପ୍ନ ନୁହେଁ – ଜାତୀୟ ସ୍ୱାର୍ଥ ସମ୍ପର୍କରେ ସହଯୋଗକୁ ପ୍ରତିଷ୍ଠା କରିବା ଦିଗରେ ଏଗୁଡ଼ିକ ବାସ୍ତବବାଦୀ ପଦକ୍ଷେପ।

ଦ୍ୱିପାକ୍ଷିକତା, ଗୁରୁତ୍ୱପୂର୍ଣ୍ଣ ଭାବରେ, ସମାଲୋଚନାର ଅନ୍ତ ନୁହେଁ। ବିପରୀତରେ, ଗଠନମୂଳକ ସମାଲୋଚନା ଗଣତନ୍ତ୍ରକୁ ସୁଦୃଢ଼ କରେ। କିନ୍ତୁ ନିର୍ବାଚନୀ ପ୍ରତିଯୋଗିତା ଏବଂ ଅସ୍ତିତ୍ୱର ବିପଦ ମଧ୍ୟରେ ପାର୍ଥକ୍ୟ କରିବାର କ୍ଷମତା ହିଁ ଏକ ପରିପକ୍ୱ ରାଷ୍ଟ୍ରକୁ ପରିଭାଷିତ କରେ। ଯେତେବେଳେ ଆତଙ୍କବାଦ ଆକ୍ରମଣ କରେ, ସେତେବେଳେ କୌଣସି ଶାସକ ଦଳ କିମ୍ବା ବିରୋଧୀ ଦଳ ନଥାଏ– କେବଳ ଭାରତ। ଏବଂ ସେହି ମୁହୂର୍ତ୍ତଗୁଡ଼ିକରେ, ତ୍ରିରଙ୍ଗା ଯେକୌଣସି ଦଳର ବ୍ୟାନର ଅପେକ୍ଷା ଉଚ୍ଚରେ ଉଡ଼ିବା ଉଚିତ୍।

ଭାରତ ଏକ ଶକ୍ତିଶାଳୀ ପ୍ରତିରକ୍ଷା ପ୍ରତିଷ୍ଠାନ, ଦକ୍ଷ ଗୁଇନ୍ଦା ସଂସ୍ଥା ଏବଂ ଏକ କୂଟନୈତିକ ବାହିନୀ ପାଇବା ପାଇଁ ଭାଗ୍ୟବାନ। କିନ୍ତୁ ଜାତୀୟ ଶକ୍ତିର ଏହି ସ୍ତମ୍ଭଗୁଡ଼ିକ କେବଳ ଏକ ମିଳିତ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ସମର୍ଥିତ ହେଲେ ସେମାନଙ୍କର ପୂର୍ଣ୍ଣ ସମ୍ଭାବନାରେ ପହଞ୍ଚିପାରିବେ। ସର୍ବଦଳୀୟ ପ୍ରତିନିଧିମଣ୍ଡଳ, ଏହାର ଆତ୍ମା ଏବଂ ସାରାଂଶରେ, କ୍ଷୁଦ୍ର ପ୍ରତିଦ୍ୱନ୍ଦ୍ୱିତାରୁ ମୁକ୍ତ ହେଲେ ସେହି ରାଜନୈତିକ ଇଚ୍ଛାଶକ୍ତି କିପରି ଦେଖାଯାଇପାରେ ତାହାର ଏକ ଆଶାଜନକ ଝଲକ ପ୍ରଦାନ କରେ। ପ୍ରତିନିଧିମଣ୍ଡଳ ଏହାର ଯାତ୍ରା ସମାପ୍ତ କରିବା ସମୟରେ, ଏହି ମୁହୂର୍ତ୍ତକୁ ନିୟମିତ ରାଜନୀତିରୁ ଏକ ସଂକ୍ଷିପ୍ତ ପରିବର୍ତ୍ତନ ଭାବରେ ଫାଇଲ କରିବା ଏକ ଭୁଲ ହେବ। ଏହା ପ୍ରତିନିଧିତ୍ୱ କରୁଥିବା ଏକତାକୁ ସହ୍ୟ କରିବାକୁ ପଡିବ। କାରଣ ଆତଙ୍କବାଦ ଏକ କ୍ଷଣସ୍ଥାୟୀ ଝଡ଼ ନୁହେଁ, ଏହା ଏକ ନିରନ୍ତର ବିପଦ ଏବଂ ଆମର ପ୍ରତିକ୍ରିୟା ସମାନ ଭାବରେ ସ୍ଥାୟୀ ହେବା ଉଚିତ୍। ଏହାକୁ କାର୍ଯ୍ୟ ପାଇଁ ଆହ୍ୱାନ ହେବାକୁ ଦିଅନ୍ତୁ। ଏକ ସ୍ମରଣକାରୀ ଯେ ଯେତେବେଳେ ଦାଉ ଉଚ୍ଚ ଥାଏ, ଆମର ବିଭାଜନ ଏବଂ ଏକ ଗଭୀର ଆନୁଗତ୍ୟକୁ ବାଟ ଦେଇପାରେ: ଦଳ ପ୍ରତି ନୁହେଁ, ବିଚାରଧାରା ପ୍ରତି ନୁହେଁ, ବରଂ ଗଣରାଜ୍ୟ ପ୍ରତି। ଯଦି ଆମେ ବିଦେଶରେ ଏକାଠି ଠିଆ ହୋଇପାରିବା, ତେବେ ଆମେ ନିଶ୍ଚିତ ଭାବରେ ଘରେ ଭଲ ଭାବରେ ଶୁଣିପାରିବା। ଯଦି ଆମେ ତାହା କରିପାରିବା, ତେବେ ଆମେ ଆମ ଦେଶ ଭାରତର ଧାରଣାକୁ ରକ୍ଷା କରିବା ସଙ୍ଗେ ସଙ୍ଗେ, ଆମେ ଆମ ଦେଶକୁ ଆତଙ୍କବାଦରୁ ମୁକ୍ତ କରି ମସ୍ତକକୁ ଉଚ୍ଚ କରିବା।

# ଉତ୍ତର-ପୂର୍ବାଞ୍ଚଳରେ ମୌସୁମୀର କ୍ରୋଧ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗୁଆ ପ୍ରବେଶ ଯେତିକି ସୁଖଦ ଥିଲା ଏବେ, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକ ତଥା ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଏବଂ ଉତ୍ତର ସିକିମରେ ଏହାର କରାଳ ରୂପ ସେତିକି ଦୁଃଖ, ଦୁର୍ଦ୍ଦଶାର କାରଣ ପାଲଟିଛି ବୋଲି କୁହାଯାଇପାରିବ। କେରଳରେ ମୌସୁମୀ ପ୍ରବେଶ କରିବା ପରେ ଉତ୍ତର-ପୂର୍ବ ଅଭିମୁଖେ ଅଗ୍ରସର ହେବା ସହ ଏହାର କରାଳ ରୂପ ପ୍ରକାଶ କରିଛି। ପ୍ରବଳ ମୌସୁମୀ ଜନିତ ପ୍ରବଳ ବର୍ଷାରେ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡିକରେ ପ୍ରଳୟଙ୍କାରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆସାମର ୧୦ଟି ବଡ଼ ବଡ଼ ନଦୀ ଗୁଡିକରେ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀଗୁଡିକ ବିଭିନ୍ନ ସ୍ଥାନରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ବନ୍ୟା ପ୍ରଭାବରେ ରାଜ୍ୟର ୧୯ଟି ଜିଲ୍ଲାରେ ୩ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ଜନସାଧାରଣଙ୍କର ଦୈନନ୍ଦିନ କାର୍ଯ୍ୟ ଠପ୍ ହୋଇଯାଇଛି। ହଜାର ହଜାର ଗ୍ରାମ ବନ୍ୟା ଜଳ ଘେରରେ ଜଳବନ୍ଦୀ ହୋଇଯାଇଥିବା ସମୟରେ ଗମନାଗମନ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଗତ ଚାରିଦିନ ଧରି ମୌସୁମୀ ପ୍ରଭାବରେ ପ୍ରବଳ ବର୍ଷା ଓ ତତ୍‌ସହିତ ବନ୍ୟା ଯୋଗୁଁ ବର୍ତ୍ତମାନ ସୁଦ୍ଧା ୩୧ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ଏହା ନିଃସନ୍ଦେହ ଯେ, ଆସାମ ଏକ ବନ୍ୟା ପ୍ରବଣ ରାଜ୍ୟ ଭାବେ ପରିଚିତ। ମୌସୁମୀ ଋତୁର ଆରମ୍ଭରୁ ରାଜ୍ୟର ଜନସାଧାରଣ ଯେପରି ବନ୍ୟା ଓ ବର୍ଷା ଉବୁଟୁବୁ ହୋଇଛନ୍ତି। ଆଗକୁ ପରିସ୍ଥିତି ଆହୁରି ଭୟଙ୍କର ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ତ୍ରିପୁରାରେ ମଧ୍ୟ ଅନୁରୂପ ଅବସ୍ଥା। ତ୍ରିପୁରାରେ ପ୍ରବଳ ମୌସୁମୀ ଜନିତ ବର୍ଷା ଯୋଗୁଁ ବହୁ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବାବେଳେ ସପ୍ତାହ ଶେଷ ବେଳକୁ ଆହୁରି ପ୍ରବଳରୁ ପ୍ରବଳତର ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉଭୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟରେ ବର୍ଷା ଜନିତ ଭୂସ୍ଖଳନ, ବନ୍ୟା, ଆକସ୍ମିକ ବନ୍ୟା ଏବଂ ବଜ୍ରପାତରେ ମୃତ୍ୟୁ ସଂଖ୍ୟା ୩୧କୁ ବୃଦ୍ଧି ପାଇଛି। କେବଳ ଗତ ମେ' ୩୧ତାରିଖ ଦିନ ବର୍ଷା ଓ ବନ୍ୟାରେ ୨୨ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ସେହିପରି ପ୍ରବଳ ବର୍ଷା ଜନିତ ଭୂସ୍ଖଳନ ଯୋଗୁଁ ଉତ୍ତର ସିକିମ୍‌ର ବିଭିନ୍ନ ସ୍ଥାନରେ ୧୫୦୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଫସି ରହିଛନ୍ତି। ତିସ୍ତା ନଦୀରେ ଏକ ପର୍ଯ୍ୟଟକବାହୀ ଗାଡ଼ି ଖସି ପଡିବା ଯୋଗୁଁ ବହୁ ପର୍ଯ୍ୟଟକ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଦୁଇଜଣ ଯାତ୍ରୀଙ୍କର ମୃତଦେହ ଉଦ୍ଧାର କରାଯାଇଥିବାବେଳେ ୮ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଏବେ ବି ନିଖୋଜ ଅଛନ୍ତି। ଜୁନ୍ ମାସରେ ଏଭଳି ଦୁଃଖଦ ଘଟଣା ଘଟିଛି। ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଆଗକୁ ଆହୁରି ଦୈବ ଦୁର୍ବିପାକ ଘଟଣା ଘଟିବା ଆଶଙ୍କା ଏଡ଼ାଇ ଦିଆଯାଇ ନପାରେ। ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଭାବରେ ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡିକ ବର୍ଷା ଓ ବନ୍ୟ ପରି ପ୍ରାକୃତିକ ବିପର୍ଯ୍ୟାୟର ସମ୍ମୁଖୀନ ହୋଇଥିବାବେଳେ କେରଳ ପରି ଓଡ଼ିଶାରେ ଆଗୁଆ ମୌସୁମୀ ପ୍ରବେଶ କରିଥିବା ସତ୍ତ୍ୱେ ରାଜ୍ୟରେ ଏବେ ଦୁର୍ବଳ ହୋଇଯାଇଛି। ମୌସୁମୀ ଦୁର୍ବଳ ହୋଇପଡିବା ଯୋଗୁଁ ରାଜ୍ୟରେ ଏବେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳୁ ଯୋଗୁଁ ଜନସାଧାରଣ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ରାଜ୍ୟରେ ଏହିଭଳି ଅସହ୍ୟ ତାତି ଅହୁରି ସପ୍ତାହେ ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ନିଃସନ୍ଦେହ ଯେ, ଆରମ୍ଭରୁ ମୌସୁମୀ କରାଳ ରୂପ ବିଶ୍ୱ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି କୁହାଯାଉଛି। ବିଶ୍ୱ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୃଷ୍ଟିରେ ରଖି ବେଳ ହୁଁ ସାମଧାନ ହେବା ଜରୁରି। ଅନ୍ୟଥା କେବଳ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ସାର ହେବ। ମୌସୁମୀ ପ୍ରଭାବରେ କେଉଁଠି ଅତିବୃଷ୍ଟି ତ କେଉଁଠି ଅନାବୃଷ୍ଟି ହେବାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନପାରେ।



ଆସିକା(ଭାସ୍କର ନ୍ୟୁଜ): ଆସିକା ବ୍ଲକ ହୁମୁକିରେ ଘୁମୁସର ତାଲୁକା ବାବନପୁର ମୁଠା କୁରାଳ ସମାଜର ଏକ ନୂତନ କୁଳଧିଶଙ୍କୁ ଶାଢୀ ପ୍ରଦାନ ଉତ୍ସବ ଆନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକା ଉପସଭାପତି ଲକ୍ଷ୍ମୀକାନ୍ତ ବେହେରା ସଭାପତିତ୍ୱ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କାର୍ତ୍ତିକେଶ୍ୱର ବେହେରା,ସମ୍ମାନିତ ଅତିଥି ତିନି ମୁଠା କୁଳଧିଶ କୃଷ୍ଣଚନ୍ଦ୍ର ବେହେରା ମୁଖ୍ୟ ବକ୍ତା ତାଲୁକା ସମ୍ପାଦକ ଅଶୋକ କୁମାର ବେହେରା, ଅନ୍ୟତମ ଅତିଥି ତାଲୁକା ସହ ସମ୍ପାଦକ ଶରତ ଚନ୍ଦ୍ର ବେହେରା, ବୁଗୁଡା ମୁଠା କୁଳଧିଶ ସୁମନ୍ତ ବେହେରା, ବାବନପୁର ମୁଠା ସଭାପତି ରମେଶ ଚନ୍ଦ୍ର ବେହେରା, ଉପସଭାପତି କାଲୁ ବେହେରା,ମୁଠା ସମ୍ପାଦକ ସନାତନ ବେହେରା, ବାବନପୁର ଗ୍ରାମ କମିଟି ସଭାପତି ସନ୍ୟାସୀ ବେହେରା, ହୁମୁକି ଗ୍ରାମ କମିଟି ସଭାପତି ବାବୁଲ ବେହେରା ଗ୍ରାମ କମିଟି ସମ୍ପାଦକ କବିରାଜ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରଯାଇଥିଲା। ବୁଗୁଡ଼ା ଉପସଭାପତି କେଦାର ବେହେରା ସୁନ୍ଦର ଭଜନ ଗାନ କରି ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ । ତାଲୁକା ଆଇନଜୀବୀ ନୀଳାମ୍ବର ବେହେରା ମଞ୍ଚ ପରିଚାଳନା କରିଥିଲେ । ପରେ ବାବନପୁର ମୂଠା କୁଳଧିଶ ସ୍ୱର୍ଗତ ବୃନ୍ଦାବନ ବେହେରା ଇହକାଳ ତ୍ୟାଗ ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ହୋଇଥିଲା। ବୈଠକ ପ୍ରାରମ୍ଭରେ ତାଲୁକା ସମ୍ପାଦକ ଅଶୋକ କୁମାର ବେହେରା ବୈଠକ ଅଭିମୁଖେ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ।

# ନିମାପଡ଼ାରେ ଅଧାରେ ଅଟକିଛି ବିକାଶ, ସୁଧୁରୁନି ସମସ୍ୟା



ନିମାପଡ଼ା(ଭାସ୍କର ନ୍ୟୁଜ): ବିକାଶର ବହୁ ଦୂରରେ ନିମାପଡ଼ା । ସରକାରଙ୍କ ଆନ୍ତରିକତା ଅଭାବରୁ ନିମାପଡ଼ାରେ ବିକାଶ ବାଟବଣା ହୋଇଛି । ନା ଅଛି ଗମନାଗମନ ନା ସ୍କୁଲର ଭିତିଭୂମି । ସ୍ୱାସ୍ଥ୍ୟସେବା ବାଟବଣା ଯାହାକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ । ନିମାପଡ଼ା ଦୋଳବେଦୀ ଛକରୁ ତଳଅଣିଆ ଛକ ପର୍ଯ୍ୟନ୍ତ ରାସ୍ତା ନିମ୍ନମାନର କାର୍ଯ୍ୟ କାରଣରୁ ଛଅ ମାସ ନ ଯାଉଣୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହେବା ସହ ଯାତାୟତ ବାଧାପ୍ରାପ୍ତ ସୃଷ୍ଟି ହେଉଛି । ରାସ୍ତାର ଦୁଇ ପାର୍ଶ୍ୱରେ ଆଜିସୁଦ୍ଧା ମାଟି କିମ୍ବା ଡ଼୍ଷ୍ଟ ଫିଲିଂ ହୋଇପାରୁ ନାହିଁ । ତ୍ରିନାଥ ମାର୍ଗ ଠାରୁ ପାଟପୁର ଗଡ଼ା ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ନିମ୍ନମାନର କାର୍ଯ୍ୟ କରାଯାଇ ଲକ୍ଷ ଲକ୍ଷ ଟଙ୍କା ଚଲୁ ହୋଇଥିବା ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହେଲେ ମଧ୍ୟ ଏ ଦିଗରେ ସରକାରଙ୍କ ଦୃଷ୍ଟି ପଡୁ ନାହିଁ । ବଳଙ୍ଗା ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ାରୁ ବଳଙ୍ଗା ୧୪ କି.ମି. ରାସ୍ତା ବହୁଦିନ ଧରି ବିପର୍ଯ୍ୟୟ ହୋଇପଡ଼ିବା ସହିତ ରାସ୍ତାଯାକ ଖାଲଖମା ସୃଷ୍ଟି ହୋଇଛି । ଅନେକ ସ୍ଥାନରେ ରାସ୍ତା ଦବି ଯାଇ ମରଣଯନ୍ତାରେ ପରିଣତ ହୋଇଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବହୁବାର ପୂର୍ତ୍ତ ବିଭାଗକୁ ଦାବିପତ୍ର ପ୍ରଦାନ କରାଯିବା ସତ୍ତ୍ୱେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ । ଏହି ଘଟଣାକୁ ନେଇ ବେଳକୁ ବେଳ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ଆସନ୍ତା ସ୍ନାନ ପୂର୍ଣ୍ଣିମା ରଥଯାତ୍ରା ସମୟରେ ଏହି ରାସ୍ତା ଦେଇ ଲକ୍ଷାଧିକ ଲୋକ ଯାତାୟାତ କରନ୍ତି । ରଥଯାତ୍ରା ପୂର୍ବରୁ ରାସ୍ତା ନିର୍ମାଣ ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ସୋମବାର ଏକ ସଂଗଠନ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଯନ୍ତ୍ରୀ ନିମାପଡ଼ାଙ୍କ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ କରିଥିବା ବ୍ୟକ୍ତିମାନେ ହେଲେ ଗୋପବନ୍ଧୁ ସେବା ସଂଘର ସଂପାଦକ କୃଷ୍ଣଚନ୍ଦ୍ର ପାତ୍ର, ରଣଜିତ ରଥ, ବାବୁଲି ମହାପାତ୍ର, ଦଣ୍ଡପାଣି ସାହୁ, କୃଷ୍ଣମୋହନ ବେହେରା, ଅଜୟ ମିଶ୍ର, ଗଙ୍ଗାଧର ଓଝା, ଜାଗ୍ରତ ଯୁବଶକ୍ତି ସଂଗଠନ ସଂଯୋଜକ ସମୀର ରଂଜନ ରାଉତରାୟ, ଆବାହକ ଆଦର୍ଶ ଦାଶ, ବିଶ୍ୱଜିତ ବେହେରା, ଅଭିଜିତ ମହାପାତ୍ର, ଜଗନ୍ନାଥ ପରିଡ଼ା, ନିରଞ୍ଜନ ଓଝାଙ୍କ ନେତୃତ୍ୱରେ ଶତାଧିକ ନାଗରିକ ପୂର୍ତ୍ତ କାର୍ଯ୍ୟାଳୟରେ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ଦାବି କରିଥିଲେ । ସେହିପରି ପାଟପୁର କାଳୀ ମନ୍ଦିର ଠାରୁ ଅରିଷଣ୍ଡକୁ ସଂଯୋଗ ହୋଇଥିବା ନାଳବନ୍ଧ ଆରଡ଼ି ରାସ୍ତା ଦବି ଯିବା ସହ ଅନେକ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି । ପଂଚାୟତରେ ମଧ୍ୟ ରାସ୍ତା ସମସ୍ୟା ଯୋଗୁ ଗୁରୁତର ରୋଗୀ ଘରୁ ବାହାରିବା କଷ୍ଟକର ହୋଇପଡୁଛି । କେତେକ ଦଳୀୟ କର୍ମୀ ଡ଼ଳେଇ କାମ ନାମରେ ଅର୍ଥ ଆତ୍ମସାତ୍ କରୁଥିବା ବେଳେ ପ୍ରଶାସନ ଆଖି ବୁଜି ଦେଇଛି । ବ୍ଲକ୍ ପ୍ରଶାସନ କ'ଣ ପାଇଁ ଏ ଦିଗରେ ଦୃଷ୍ଟି ଦେଉ ନାହିଁ ନା କାହା ଚାପରେ ରହିଛି ତାହା ଏବେ ସନ୍ଦେହ ପ୍ରକଟ କରିଛି । ଏପରି ସମସ୍ୟା ଦିନକୁ ଦିନ ବଢୁଥିବା ବେଳେ ନିମାପଡ଼ାର ବିକାଶ ନାମରେ ବିନାଶ ହେଉଛି । ଚାରିଆଡ଼େ ଖାଲଖମା ରାସ୍ତା । ଡ଼େଲଟା ଛକ ଠାରୁ ବ୍ଲକ୍‌କୁ ସଂଯୋଗ ହୋଇଥିବା ରାସ୍ତା, ବ୍ଲକ୍ ଛକ ଠାରୁ କୃଷି ବିଭାଗ କାର୍ଯ୍ୟାଳୟକୁ ସଂଯୋଗ ହୋଇଥିବା ରାସ୍ତା, ଜୟଗୁରୁ ଆଶ୍ରମ ଠାରୁ ମୁସଲିମ୍ ବସ୍ତି ପୋଲ ପର୍ଯ୍ୟନ୍ତ ନାଳବନ୍ଧ ରାସ୍ତା ପାଲଟିଛି ମରଣଯନ୍ତା । ଦୀର୍ଘଦିନ ହେବ ରାସ୍ତା ମରାମତି ପାଇଁ ଦାବୀ ହେଉଥିଲେ ମଧ୍ୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନାହିଁ । କ'ଣ ପାଇଁ ଏପରି ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ନିମାପଡ଼ା ପୌର ପରିଷଦ ଶ୍ରୀକୃଷ୍ଣ ନଗର ଆଦି ବିଭିନ୍ନ କଲୋନୀକୁ ରାସ୍ତା ମରଣଯନ୍ତା ପାଲଟିଛି । ଅନେକ ଦଳୀୟ କର୍ମୀ ଠିକା କାର୍ଯ୍ୟ ନାମରେ ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ୍ କରୁଛନ୍ତି । ବାମଦେଇପୁର ଗ୍ରାମରେ ଢ଼ଳେଇ କାମ କରାଯାଇଥିବା ବେଳେ ବିନା ଫଳକରେ ନିମ୍ନମାନର କାର୍ଯ୍ୟ କରାଯାଇଛି । ଢ଼ଗରାସାହି ଗ୍ରାମକୁ ରାସ୍ତା ନଥିବା ବେଳେ ସରକାର କହୁଛନ୍ତି ସହର ଠାରୁ ପଂଚାୟତ ପର୍ଯ୍ୟନ୍ତ ବିକାଶ ହୋଇଛି । ଏହା କିପରି ବିକାଶ ବୋଲି ଲୋକମାନେ ପ୍ରଶ୍ନ କରୁଛନ୍ତି । ବେଳକୁ ବେଳ ଦଳୀୟ କର୍ମୀଙ୍କ ଠିକାଦାରୀ କାର୍ଯ୍ୟ ଦୁର୍ନୀତିକୁ ବହୁ ମାତ୍ରାରେ ବଢ଼ାଇ ଦେଉଛି । ବାମଦେଇପୁର ଗଡ଼ା ଠାରୁ ବେଦବସ୍ତ ପର୍ଯ୍ୟନ୍ତ ଦୀର୍ଘ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସ୍ତା ନିର୍ମାଣ ହୋଇ ନଥିବା ବେଳେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ରାସ୍ତା । କ'ଣ ପାଇଁ ଏପରି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

### ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

# ଇଫ୍‌କୋ ପାରାଦୀପ ୟୁନିଟ୍ ବିଜୟୀ




ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ କୃଷକ ସାର ସମବାୟ ଲିମିଟେଡ଼ (ଇଫକୋ)ର ୧୨ତମ ଆନ୍ତଃ ଶାଖା ସାଂସ୍କୃତିକ ଉତ୍ସବ ୨୦୨୫ ପାରାଦୀପ ଇଫକୋ ପରିସରରେ ଗତ ରବିବାର ସନ୍ଧ୍ୟାରେ ସଫଳତାର ସହ ଉଦଯାପିତ ହୋଇଯାଇଛି । ପାରାଦୀପରେ ପ୍ରଥମଥର ଆୟୋଜିତ ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମର ଉଦଯାପନୀ ସନ୍ଧ୍ୟାରେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ଼ଃ. ୟୁ.ଏସ.ଅୱସ୍ତି ଏବଂ ତାଙ୍କ ସହଧର୍ମିଣୀ ରେଖା ଅୱସ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସର୍ବଭାରତୀୟ ଉତ୍ସବରେ ଇଫକୋ ପାରାଦୀପ ଶାଖା ସମସ୍ତଙ୍କ ମଧ୍ୟରେ ବିଜେତା ଘୋଷିତ ହୋଇଥିଲେ । ଏହି ଅବସରରେ ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଡ଼ଃ.ଅୱସ୍ତି ଇଫକୋ ଅଭିବୃଦ୍ଧି ନିମନ୍ତେ ଏହାର ଅଧକ୍ଷ ଦିଲୀପ ସାଙ୍ଘାନୀଙ୍କ ନିରବଚ୍ଛିନ୍ନ ସମର୍ଥନ ଓ ଅବଦାନ ପାଇଁ ଧନ୍ୟବାଦ ଜଣାଇଥିଲେ । ତେବେ ଏହି ମହୋତ୍ସବର ସଫଳତା ପାଇଁ ସମସ୍ତ ପ୍ରତିଯୋଗୀ ଓ ଆୟୋଜକଙ୍କୁ ପ୍ରଶଂସା କରିବା ସହ ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଦ୍ୱାରା ସମସ୍ତ କର୍ମଚାରୀଙ୍କ ପ୍ରତିଭା ପ୍ରଦର୍ଶନ ସହିତ ପରସ୍ପର ଭାବର ଆଦାନ ପ୍ରଦାନ କରି ଇଫକୋ ପରିବାର ସୁଦୃଢ ରହିବ ବୋଲି ଶ୍ରୀ ଅୱସ୍ତି କହିଥିଲେ । ସେହିପରି ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ଏହି ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ୬ ଦିନ ବ୍ୟାପି କାର୍ଯ୍ୟକ୍ରମ ସମସ୍ତଙ୍କୁ ଉପଭୋଗ୍ୟ ହୋଇଥିବା କହିଥିଲେ । ସୂଚନାଥାଉ କି, ଏହି ଉତ୍ସବରେ ଭାରତର ସମସ୍ତ ଇଫକୋ ୟୁନିଟ ଫୁଲପୁର, କଲୋଲ, ଅନଲା, କାଣ୍ଡଲା, ମୁଖ୍ୟ କାର୍ଯ୍ୟାଳୟ ଓ ମାର୍କେଟିଂଙ୍କ ସମେତ ପାରାଦୀପ ୟୁନିଟ ଅଂଶଗ୍ରହଣ କରିଥିଲେ ।

## ପୃଥକ୍ ଦୁର୍ଘଟଣାରେ ୨ ଗୁରୁତର

ଆଳି(ଭାସ୍କର ନ୍ୟୁଜ): ଆଳି ଥାନା ଅନ୍ତର୍ଗତ ଆଳି-ମହୁ ମୁଖ୍ୟ ରାସ୍ତାର ପୋଡାମରାଇ ଗ୍ରାମ ପାଖ ହନୁମାନ ଛକ ନିକଟରେ ସକାଳ ୯ଟାରେ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି । ଆହତ ବୃଦ୍ଧ ରାଜନଗର ରାଜପୁର ବାଲିର ଗଦାଧର ପାତ୍ର (୬୭) । ସେ ଆଳିରୁ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ଗାଡି ଧକ୍କା ଦେବା ଫଳରେ ତାଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଡାହାଣ ଗୋଡର ଦୁଇ ଆଙ୍ଗୁଳି ବାହାରି ଯାଇଛି । ଫଳରେ ଗୋଡ଼ରେ ରକ୍ତସ୍ରାବ ବନ୍ଦ ନହେବାରୁ ତାଙ୍କୁ ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି । ଗତକାଲି ବିଳମ୍ବିତ ରାତିରେ କଟକ-ଚାନ୍ଦବାଲି ରାସ୍ତାର ଦୁର୍ଘଟଣା ବହୁଳ ଛାପୋଲିଆ ଛକ ନିକଟରେ ସିଙ୍ଗିରି ଗ୍ରାମର କାହ୍ନୁଚରଣ ସେଠି (୩୪)ଙ୍କୁ ରାତି ୧୨ ଟାରେ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ସେ ଅଚେତ ହୋଇ ପଡ଼ି ରହିଥିଲେ । ତାଙ୍କୁ ୨ ଯୁବକ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । ଅନ୍ୟପଟେ କାହ୍ନୁଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ଆଣିଥିବା ଯୁବକ ନିଶାଶକ୍ତ ଅବସ୍ଥାରେ ଡାକ୍ତରଙ୍କୁ ଗାଳିଗୁଲଜ କରିବାରୁ ପୋଲିସ ଡାକ୍ତରଖାନାରେ ପହଞ୍ଚି ସମ୍ପୃକ୍ତ ଦୁଇ ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି ।

## ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁଁ : ଆମରଣ ଅନଶନ ଚେତାବନୀ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକର ମହୁଡୁମା ଗାଁରେ ଥିବା ପୁରୁଣାପାଣି ମୌଜାର ଖାତା ନଂ ୬୩୫ ଓ ୬୩୪ ଏବଂ ଖସଡା ନଂ ୧୩୫ ଓ ୧୨୯ ସରକାରୀ ଜାଗାକୁ ଗ୍ରାମର କିଛିଲୋକ ଜବରଦଖଲ କରି ରଖିଛନ୍ତି । ଗ୍ରାମର ସାର୍ବଜନୀନ କାର୍ଯ୍ୟ ହେବାରେ ସମସ୍ୟା ସୃଷ୍ଟି ହେଉଥିବାରୁ ବିଭିନ୍ନ ସମୟରେ ବ୍ଲକ ଓ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାର ପ୍ରତିକାର ହେଉନଥିବାରୁ ଗତ ୨ ମାସ ତଳେ ବାଲେଶ୍ୱର ଉପଜିଲ୍ଲାପାଳ ତାଙ୍କ ଚିଠି ନଂ ୧୧/୭୩ ତା ୩/୨/୨୫ ମୂଳେ ଜଳେଶ୍ୱର ତହସିଲଦାରଙ୍କୁ ସରକାରୀ ଜାଗାରୁ ଉଚ୍ଛେଦ ଲାଗି ନିର୍ଦ୍ଦେଶ ଦେଇଥିଲେ । ଏପରିକି ଏହି ସ୍ଥାନରେ ଜବରଦଖଲକାରୀ ଏକ ମନ୍ଦିର ନିର୍ମାଣ କରିବାରୁ ମସୁଧା କରୁଥିବାରୁ ଆସନ୍ତା ୧୪ ସୁଦ୍ଧା ଉଚ୍ଛେଦ କରାନଗଲେ ଜଳେଶ୍ୱର ତହସିଲ ସମ୍ମୁଖରେ ଆମରଣ ଅନସନ କରିବେ ବୋଲି ଅନନ୍ତ କୁମାର ଦାସଙ୍କ ନେତୃତ୍ୱରେ କେତେକ ଗ୍ରାମବାସୀ ଜିଲାପାଳ, ଏସ୍‌ପି, ଏସ୍‌ଡିପିଓ, ଆଇଆଇସି ଓ ତହସିଲଦାରଙ୍କୁ ଦାବି ଜଣାଇଛନ୍ତି ।

## ହିଣ୍ଡାଲକୋ ହୀରାକୁଦରେ ବିଶ୍ୱ ପରିବେଶ ଦିବସ ଉଦ୍‌ଯାପିତ



ହୀରାକୁଦ(ଭାସ୍କର ନ୍ୟୁଜ): ହିଣ୍ଡାଲକୋ ହୀରାକୁଦ ପକ୍ଷରୁ ୨୧ ଦିନ ବ୍ୟାପି ଚାଲିଥିବା ୫୨ ତମ ବିଶ୍ୱ ପରିବେଶ ଦିବସର ଉଦ୍‌ଯାପନୀ କାର୍ଯ୍ୟକ୍ରମ ହିଣ୍ଡାଲ କ୍ଲବ ପରିସରରେ ମହାସମାରୋହରେ ପାଳନ କରାଯାଇଛି । କାର୍ଯ୍ୟକ୍ରମରେ ଓଡିଶା ପ୍ରଦୂଷଣ ବୋର୍ଡ଼ ସମ୍ବଲପୁର କାର୍ଯ୍ୟାଳୟର ଆଞ୍ଚଳିକ ଅଧିକାରୀ ଡ଼କ୍ଟର ସତ୍ୟ ନାରାୟଣ ନନ୍ଦୟ ମୁଖ୍ୟ ଅତିଥି, ପରିବେଶ ବିଭାଗର ଅନ୍ୟ ଅଧିକାରୀଗଣ, ହିଣ୍ଡାଲକୋ ହୀରାକୁଦର ୟୁନିଟ ହେଡ ଦେବାଶିଷ ମଲ୍ଲିକ, ମାନବ ସମ୍ବଳ ମୁଖ୍ୟ ଓଡ଼ିଶା କ୍ଲଷ୍ଟର ଓ ଖଣି ସମୂହ ଡ଼. କ୍ରୀଷ୍ଣା ପାଢୀ ସମ୍ମାନୀୟ ଅତିଥି ଏବଂ ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ହେଡ ଅରୁଣ ସିଂ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଦେ, ହିଣ୍ଡାଲକୋ ପରିବେଶ ବିଭାଗ ମୁଖ୍ୟ ରଞ୍ଜନ ଜେନା ଓ ସହକର୍ମୀ ବିଶ୍ୱଜିତ ପରିଡା, ଆଦିଶ ଜୈନ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସଚେତନତା ପାଇଁ ନିୟମିତ ତଥା ଚୁକ୍ତିଭିତ୍ତିକ କର୍ମଚାରୀ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ମହିଳାଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ, ପରିବେଶ ସମ୍ବନ୍ଧୀୟ ରଚନା, ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଓଡିଶା ପ୍ରଦୂଷଣ ବୋର୍ଡ଼ ସମ୍ବଲପୁର କାର୍ଯ୍ୟାଳୟର ଆଞ୍ଚଳିକ ଅଧିକାରୀ ଡ଼କ୍ଟର ସତ୍ୟ ନାରାୟଣ ନନ୍ଦ, ୟୁନିଟ ହେଡ ଦେବାଶିଷ ମଲ୍ଲିକ ଏବଂ ଅନ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ଓ ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ତ ଉପରେ ଆଧାରିତ । ଡ଼କ୍ଟର ସତ୍ୟ ନାରାୟଣ ନନ୍ଦ ତାଙ୍କରି ଉଦବୋଧନରେ କହିଥିଲେ, ୧୯୭୨ ମସିହାରେ ବିଶ୍ୱ ପରିବେଶ ଦିବସ ଆରମ୍ଭ ହୋଇଥିଲା, ବର୍ତ୍ତମାନ ପରିପ୍ରେକ୍ଷୀରେ ସମସ୍ତ ଜନସାଧାରଣ ଏହାକୁ ବ୍ରତୀକରି ପରିବେଶକୁ ସୁରକ୍ଷା ପାଇଁ କର୍ମଚାରୀ ଜନସାଧାରଣ ମନକୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଶପଥ ପାଠ କରାଇ ଥିଲେ । ଏହି ଉପଲକ୍ଷେ ସମ୍ବଲପୁର ୟୁନିଟ୍ ହେଡ ଶ୍ରୀ ମଲ୍ଲିକ କର୍ମଚାରୀ, ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ ପରିବେଶ ସଂରକ୍ଷଣ ରଖିବା ପାଇଁ ଜଳ ଏବଂ ବିଦ୍ୟୁତର ଅପଚୟ ନକରି ସଂରକ୍ଷଣ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ସର୍ବଶ୍ରୀ ପ୍ରତାପ ସାହୁ, ବିଶ୍ୱାସ ସିନ୍ଦେ, ରଞ୍ଜନ କୁମାର ଜେନା, ଅରୁଣ ସିଂ ଉପସ୍ଥିତ ଜନସାଧାରଣଙ୍କୁ ପରିବେଶ ସନ୍ତୁଳନ କରିବାରେ ସମସ୍ତେ ସାହାଯ୍ୟ କରିବାର ଦରକାର ବୋଲି ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ହିଣ୍ଡାଲକୋ ହୀରାକୁଦର ପରିବେଶ ବିଭାଗ ସହ ସମସ୍ତ ବିଭାଗ ମିଶି ସଫଳ କରାଇଥିଲେ ।

### ଅତିଥି ଭବନରେ ପୂର୍ବତନ ବିଧାୟକଙ୍କ ଫଳକକୁ ଭାଙ୍ଗିଦେଲେ ଦୁର୍ବୃତ୍ତ

# ପୁନର୍ବାର ଫଳକ ନ ଲଗାଇଲେ ରାସ୍ତାକୁ ଓହ୍ଲାଇବ ବିଜେଡି




ନିଆଳି (ଭାସ୍କର ନ୍ୟୁଜ): ନିଆଳିରେ ଫଳକ ଭାଙ୍ଗିବାକୁ ନେଇ ରାଜନୀତି ସରଗରମ । ବିରୋଧୀ ବିଜେଡି ଶାସକ ଦଳ ଓ ସ୍ଥାନୀୟ ପ୍ରଶାସନକୁ ଦାୟୀ କରିଛି । ଦରକାର ପଡିଲେ ବିଜୁ ଜନତା ଦଳ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ସୂଚନା ଅନୁଯାୟୀ ନିଆଳି ବ୍ଲକ ମାଧବ ଓ ରତନପୂର ପଞ୍ଚାୟତରେ ଥିବା ସଦାବାବାଜୀ ତୋଟାରେ ପୂର୍ବତନ ବିଧାୟକ ଡ଼.ପ୍ରମୋଦ କୁମାର ମଲିକ କୋଟି କୋଟି ଟଙ୍କା ସଦାବାବାଜୀ ତୋଟାର ଉନ୍ନତି ସହ ପର୍ଯ୍ୟଟକଙ୍କ ପାଇଁ ଏକ ଅତିଥି ଭବନ କରିଥିଲେ । ଅତିଥି ଭବନ ପରିସରରେ ଉଦଘାଟନ ସମୟରେ ପୂର୍ବତନ ବିଧାୟକଙ୍କ ଫଳକ ମରାଯାଇଥିଲା । ଗତକାଲି ରାତିରେ ଅତିଥି ଭବନ ଭିତରେ ପସି ଫଳକକୁ ଭାଙ୍ଗି ଦିଆଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ନିଆଳି ଅଞ୍ଚଳର ବୁଦ୍ଧିଜୀବୀ ଓ ବିଜୁ ଜନତା ଦଳ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବୁଦ୍ଧିଜୀବୀମାନେ ଉକ୍ତ ଘଟଣାକୁ ନିନ୍ଦା କରିଛନ୍ତି । ଉକ୍ତ ଅତିଥି ଭବନଟି ନିଆଳି ତହସିଲଦାରଙ୍କ ଅଧୀନରେ ରହିଛି । ଏହାର ରକ୍ଷଣାବେକ୍ଷଣ ସମ୍ପୃକ୍ତ ତହସିଲଦାରଙ୍କ ଦାୟିତ୍ୱ । ଏଠାରେ ପ୍ରଶ୍ନ ଉଠୁଛି ଅତିଥି ଭବନର ଚାବି ତହସିଲଦାରଙ୍କ ପାଖରେ ଥିବା ବେଳେ କିଭଳି ଫଳକ ଭଙ୍ଗା ହେଲା । ଏହି ଘଟଣା ଚାପି ଦେବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆଲୋଚନା ହେଉଥିବା ବେଳେ ଅଞ୍ଚଳବାସଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାର ଘଟଣା ପଦାକୁ ଆସିଛି । ଏ ନେଇ ତହସିଲଦାରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଜୁଆ ଖେଳାଳିଙ୍କ ଦଲାଲ୍ ଥାନାରେ ହଟହଟ୍ଟା

କଣ୍ଟାପଡା(ଭାସ୍କର ନ୍ୟୁଜ): ଗୋବିନ୍ଦପୁର ଥାନା ଅଞ୍ଚଳରେ ଏବେ ଗାଁ ଗଣ୍ଡାରେ ଛୋଟମୋଟ ଯାତ୍ରାପାର୍ଟି ଓ ପାଲା ଚାଲିଥିବା ବେଳେ କେତେକ ଜାଗାରେ ମନୋରଞ୍ଜନ ପାଇଁ ଜୁଆ ଖେଳ ହେଉଥିବା ଜଣାପଡ଼ିଛି । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜୁଆ ଖେଳ ଚାଲୁଥିବା ବେଳେ ପୋଲିସ ଚଢ଼ାଉ କରୁଛି । କିନ୍ତୁ ଝାରପଡା ପଞ୍ଚାୟତ ଝାରପଡା ଗ୍ରାମର କୁନିଆ ବାରିକ ଥାନା ମୋର କହି ବିଭିନ୍ନ ଜୁଆବାଲାଙ୍କ ସମେତ ଅନେକ ଅଞ୍ଚଳରେ ଚାନ୍ଦା ଆଦାୟ କରିଥାଏ । ଗୋବିନ୍ଦପୁର ଓଆଇସିଙ୍କ ନାମରେ ଟଙ୍କା ଆଦାୟ କରିଥାଏ । ଏହି ଖବର ଗୋବିନ୍ଦପୁର ଓଆଇସି ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତି କୁନିଆ ବାରିକକୁ ଅଟକ ରଖିଥିଲେ । ରାତିତମାମ କୁନିଆ ଥାନାରେ ରହି ହଟହଟ୍ଟା ହୋଇଥିଲେ । ବିଭିନ୍ନ ଆଡୁ ଲୋକଙ୍କ କୁନିଆର ଅସଲ ପରିଚୟ ଜାଣିବା ପରେ ଘଟଣା ପଦାକୁ ଆସିଛି । ଥାନା ସମେତ ଅନେକ ସରକାରୀ କାର୍ଯ୍ୟାଳୟରେ ଲୋକମାନଙ୍କ କାମ କରିଦେବାକୁ କହି ମୋଟା ଅଙ୍କର ଅର୍ଥ ଲୁଟୁଥିବା ଅଭିଯୋଗ ହେଲାଣି । ଏ ନେଇ ଜୁଆ ଖେଳାଳିଙ୍କ ସୁରକ୍ଷା କବଚ ପାଲଟିଥିବା କୁନିଆଙ୍କୁ ପଚାରିବାରୁ ପୋଲିସ ମତେ ଅଟକ ରଖିନଥିଲା, ଥାନାରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲି କହି ନିଜ ମୁଣ୍ଡରୁ ଦୋଷ ତୁଟାଇ ଖସିବାକୁ ବସିଥିଲେ । ତେବେ ପୋଲିସ କୁନିଆକୁ ୪୧ ନୋଟିସ୍‌ରେ ଛାଡିଥିବା ସୂଚନା ମିଳିଛି ।

## ବରଯାତ୍ରୀଙ୍କ ଖଣ୍ଡା ବୁଲାଇବା ଘଟଣା, ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ



ବାଙ୍କୀ/ବୈଦେଶ୍ୱର(ଭାସ୍କର ନ୍ୟୁଜ): ଗତ ମାସ ୨୬ ତାରିଖରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା କଟକ ଜିଲ୍ଲା ବାଙ୍କୀ ବୈଦ୍ୟେଶ୍ୱର ଥାନା ଅଂଚଳରେ । ଟି-ସେତୁ ସଂଯୋଗ ରାସ୍ତାରେ ରାମନାଥ ଦେବଙ୍କ ପୀଠକୁ ତିଗିରିଆ ଥାନା ବିନ୍ଧାଣିମା ଗାଁର ବର, ରଙ୍ଗଣୀସାହୀ ବୈଦ୍ୟେଶ୍ୱରର କନ୍ୟା ବିବାହ ପାଇଁ ବରଯାତ୍ରୀଙ୍କ ସହିତ ଆସିଥିଲେ । ବିବାହ କାର୍ଯ୍ୟ ସାରି ବର କନ୍ୟାକୁ ନେଇ ନିଜ ଗାଁ ବିନ୍ଧାଣିମା ଚାଲି ଯାଇଥିଲେ । କିଛି ନିଶାଶକ୍ତ ବରଯାତ୍ରୀ ଅପରାହ୍ନରେ ଫେରିବା ବେଳେ ବ୍ୟାଙ୍କ ଛକରୁ ବୈଦ୍ୟେଶ୍ୱର ଟି-ସେତୁ ସଂଯୋଗ ରାସ୍ତାରେ ଏତଲାକାରି ସୁମନ୍ତ ଦାସଙ୍କ ଗାଡିକୁ ଧକ୍କା ଦେଇଥିଲେ । ସେଠାରେ କିଛି ବଚସା ସୃଷ୍ଟି ହୋଇ ହଣା କଟାର ରୂପ ନେଇଥିଲା । ଶେଷରେ ମାରିବାକୁ ପଛ ଘୁଂଚା ନଦେଇ ନିଶାଶକ୍ତ ବରଯାତ୍ରୀମାନେ ଗାଁରେ ଖଣ୍ଡା ବୁଲାଇ ଦୌଡ ଦୌଡି କରିଥିଲେ । ଯାହାର ସିସିଟିଭି ଫୁଟେଜ ଘୁରି ବୁଲୁଛି । ଅଭିଯୋଗକୁ ଭିତ୍ତିକରି ବୈଦେଶ୍ୱର ପୋଲିସ ପକ୍ଷରୁ କେଶ ନମ୍ବର ୭୪/୨୫ ରେ ମାମଲା ରୁଜୁ କରି ସମ୍ପୃକ୍ତ ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଅମିତ ଖଟୁଆକୁ କୋର୍ଟଚାଲାଣ କରିଥିବା ଆଇଆଇସି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି ।

## କୁମ୍ଭୀର ସଂରକ୍ଷଣ ପ୍ରକଳ୍ପର ୫୦ବର୍ଷ ପୂର୍ତ୍ତି ସମାରୋହ



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଓଡ଼ିଶାରେ କୁମ୍ଭୀର ପ୍ରକଳ୍ପର ପଚାଶବର୍ଷ ପୂର୍ତ୍ତି ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ବିରୋଳସ୍ଥିତ ଉତ୍କଳ ଗୌରବ ସରକାରୀ ଉପ୍ରାବିଦ୍ୟାଳୟ ପରିସରରେ ଡାଳିଯୋଡ଼ା ସଂରକ୍ଷିତ ଜଙ୍ଗଲ ପକ୍ଷରୁ ଚୌଦ୍ୱାର ବନ ବିଭାଗର ବନପାଳ ଭଗବାନ ଚନ୍ଦ୍ର ପଲେଇଙ୍କ ପୌରୋହିତ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପଞ୍ଚମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୧୯ ବିଦ୍ୟାର୍ଥୀ ଭାଗ ନେଇ ପରିବେଶ ତଥା କୁମ୍ଭୀର ସଂରକ୍ଷଣ ପ୍ରକଳ୍ପ ଉପରେ ଚିତ୍ରାଙ୍କନ ମାଧ୍ୟମରେ ଦର୍ଶାଇଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବନ କର୍ମଚାରୀସ୍ଥିତ ନଜିବୀ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ମ୍ୟାନେଜର ଅମୂଲ୍ୟ କୁମାର ଦାସ, ସରୋଜ କୁମାର ବିଶ୍ୱାଳ ଓ ସମାଜସେବୀ ରବିନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନିମାପଡ଼ାରେ ଜମୁଛି ବାଂଲାଦେଶୀ ଯୁବତୀଙ୍କ ଦେହ ବ୍ୟବସାୟ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ବଢୁଛି ରୋମିଓ ମାନଙ୍କର ଦୌରାତ୍ମ୍ୟ । ନିଶା ସେବନ ସାଙ୍ଗକୁ ସେକ୍ସ କାରବାର ବେଳକୁ ବେଳ ନିମାପଡ଼ାକୁ ବଦନାମ୍ ଘେରକୁ ଟାଣି ନେଉଛି । ରାତ୍ର ହେଲେ କୁଶଭଦ୍ରା ନଦୀବନ୍ଧ ଦାଡ଼ରେ ଥିବା କେତେକ ପରିତ୍ୟକ୍ତ ଗୃହରେ ଅନୈତିକ କାର୍ଯ୍ୟ ବଢ଼ି ଚାଲିଛି । ଯାହାକୁ ନେଇ ଦଳକୁ ଦଳ ରୋମିଓମାନେ ଠା'କୁ ଠା' ଆଡ୍ଡା ଜମାଇଛନ୍ତି । ଦୀର୍ଘଦିନ ହେବ ଏହାର ପ୍ରତିକାର ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ରେ ଚାଲିଛି ଧଳା ଜହର ସାଙ୍ଗକୁ ରୋମିଓଙ୍କର ସେକ୍ସ କାରବାର । କୁଶଭଦ୍ରା ନଦୀବନ୍ଧ ନିରାପଦ ପାଲଟି ଥିବା ବେଳେ ବନ୍ଧ ଦାଡ଼ରେ ଥିବା କେତେକ ପରିତ୍ୟକ୍ତ ଗୃହରେ ବାଂଲାଦେଶୀ ଯୁବତୀଙ୍କର ଆସର ଜମୁଛି । ଏହି ଯୁବତୀମାନେ ଦେହ ବ୍ୟବସାୟ କରିବା ସହ ଅଂଚଳର ଗୁପ୍ତ ତଥ୍ୟ ହାସଲ କରିବାରେ ଲାଗିଛନ୍ତି । ଅନେକ ଯୁବକ ଏହି କାର୍ଯ୍ୟରେ ସଂପୃକ୍ତ ରହି ବାଂଲାଦେଶୀ ଯୁବତୀଙ୍କ ସହିତ ଅନ୍ତରଙ୍ଗ ହୋଇ ଦେହ ବ୍ୟବସାୟରେ ଲିପ୍ତ ରହୁଛନ୍ତି । ଏପରି ହେବା ଦ୍ୱାରା ନିମାପଡ଼ା ସମେତ ଓଡ଼ିଶାକୁ ଏହା ଶୁଭ ସୂଚକ ନୁହେଁ ବୋଲି ସଚେତନ ନାଗରିକଙ୍କ ପକ୍ଷରୁ କୁହାଯାଉଛି । ଧଳା ଜହର ସାଙ୍ଗକୁ ଏପରି କାର୍ଯ୍ୟ ଦୀର୍ଘଦିନ ହେବ ଚାଲିଛି । ନିକଟରେ ଏକ ଅଶ୍ଳୀଳ ଫଟୋ ଭାଇରାଲ ଘଟଣା ନିମାପଡ଼ାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଥିବା ବେଳେ ଜଣେ ଯୁବକ ଦେହ ବ୍ୟବସାୟର ମୁଖ୍ୟ ସାଜିଥିବା କୁହାଯାଉଛି । ସେହି ଯୁବକ ଜଣକ ବିଭିନ୍ନ ଆଡୁ ଅଣଓଡ଼ିଆ ଯୁବତୀଙ୍କୁ ଆଣି ଏଠାରେ ବ୍ୟବସାୟ ଚଳାଇ ଥିଲେ ମଧ୍ୟ ପ୍ରଶାସନ ନିଘୋଡ଼ ନିଦରେ । ସେମାନଙ୍କ ପ୍ରତି କୌଣସି ପଦକ୍ଷେପ ନିଆଯାଉ ନାହିଁ । ଉତ୍କର୍ଷ ନିମାପଡ଼ାରେ ଆଇନ ସଚେତନତା ସଂପର୍କରେ ଜଣେ ସମାଜସେବୀ ଏ ସଂପର୍କରେ ମତ ଦେଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଏହି ଘଟଣା ପ୍ରତି ଦୃଷ୍ଟି ଦିଆ ନଗଲେ ନିମାପଡ଼ାରୁ ଅନେକ ତଥ୍ୟ ପଦାକୁ ଯାଉଥିବା ଜଣାପଡ଼ିଛି । ଏହି ବାଂଲାଦେଶୀ ଯୁବତୀମାନେ କିଏ, କ'ଣ ପାଇଁ ଏଠି ଆସର ଜମାଇଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ବିଭିନ୍ନ ସ୍ଥାନରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

ଜଳେଶ୍ୱର(ଭାସ୍କର ନ୍ୟୁଜ): ଆଦିବାସୀ ଅଧ୍ୟୁସିତ ରାଇବଣିଆର ସର୍ଦ୍ଧାରବନ୍ଧ ପଂଚାୟତରେ ସ୍ୱାଧିନତା ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଆଶାରେନା ମାର୍ଶାଲ ସଂଗଂନର ଆବାହକ ସନ୍ତୋଷ କୁମାର ଜେନା, ସଭାପତି ଗଣେଶ ସରେନ୍, ଦେବେନ୍ଦ୍ର ମୁର୍ମୁ, ଭଗବାନ ଟୁଡୁଙ୍କ ନେତୃତ୍ୱରେ ଅନୁସୂଚୀତ ଜାତି ଓ ଜନଜାତି ପିଲାମାନେ ପାଠ ପଢି ଆଗକୁ ଆସିବାକୁ ଆହ୍ୱାନ ଦେଇଥିବା ବେଳେ ପିଞ୍ଚାବଣୀ ଗାଁରେ ବିର୍ସାମୁଣ୍ଡାଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ ସହ ପ୍ରତ୍ୟେକ ଆଦିବାସୀ ଗାଁକୁ ପକ୍କା ସଡକ ନିର୍ମାଣ କରିବାକୁ ଆହ୍ୱାନ ଦିଆଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସପନ ମୁର୍ମୁ, ଭଗତ ଟୁଡୁ, ମୁସୁନାଥ ଟୁଡୁ, କାହ୍ନୁ ମୁର୍ମୁ, ଅରୁଣ ଟୁଡୁ, କ୍ରିଷ୍ଣା ଟୁଡୁ, ନିରଞ୍ଜନ ହେମ୍ବ୍ରମ, କୁରୁ ଟୁଡୁ, ମଂଗଲ ସିଂ, ରାମଚନ୍ଦ୍ର ସିଂ, ଭୋଳାନାଥ ସିଂ, ପ୍ରଦିପ ଟୁଡୁ, ଗୋପିନାଥ ଟୁଡୁ, ଜନକଦାୟ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ । କଳାମ ପଂଚାୟତରେ ହେମ୍ବ୍ରମ ଓ କାଇନ ହାଁସଦାଙ୍କ ନେତୃତ୍ୱରେ ବିର୍ସାମୁଣ୍ଡାଙ୍କ ଜୟନ୍ତୀ ଓ ବଳିଦାନ ଦିବସ ପାଳିତ ହୋଇଯାଇଛି ।

### ଗୁଡ୍‌ନାଇଟ୍ କ୍ଲବ୍‌ର ବୈଶାଖୀ ମହୋତ୍ସବ

# 'ସୌରଶକ୍ତିର ବୈଷୟିକ କେନ୍ଦ୍ର ହେବ ଢେଙ୍କାନାଳ'



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଶିଳ୍ପ କ୍ଷେତ୍ରରେ ସମୃଦ୍ଧି ହେବ ଢେଙ୍କାନାଳ । ଏକାଧିକ ସୌରଶକ୍ତି ଉତ୍ପାଦନକାରୀ କମ୍ପାନୀ ଜିଲ୍ଲାକୁ ଆସିଛନ୍ତି । ନେଉଳପୋଇରେ ୱାରୀ, ଛାଟିଆରେ ଆଇନକ୍ସ ୱିଇଣ୍ଡ, ଗଜମରାରେ କଲ୍ୟାଣୀ ଭଳି ଶିଳ୍ପ ପ୍ରତିଷ୍ଠା ହେବ । ଏଥିପାଇଁ ଜମି ଅଧିଗ୍ରହଣ ସରିଛି । ମୁଖ୍ୟମନ୍ତ୍ରୀ ମଧ୍ୟ ନିକଟରେ ଆସି ଭୂମିପୂଜନ କରିଛନ୍ତି । ଏହି ଶିଳ୍ପ ପ୍ରତିଷ୍ଠା ହେଲେ ଢେଙ୍କାନାଳ ସୌରଶକ୍ତିର ବୈଷୟିକ କେନ୍ଦ୍ର ହେବ ବୋଲି ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ନାଇଟ କ୍ଲବର ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ବୈଶାଖୀ ମହୋତ୍ସବ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ସଭାରେ, ଜିଲ୍ଲାପାଳ ଆହୁରି କହିଥିଲେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ବିପୁଳ ସମ୍ଭବନା ରହିଛି । ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମର ପୀଠର ସାମଗ୍ରୀକ ବିକାଶ ପାଇଁ ରାଜ୍ୟ ସରକାର ୧୭୧ କୋଟି ଟଙ୍କା ଘୋଷଣା କରିଛନ୍ତି । ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ । ସେହିପରି କପିଳାସ ମନ୍ଦିରର ଉନ୍ନୟନ ମୂଳକ କାମ ଆରମ୍ଭ କରାଯିବ । ଜିଲ୍ଲାକୁ ଇକୋ ଟୁରିଜିମ ପାଇଁ ଉଦ୍ୟମ ଆରମ୍ଭ ହେଉଛି ବୋଲି ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନ କେବଳ ଯେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୀମିତ ନରହି ସମାଜସେବା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ କରୁଛି । ଏଥିପାଇଁ ସମସ୍ତଙ୍କ ବିଶ୍ୱାସ ଭାଜନ ହୋଇପାରିଥିବା କହିଥିଲେ । ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଂଶସା କରିବା ସହ ଯେ କୌଣସି ସମୟରେ ଯାହା ସହଯୋଗ ଆବଶ୍ୟକ ହେବ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଯୁବ ଉଦ୍ୟୋଗୀ ଜଗଦିଶ ସାମଲ ଓ ବରିଷ୍ଠ ଆଇନଜୀବୀ ଲଲାଟେନ୍ଦୁ ମିଶ୍ର ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରା ବଞ୍ଚାଇ ରଖିବା ଦିଗରେ ଗୁଡ଼ ନାଇଟ କ୍ଲବର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ । ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ସତ୍ୟ ସ୍ୱରୂପ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ସନ୍ତୋଷ କୁମାର ସାହୁ, ସାମ୍ବାଦିକ ସତ୍ୟସ୍ୱରୂପ ଦାସ, ପୁଲିସ ଏସଆଇ ବିଷ୍ଣୁପ୍ରିୟା ରଣା, ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁ, ପୌରସଂସ୍ଥାର ହେଡ଼କ୍ଲର୍କ ସରୋଜ କୁମାର ସାହୁ, ସାମ୍ବାଦିକ ବିନୋଦ କୁମାର ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ରତନ ନାୟର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅରବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ । ଶେଷରେ ରଙ୍ଗରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ଦିପ୍ତୀରେଖା ପାଢ଼ୀ, କୁମାର ସୋନୁଙ୍କ ସମେତ ଅନ୍ୟ କଳାକାରଙ୍କ ରୋମାଣ୍ଟିକ ଗୀତରେ ଶ୍ରୋତାମାନେ ବେଶ ଝୁମିଥିଲେ ।

# ବଣିଆପାଟ ରାସ୍ତା ଉପରେ ଡ୍ରେନ୍ ପାଣି, ପରିବେଶ ଗନ୍ଧମୟ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝରଗଡ ପୌରପାଳିକାର ୨୦ନମ୍ବର ୱାର୍ଡ ବଣିଆପାଟ ମୁଖ୍ୟ ରାସ୍ତାରେ ଡ୍ରେନ ପାଣି ଯାଉଥିବାରୁ ସ୍ଥାନୀୟ ଲୋକ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବଣିଆପାଟ ମୁଖ୍ୟ ରାସ୍ତାରେ ଡ୍ରେନ ନଥିବାବେଳେ ଜଣେ ବ୍ୟକ୍ତି ମୁଖ୍ୟ ରାସ୍ତାକୁ ଡ୍ରେନ ପାଣି ଛାଡୁଛନ୍ତି । ଉକ୍ତ ରାସ୍ତାରେ ୟୁକୋ ବ୍ୟାଙ୍କ,ଏଚ୍‌ଡିଏଫସି ବ୍ୟାଙ୍କ,କନ୍ଦେଶ୍ୱର ଶିବ ମନ୍ଦିର ସହିତ ବହୁ ସରକାରୀ କାର୍ଯ୍ୟାଳୟ ରହିଛି । ବାରମ୍ବର ଅଭିଯୋଗ କଲେ ମଧ୍ୟ ପୌରପାଳିକା ଉକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉନଥିବା ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ରାସ୍ତା ଦେଇ ଲୋକମାନେ ଯାତାୟତ କରିବାବେଳେ ଗନ୍ଧରେ ନାକ ଫାଟି ପଡୁଛି । ଦୁର୍ଗନ୍ଧ ହେବା ସହ ମଶା,ମାଛି ବୃଦ୍ଧି ହେଉଛି । ମଶା, ମାଛି ଦ୍ୱାରା ମାରାତ୍ମକ ରୋଗ ହେବାର ସମ୍ଭାବନା ରହିଛି । ଚାଲି ଚାଲି ଯାଉଥିବା ଲୋକମାନେ ମଇଳା ପାଣିରେ ଯିବା ଆସିବା କରୁଛନ୍ତି । ଡ୍ରେନ ପାଣି ରାସ୍ତା ଉପରେ ଗଡୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ଏହାକୁ ନେଇ ପୌରପାଳିକା କର୍ତ୍ତୃପକ୍ଷ ଦୃଷ୍ଟି ପଡୁନଥିବାରୁ ଅସନ୍ତୋଷ ବଢୁଛି । ପରିମଳ ବ୍ୟବସ୍ଥା ସଠିକ୍ ତଦାରଖ ଅଭାବରୁ ଏପରି ଅସ୍ୱାସ୍ଥକର ପରିବେଶ ସୃଷ୍ଟି ହେଉଥିବା ସ୍ଥାନୀୟ ସାହିବାସୀ କହିଛନ୍ତି । ପୌରପାଳିକାର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ଏବଂ କର୍ମଚାରୀ ମଧ୍ୟ ପଦକ୍ଷେପ ନେଉନଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି । ଆଉ କେତେ ଦିନ ମଇଳାପାଣି ରାସ୍ତା ଉପରେ ପ୍ରବାହିତ ହୋଇ ପରିବେଶକୁ ଖରାପ କଲେ ପୌରପାଳିକାର ନଜରକୁ ଆସିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ସାମାନ୍ୟ ବର୍ଷା ହେଲେ ଡ୍ରେନ ପାଣି ଚାରିପାଖ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ନଥିବାରୁ ଏଭଳି ପରିସ୍ଥିତ ଦେଖାଦେଇଛି । ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦେଇ ଧରଣୀଧର ମେଡିକାଲ କଲେଜ ଏବଂ ଧରଣୀଧର ବିଶ୍ୱଦ୍ୟାଳୟକୁ ପ୍ରତ୍ୟେକ ଦିନ ଶହ ଶହ ଛାତ୍ରଛାତ୍ରୀ ଓ ଜନସାଧାରଣ ଯାତାୟତ କରୁଥିଲେ ହେଁ ପୌରପାଳିକା ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ । ସୂଚନାଯୋଗ୍ୟ ଯେ, କେନ୍ଦୁଝରଗଡ ପୌରପାଳିକାରେ ପ୍ରତ୍ୟେକ ବର୍ଷ ଡ୍ରେନ ବଢୁଛି ମାତ୍ର ଲୋକଙ୍କ ସମସ୍ୟା କମିବା ପରିବର୍ତ୍ତେ ବଢୁଛି । ଡ୍ରେନରେ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଉନଥିବାରୁ ଲୋକମାନଙ୍କୁ ନାନାଦି ସମସ୍ୟା ଭୋଗିବାକୁ ପଡୁଛି । ସହରର ଅନେକ ଗୁରୁତ୍ୱପୂର୍ଣ୍ଣ ଡ୍ରେନ୍‌ଗୁଡିକୁ ଉଦ୍ଦେଶ୍ୟମୂଳକ ଭାବେ କେତେକ ବ୍ୟକ୍ତି ବନ୍ଦ କରି ଦେଇଛନ୍ତି । କେତେକ ସ୍ଥାନରେ ଡ୍ରେନ୍ ମଧ୍ୟକୁ ଘରର ପାଇଖାନା ପାଣି ଛାଡୁଥିବା ଆଦି ଅଭାବନୀୟ ଘଟଣା ବୃଦ୍ଧି ପାଇବାରେ ଲାଗିଛି । ପୌରପାଳିକା ପକ୍ଷରୁ ମାଷ୍ଟର ଡ୍ରେନ ନିର୍ମାଣରେ ବିଳମ୍ବ ହେଉଥିବାରୁ ରାସ୍ତା କଡ ଡ୍ରେନ ଏବେ ପାଲଟିଛି ଡମ୍ପିଂୟାର୍ଡ । ବଡ ବଡ ହୋଟେଲ, ମଲ, ଲଜ୍ ନିଜ ନିଜ ଆବର୍ଜନାକୁ ରାସ୍ତାରେ ଆବର୍ଜନା ପକାଉଛନ୍ତି ଯାହାକି ଡ୍ରେନରେ ମିଶି ଡ୍ରେନ ଜାମ କରୁଛି । ପୌରପାଳିକା ପକ୍ଷରୁ ସେମାନଙ୍କ ଉପରେ କାର୍ଯ୍ୟନୁଷ୍ଠାନ ନିଆଯାଉନାହିଁ କି ଫାଇନ ମଧ୍ୟ ଆଦାୟ କରାଯାଉନାହିଁ । ଫଳରେ ରାତିଅଧିଆ ଏମାନେ ଅଳିଆ ଆବର୍ଜନା ରାସ୍ତା କଡରେ ପକାଇ ଦେଉଛନ୍ତି । ଫଳରେ ପରିବେଶ ଉପରେ ଏହାର ଖରାପ ପ୍ରଭାବ ପଡିବା ସହ ଜଳ ଓ ବାୟୁ ପ୍ରଦୂଷଣ ହେଉଛି । କେନ୍ଦୁଝର ସହରରେ ମୁକୁଳା ଡ୍ରେନ ଓ ଡ୍ରେନ ଜବରଦଖଲ ଉଚ୍ଛେଦ ହେଉନଥିବାରୁ ଅନେକ ଡ୍ରେନରେ ପାଣି ନିଷ୍କାସନ ହେଉନାହିଁ । ଜିଲ୍ଲାପାଳ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବୀ ହୋଇଛି ।



ବନ୍ଧୁଗାଁ, (ଭାସ୍କର ନ୍ୟୁଜ) : ବନ୍ଧୁଗାଁ ବ୍ଲକ କାପୁଲୋଡା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚଙ୍କ ଅନୁପସ୍ଥିତ ଥିବାରୁ ସ୍ଥାନୀୟ ଏଡିଇଓ ସଭା ପରିଚାଳନା କରିଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ମିନତୀ ଜଗଦେବ ସଭାପତିତ୍ୱ କରିଥିଲେ । ଏଥିରେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକା, ଆଇଆଇସି ପ୍ରସନ୍ନ କୁମାର ମିଶ୍ର, ସିଡ଼ିପିଓ ଗୀତାଞ୍ଜଳୀ ମହାରଣା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ କୁମାର ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେଉରିଆ, ବନ ବିଭାଗ ଫରେଷ୍ଟର ଅଜିତ ଖୋରା, ସମିତି ମେମ୍ବର ବାସନ୍ତୀ ସାହୁକାର, କୃଷି ବିଭାଗ, ରାଜସ୍ୱ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ ଓ ସମସ୍ତ ୱାର୍ଡ ମେମ୍ବର ମାନେ ଉପସ୍ଥିତ ଥିଲେ । କିନ୍ତୁ ଶିକ୍ଷା ବିଭାଗ, ଏମ୍ଆଇ, ଯନ୍ତ୍ରୀ ଓ ଜଳ ଯୋଗାଣ ବିଭାଗ ଅଧିକାରୀ କିମ୍ବା କର୍ମକର୍ତ୍ତାଙ୍କ ଦେଖା ମିଳିନଥିଲା । ଉପସ୍ଥିତ ଥିବା ସମସ୍ତ ସରକାରୀ ଅଧିକାରୀ ନିଜସ୍ୱ ବିଭାଗର ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ । ଅଭିଯୋଗ ଶୁଣାଣିରେ ରେବତୀଗୁଡା , ଜଗନ୍ନାଥପୁର ଓ କଣ୍ଡୁ ଗାଁରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ତିଆରି, ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇ ଲାଟିମି କାଡ୍ରାକା ମହିଳା ଟଙ୍କା ୪୦ ହଜାର ଉଠାଇ ଠିକାଦାରଙ୍କୁ ଘର ନିର୍ମାଣ ପାଇଁ ଦେବାରୁ ଠିକାଦାର ଘର ତିଆରି କରୁ ନାହାଁନ୍ତି, କାପୁଲୋଡା ଗାଁରେ ଥିବା ଗଙ୍ଗା ଦେବୀ ମନ୍ଦିର ଓ ପିପଲପଦର ଗାଁରେ ନୂତନ ନଳକୂପ ବସାଇବା, ଡି, ବି ପଲ୍ଲୀ ଗାଁରେ ବସୁଧା ଯୋଜନାରେ ନିର୍ମିତ ପାଣି ଟାଙ୍କୀ ଆଜି ପର୍ଯ୍ୟନ୍ତ ହସ୍ତାନ୍ତର ହୋଇ ନଥିବା ବେଳେ ଲୋକେ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

## ମିଶନଶକ୍ତି ବିଭାଗରେ ମହାଘୋଟଲା ଅଭିଯୋଗ

# ଲକ୍ଷପତି ଦିଦି ପ୍ରଶିକ୍ଷଣରେ ଲକ୍ଷାଧିକ ଟଙ୍କା ହେରଫେର ନେଇ ତଦନ୍ତ ଦାବି

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍ ): ସରକାର ଗରିବ ମହିଳା ମାନଙ୍କ ଉନ୍ନତି ବିକାଶ ଓ ଆତ୍ମନିର୍ଭରଶିଳ ସହ ସ୍ୱାବାଲମ୍ବୀ କରିବା ପାଇଁ ମିଶନ ଶକ୍ତି ମା' ମାନଙ୍କୁ ପ୍ରଶିକ୍ଷଣ ଆଦି କରାଉଛନ୍ତି । ଏନେଇ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ତାହା କିନ୍ତୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରି ହେଉନଥିବା ବେଳେ ଲକ୍ଷ ପତି ଦିଦି ପ୍ରଶିକ୍ଷଣ ଆଳରେ ସରକାରଙ୍କ ତାହବିଲରୁ କୋଟି କୋଟି ଟଙ୍କା ହରିଲୁଟ କରାଯାଉଛି । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ପଂଚାୟତରେ । ଏଠି ନାମକୁ ମାତ୍ର ପ୍ରଶିକ୍ଷଣ କରାଯାଉଥିବା ବେଳେ କାଗଜ କଲମରେ ଲକ୍ଷାଧିକ ଟଙ୍କା ହରିଲୁଟ ହେଉଛି । କାରଣ ସରକାରଙ୍କ ନିୟମ ନୁସାରେ ପଞ୍ଚାୟତରେ ନିଯୁକ୍ତି ପାଇଥିବା ସିଆରପିଓ ଏମ୍‌ବିକେଙ୍କୁ ବ୍ଲକ ମିଶନଶକ୍ତି ବିଭାଗ ତରଫରୁ




ପ୍ରଶିକ୍ଷଣ ଦିଆଯାଇଛି । ଗ୍ରାମ ପଂଚାୟତ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ଲକ୍ଷ ପତି ଦିଦି ପ୍ରଶିକ୍ଷଣ ଦେବା ପାଇଁ କିନ୍ତୁ ବୁଦ୍ଧିବର ଗ୍ରାମ ପଂଚାୟତରେ ଜଣେ ପଞ୍ଚାୟତ ମହାସଙ୍ଘର ସଭାନେତ୍ରୀ ପ୍ରଶିକ୍ଷଣ ପରିଚାଳନା କରୁଛନ୍ତି । ଏନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଉଚିତ । କାରଣ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କହୁଛନ୍ତି ତଦନ୍ତ କରାଯିବ । କେବେ ତଦନ୍ତ କରାଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଏଥିରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠା ପାଇଁ ଦାବି କରାଯାଉଛି । ସୂଚନା ଯୋଗ୍ୟ ଯେ କୃଷ୍ଣପ୍ରଶାଦ ବ୍ଲକର ୨୧ଟି ଗ୍ରାମ ପଂଚାୟତ ପ୍ରାୟ ୨୫୦୦ରୁ ଉର୍ଦ୍ଧ୍ୱ ଲକ୍ଷପତି ଦିଦିଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ଥିବା ବେଳେ ଗୋଟିଏ ପ୍ରଶିକ୍ଷଣ ଶିବିରରେ ୪୦ଜଣ ଲକ୍ଷ ପତି ଦିଦିଙ୍କୁ ପ୍ରଶିକ୍ଷଣ ଦିଆଯିବ । ସେମାନଙ୍କ ପାଇଁ ଜଣକ ପିଛା ଖାତା କଲମ ବାବଦରେ ୩୦ଟଙ୍କା, ମଧ୍ୟାହ୍ନ ଭୋଜନ ବାବଦରେ ୮୦ଟଙ୍କା, ଚା ଜଳଖିଆ ପାଇଁ ୩୦ଟଙ୍କା, ପ୍ରଶିକ୍ଷଣ ସ୍ଥଳୀ ନିମନ୍ତେ ୧୫ଟଙ୍କା, ବ୍ୟାନର ଓ ଟେଗ୍ରା ପ୍ରଶିକ୍ଷଣ ପାଇଁ ୨୪୦୦ଟଙ୍କା, ପ୍ରଶିକ୍ଷଣ ଉପକରଣ ନିମନ୍ତେ ୫୦ଟଙ୍କା ଗୋଟିଏ ପ୍ରଶିକ୍ଷଣ ଶିବିରରେ ୧୭୮୫୦.୦୦ଟଙ୍କା ଖର୍ଚ୍ଚ କରିବାର ବ୍ୟବସ୍ଥା ଥିବା ବେଳେ ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକରେ ଲକ୍ଷପତି ଦିଦି ପ୍ରଶିକ୍ଷଣରେ ବ୍ୟାପକ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି । ଏପରି କି ଗୋଟିଏ ସ୍ଥାନରେ ୧୫ରୁ ୨୦ଜଣଙ୍କୁ ବସାଇ ଫଟୋ ଉଠାଇ ନାମକୁ ମାତ୍ର ଜଳଖିଆ ଦେଇ ପ୍ରଶିକ୍ଷଣ ଶେଷ କରାଇଛନ୍ତି । ଯାହା ଫଳରେ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ରରେ ମାତ୍ର ୫/୬ହଜାର ଟଙ୍କା ଖର୍ଚ୍ଚ କରି ଅବଶିଷ୍ଟ ଟଙ୍କା ହରିଲୁଟ କରିଥିବା ସାଧାରଣରେ ଅଭିଯୋଗ ହେଉଛି । ଏ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଜନସାଧାରଣ ଅନୁରୋଧ କରିଛନ୍ତି ।

# ପୁନଃରୁଦ୍ଧାର ହେଉନି: ଅସ୍ତିତ୍ୱ ହରାଉଛି ଜାମ୍ବୁବନ୍ଧ

ବୌଦ୍ଧ, (ଭାସ୍କର ନ୍ୟୁଜ୍) : ବ୍ଲକ ଖୁଣ୍ଟବନ୍ଧ ଅନ୍ତର୍ଗତ ବୁରକଟାରେ ଥିବା ଶତାଧିକ ବର୍ଷର ଜାମ୍ବୁବନ୍ଧର ମରାମତି କି ପୁନରୁଦ୍ଧାର କରାଯାଇନାହିଁ । ଫଳରେ ଲୋକଙ୍କ ପାଣି ସମସ୍ୟା ଦୂର କରୁଥିବା ଏହି କଟା ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି । ବୌଦ୍ଧ ବ୍ଲକ୍ ଜଳସେଚିତ ଅଞ୍ଚଳ ହୋଇଥିଲେ ମଧ୍ୟ ଅଧିକାଂଶ ଗ୍ରାମର ଚାଷୀ ବର୍ଷା ପାଣି, ପୋଖରୀ ଏବଂ କଟା ଉପରେ ନିର୍ଭରଶୀଳ କରିଥାନ୍ତି । କେନାଲ ପାଣି ବନ୍ଦ ହୋଇଗଲେ ମଧ୍ୟ ରବି ଋତୁରେ ଚାଷୀ ପୋଖରୀ ପାଣି ଜମିରେ ମଡ଼ାଇ ଚାଷ କାର୍ଯ୍ୟ ସମ୍ପାଦନ କରନ୍ତି । ଏହାସହିତ ଗାଁ ଗୁଡ଼ିକରେ ଲୋକେ ଏହି କଁଟା କିମ୍ବା ପୋଖରୀ ପାଣିରେ ସ୍ନାନ କରିଥାନ୍ତି । ମାତ୍ର ଲୋକେ ଏବେ ଘରେ ଘରେ ଗଭୀର ନଳକୂପ ଖୋଳି ଗାଧୁଆ ଘର ନିର୍ମାଣ କରୁଥିବାରୁ ଅଧିକାଂଶ ଲୋକଙ୍କୁ ପୋଖରୀକୁ ଯିବାକୁ ପଡୁନାହିଁ । ଫଳରେ ଏହି ପୋଖରୀ ଏବଂ ବନ୍ଧର ବ୍ୟବହାର କମି ଚାଲିଛି । ଏଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପୋତି ହୋଇଗଲେ ମଧ୍ୟ କାହାରି



ନିଘା ରହୁନାହିଁ । ଏପରିକି ବନ୍ଧ, ପୋଖରୀ ବା କଟା ଗୁଡ଼ିକର ପୁନଃରୁଦ୍ଧାର ପାଇଁ ସରକାରୀ ସ୍ତରରେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ । ଏକଦା ଏହି ବନ୍ଧରେ ଗ୍ରାମବାସୀଙ୍କ ଦ୍ୱାରା ମାଛ ଚାଷ କରାଯାଉଥିଲା । ଏବଂ ଏଥିରୁ ମିଳୁଥିବା ଲାଭାଂଶ ଅର୍ଥ ଗାଁର ବିଭିନ୍ନ ପର୍ବପର୍ବାଣି, ପୂଜା ପାର୍ବଣ ଓ ସାମାଜିକ କାର୍ଯ୍ୟକ୍ରମରେ ଲଗାଉଥିଲେ । ଫଳରେ ବନ୍ଧ, ପୋଖରୀର ଉନ୍ନତିକରଣ ପାଇଁ ଗ୍ରାମବାସୀ ଚେଷ୍ଟା କରୁଥିଲେ । ବର୍ତ୍ତମାନ ଏହି ବନ୍ଧ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ବର୍ଷ ପାଇଁ ପଂଚାୟତ କର୍ତ୍ତୃପକ୍ଷ ଦେଇଦେଇଥିବାରୁ ଏବଂ ସେମାନେ ନିୟମିତ ମାଛ ଚାଷ କରୁଥିବାରୁ ଗ୍ରାମବାସୀ ଏହାର ଉନ୍ନତିକରଣ ପାଇଁ ଚେଷ୍ଟା କରୁନାହାନ୍ତି । ଅପରପକ୍ଷେ ଏହି ପଂଚାୟତ ଅନ୍ତର୍ଗତ ୮ ଏକର ପରିମିତ ଜହ୍ନକ୍ଷପଙ୍କ ଅଛରା ବନ୍ଧ ମଧ ନିଜର ଅସ୍ତିତ୍ୱ ହରାଇ ବସିଲାଣି । ଜନଶ୍ରୁତି ଅନୁସାରେ, ୧୮୬୦ ମସିହାରେ ରାଜା ନାରାୟଣ ପ୍ରସାଦ ସିଂଦେଓଙ୍କ ନିର୍ଦ୍ଦେଶରେ ଗ୍ରାମବାସୀଙ୍କ ଦ୍ୱାରା ଏହି ପୋଖରୀ ଖନନ କରାଯାଇଥିଲା । ଏହି ପୋଖରୀ ଉପରେ ଦୁଇଟି ଗାଁ ର ସହସ୍ରାଧିକ ଚାଷୀ ନିର୍ଭର କରି ଚାଷ କାର୍ଯ୍ୟ ସମ୍ପାଦନ କରୁଥିଲେ । ମାତ୍ର କେନାଲ ଖନନ ପରେ ଏହି କଟାର ଆଦର କମିବାକୁ ଲାଗିଲା । ଧୀରେ ଧୀରେ ଏହା ପୋତି ହୋଇ ପଡିଲା । ଏପରିକି ସରକାରୀ ସ୍ତରରେ ମଧ ଏହାର ପୁନରୁଦ୍ଧାର ପାଇଁ ଯୋଜନା ହେଲାନାହିଁ । ବର୍ତ୍ତମାନ ଏହା ପଦ୍ମ ପତ୍ର ଓ ଦଳରେ ପୋତି ହୋଇ ପଡ଼ିଲାଣି । ଏହାର ପାଣି ଦୁର୍ଗନ୍ଧରେ ଫାଟି ପଡୁଛି । କୌଣସି ବିକଳ୍ପ ନଥିବାରୁ ଗ୍ରାମବାସୀ ବାଧହୋଇ ସ୍ନାନ ଶୌଚ କରୁଛନ୍ତି । ଫଳରେ ନାନାଦି ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି । ପଞ୍ଚାୟତ କର୍ତ୍ତୃପକ୍ଷ ଏହାର ପୁନଃରୁଦ୍ଧାର ଓ ଦଳି ସଫା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଗ୍ରାମବାସୀ ଦାବି କରିଛନ୍ତି ।

## ପିଏଚଡି ଜେଇଙ୍କୁ ପ୍ରଶଂସା କଲେ କଲୋନୀ ବାସି

ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନାଗିରି ଜିଲ୍ଲା ସଦର ରିକ୍ଲାମେସିନ୍ କଲୋନୀ ୱାର୍ଡ ନମ୍ବର ୧୫ରେ ପିଏଚ୍‌ଡି ଜେଇ ରାମ ପ୍ରସାଦ ପ୍ରଧାନ ଗସ୍ତ କରି କଲୋନୀରେ ଥିବା ବିଭିନ୍ନ ପାଣି ସମସ୍ୟା ବିଷୟରେ ଲୋକଙ୍କୁ ପଚାରି ବୁଝିଥିଲେ । କଲୋନିରେ ଥିବା ବିଭିନ୍ନ ଖରାପ ହେଇଥିବା ନଳକୂପ ଗୁଡ଼ିକ ସଜାଡ଼ିବା ତଥା ଠିକ୍ ସମୟରେ ସପ୍ଲାଏ ପାଣି ପ୍ରଦାନ କରିବା ବିଭିନ୍ନ ଘରେ ନୂତନ ସପ୍ଲାଏ ପାଣି ପ୍ରଦାନ କରିବା ବର୍ତ୍ତମାନ ମାଲକାନାଗିରିରେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଯୋଗୁଁ ଲୋକମାନେ ପାଣି ପାଇଁ ବିଭିନ୍ନ ସମସ୍ୟା ଭିତରେ ଗତି କରୁଥିଲେ ଠିକ୍ ସମୟରେ ସପ୍ଲାଏ ପାଣି ନ ଆସିବା ନଳକୂପ ଖରାପ ଥିବା ଯୋଗୁଁ କଲୋନୀ ଲୋକେ ପାଣି ପାଇଁ ହଇରାଣ ହରକତ ହେଉଥିଲେ ଏହାର ସୂଚନା ରିକ୍ଲାମେସନ ରାଇଜିଂ କ୍ଲବ ତରଫରୁ ପିଏଚଡି ଜେଇଙ୍କୁ ପ୍ରଦାନ କରାଯାଇଥିଲା । ସୂଚନା ପାଇ ଜେଇ ଶ୍ରୀ ପ୍ରଧାନ ନିଜେ ତୁରନ୍ତ ରିକ୍ଲାମେସନ କଲୋନୀ ଆସି ଏହି ସବୁ ସମସ୍ୟାର ସମାଧାନ କରିଥିଲେ । ସପ୍ଲାଏ ପାଣି ଏକ ନିର୍ଦ୍ଦିଷ୍ଟ ସମୟରେ ଆସିବ ବୋଲି ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତୁରନ୍ତ ନଳକୂପ ଗୁଡ଼ିକ ସଜାଡ଼ିବାର ବ୍ୟବସ୍ଥା କରି କଲୋନୀର ପାଣି ସମସ୍ୟାର ତୁରନ୍ତ ସମାଧାନ କରିଥିବାରୁ ଜେଇ ଶ୍ରୀ ପ୍ରଧାନଙ୍କୁ ରିକଲାମେସନ୍ କଲୋନୀ ବାସୀଙ୍କ ତରଫରୁ ବେଶ୍ ପ୍ରଶଂସା କରାଯାଇଛି । ତାଙ୍କର ଏହି କାର୍ଯ୍ୟ ସମୟରେ ତାଙ୍କ ସହିତ ୱାର୍ଡ କାଉନସିଲର ବିକାଶ ଦାସ ତଥା ରେକ୍ଲାମସନ ରାଇସିଂ କ୍ଲବ ସମ୍ପାଦକ କେ ରାହୁଲ ସହଯୋଗ କରିଥିଲେ ।

## ସୌମ୍ୟକାନ୍ତ ଜାତୀୟ ପାରା ସ୍ପୋର୍ଟସ ପାଇଁ ମନୋନୀତ

କୁଚିଣ୍ଡା, (ଭାସ୍କର ନ୍ୟୁଜ୍) : କୁଚିଣ୍ଡା ଶିକ୍ଷା ଓ କ୍ରୀଡା ତଥା ସଂସ୍କୃତି କ୍ଷେତ୍ରରେ ସଦାବେଳେ ଜାତୀୟ ସ୍ତରରେ ଏକ ପରିଚୟ ସୃଷ୍ଟି କରିଥାଏ । ସମ୍ପ୍ରତି ସମ୍ବଲପୁର ପ୍ରଧାନମନ୍ତ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା କୁଚିଣ୍ଡାର ସୌମ୍ୟକାନ୍ତ ମହାକୁଳ ଜାତୀୟସ୍ତରରେ ପାରା ସ୍ପୋର୍ଟ ଦକ୍ଷତା ଚୟନ ପ୍ରତିଯୋଗିତାରେ ହାଇଦ୍ରାବାଦ ଠାରେ ଯୋଗଦେଇ ସଫଳତା ହାସଲ କରିଛନ୍ତି । ଜାତୀୟସ୍ତରରେ ସମ୍ବଲପୁର ପିଏମ୍ ଜବାହର ନବୋଦୟ ବିଦ୍ୟାଳୟରୁ ପ୍ରଥମ କରି ଅଂଶ ଗ୍ରହଣ କରିଥିବା ସୌମ୍ୟକାନ୍ତ ମଧ ଜାତୀୟସ୍ତରରେ ପ୍ରଥମ ସ୍ଥାନ ହାସଲ କରି ଚୟନ ହୋଇଛନ୍ତି । ସେ ଏକା ସମୟରେ ସୁଟିଂ, ବେଡମ୍ୟାଣ୍ଟନ, ଟେବୁଲ୍ ଟେନିସ ଓ ରେସଲିଂ ପରି ଖେଳରେ ଅଂଶ ଗ୍ରହଣ କରି ସଫଳତା ହାସଲ କରିଛନ୍ତି । ତାଙ୍କର ଏହି ସଫଳତା ପରେ ତାଙ୍କ ସ୍କୁଲରେ ଖୁସିର ଲହରୀ ଖେଳିଯାଇଛି । ଓଡ଼ିଶାରୁ ତିନିଜଣ ଚୟନ ହୋଇଥିବା ବେଳେ କେବଳ ପଶ୍ଚିମ ଓଡ଼ିଶାରୁ ସୌମ୍ୟକାନ୍ତ ଏକମାତ୍ର କୃତକାର୍ଯ୍ୟ ହୋଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ତାଙ୍କୁ ସ୍କୁଲ ପକ୍ଷରୁ ହାଇଦ୍ରାବାଦ ରଙ୍ଗାରେଡ୍ଡି ଜିଲ୍ଲାରେ ସ୍ଥିତ ପ୍ରଧାନମନ୍ତ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଠାରେ ଅଧ୍ୟୟନ କରିବା ସହ ଆଦିତ୍ୟ ମେହେଟ୍ଟା ଫାଉଣ୍ଡେସନ ଠାରେ ତାଲିମ ଗ୍ରହଣ କରିବା ସହ ଭାରତ ପାଇଁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଖେଳିବେ ବୋଲି ତାଙ୍କର ଖେଳ ଶିକ୍ଷକ ବୀଣା କୁମାରୀ ପ୍ରକାଶ କରିଛନ୍ତି । ସୌମ୍ୟକାନ୍ତ ହେଉଛନ୍ତି କୁଚିଣ୍ଡାର ସମ୍ବଲପୁର ଶିଶୁ କଲ୍ୟାଣ ସମିତିର ସଦସ୍ୟ ପ୍ରଦିପ ମହକୁଲ ଓ କୃଷି ଅଧିକାରୀ ରୋଜାଲିନ ପ୍ରଧାନଙ୍କ ଏକମାତ୍ର ପୁଅ । ଛୋଟ ସମୟରୁ ସେଣ୍ଟ ଥୋମାସ କନଭେଣ୍ଟ ସ୍କୁଲ କୁଚିଣ୍ଡାରେ ପଢୁଥିବା ସମୟରୁ ଖେଳରେ ରୁଚି ରଖିଥିବା ସୌମ୍ୟକାନ୍ତ ଭିନ୍ନକ୍ଷମ ଥାଇ ମଧ ହାର ମାନି ନ ଥିଲେ । ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ ପିଏମ୍ ଯେଏନ୍‌ଭି ସ୍କୁଲ ଶିକ୍ଷକ ମାନଙ୍କର ସହଯୋଗ ସଫଳତା ଆଣି ଦେଇଛି ବୋଲି ତାଙ୍କ ମାଆ ରୋଜାଲିନ ପ୍ରକାଶ କରିଛନ୍ତି ।

## ମହରାପଦର ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ଖପ୍ରାଖୋଲ ବ୍ଲକ ମହାରାପଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଭୁବନେଶ୍ୱର ଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପ୍ରକୃତି ମିତ୍ର ପୁରସ୍କାର ରେ ସମ୍ବର୍ଦ୍ଧିତ କରାଯାଇଥିବା ଜଣାଯାଇଛି । ରାଜ୍ୟ ସ୍ତରୀୟ ଭବ୍ୟ ସମାବେଶ ରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମାନପତ୍ର ଓ ଚେକ୍ ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବକିଶୋର ନନ୍ଦଙ୍କୁ ପ୍ରଦାନ କରିଥିବା ଜଣାଯାଇଛି । ବିଦ୍ୟାଳୟରେ ପରିବେଶ ସୁରକ୍ଷା, ବୃକ୍ଷ ରୋପଣ, ପ୍ଲାଷ୍ଟିକ ବର୍ଜନ, ବର୍ଯ୍ୟବସ୍ତୁର ବ୍ୟବହାର ଉପରେ ପୂର୍ବରୁ ଅନେକ କାର୍ଯ୍ୟ କରିଥିବା ବେଳେ ପ୍ରକୃତ ମିତ୍ର ପୁରସ୍କାର ମିଳିଲା ପରେ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରୀ ଛାତ୍ର ମାନଙ୍କ ମଧ ଆନନ୍ଦ ଖେଳିଯାଇଛି ।

## ଓସେନ୍ ୱାର୍ଲଡ ୱାଟର ପାର୍କର ରଜ ଭେଟି

ଫୁଲନଖରା, (ଭାସ୍କର ନ୍ୟୁଜ୍) : ଆମ ଓଡିଶା ମାଟିର ନିଜସ୍ୱ ଗଣ ପର୍ବ ରଜ ଉପଲକ୍ଷେ ଗାଁଠୁ ସହର ସବୁଠି ଉତ୍ସବ ମୁଖର । ଫୁଲନଖରା ସ୍ଥିତ ଏକ ପ୍ରସିଦ୍ଧ ସ୍ଥାନ ଓସେନ୍ ୱାର୍ଲଡ ୱାଟର ପାର୍କ ଦ୍ୱାରା ବଡ଼ ଧୂମଧାମରେ ଆୟୋଜିତ ହେଉଛି 'ରଜ କାର୍ଣ୍ଣିଭାଲ ୨୦୨୫' । ଏହି ଇଭେଣ୍ଟରେ ସ୍ୱଳ୍ପ ଖର୍ଚ୍ଚରେ ପୁରା ପରିବାର ଏକାସାଙ୍ଗରେ ଗୋଟିଏ ସ୍ଥାନରେ ଭରପୁର ରଜ ମଉଜ କରିପାରିବା ଲକ୍ଷ୍ୟରେ ଆୟୋଜନ କରାଯାଉଛି । ଏହି ଇଭେଣ୍ଟରେ କପୁଲ ଗେମ୍ସ ଶୋ, ରଜ ସୁନ୍ଦରୀ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ । ତା' ସହିତ ପାରମ୍ପରିକ ରଜ ପିଠା, ରଜ ପାନ, ରଜ ଦୋଳି, ମେହେନ୍ଦୀ ଆଦି ସେଠାରେ ଉପଲବ୍ଧ ରହିବ । ଦର୍ଶକଙ୍କ ମନୋରଞ୍ଜନ ପାଇଁ ତିନି ଦିନ ଧରି ଓଡ଼ିଶାର ସୁନାମଧନ୍ୟ ପ୍ଲେ



ବ୍ୟାକ୍ ସିଙ୍ଗର୍ସ ମାନଙ୍କୁ ନେଇ ସଙ୍ଗୀତ ଏବଂ ଆଗଧାଡ଼ିର ମଡର୍ଣ୍ଣ ଡ୍ୟାନ୍ସ ଟ୍ରୁପ୍‌ଙ୍କୁ ନେଇ କାର୍ଯ୍ୟକ୍ରମ କରାଯିବ । ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ ପ୍ରଧାନ, ସ୍ୱୟଂ ପାଢ଼ୀ, ସତ୍ୟଜିତ ଜେନାଙ୍କ ସମେତ କଣ୍ଠଶିଳ୍ପୀ ମୃଣ୍ମୟ ଏମ୍‌ଏମ୍‌ଏସ୍ ତାଙ୍କ ଟିମ୍ ସହିତ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କ ମନ ମୁଗ୍ଧ କରିବେ । ପ୍ରତ୍ୟେକ ଦିନ ଶୁଭମଙ୍କ ଭଳି ସୁନାମଧନ୍ୟ ଆଙ୍କର ମଞ୍ଚ ପରିଚାଳନା କରିବେ । ଏହି ରଜ କାର୍ଣ୍ଣିଭାଲରେ ବୟସ୍କମାନେ ମାତ୍ର ୬୯୯ ଟଙ୍କା ଏବଂ କିଡ୍ସ ମାନେ ମାତ୍ର ୫୯୯ ଟଙ୍କା ଦେୟ ଦେଇ ଭାଗ ନେଇପାରିବେ ଏବଂ ଚଳିତ ରଜ ପର୍ବରେ ଢେର ମଉଜ କରିପାରିବେ ବୋଲି ଓସେନ୍ ୱାର୍ଲଡ ୱାଟର ପାର୍କର ପରିଚାଳନା ମୁଖ୍ୟ ଦୀପକ ଦାଶ ଗଣମାଧମ ଆଗରେ ମତ ରଖିଥିଲେ ।

# ଗୀତ ଗାଇ କମାଲ ଦେଖାଇଲେ ସୌମ୍ୟଜିତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍) : ପ୍ରାର୍ଥନା ଚେନାଲରେ 'ପ୍ରାର୍ଥନା ପ୍ରତିଭା' ପ୍ରତିଯୋଗିତାରେ ଗୀତ ଗାଇ କମାଲ ଦେଖାଇଲେ ଜଳେଶ୍ୱର ଅଞ୍ଚଳର ସୌମ୍ୟଜିତ ପ୍ରଧାନ । ସୌମ୍ୟଜିତ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମ ପଞ୍ଚାୟତ ସ୍ଥିତ ନିମପୁର ଗ୍ରାମର । ତାଙ୍କ ପିତା ମହେଶ୍ୱର ପ୍ରଧାନ ଜଣେ ସୁପରିଚିତ ତବଲା ବାଦକ ଥିବାବେଳେ ମାତା ଅନ୍ନପୂର୍ଣ୍ଣା ପ୍ରଧାନ ସଂଗୀତ ଶିଳ୍ପୀ ଭାବେ ଖୁବ ପରିଚିତ । ସୌମ୍ୟଜିତ ୧୯୯୯ ମସିହା ମାର୍ଚ୍ଚ ୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସଂଗୀତ ତାଙ୍କ ରକ୍ତରେ ଅଛି କହିଲେ ତାହା ଭୁଲ ହେବ ନାହିଁ । ଛୋଟ ବେଳରୁ ସଂଗୀତ ସଂସ୍କୃତିରେ ଲିପ୍ତ ହୋଇଥିବା ସୌମ୍ୟଜିତ ଏବେ ସଂଗୀତକୁ ସାଥି



କରି ନେଇଛନ୍ତି । ୪/୫ ବର୍ଷ ବୟସରେ ତାଙ୍କ ମା ଓ ବାପାଙ୍କ ଠାରୁ ସଂଗୀତ ଶିକ୍ଷା ଆରମ୍ଭ କରିଥିଲେ । ଶିଶୁ ଅବସ୍ଥାରେ ତାଙ୍କ ମା ଯେତେବେଳେ ସଂଗୀତ ଗାନ କରୁଥିଲେ, ସେତେବେଳେ ସୌମ୍ୟଜିତ ହାରମୁନିୟମ ଉପରେ ଚଢ଼ି ଯାଉଥିଲ । ପ୍ରଚଳିତ ଶିକ୍ଷାରେ ସୌମ୍ୟଜିତ ଦୀନକୃଷ୍ଣ ମହାବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଏବଂ ଡିଫାର୍ମାରେ କୃତିତ୍ୱ ଅର୍ଜନ କରିବା ପରେ ସ୍ୱର୍ଣ୍ଣଲେଖା କଳା ବିକାଶ କେନ୍ଦ୍ରରୁ ଗୁରୁ ବ୍ରଜବଲ୍ଲଭ ସାହୁ ଓ ଡକ୍ଟର ଆଲୋକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସଂଗୀତରେ ବିଶାରଦ ପାଶ କରିଛନ୍ତି । ପରେ ଶାସ୍ତ୍ରୀୟ ସଂଗୀତରେ ପ୍ରଖ୍ୟାତ ଗୁରୁ ବ୍ରଜେଶ ପଣ୍ଡା ଓ ଲଘୁ ସଂଗୀତରେ ଗୁରୁ ପ୍ରମୋଦ ପଣ୍ଡାଙ୍କ ଠାରୁ ବିଧିବଦ୍ଧ ଭାବରେ ସଂଗୀତ ଶିକ୍ଷା କରିଛନ୍ତି । ପ୍ରାୟତଃ ୩ ବର୍ଷ ଧରି କଲିକତାର ଗୁରୁ ଅର୍ଜିତ ଚକ୍ରବର୍ତ୍ତୀଙ୍କ ଠାରୁ ଏବଂ ଅନେକ ସୁନାମଧନ୍ୟ ଗୁରୁ ଭୁବନ ମୋହନ ପ୍ରଧାନ ଓ ରୂପକ ପରିଡ଼ାଙ୍କ ଠାରୁ ସଂଗୀତ ଶିକ୍ଷା କରି ସୌମ୍ୟଜିତ ଜଳେଶ୍ୱର ଅଞ୍ଚଳର ଗର୍ବ ଓ ଗୌରବ ଆଣି ପାରିଛନ୍ତି । ଅନେକ ପ୍ରତିଯୋଗିତା ସହ ସୀମାନ୍ତସ୍ୱର, ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରି ନିଜର ଦକ୍ଷତା ଦେଖାଇଛନ୍ତି । ବାରିପଦା ଆକାଶବାଣୀରେ ସଂଗୀତ ପରିବେଷଣ ତଥା ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତା ମଞ୍ଚରେ ନିଜର ସୁଲଳିତ ସ୍ୱରରେ ଲୋକଙ୍କୁ ଆକର୍ଷିତ କରି ପାରିଛନ୍ତି ସୌମ୍ୟଜିତ । ସୌମ୍ୟଜିତ ପ୍ରାର୍ଥନା ଚେନାଲରେ ଚାଲିଥିବା 'ପ୍ରାର୍ଥନା ପ୍ରତିଭା' ପ୍ରତିଯୋଗିତାରେ ଦ୍ୱିତୀୟ ପାହାଚ ଅତିକ୍ରମ କରି ତୃତୀୟ ପାହାଚରେ ଅବସ୍ଥାପିତ । ତାଙ୍କ ଗାୟନ ଶୈଳୀରେ କେବଳ ବିଚାରକମାନେ ନୁହନ୍ତି, ବହୁ ଶ୍ରୋତା ମଧ ସ୍ତମ୍ଭିତ ହୋଇଛନ୍ତି । ସେ ତାଙ୍କ ସଂଗୀତ ଯାତ୍ରାକୁ ମା, ବାପା ଓ ପରିବାର ଲୋକ ଓ ଗୁରୁମାନଙ୍କୁ ସମର୍ପିତ କରିଛନ୍ତି ।

# ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା

ବେତନଟୀ, (ଭାସ୍କର ନ୍ୟୁଜ୍) : ବାଣୀପୀଠ ତରଫରୁ 'ଆମ ସୁନାଚାନ୍ଦ' ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଅକାଦମୀ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁଗଳ୍ପ କର୍ମଶାଳା ବିବେକାନନ୍ଦ ବିହାର ଠାରେ ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଶିଶୁ ପୁସ୍ତକ ଓ ପତ୍ର ପତ୍ରିକା ପ୍ରଦର୍ଶନୀକୁ ଶିଶୁ ହିତରାଜ ମହାନ୍ତ ଉଦ୍‌ଘାଟନ କରିଥିଲେ । ପରେ ମା' ବିରଜା ଦେବୀଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶିଶୁ ପତ୍ରିକା 'ଆମ ସୁନାଚାନ୍ଦ'ର ରଜସଂଖ୍ୟା ଓ ଲେଖକ ଶ୍ରୀ ସର୍ବେଶ୍ୱର ମହାନ୍ତଙ୍କର ରଚିତ ପୁସ୍ତକ 'ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସଂକ୍ଷିପ୍ତ ଇତିହାସ' ଉନ୍ମୋଚିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସ୍ୱପ୍ନଦୀପ ଶିଶୁ ପତ୍ରିକାର ମୁଖ୍ୟ ସଂପାଦକ କାଳିକିଙ୍କର ଯୋଗଦାନ କରି ଶିଶୁ ସାହିତ୍ୟରେ ଗଳ୍ପ ଆମ ସାହିତ୍ୟର ମୂଳ ଭିତ୍ତିଭୂମି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଡ଼କ୍ଟର ରମାକାନ୍ତ ସିଂହଙ୍କ ସହିତ ସମ୍ମାନୀତ ଅତିଥି ଭାବେ ସତ୍ୟନାରାୟଣ ନାୟକ, ଆଦରଣୀୟ ଅତିଥି ଭାବେ ସ୍ମୃତିଲିପିର ସଂପାଦକ ଭୁବନ ମୋହନ ମହାନ୍ତି ଯୋଗଦାନ କରି ଶିଶୁଙ୍କ ଶାରିରୀକ ମାନସିକ ବିକାଶ ପାଇଁ ଏହିଭଳି କର୍ମଶାଳାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । କବି ରତିକାନ୍ତ ବେହେରା ଅନ୍ୟବାଦ ଅର୍ପଣ କରିଥିଲେ । ଦିବା ୧୧ଘଟିକାରେ ଶିଶୁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କରଞ୍ଜିଆର ଡ଼କ୍ଟର ଭାଗବତ ଲେଙ୍କା, ବଲାଙ୍ଗୀର-କଣ୍ଟାବାଂଜି ନିଝରିଣୀ ଶିଶୁ ପତ୍ରିକାର ସଂପାଦକ ବିରଞ୍ଚି ନାରାୟଣ ଦାସ, ଭୁବନେଶ୍ୱର ନବକାକଳୀର ସଂପାଦକ ଡ଼କ୍ଟର ସୁରେନ୍ଦ୍ରନାଥ ତ୍ରିପାଠୀ ଓ କଇଁଫୁଲ ଶିଶୁ ପତ୍ରିକାର ମୁଖ୍ୟ ସଂପାଦକ ପର୍ଶୁରାମ ସାହୁ ଯୋଗଦାନ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଦିବା ୩ ଘଟିକାରୁ ଶଚୀନ୍ଦ୍ର କୁମାର ବିଶ୍ୱାଳ, ନୀରୋଦ ସୁନ୍ଦର ଜେନା, ସର୍ବେଶ୍ୱର ଜେନା, ସଚ୍ଚିଦାନନ୍ଦ ମହାନ୍ତି, ସୁଚରିତା ମହାନ୍ତି ଓ କାର୍ତ୍ତିକ ସେଠୀଙ୍କ ତତ୍ତ୍ୱାବଧାନରେ ଗଳ୍ପ ଲିଖନ କର୍ମଶାଳା ଅନୁଷ୍ଠିତ ହୋଇଥିଲା ଏଥିରେ ୬୬ଜଣ ଶିଶୁ ଓ ୩୦ ଜଣ ଶିଶୁ ସାହିତ୍ୟିକ ଯୋଗଦାନ କରି ନିଜ ନିଜର ସ୍ୱରଚିତ ଗଳ୍ପ ଲେଖିଥିଲେ । ସଂଧାରେ କୈବଲ୍ୟ ମହାପାତ୍ର, ଭାସ୍ୱତୀ ପଣ୍ଡା, ବାସନ୍ତି ମହାପାତ୍ର, ସୁନାମଣି ଜେନା, ଝରଣା ମଲ୍ଲିକ, ନଟବର ପାଢୀ, ଶାନ୍ତି ବିଶି, ନଳିନୀକାନ୍ତ ପାଢୀ, ପ୍ରଦୀପ୍ତ କୁମାର ଦାସ ଓ ବେଣୁଧର ଜେନାଙ୍କ ପରିଚାଳନାରେ ଲିଖିତ ଗଳ୍ପର ପାଠୋତ୍ସବ ଓ ପିଲା ମାନଙ୍କ ମଧରେ ନୃତ୍ୟ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

# 'ବନ୍ଧୁମିଳନ ଅତୀତର ସ୍ମୃତିକୁ ତାଜା କରିଥାଏ'

ଆଳି, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ମୁଖ୍ୟ ବଜାର ମଧରେ ଥିବା ଆଳି ଉଚ୍ଚ ବିଦ୍ୟାଳୟର ୧୯୯୩ ବ୍ୟାଚ ଛାତ୍ର ମାନଙ୍କର ବନ୍ଧୁମିଳନ ଓ ଗୁରୁ ପୂଜନ ଉତ୍ସବ ନିଆଳ ସ୍ଥିତ ଆଲିଶା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ଦୋଳ ଗୋବିନ୍ଦ ମଲ୍ଲିକ ଓ ଚିନ୍ମୟୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଓ ଗୁରୁ ପୂଜନ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଗଗନ ଶତପଥୀ, କାର୍ତ୍ତିକ ଚନ୍ଦ୍ର ବେହେରା, ଦୁର୍ଗା ଚରଣ ରାଉତ, ବ୍ରଜ ସୁନ୍ଦର ଦାଶ, ମୁରଲୀଧର ପାତ୍ର ପ୍ରମୁଖ ଯୋଗଦେଇ ଥିଲେ । ଶିକ୍ଷକ ମାନେ ମଣ୍ଡପରେ ପହଞ୍ଚିବା ପରେ ଛାତ୍ର ଛାତ୍ରୀ ମାନେ ମଣ୍ଡପ ଫାଟକ ନିକଟରୁ ଶିକ୍ଷକ ମାନଙ୍କୁ ପାଛୋଟି ନେଇଥିଲେ । ସମସ୍ତ ଶିକ୍ଷକ ମାନଙ୍କର ଗୋଡ଼ ଧୋଇ ଦେଇ ପୂଜାର୍ଚ୍ଚନା କରିଥିଲେ । ଉତ୍ସବ ଆରମ୍ଭରେ ଶିକ୍ଷକ ମାନେ ମଣ୍ଡପ ପରିସରରେ ଶ୍ରୀ ଜଗନ୍ନାଥ ଠାକୁରଙ୍କ ଫଟୋଚିତ୍ର ପୁଷ୍ପମାଲ୍ୟ ଅର୍ପଣ, ଦୀପ ପ୍ରଜ୍ୱଳନ କରି ସଭାମଞ୍ଚରେ ଉପବେଶନ କରିଥିଲେ । ଏହାପରେ ଛାତ୍ରଛାତ୍ରୀ ମାନେ ମିଳିତ ଭାବରେ



ଶିକ୍ଷକ ମାନଙ୍କୁ ଫୁଲ ତୋଡା, ମାନପତ୍ର, ବ୍ୟାଚ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ଏହି ବିଦ୍ୟାଳୟର ୯ ଜଣ ଦିବଂଗତ ଶିକ୍ଷକ ଓ ୮ ଜଣ ଦିବଂଗତ ସହପାଠୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ବର୍ଦ୍ଧନାର ପ୍ରତିକ୍ରିୟାରେ ଭାବ ବିହ୍ୱଳ ଶିକ୍ଷକ ମାନେ ସେମାନଙ୍କ ୩୨ ବର୍ଷର ସ୍ମୃତିକୁ ରୋମନ୍ଥନ କରିଥିଲେ । ସେମାନେ କହିଥିଲେ ଯେ ଯେଉଁ ମାନେ ଯେତେ ସଂସ୍କାରିତ ହୋଇଛନ୍ତି ସେମାନଙ୍କର ଜୀବନ ସେତେ ସୁଖମୟ, ସରଳ ଓ ଶାନ୍ତିପୂର୍ଣ୍ଣ ହୋଇଛି । ଏ ବିଦ୍ୟାଳୟର ଐତିହ୍ୟ ଅତ୍ୟନ୍ତ ଗାରିମାମୟ । ବିଦ୍ୟାଳୟ କେବଳ ଶିକ୍ଷା ଦେଇନାହିଁ ଭବିଷ୍ୟତରେ ଜଣେ ଭଲ ମଣିଷ ହେବା ପାଇଁ ସଂସ୍କାର ମଧ ଦେଇଛି । ସମାଜ ପାଇଁ ଭଲ କାର୍ଯ୍ୟ କରି ତୁମ ନା ଯଶ ହେଲେ ସେଇଟା ହିଁ ହେବ ଆମ ମାନଙ୍କର ଗୁରୁ ଦକ୍ଷିଣା । ବନ୍ଧୁମିଳନ ଅତୀତର ସ୍ମୃତିକୁ ତାଜା କରିଥାଏ । ସେଇଥିପାଇଁ ଦୀର୍ଘ ୩୨ ବର୍ଷ ପରେ ମଧ ବନ୍ଧୁମିଳନ ଆଳରେ ସେମାନେ ଶିକ୍ଷକ ମାନଙ୍କ ବନ୍ଧୁମିଳନ କରି ତାଙ୍କର ପୂଜାର୍ଚ୍ଚନା କରିଛନ୍ତି ଓ ସମ୍ବର୍ଦ୍ଧିତ କରିଛନ୍ତି । ପୁରାତନ ଛାତ୍ରଛାତ୍ରୀ ଚିନ୍ମୟ ପାତ୍ର, ଜୟପ୍ରକାଶ ରାଉତ, ଅଭୟ ଦାସ, ସୁପ୍ରଭା ନାୟକ, ଶୁଶାନ୍ତି ଜେନା, ପ୍ରିୟରଞ୍ଜନ ବେହେରା, ପ୍ରଶାନ୍ତ ସିଂ, ସତ୍ୟ ନାରାୟଣ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଜଳକଷ୍ଟ ଭୋଗୁଛନ୍ତି ଭାଗଲପୁର ମୁଣ୍ଡାସାହି ଗ୍ରାମବାସୀ

- ପାହାଡିଆ ରାସ୍ତା ଅତିକ୍ରମ କରି ଚୁଆପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି ପ୍ରତିକାର
- ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କୁବେରପୁରୀ କେନ୍ଦୁଝର ଜିଲ୍ଲାରେ ଜଳସଂକଟ ବେଡି ଉପରେ କରୋଡା ସାଜିଛି । କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକର ଅନେକ ଗ୍ରାମରେ ପାନୀୟ ଜଳସଂକଟ ଦେଖା ଦେଇଥାଏ । ଏହି ସମସ୍ୟା ଖରାଦିନରେ ଉତ୍କଟ ରୂପ ଧାରଣ କରେ । ସରକାର ଯୋଜନା ପରେ ଯୋଜନା ପ୍ରଣୟନ କରି ଚାଲିଛନ୍ତି । କିନ୍ତୁ ଯୋଜନା ସମୂହର କାର୍ଯ୍ୟକାରିତାକୁ ଠିକ୍ ରୂପେ ବାସ୍ତବାୟିତା କରାଯାଉନଥିବା ଅଭିଯୋଗ ହେଉଛି । ଏହାର କାରଣ ସ୍ୱରୂପ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଏଭଳି ଏକ ଗୁରୁତର ଅଭିଯୋଗ ସୃଷ୍ଟି ହୋଇଛି କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକରେ । ଏଭଳି ସ୍ଥିତିରେ କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ବିରିକଳା ପଞ୍ଚାୟତ ଭାଗଲପୁର ମୁଣ୍ଡାସାହି ଗ୍ରାମବାସୀ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଥିବା ବେଳେ ନିକଟସ୍ଥ ନାଳରେ ଚୁଆପାଣି ହିଁ ତାଙ୍କ ପାଇଁ ଭରସା ସାଜିଛି । ମୁନ୍ଦାଏ ପାଣି ନିମନ୍ତେ ଗ୍ରାମର ମୁଖ୍ୟତଃ ମହିଳା ଓ ଛୋଟ ଛୁଆ ମାନେ ଗରା, ମାଠିଆ ଧରି ପ୍ରାୟ ୧କିମିରୁ ଅଧିକ ବନ୍ଧୁର ପାହାଡିଆ ରାସ୍ତା ଅତିକ୍ରମ କରି ଚୁଆପାଣି ଜଳ ସଂଗ୍ରହ



କରିବାକୁ ବାଧ ହେଉଛନ୍ତି । ବିରିକଳା ପଞ୍ଚାୟତର ମୁଣ୍ଡାସାହି ଗାଁରେ ପାଣି ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ଗାଁର ଲୋକ ସଂଖ୍ୟା ପ୍ରାୟ ଚାରିଶହରୁ ଉର୍ଦ୍ଧ୍ୱ ହେବ । ଏହି ଗାଁରେ ସରକାରଙ୍କ ପକ୍ଷରୁ ଗଭୀର ନଳକୂପ ସ୍ଥାପନ କରାଯାଇଛି । ତେବେ ଏହି ନଳକୂପ ପାଣିର ଗନ୍ଧ ଲୁହାଳିଆ, ନାଲି ରଙ୍ଗ ସହ ଲୁହାଗୁଣ୍ଡ ଯୁକ୍ତ ଥିବାରୁ ମୁହଁରେ ଦେଇ ହୁଏନି ବୋଲି ସାବିତ୍ରୀ ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା, ଦୁର୍ଗଶ୍ରୀ ମୁଣ୍ଡା ଓ ପ୍ରୀତି ମୁଣ୍ଡା ପ୍ରମୁଖ କହିଛନ୍ତି । ଫଳରେ ଗ୍ରାମବାସୀମାନେ ପାଣି ଟୋପାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇ ଆସୁଛନ୍ତି । ଏ ନେଇ ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଓ ବ୍ଲକ କାର୍ଯ୍ୟାଳୟ ତଥା ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଖକୁ ଦୌଡି କିଛି ସୁଫଳ ମିଳିନାହିଁ । ସ୍ୱାଧିନତାର ଦୀର୍ଘ ବର୍ଷ ପରେ ମଧ ସ୍ୱଚ୍ଛ ପାନୀୟ ଜଳ ଟୋପାଏ ପାଇଁ ଲୋକେ ହନ୍ତସନ୍ତ ହେବା ଘଟଣା ପ୍ରଶାସନର ପାରିବା ପଣିଆକୁ ଏବେ ପଦାରେ ପକାଇଦେଇଛି । ଏନେଇ ଭାଗଲପୁରର ବାସିନ୍ଦା ଅଭିଯୋଗ କରି କହିଛନ୍ତି ଯେ, ଗ୍ରାମରେ ନଳକୂଅ ଦୁଇଟି ଓ ଗୋଟିଏ ସୋଲାର ପ୍ରକଳ୍ପ ରହିଛି । ହେଲେ ନଳକୂପର ଜଳ ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ଅନେକ ସମୟରେ ସୋଲାର ପ୍ରକଳ୍ପ ଉପରେ ପାନୀୟ ଜଳ ପାଇଁ ନିର୍ଭର କରିଥାନ୍ତି । ମାତ୍ର ଉକ୍ତ ସୋଲାର ପ୍ରକଳ୍ପଟି ତୃଟି ପୂର୍ଣ୍ଣ ଭାବରେ ସ୍ଥାପନ କରାଯାଇ ଥିବାରୁ ପମ୍ପ ମାଧ୍ୟମରେ ଜଳ ଉଠାଣ ବହୁତ୍ କମ୍ ହୋଇଥାଏ । ଜଳାଭାବ ହେତୁ ମହିଳା ମାନେ ପ୍ରାୟ ୧ କିମି ଦୂର ଜଙ୍ଗଲ ମଧରେ ଥିବା ଚୁଆ ପାଣି ଆଣି ବ୍ୟବହାର କରିଥାନ୍ତି । ସେହିପରି ୨୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା କହିଛନ୍ତି ଯେ, ସେ ଜିଲ୍ଲା ପରିଷଦ ସଭ୍ୟ ହେବା ଦିନ ଠାରୁ ଉକ୍ତ ଗ୍ରାମରେ ପାନୀୟ ଜଳ ସଙ୍କଟରେ ଲୋକେ ଶିକାର ହେଉଛନ୍ତି । ଏନେଇ ସେ ପଞ୍ଚାୟତ ସମିତି, ଜିଲ୍ଲା ପରିଷଦ ବୈଠକ, ଜିଲ୍ଲାପାଳ ଅଭିଯୋଗ ଶୁଣାଣିରେ ବାରମ୍ବାର ଅଭିଯୋଗ କରି ନିରାଶ ହୋଇଛନ୍ତି । ଆଜି ପର୍ଯ୍ୟନ୍ତ ଉକ୍ତ ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆ ଯାଇ ପାରି ନାହିଁ । ବିଛା ଯାଇଥିବା ପାଇପ ହେଲେ କେଉଁଠି ପାଇପ ଓ ଷ୍ଟାଣ୍ଡ ପୋଷ୍ଟ ଥାଇ ଲୋକଙ୍କୁ ପାଣି ମିଳୁ ନାହିଁ । ଏସମ୍ପର୍କରେ ଯୋଡ଼ା ବିଡ଼ିଓ ଡେନିସ ବେହେରା କହିଛନ୍ତି ଯେ, ଗ୍ରୀଷ୍ମ ଦିନରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ଆବଶ୍ୟକ ପଦକ୍ଷେପ ନିଆ ଯାଉଛି । ଯେଉଁ ଅଞ୍ଚଳରେ ପାନୀୟ ଜଳର ସୁବିଧା ହୋଇ ନାହିଁ ସେଠାରେ ମେଗା ପ୍ରକଳ୍ପ ମାଧ୍ୟମରେ ଜଳ ଯୋଗାଣର ବ୍ୟବସ୍ଥା କରାଯିବ । ଏହି କାର୍ଯ୍ୟରେ ବିଳମ୍ବ ଘଟିଲେ ଅସ୍ଥାୟୀ ଭାବେ ଟ୍ୟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯିବ । ତେବେ ଭାଗଲପୁର ଗ୍ରାମରୁ ପ୍ରାୟ ୩୦ କିମି ଦୂରରେ ଯୋଡ଼ା ବ୍ଲକର ସମସ୍ତ ଗାଁକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଗତ ୩ ବର୍ଷ ହେବ ଏକ ମେଗା ପ୍ରକଳ୍ପ ନିର୍ମାଣ କରାଯାଉଛି । ଗତ ୩ ବର୍ଷ ମଧ୍ୟରେ ମାତ୍ର ୨ଟି ପଞ୍ଚାୟତକୁ ପାଇପ ଦ୍ୱାରା ଜଳ ଯୋଗାଣ କରାଯାଇ ଥିବା ବେଳେ ଏପର୍ଯ୍ୟନ୍ତ ପାଣି ପାଇପ ବିଛା କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି । ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଦାୟିତ୍ୱ ହୀନତା ଯୋଗୁଁ ଏହି ମେଗା ପ୍ରକଳ୍ପର ସମ୍ପୂର୍ଣ୍ଣ ନେଇ ଅନିଶ୍ଚିତତା ଦେଖା ଦେଇଛି ।



ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ବ୍ଲକ ଅନ୍ତର୍ଗତ ବାଙ୍କୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୫ ମସିହା ମାଟ୍ରିକ ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମା’ କୋଶଳାଶୁଣି ଠାକୁରାଣୀଙ୍କ ପବିତ୍ର ପୀଠରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ୬ ଜଣ ସହପାଠୀଙ୍କ ଅକାଳ ବିୟୋଗ ପାଇଁ ଏକ ମିନିଟ ଶ୍ଳୋକ ବନ୍ଦନା କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ୬୦ରୁ ଉର୍ଦ୍ଧ୍ୱ ସହପାଠୀମାନେ ଉପସ୍ଥିତ ରହି ନିଜର ସାମ୍ୟକ ପରିଚୟ ପ୍ରଦାନ କରିଥିଲେ ଏବଂ ସହପାଠୀମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିବା ପାଇଁ ସମସ୍ତଙ୍କୁ ମାନପତ୍ର ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଚନ୍ଦ୍ରକାନ୍ତ ବିଶ୍ୱାଳ ପରିଚାଳନା କରଥିଲାବେଳେ ରଞ୍ଜନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରଥିଲେ। ଏହି କାର୍ଯ୍ୟକ୍ରମକୁ ଅଭୟ କୁମାର ଛୋଟରାୟ, ମୃତ୍ୟୁଞ୍ଜୟ ମାର୍ଥା, ବିରୂପାକ୍ଷ ଶତପଥୀ ପ୍ରମୁଖ ସହଯୋଗ କରିଥଲେ ଏବଂ ଆସନ୍ତା ବର୍ଷ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ମା’ ବରୁଣେଇଙ୍କ ପୀଠରେ ଆୟୋଜିତ କରିବା ପାଇଁ ନିଷ୍ପତି ହୋଇଥିଲା।

### ଯୁଗ୍ମ ଜନଶୁଣାଣି ଶିବିର

## ଭୀଷଣ ଗୁଳୁଗୁଳିରେ ଜିଲ୍ଲା ଶିକ୍ଷାଧିକାରୀ ମୂର୍ଚ୍ଛା




ରଘୁନାଥପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁରଜିଲ୍ଲା ରଘୁନାଥପୁର ବ୍ଲକରେ ସୋମବାର ମିଶନଶକ୍ତି ସଭା ଗୃହରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ସକାଳ ୭ଟାରୁ ଆରମ୍ଭ ହୋଇ ୧୦ଟାରେ ଶେଷ ହୋଇଥିଲା। ଏଥିରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଏଡିଏମ୍ ଜ୍ୟୋତିଶଙ୍କର ରାୟ, ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଘାତା, ଜିଲ୍ଲା ଶିକ୍ଷା ଅଧିକ୍ଷକ ନିରଞ୍ଜନ ବେହେରା, ଭାରପ୍ରାପ୍ତ ତହସିଲଦାର ସଞ୍ଜୟ କୁମାର ବେହେରା, ବିଡ଼ିଓ ବିରଞ୍ଚି ନାରାୟଣ ବେହେରା, ଉପସ୍ଥିତ ରହି ଲୋକମାନଙ୍କ ଆପତ୍ତି ଅଭିଯୋଗ ଗୁଡ଼ିକୁ ଶୁଣାଣି କରିଥିଲେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିର ଚାଲୁଥିବା ସମୟରେ ଅସହ୍ୟ ଗୁଳୁଗୁଳି ଯୋଗୁ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ହଠାତ୍ ଅସୁସ୍ଥ ହୋଇ ମୂର୍ଚ୍ଛା ହୋଇପଡିବାରୁ ତାଙ୍କୁ ତୁରିତ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ଏହି ଶିବିରରେ ମୋଟ ୫୩ଟି ଅଭିଯୋଗ ମଧ୍ୟରୁ ଭତ୍ତା, ରାସନ କାର୍ଡ, ଜମିଜମା ଓ ଅନ୍ତ୍ୟୋଦୟ ଆବାସ ଯୋଜନା ସମ୍ବନ୍ଧୀୟ ହୋଇଥିବା ଜଣାଯାଇଛି। ଏଥିରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ଆଇଆଇସି ସୁଶାନ୍ତ କୁମାର ସେଠୀ, ଏସ୍‌ଆଇ ଯୋଗେଶ ବେହେରା ଓ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ କର୍ମଚାରୀମାନେ ସହଯୋଗ ପ୍ରଦାନ କରିଥିଲେ। ଅପରପକ୍ଷରେ ଜନଶୁଣାଣି ଶିବିରକୁ ଜିଲ୍ଲାପାଳ ଆସୁନଥିବା ଓ ଅଧିକାଂଶ ଅଭିଯୋଗ ସମାଧାନ ହୋଇପାରୁ ନଥିବାରୁ ଅଭିଯୋଗ କାରୀମାନେ ପ୍ରକୋଷ୍ଟକୁ ଆସିବାକୁ ଇଚ୍ଛା କରୁନାହାଁନ୍ତି। ସେଥିପାଇଁ ଶିବିରରେ ଅଭିଯୋଗ ସଂଖ୍ୟା ହ୍ରାସ ପାଉଛି ବୋଲି କିଛି ଅଭିଯୋଗକାରୀ ଗଣମାଧ୍ୟମକୁ କହିଛନ୍ତି।

## ବ୍ୟାପକ ଦେଶୀମଦ ସହ ୭ଟନ୍ ପୋଚ ନଷ୍ଟ




କରଞ୍ଜିଆ (ଭାସ୍କର ନ୍ୟୁଜ୍) : ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ, ଚୋରା ମଦ କାରବାର ବିରୋଧରେ ଅଭିଯାନ ମେ ମାସ ୩୧ ତାରିଖ ଠାରୁ ଜୁନ୍ ମାସ ୨୬ ତାରିଖ ପର୍ଯ୍ୟନ୍ତ ନିଶା ନିବାରଣ ସଚେତନତା ରଥ ଗାଁ ଗାଁରେ ପରିକ୍ରମା କରି ଲୋକଙ୍କୁ ସଚେତନତା କରୁଥିବା ବେଳେ ତାହା ଓଲଟା ଦେଖିବାକୁ ମିଳିଛି। ରବିବାର ଦିନ କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ଖଣ୍ଡିଆଦର ଗ୍ରାମର ନଦୀ ନାଳ, ଝରଣା କଡ଼ରେ ଦେଶୀ ମହୁଲି ମଦ ପ୍ରସ୍ତୁତ ହେଉଥିବା କୌଣସି ବିଶେଷ ସୂତ୍ରରୁ ଖବର ପାଇ କରଞ୍ଜିଆ ଥାନା ଅଧିକାରୀ ଶରତ କୁମାର ମହାଳିକ, କରଞ୍ଜିଆ ଅବକାରୀ ବିଭାଗ ଇନ୍ସପେକ୍ଟରଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ୍ ଟିମ୍, କରଞ୍ଜିଆ ଅବକାରୀ ଓଆଇସି ରଶ୍ମି ରଞ୍ଜନ ନାୟକ, ଠାକୁରମୁଣ୍ଡା ଓଆଇସି, ଯଶୀପୁର ଓଆଇସି ଓ ଅବକାରୀ ଟିମ୍ ସହାୟତାରେ ଅତର୍କିତ ଭାବେ ଚଢାଉ କରି ମଦ ପ୍ରସ୍ତୁତ ସରଞ୍ଜାମ ଜବତ୍ କରି ୨୩୦ ଲିଟର ଦେଶୀ ମହୁଲି ମଦ ନଷ୍ଟ କରିବା ସହିତ ୭ଟନ୍ ମହୁଲ ପୋଚ ନଷ୍ଟ କରିଛି ଅବକାରୀ ବିଭାଗର ଓ ପୋଲିସ୍। ଏଥିରେ ସଂପୃକ୍ତ କାହାକୁ ଗିରଫ କରାଯାଇ ନଥିବା ବେଳେ ତଦନ୍ତ ଜାରି ରଖିଛି ଅବକାରୀ ବିଭାଗ। ଅନ୍ୟପଟେ ଏହି ଚଢ଼ାଉ ଆଗାମୀ ଦିନରେ ଜାରି ରହିବ ବୋଲି କରଞ୍ଜିଆ ଅବକାରୀ ଓଆଇସି ଶ୍ରୀ ନାୟକ ସୂଚନା ଦେଇଥିବା ବେଳେ କରଞ୍ଜିଆ ଅବକାରୀ ବିଭାଗ କେବଳ ଦେଶୀ ମହୁଲି ମଦ ଜବତ କରୁଥିବା ବେଳେ କରଞ୍ଜିଆ ସହରର ବିଭିନ୍ନ ଦୋକାନ, ହୋଟେଲ ମାନଙ୍କରେ ଖୁଲମ୍ ଖୁଲା ଚୋରା ବିଦେଶୀ ମଦ ବିକ୍ରି କରି ମଦ ମାଫିଆମାନେ ମାଲେମାଲ୍ ହେଉଛନ୍ତି। ଏପରି ମଦ ମାଫିଆ ମାନଙ୍କୁ ନଧରି କେବଳ ଗରିବ ଶ୍ରେଣୀ ଲୋକମାନଙ୍କୁ ଧରିବା କେତେଦୂର ଠିକ୍? ଯାହାକୁ ନେଇ ଅବକାରୀ ବିଭାଗକୁ ନେଇ ଏବେ ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର୍ ଧରିଛି।

## ତୈଳିକ ବୈଶ୍ୟ ସମାଜର କାର୍ଯ୍ୟକାରିଣୀ ବୈଠକ



ପରଜଙ୍ଗ (ଢ଼େଙ୍କାନାଳ) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କନ୍ତୋର ପଞ୍ଚାୟତ ଅଧିନସ୍ଥ ଚାନ୍ଦପୁର ଗ୍ରାମ ନୂଆ ସାହି ଠାରେ ଢ଼େଙ୍କାନାଳ, ଅନୁଗୋଳ ଜିଲ୍ଲା ସମନ୍ୱୟ ତୈଳିକ ବୈଶ୍ୟ ସମାଜର ପଞ୍ଚାବନ ତମ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ଜିଲ୍ଲାର ସଭାପତି ସଞ୍ଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସର୍ବପ୍ରଥମେ ଦେଶ ଉଦ୍ଦେଶ୍ୟରେ ଜାତୀୟ ପତାକାକୁ ସମ୍ମାନ ଜଣାଇ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଜାତି ସମାଜର ସାଙ୍ଗଠନିକ ପ୍ରତିଷ୍ଠାତା ଢ଼େଙ୍କାନାଳ ଖଡ଼ପ୍ରସାଦ ଗ୍ରାମର ପୂର୍ବତନ ସଭାପତି ସ୍ୱର୍ଗତ ଉତ୍ସବ ଚନ୍ଦ୍ର ସାହୁ, ଅନୁଗୋଳ ଜିଲ୍ଲାର ସ୍ୱର୍ଗତ ମଦନ ମୋହନ ସାହୁ ଓ କଣିହାଁ ବିଜିଗୋଳ ଗ୍ରାମର ସ୍ୱର୍ଗତ କୀର୍ତ୍ତନ ସୁବୁଦ୍ଧିଙ୍କ ଫଟୋଚିତ୍ରରେ ଆନୁଷ୍ଠାନିକ ଭାବେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ ବୈଠକରେ ଉପସ୍ଥିତ ହୋଇଥିବା ସଂଘର ମୁଖ୍ୟ ପଦବୀଧାରୀ କାର୍ଯ୍ୟକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇ ସଂଘ ସମ୍ବନ୍ଧୀୟ ଆଲୋଚନା କରାଯାଇ ପୂର୍ବ ବିବରଣୀ ପାଠ କରାଯାଇଥିଲା। ବୈଠକରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଥିବା ବେଳେ ସଂଘ ସହିତ ସହବନ୍ଧିତ ଥିବା ପରିବାରଙ୍କ ସନ୍ତାନମାନେ ଦଶମ ପରୀକ୍ଷାରେ ଉଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଜାତି ସମାଜ ପାଇଁ ଗୌରବର ପ୍ରତୀକ ସାଜିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ସମାଜ ପକ୍ଷରୁ ଉତ୍ସାହ ନିମନ୍ତେ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ଅନୁଷ୍ଠିତ ସଭାରେ ଉଭୟ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ସାହୁ, ସମ୍ପାଦକ ଲିଙ୍ଗରାଜ ବେହେରା ଓ ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତା, ପ୍ରତି ବ୍ଲକ ଏବଂ ପଞ୍ଚାୟତର ଜାତିର ଶତାଧିକ ମହିଳା ଓ ପୁରୁଷମାନେ ସାମିଲ ହୋଇଥିଲେ। ବୈଠକରେ ପରଜଙ୍ଗ ମଣ୍ଡଳ ପାଇଁ ନୂତନ କମିଟି ଗଠନ କରାଯାଇ ନାମ ଘୋଷଣା କରାଯାଇଥିଲା। ମଣ୍ଡଳ ସଭାପତି ଭାବେ କୃପାସିନ୍ଧୁ ଖୁଣ୍ଟିଆ, ଉପସଭାପତି ଭାବେ ଅନାଦି ଚରଣ ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ଆଦିତ୍ୟ ପ୍ରସାଦ ସାହୁ, କୋଷାଧ୍ୟକ୍ଷ ରବି ନାରାୟଣ ସାହୁ, କୋଡ଼ିନେଟର କେଶବ ଚନ୍ଦ୍ର ସାହୁ, ଅନଙ୍ଗ ସାହୁ, ଉପଦେଷ୍ଟା ଗତିକୃଷ୍ଣ ସାହୁ, ନାରାୟଣ ସାହୁ, କାଶୀନାଥ ସାହୁ, ବିକାଶ କୁମାର ସାହୁ ମନୋନୀତ ହୋଇଥିବା ବେଳେ, କାର୍ଯ୍ୟକାରୀ କମିଟିର ସଦସ୍ୟ ଧ୍ରୁବ ଚରଣ ସାହୁ, ଫକୀର ମୋହନ ସାହୁ, ଟିକନ ସାହୁ ଓ ଆଇନ ପରାମର୍ଶଦାତା ବେଣୁଧର ସାହୁ ପ୍ରମୁଖ ନାମ ଘୋଷଣା କରାଯାଇ ସମାଜ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ପରିଶେଷରେ ମଣ୍ଡଳ ସଭାପତି କୃପାସିନ୍ଧୁ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।


## କୋଲନରାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ/କୋଲନାରା (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ କୋଲନରା ବ୍ଲକ ସମ୍ମିଳନୀ କକ୍ଷଠାରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ, ରାୟଗଡ଼, ରମେଶ କୁମାର ଜେନା, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ମମତା ସାହୁ ଏବଂ ପ୍ରକଳ୍ପ ପ୍ରଶାସକ ଆଇଟିଡିଏ, ଚନ୍ଦ୍ରକାନ୍ତ ମାଝୀ



ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୨୧ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୧୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୫ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଦୁଇ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା। ସେମାନଙ୍କୁ ୩୮ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଆଜି ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମାଜମା, ପାରିବାରିକ ସମସ୍ୟା, ଜଳସେଚନ, ଭତ୍ତା, ରାସ୍ତା ନିର୍ମାଣ, ପୋଲ ନିର୍ମାଣ ଓ ଅଙ୍ଗନବାଡି ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡ଼ିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

## ମୁଖ୍ୟବଜାରରେ ଗାଈଗୋରୁଙ୍କ ଭିଡ଼, ଯାତାୟତରେ ସମସ୍ୟା



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗରୁ କାକଟପୁର ମୁଖ୍ୟରାସ୍ତା ଅସ୍ତରଙ୍ଗ ତାରିଣୀ ମନ୍ଦିର ସାମ୍ନା ହେଉ ଅବା ବଜାରରେ ସନ୍ଧ୍ୟା ହେଲେ ଏବେ ବୁଲା ଗୋରୁଗାଈଙ୍କ ପାଇଁ ଗୁହାଳ ପାଲଟିଛି। ଫଳରେ ବଢୁଛି ଦୁର୍ଘଟଣା। ମଣିଷଙ୍କ ସମେତ ଗାଈଗୋରୁ ଦୁର୍ଘଟଣା ଶହ କିଛିଦିନ ତଳେ ଏକ ବାଛୁରୀ ମୃତାହତ ହୋଇଥିଲା। ତୁରନ୍ତ ଏହି ବୁଲା ଗୋରୁଗାଈଙ୍କ ଥଇଥାନ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଅସ୍ତରଙ୍ଗ ତାରିଣୀ ମନ୍ଦିର ଠାରୁ ବ୍ଲକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଶତାଧିକ ଗାଈଗୋରୁ ଦିନ ରାତି ବୁଲୁଥିବା ଦେଖିବାକୁ ମିଳୁଛି। ସେହିପରି ମେଡିକାଲ ଛକ, ଲକ୍ଷ୍ମୀ ବଜାର, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ସାମ୍ନା, ଥାନା ଛକ ପର୍ଯ୍ୟନ୍ତ ସବୁଠି ଗୋରୁ ଗାଈଙ୍କ ଭିଡ଼ ଲାଗି ରହୁଛି। ବିଶେଷ କରି ସନ୍ଧ୍ୟାରେ ଶତାଧିକ ଗୋରୁଗାଈ ମୁଖ୍ୟରାସ୍ତା ଉପରେ ଶୋଇ ରହୁଛନ୍ତି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ବାରମ୍ବାର ଦୁର୍ଘଟଣା ମଧ୍ୟ ଘଟୁଛି। କ୍ଷୀର ନେଇ ସାରିବା ପରେ ମାଲିକ ଗାଈଙ୍କୁ ନିଜ ଗୁହାଳରେ ବାନ୍ଧି ରଖିବା ପରିବର୍ତ୍ତେ ବାହାରକୁ ଛାଡି ଦେଉଛନ୍ତି। ଫଳରେ ଗାଡି ଓ ବାଇକ୍ ଆରୋହୀ ଯିବା ଆସିବା କରିବା ସମସ୍ୟା ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ଏଥିପାଇଁ ଉଭୟ ମଣିଷ ଓ ଗୋରୁଗାଈ ମୃତାହାତ ସହ ଅନେକ ସମୟରେ ରାସ୍ତାରେ ପଡ଼ି କ୍ଷତାକ୍ତ ହେଉଛନ୍ତି। ପ୍ରତିଦିନ ଏହି ସମସ୍ୟା ଦେଖିବାକୁ ମିଳୁଥିଲେ ମଧ୍ୟ ଏ ଦିଗରେ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ବୁଲା ଗୋରୁଗାଈଙ୍କ ପାର୍ଦୁଭାବରେ ଅତିଷ୍ଠ ହୋଇ ପଡିଲେଣି ଲୋକେ। ରାସ୍ତାରେ ଗାଡି ରଖି କିଛି ସମୟ ଅନ୍ୟ ମନସ୍କ ହୋଇ ପଡିଲେ ଗାଡ଼ିରେ ଥିବା ପରିବା ବ୍ୟାଗ ସହ ଅନ୍ୟ ଜିନିଷ ଗୋରୁଗାଈ ଖାଇ ନଷ୍ଟ କରି ଦେଉଛନ୍ତି। ଆଉ କିଛି ଗୋମାଫିଆଙ୍କ ଦ୍ୱାରା ଚୋରାରେ ଅନ୍ୟତ୍ର ଚାଲାଣ ହେଉଛନ୍ତି। ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଗୋରୁଙ୍କୁ ସ୍ଥାନୀୟ ଲୋକେ ଅର୍ଥ ଆଦାୟ କରି ପୋତି ଦେଉଛନ୍ତି। ସ୍ୱେଚ୍ଛାସେବୀମାନେ ଦୁର୍ଘଟଣା ଗ୍ରସ୍ତ ଗାଈଗୋରୁଙ୍କ ମାଗଣା ଚିକିତ୍ସା କରୁଛନ୍ତି। ଅନ୍ୟପକ୍ଷରେ ଗୁହାଳ ପାଇଁ ଲକ୍ଷ ଲକ୍ଷ ଟଙ୍କା ଆସୁଥିଲେ ମଧ୍ୟ ଅଧିକ ଗାଈ ଥିବା ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଉନାହିଁ। ଗାଈଗୋରୁ ନଥିବା ଲୋକଙ୍କୁ ଗୁହାଳ ଯୋଜନାରେ ଲାଭ ମିଳୁଥିବା ନେଇ ଅଭିଯୋଗ ହେଉଛି। ତେଣୁ ବୁଲା ଗୋରୁଗାଈଙ୍କ ଥଇଥାନ ପାଇଁ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଗୋଟିଏ ଗୋଶାଳା ପ୍ରତିଷ୍ଠା କରିବା ପାଇଁ ଦାବି ହେଉଛି। ଏହା ସହିତ ଏହି ବୁଲା ଗୋରୁଗାଈଙ୍କ ମାଲିକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଦଧିବାମନ ଜିଉ ମନ୍ଦିର ଉନ୍ନତିକରଣ କାର୍ଯ୍ୟରେ ନିମ୍ନମାନର ଇଟା

## ଖବର ପ୍ରସାରଣ ପରେ ଇଟା ଲୁଚାଇବାକୁ ଉଦ୍ୟମ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନ ଜିଉଙ୍କ ମନ୍ଦିରର ଉନ୍ନତିକରଣ କାର୍ଯ୍ୟରେ ନିମ୍ନମାନର ଇଟା ବ୍ୟବହାର ହେଉଥିବା ନେଇ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲା। ହେଲେ ଠିକାଦାର ଓ ଯନ୍ତ୍ରୀ ଏ ସମ୍ବନ୍ଧରେ କର୍ଣ୍ଣପାତ ନକରି କାର୍ଯ୍ୟ କରି ଆସୁଥିଲେ। ଗତକାଲି ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ସଚିତ୍ର ଖବର ପ୍ରକାଶ ପାଇବା ପରେ ଠିକାଦାର ଜଣକ ନିମ୍ନମାନର ଇଟାକୁ ଲୁଚେଇବା ପାଇଁ ତତ୍ପର ହୋଇ ଉଠିଛନ୍ତି। ଆଜି ସକାଳୁ ଲୋକ ଲଗାଇ ଠିକାଦାର ଜଣକ ପୂର୍ବରୁ ଇତସ୍ତତ ଭାବେ ପଡ଼ିଥିବା ଇଟାକୁ ବାଛି ଭଲ ଭଲ ଗୋଟି ଇଟାକୁ ଥାକ କରିବା ସହିତ ସମସ୍ତ ଭଙ୍ଗା ଓ ଗୁଣ୍ଡ ଇଟାକୁ ଲୋକ ଲଗାଇ ସେଠାରୁ ସଫା କରିଦେଇଥିଲେ। ହେଲେ ଯେତେ ଲୁଚିଲେ ମଧ୍ୟ ଗୋଡ଼ ଦିଶୁଛି ନ୍ୟାୟରେ ଥାକ ହୋଇଥିବା ଇଟା ଯେ ବର୍ଷାରେ ଧୋଇ ହୋଇଯାଇଛି ତାହା ସ୍ପଷ୍ଟ ଭାବେ ଦେଖିବାକୁ ମିଳୁଛି । ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଠିକାଦାର ଜଣକ ଇଟା ଫ୍ୟାକ୍ଟ୍ରିରୁ ସଙ୍ଗେ ସଙ୍ଗେ ନିର୍ମିତ ହୋଇଥିବା ନିମ୍ନମାନର ସିମେଣ୍ଟ ଇଟାକୁ ଆଣି ତୁରନ୍ତ ଲୋକ ଲଗାଇ ନିର୍ମାଣ କାର୍ଯ୍ୟ କରିଦେଇଥାନ୍ତି। ହେଲେ କୌଣସି କାରଣରୁ ଆସିଥିବା ଇଟା କାର୍ଯ୍ୟରେ ଲାଗି ନପାରି ଗଦା ହୋଇରହିଥିଲା। ଖୋଲା ଆକାଶ ତଳେ ଗଦା ହୋଇଥିବା ଏହି ଇଟା ଲଘୁଚାପ ବର୍ଷାରେ ଧୋଇ ହୋଇ ହୋଇଯିବାରୁ ଏହା ଯେ ନିମ୍ନମାନର ଇଟା ତାହା ଧରାପଡ଼ି ଯାଇଥିଲା। ପ୍ରଭୁ ଦଧିବାମନ ଜିଉ ଡେରାବିଶର ଆରାଧ୍ୟ ହୋଇଥିବା ବେଳେ ଏଠାରେ ବାର ମାସରେ ତେର ଯାତ୍ରା ଓ ପର୍ବ ପର୍ବାଣୀ ପାଳନ ହୋଇଥାଏ। ଯେଉଁଥିପାଇଁ ବର୍ଷସାରା ହଜାର ହଜାର ଜନସାଧାରଣ ଶ୍ରୀ ଜୀଉଙ୍କ ଦର୍ଶନ କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ଏଠାରେ ବର୍ଷସାରା ଶହ ଶହ ବିବାହ କାର୍ଯ୍ୟ ମଧ୍ୟ କରାଯାଏ। ଏଥିସହିତ ଆଉ କେଇଟା ଦିନ ପରେ ମହାପ୍ରଭୁଙ୍କ ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହେବ। ତେବେ ଠିକାଦାର ଜଣକ ଏହିଭଳି ଇଟାରେ ଯଦି ଉକ୍ତ ନିବାସ ଓ ଅନ୍ୟାନ୍ୟ ଗୃହ କାର୍ଯ୍ୟ ନିର୍ମାଣ କରିଥାଏ ତାହାର ସ୍ଥାୟିତ୍ୱ ନେଇ ଉକ୍ତ ମହଲରେ ସନ୍ଦେହ ଉପୁଜିଲାଣି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୁହନ୍ତି ଠିକାଦାର ଜଣକ ବୋଧହୁଏ ଫ୍ୟାକ୍ଟ୍ରିରୁ ଇଟାକୁ ନିର୍ମାଣ କରି ଏହକୁ ସଠିକ୍ ଭାବରେ କ୍ୟୁରିଙ୍ଗ ନକରି କାମ କରିବା ପାଇଁ ନେଇ ଆସିଛନ୍ତି। ଯାହା ପାଇଁ ଏଭଳି ଅବସ୍ଥା ହୋଇଛି ବୋଲି କହିଥିଲେ।

## ବିଜେପିରେ ସାମିଲ ହେଲେ ୫୦ରୁ ଉର୍ଦ୍ଧ୍ୱ ପରିବାର



ଜଳେଶ୍ୱର (ଭାସ୍କର ନ୍ୟୁଜ୍): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଳେଶ୍ୱର ବ୍ଲକର ପାଇକସିଦା ପଞ୍ଚାୟତ ସ୍ଥିତ କେଶପୁରା ଗ୍ରାମର ରଘୁନାଥ ଦଳେଇଙ୍କ ବାସଭବନରେ ରବିବାର ସନ୍ଧ୍ୟାରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପାଇକସିଦା ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ପରିବାର କଂଗ୍ରେସ ଓ ବିଜୁ ଜନତା ଦଳ ଛାଡ଼ି ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ତଥା ଗରିବ କଲ୍ୟାଣ ଯୋଜନାରେ ପ୍ରଭାବିତ ହୋଇ ଜିଲ୍ଲାର ଲୋକପ୍ରିୟ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଉକ୍ତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବିଜେପି ନେତା ବ୍ରଜମୋହନ ପ୍ରଧାନ ଉପସ୍ଥିତ ହୋଇ ସମସ୍ତଙ୍କୁ ଫୁଲତୋଡ଼ା, ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳରେ ସାମିଲ କରିବା ସହିତ ଡବଲ ଇଞ୍ଜିନ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ବକ୍ତବ୍ୟ ରଖିଥିଲେ। ମିଶ୍ରଣ ପର୍ବରେ ପଶ୍ଚିମବାର୍ଡି ମଣ୍ଡଳ ସଭାପତି ବିଜୟ କୁମାର ସାମଲ, ଯୁବନେତା କାଳିଚରଣ ଦାସଙ୍କ ଉପସ୍ଥିତି ଓ ଅବସରପ୍ରାପ୍ତ ଶିକ୍ଷକ ରମାନାଥ ଜେନାଙ୍କ ସଭାପତିତ୍ୱରେ ବରିଷ୍ଠ ବିଜେଡି ନେତା ଅତୁଲ କୁମାର ଦାସଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ବିଜେଡି ଦଳରୁ ଅତୁଲ କୁମାର ଦାସ, ଜନ୍ମେଜୟ ସାହୁ, ଲକ୍ଷ୍ମୀଧର ସାହୁ, ନରେନ୍ଦ୍ର ଜେନା, କେଦାର ନାଥ ପାଢ଼ୀ, ଗୌତମ ଜେନା, ଅମୂଲ୍ୟ ଦାସ, ପ୍ରଫୁଲ୍ଲ ଦାସ, ନବକୃଷ୍ଣ ଦାସ, ଅନନ୍ତ ପଣ୍ଡା, ରାମ ଘଡେଇ, ପୂର୍ଣ୍ଣଚନ୍ଦ୍ର ମାଝୀ, ଜୟାନନ୍ଦ ଘଡ଼େଇ ବରେନ୍ଦ୍ର ଜେନା, ଶଙ୍କର ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, କଂଗ୍ରେସ ଦଳରୁ ବିଜୟ କୁମାର ଘୋଷ, କାଳିଚରଣ ଦଳାଇ, ହରିଶ ଦଳାଇ ଅରୁଣ ବେହେରା, ଧରଣୀଧର ସାହୁ, ଅକ୍ଷୟ ସାହୁ, କେଦାର ଦଳାଇ, ବୈକୁଣ୍ଠ ଦଳାଇ, ଗୋପାଳ ସିଂ, ଅନନ୍ତ ସିଂ ରଘୁନାଥ ଜେନା ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ପରିବାର ଆନୁଷ୍ଠାନିକ ଭାବେ ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ବିଜେପି ଦଳରେ ସାମିଲ ହୋଇଛନ୍ତି। ବିଜେପି ସରକାରର ଗରିବ କଲ୍ୟାଣ ଯୋଜନା ବାବଦରେ ଘରେ ଘରେ ପହଞ୍ଚାଇବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ନିଜ ଅକ୍ତିଆରକୁ ନେବେ ବୋଲି ଉକ୍ତ ମିଶ୍ରଣ ପର୍ବ ବୈଠକରେ ଶପଥ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଇକସିଦା ଗ୍ରାମ ପଞ୍ଚାୟତର ବହୁ ବରିଷ୍ଠ ବିଜେପି ନେତୃତ୍ୱ ଉପସ୍ଥିତ ଥିଲେ।

## ଧର୍ମପ୍ରାଣାଙ୍କ ପରଲୋକ


ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଜଣେ ଧର୍ମପ୍ରାଣା ଓ ପରୋପକାରୀ ମହିଳା ଭାବେ ପରିଚିତ ସୂର୍ଯ୍ୟମଣି ବାରିକ୍‌ଙ୍କ(୮୬)ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ସ୍ନେହଶୀଳା, ସଂସ୍କାରୀ, ଆଧ୍ୟାତ୍ମିକ ଚେତନବାଦୀ ଏବଂ ପରୋପକାରୀ ମହିଳା ଭାବେ ସର୍ବଜନଆଦୃତ ହୋଇଥିଲେ। ସେ ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଗଗନ ବିହାରୀ ବାରିକ୍‌ଙ୍କ ପତ୍ନୀ ଏବଂ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଭାତ କୁମାର ବାରିକ ଓ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍‌ର ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ୍‌ଙ୍କ ମାତୃଦେବୀ ଅଟନ୍ତି। ତାଙ୍କର ଶେଷକୃତ୍ୟ ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହୋଇଥିଲାବେଳେ ବଡପୁତ୍ର ପ୍ରଭାତ କୁମାର ବାରିକ୍ ମୁଖାଗ୍ନି ଦେଇଥିଲେ। ଅସ୍ତରଙ୍ଗ ବ୍ଲକ୍ କଂଗ୍ରେସ ନେତା ସୁକାନ୍ତ କୁମାର ମହାନ୍ତି ଗଭୀର ଶୋକ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର କୁମାର ଛାଟୋଇ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ।

## ରାଶିଫଳ

ମଙ୍ଗଳବାର, ୧୦ ଜୁନ୍ ୨୦୨୫



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି । ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ।




**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ। ଖେଳକୁଦ ଏବଂ କଳା କ୍ଷେତ୍ରରେ କଳାକାରମାନଙ୍କୁ ନିଜର ପ୍ରତିଭା ଦର୍ଶାଇବାପାଇଁ ମୌକା ମିଳିବ।




**ମିଥୁନ:** ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଯାତ୍ରାର ସଂଭାବନା ଅଛି, ସେଥିରେ ଲାଭ ମଧ୍ୟ ହେବ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ।



**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ। ଆକସ୍ମିକ ଧନ ଖର୍ଚ୍ଚ ହୋଇପାରେ।




**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ।



**ବିଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।




**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ। ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।



ପ୍ରସ୍ତୁତି
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ସଦର ପଦ୍ମଗିରି ପଞ୍ଚାୟତ ଅନ୍ତର୍ଗତ ଚନ୍ଦନଗୁଡା ଗ୍ରାମରେ ନୂତନ ସ୍ଥାୟୀ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ମହା ଆଡମ୍ବରରେ ଅନୁଷ୍ଠିତ ହୋଇ ଯାଇଛି। ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଗତ ଶନିବାର ଦିନ ପ୍ରାତଃ ସମୟରେ ୧୦୮ କଳସ ଯାତ୍ରାରେ ଶୁଭ କଳସ ମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ଏବଂ ଆଜି ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ନାମ ଯଜ୍ଞ ସହ ଯଜ୍ଞ କାର୍ଯ୍ୟ କରାଯାଇଛି।ଆସନ୍ତା କାଲି ଅଷ୍ଟମ ପ୍ରହରୀର ନାମ ଯଜ୍ଞର ପୂର୍ଣ୍ଣାହୁତି ସହି ଜଗତର ନାଥ ଜଗନ୍ନାଥଙ୍କ ବିଗ୍ରହ ସ୍ଥାୟୀ ମନ୍ଦିର ରେ ସ୍ଥାପନ କରାଯିବ ବୋଲି ପୂଜକ ବିକାଶ ପରିଛା ପ୍ରକାଶ କରିଛନ୍ତି। ଆସନ୍ତା କାଲି ଠାରୁ ଚତୁର୍ଦ୍ଧା ବିଗ୍ରହଙ୍କ ସ୍ଥାୟୀ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ପରେ ଜଗନ୍ନାଥ ଧାମ ପୁରୀର ରୀତିନୀତି ରେ ପୂଜା ପାଇବା ସହିତ ସମସ୍ତ ଭକ୍ତ ମାନଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି। ସୂଚନା ଥାଉ ଯେ ଜଗତର ନାଥ ଜଗନ୍ନାଥ ଙ୍କ ଚତୁର୍ଦ୍ଧା ମୂର୍ତ୍ତି ଏକ ଅସ୍ଥାୟୀ କୁଡ଼ିଆରେ ଦୀର୍ଘ ୨୫ ବର୍ଷ ଧରି ପୂଜା ପାଉଥିଲେ। କିନ୍ତୁ ଚନ୍ଦନଗୁଡାର ଗ୍ରାମବାସୀଙ୍କ ଉଦ୍ୟମରେ ଓ ଜଗନ୍ନାଥଙ୍କ ଇଛା ଇଛା ଶକ୍ତି ବଳରେ ଆଜି ଜଗତର ନାଥ ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ପାଇଁ ସ୍ଥାୟୀ ମନ୍ଦିର ନିର୍ମାଣ ହୋଇ ପାରିଛି ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି। ଏହି ଜଗନ୍ନାଥଙ୍କ ସ୍ଥାୟୀ ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ଉତ୍ସବରେ ସ୍ଥାନୀୟ ଓ ପଡୋଶୀ ଛତିଶଗଡ଼ ର ହଜାର ହଜାର ଭକ୍ତ ସମାଗମ ହୋଇଥିବା ବେଳେ ଚନ୍ଦନ ଗୁଡା ଗ୍ରାମର ରାମ ଚନ୍ଦ୍ର ପୂଜାରୀ, ବଲ ନାୟକ, ମଙ୍ଗଳା ପଡ଼ିୟାମି, ରଘୁନାଥ ପଡିୟାମି ପ୍ରମୁଖ ପରିଚାଳନା କରିଥିଲେ।

## ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର

# ୨ ବର୍ଷରେ ଜବତ ହେଲାଣି ୬ ବାଘ ଛାଲ



ବୌଦ୍ଧ ,(ଭାସ୍କର ନ୍ୟୁଜ୍): ବୌଦ୍ଧରେ ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର। ଜିଲ୍ଲାରେ କେତେବେଳେ ଦାନ୍ତ ପାଇଁ ଦନ୍ତା ହାତୀକୁ ଶୀକାର କରାଯାଉଛି ତ ଆଉ କେତେବେଳେ ମାଂସ ପାଇଁ ବାରହା, କୁଟୁରା,ହରିଣ ଆଦି ବନ୍ୟଜନ୍ତୁକୁ ଶିକାର କରାଯାଉଥିବାର ଅଭିଯୋଗ ହେଉଛି । ହେଲେ ବନ ବିଭାଗ ଏହାର ଟେର ପାଉନାହିଁ । ଯାହାଫଳରେ ଜିଲ୍ଲାରେ ଅବାଧରେ ବନ୍ୟଜନ୍ତୁଙ୍କୁ ଶିକାର କରାଯାଉଛି । ଏପରିକି ଜିଲ୍ଲାରେ ବିଭିନ୍ନ ସମୟରେ କଲରାପତରିଆ ବାଘ ଛାଲ କାରବାର ହେଉଥିବା ବେଳେ ଏସଟିଏଫ ପକ୍ଷରୁ ଚଢଉ କରାଯାଇ ବାଘଛାଲ ଜବତ କରୁଥିବାରୁ ଜିଲ୍ଲାରେ ବାଘ ଶିକାରୀ ସକ୍ରିୟ ଥିବା ସନ୍ଦେହ କରାଯାଉଛି । ସୂଚନା ମତେ,ଜିଲ୍ଲାରେ ଦୁଇ ବର୍ଷରେ ୬ଟି ବାଘ ଛାଲ ଜବତ ହୋଇଥିବା ବେଳେ ୫ ଜଣକୁ ଗିରଫ କରିଛି ଏସଟିଏଫ । ୨୦୨୩ ମସିହାରେ ୩ଟି ବାଘ ଛାଲ ଜବତ ହୋଇଥିବା ବେଳେ ୨୦୨୪ ମସିହାରେ ୨ଟି ବାଘ ଛାଲ ଜବତ ହୋଇଛି । ଏବଂ ୨୦୨୫ରେ ଗୋଟିଏ ବାଘ ଛାଲ ଜବତ ହୋଇଛି । ସୂଚନା ମତେ, ୨୦୨୩ ମସିହାରେ ବୌଦ୍ଧ-ସୋନପୁର ମର୍ଜାଡିପୁର ନିକଟରେ ବାଘଛାଲ ଡିଲ ହେଉଥିବା ବେଳେ ଏସଟିଏଫ ପକ୍ଷରୁ ଚଢଉ କରାଯାଇ ଦୁଇଟି ବାଘ ଛାଲ ଜବତ କରିଥିଲା । ସେଥିମଧ୍ୟରୁ ଗୋଟିଏ ମହାବଳ ବାଘ ହୋଇଥିବା ବେଳେ ଅନ୍ୟଟି କଲରାପତରିଆ ବାଘ ଛାଲକୁ ଜବତ କରିଥିବା ବେଳେ ଜଣକୁ ଗିରଫ କରାଯାଇଥିଲା । ସେହିଭଳି ଉକ୍ତ ବର୍ଷ ମାର୍ଚ୍ଚ ମାସରେ ହରଭଙ୍ଗା-ଚତ୍ରଙ୍ଗ ରାସ୍ତାରେ ଡିଲ ବେଳେ ଏସଟିଏଫ ଗୋଟିଏ କଲରାପତରିଆ ବାଘ ଛାଲ ସହିତ ୨ଟି ହରିଣ ଛାଲ ଜବତ କରିବା ସହିତ ଏହି ମାମଲାରେ ଜଣକୁ ଗିରଫ କରାଯାଇଥିଲା । ସେହିପରି ୨୦୨୪ରେ ଦୁଇଟି ବାଘ ଛାଲ ଜବତ କରାଯାଇଥିବା ବେଳେ ଏହି ମାମଲାରେ ୨ ଜଣକୁ ଗିରଫ କରିଥିଲା । ବୌଦ୍ଧ-ଫୁଲବାଣୀ ରାସ୍ତାର ରାଣୀପଥର ଗ୍ରାମ ନିକଟରେ ଏକ କଲରାପତରିଆ ବାଘ ଛାଲ ବିକ୍ରି ପାଇଁ ଡିଲ ହେଉଥିବା ବେଳେ ଏସଟିଏଫ ଚଢଉ କରି ବାଘ ଛାଲକୁ ଜବତ କରିବା ସହିତ କନ୍ଧମାଳ ଜିଲ୍ଲାର ଜଣକୁ ଗିରଫ କରିଥିଲା । ସେହିପରି ଡିସେମ୍ବର ମାସରେ ମନମୁଣ୍ଡା-ଶଗଡା ମେହେରୁଣୀ ନାଳ ନିକଟରେ କଲରାପତରିଆ ବାଘ ଛାଲ ଡିଲବେଳେ ଏସଟିଏଫ ଟିମ ଚଢଉ କରି ବାଘ ଛାଲକୁ ଜବତ କରିଥିବା ବେଳେ ଜଣକୁ ଗିରଫ କରିଥିଲା । ସେହିପରି ମାଧପୁର ରେଂଜ ପୋଢହଲ ଜଙ୍ଗଲରେ ବୌଦ୍ଧ ବନ ବିଭାଗ ଏକ କଲରାପତରିଆ ବାଘର ଗଳିତ ମୃତଦେହକୁ ଜବତ । ଏହା ସ୍ୱାଭାବିକ ମୃତ୍ୟୁ ହୋଇଥିବା ବନ ବିଭାଗ ସୂଚନା ଦେଇଥିଲା । ଚଳିତ ବର୍ଷ ଜାନୁଆରି ମାସରେ ମନମୁଣ୍ଡା-କାମାଳ ରାସ୍ତାରେ ବାଘଛାଲ ବିକ୍ରି ପାଇଁ ଡିଲ ହେବା ପୂର୍ବରୁ ଏସଟିଏଫ ଟିମ ଚଢଉ କରି ଗୋଟିଏ କଲରାପତରିଆ ବାଘ ଛାଲ ଜବତ ହୋଇଥିବା ବେଳେ ଜଣକୁ ଗିରଫ କରିଥିଲା ଏସଟିଏଫ । ହେଲେ ଏହି ବାଘଛାଲ ଗୁଡିକୁ ଜିଲ୍ଲାରେ ଥିବା ଜଙ୍ଗଲରୁ ଶୀକାର କରାଯାଇଛି ନା ବାହାର ଜିଲ୍ଲାରେ ଶୀକାର କରାଯାଇ ତାହାର ଚମଡାକୁ ଏଠାକୁ ଆଣି ବିକ୍ରି କରାଯାଉଛି ତାହା ଜଣାପଡିନାହିଁ । ରାଜ୍ୟରେ ଦିନକୁ ଦିନ ବାଘ ବଂଶ ଲୋପ ପାଇ ଆସୁଥିବାରୁ ସରକାର ବାଘ ବଂଶ ବୃଦ୍ଧି ପାଇଁ ବାଘ୍ର ?ୟ ସଂରକ୍ଷଣ କରୁଥିବା ବେଳେ ଯେଉଁ ଭଳି ଭାବରେ ବାଘ ଶିକାର କରାଯାଉଛି। ଯଦି ଏଥିପ୍ରତି ସରକାର କଡା ଅଭିମୁଖ୍ୟ ଗ୍ରହଣ ନ କରନ୍ତି ତାହାହେଲେ ବାଘ ବଂଶ ଭବିଶ୍ୟତରେ ସଂପୁର୍ଣ୍ଣ ଲୋପ ପାଇଯିବାର ସମ୍ଭାବନାର ରହିଛି ବୋଲି ବୁଦ୍ଧିଜିବୀ ମହଲରେ ମତପ୍ରକାଶ ପାଉଛି ।

# ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ




## ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ଦାବି

ଉମରକୋଟ, (ଭାସ୍କର ନ୍ୟୁଜ୍): ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏଠାରେ ଦୁଇଜଣ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କୁ ଛାଡିଦେଲେ ଆଉ କୌଣସି ବିଶେଷଜ୍ଞ ଡାକ୍ତର ନାହାଁନ୍ତି। ଏହି ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଡାକ୍ତରମାନଙ୍କୁ ଠିକ୍ ରୂପେ ଡ୍ୟୁଟି ଚାର୍ଟ ପ୍ରସ୍ତୁତି କରିବାରେ ମଧ୍ୟ ତ୍ରୁଟି ଯୋଗୁଁ ଡାକ୍ତରମାନେ କେତେବେଳେ କେମିତି ଡ୍ୟୁଟି କରିବେ ତାହା ବି ଜଣାପଡୁନାହିଁ । ଚିକିତ୍ସାଳୟରେ ପରିଚାଳନା ବିଭ୍ରାଟ ଯୋଗୁଁ ଅଧିକାଂଶ କ୍ଷେତ୍ରରେ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ଭ୍ରମିତ ହେଉଥିବା ଦେଖିବାକୁ ମିଳୁଛି। ବିଶେଷଜ୍ଞ ଡାକ୍ତର ଅଭାବରୁ ଏଠାରେ ରୋଗୀ ସେବା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଜରୁରୀ ବେଳେ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉମରକୋଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସରକାର ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ଦେଲେ। କିନ୍ତୁ ଉପଖଣ୍ଡ ଚିକିତ୍ସାଳୟ ପାଇଁ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାରେ ସରକାର ବିଫଳ ହୋଇଛନ୍ତି। ଫଳରେ ଏହି ଅଞ୍ଚଳର ରୋଗୀମାନଙ୍କୁ ବର୍ତ୍ତମାନ ମଧ୍ୟ ବିଶାଖାପାଟଣା ଆଉ ରାୟପୁର ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଛି। ଉମରକୋଟ ହସ୍ପିଟାଲ ହେଉଛି ଏକ ରେଫରାଲ ହସ୍ପିଟାଲ। ଏହି ହସ୍ପିଟାଲକୁ ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ବ୍ଲକର ରୋଗୀ ମାନେ ସେଠାକାର ସ୍ଥାନୀୟ ହସ୍ପିଟାଲ ରୁ ଗୁରୁତର ଅବସ୍ଥାରେ ଏଠାକୁ ଆସିଥାଆନ୍ତି। ଏପରିକି ଏହି ହସ୍ପିଟାଲ କୁ ଡାବୁଗାଁ ଓ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ମଧ୍ୟ ରୋଗୀମାନେ ଏଠାକୁ ଚିକିତ୍ସା ପାଇଁ ଆସିଥାନ୍ତି। ତେବେ ଉମରକୋଟ ହସ୍ପିଟାଲ ନିଜେ ଏକ ରେଫରାଲ ହସ୍ପିଟାଲରେ ପରିଣିତ ହେଇ ଯାଇଛି। ଯେକୌଣସି ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସନ୍ତି ବିଶେଷଜ୍ଞ ଡକ୍ଟରଙ୍କ ଅଭାବରୁ ତୁରନ୍ତ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଏ। ଏକ ଆକଳନରୁ ଜଣାପଡ଼ିଛି ଯେ ଉମରକୋଟ ହସ୍ପିଟାଲ କୁ ପ୍ରତିଦିନ ୪୦୦ ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ବିଶେଷଜ୍ଞ ଡାକ୍ତର ନଥିବାରୁ ବର୍ତ୍ତମାନ ଚିକିତ୍ସା ନାମରେ ଗାଁ ଗାଁରେ କ୍ୱାକମାନେ ନିରୀହ ଲୋକଙ୍କ ଠାରୁ ଜୋର୍ ଜୁଲମ କରି ଅର୍ଥ ଆଦାୟ କରୁଛନ୍ତି। ଏପରିକି ଏହାର ସୁଯୋଗ ନେଇ କୋରାପୁଟ ମେଡିକାଲ କଲେଜ ଆଉ ବିଶାଖାପାଟଣାରୁ ଡାକ୍ତରମାନେ ଆସି ମେଡିକାଲ ଷ୍ଟୋରରେ ବସି ରୋଗୀ ଚିକିତ୍ସା କରୁଛନ୍ତି। ଯେଉଁ ରୋଗୀମାନେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ସେମାନେ କିଛି ଗୁରୁତର ହେଲେ ବାହାରକୁ ଯାଇ ଚିକିତ୍ସିତ ହେଉଥିବା ବେଳେ ଗରିବ ରୋଗୀ ହନ୍ତସନ୍ତ ହେଉଛନ୍ତି। ବିଶେଷଜ୍ଞ ଡକ୍ଟର ନିଯୁକ୍ତି ପାଇଁ ସ୍ଥାନୀୟ ଲୋକେ ବହୁବାର ରାଜ ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନ ପରେ ଆନ୍ଦୋଳନ ହୋଇଛି । ଡାକ୍ତର ନିଯୁକ୍ତି କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳେ ହେଲେ କିନ୍ତୁ ପରେ ସବୁ ଫେଲ । ତୁରନ୍ତ ଉମରକୋଟ ଉପଖଣ୍ଡ ହସ୍ପିଟାଲରେ ରାଜ୍ୟ ସରକାର ବିଶେଷଜ୍ଞ ଡକ୍ଟର ନିଯୁକ୍ତି ନ କଲେ ଭବିଷ୍ୟତ ରେ ଏକ ବଡ଼ ଧରଣର ଆନ୍ଦୋଳନ ପାଇଁ ସଜ ବାଜ ହେଉଛନ୍ତି ଲୋକେ।

## ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ବେଳେ ବିରୋଧ

# ନାବାଳକର କାଟିଦେଲେ ଯୌନାଙ୍ଗ

କୋରକୋଣ୍ଡା, (ଭାସ୍କର ନ୍ୟୁଜ୍): ମହିଳାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ ବେଳେ ବେଳେ ବିରୋଧ କରିବାରୁ ନାବାଳକଙ୍କ ଗୁପ୍ତାଙ୍ଗ କାଟିଦେଲେ ଦୁର୍ବୃତ୍ତ । ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ଅଧୀନ ଏମଭି ୨୪ ଗ୍ରାମରେ ରବିବାର ରାତିରେ ଏହି ଘଟଣା ଘଟିଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଏମଭି ୨୪ ଗ୍ରାମରେ ରବିବାର ରାତି ପ୍ରାୟ ୮ ଘଟିକା ସମୟରେ ବିଜୁଳି ନଥିବା ବେଳେ ଘରେ ଏକାକୀ ଥିବା ଜଣେ ମହିଳାଙ୍କୁ ଅନ୍ଧାରର ସୁଯୋଗ ନେଇ ଉକ୍ତ ଗ୍ରାମର ଦୁଇ ଜଣ ଜୋରଜବରଦସ୍ତ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ । ଏହି ସମୟରେ ମହିଳା ଜଣକ ପାଟି କରିବାରୁ ତାଙ୍କ ଘର ନିକଟରେ ଥିବା ତାଙ୍କ ଦିଅରଙ୍କ ନାବାଳକ ପୁଅ ଆସି ପ୍ରତିବାଦ କରିଥିଲେ। ଉକ୍ତ ନାବାଳକ ପ୍ରତିବାଦ କରିବାରୁ ଅଭିଯୁକ୍ତ ଓ ତାଙ୍କ ଭାଇ ନାବାଳକ ଉପରକୁ ଆକ୍ରମଣ କରିବା ସହ ତାର ଗୁପ୍ତାଙ୍ଗକୁ ଆଘାତ କରି ଚାଲିଯାଇଥିଲେ । ନାବାଳକ ଜଣଙ୍କ ଚିତ୍କାର କରିବାରୁ ପାଟି ଶୁଣି ସାହି ପଡିଶା ଲୋକେ ଆସି ତାକୁ ଉଦ୍ଧାର କରିବା ସହିତ ତୁରନ୍ତ ମାଲକାନଗିରି ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। ଏନେଇ ଅଭିଯୋଗ କାରିଣୀ କୋରୁକୋଣ୍ଡା ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏହାକୁ ନେଇ କୋରୁକୋଣ୍ଡା ଥାନା କେସ୍ ନଂ ୯୯/୨୦୨୫ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା କହିଛନ୍ତି ତଦନ୍ତ ଅଧିକାରୀ ସବ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ସାବତ ।

# ଦୁର୍ଦ୍ଧାନ୍ତ ମାଓନେତା ହିଡିମାର ଫଟୋ ଭାଇରାଲ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଓ ନେତା ହିଡ଼ମାର ବର୍ତ୍ତମାନ ସମୟର ଏକ ଫୋଟ ଭାଇରାଲ୍ ହୋଇଛି । ପୂର୍ବରୁ ପୋଲିସ ନିକଟରେ ହିଡ଼ମାର ଏକ ପୁରୁଣା ଓ ଯୁବକ ସମୟର ଫଟୋ ରହିଥିଲା । ବର୍ତ୍ତମାନ ସମୟର ହିଡ଼ମାର ଏକ ଫଟୋ ପୋଲିସ ହାତରେ ଲାଗିଛି। ଯାହାକୁ ନେଇ କୁଖ୍ୟାତ ମାଓ ନେତା ହିଡମା ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କାରଣ ୨୦ ବର୍ଷ ପୂର୍ବରୁ ହିଡମାର ଏକ ଫଟୋ ହିଁ ସବୁ ଗଣମାଧ୍ୟମ ତଥା ପୋଲିସ ନିକଟରେ ରହିଥିଲା । କିନ୍ତୁ ଏବେ ଯେଉଁ ଫଟୋ ଆସିଛି ତାହା ପୂର୍ବ ଫାଟ ଠାରୁ ଭିନ୍ନ ରହିଛି। ବର୍ତ୍ତମାନ ଏହି ମାଓ ନେତା ତା କିପରି ଦେଖା ଯାଉଛି ତାହା ସ୍ପଷ୍ଟ ହୋଇ ପଡୁଛି। ହିଡମା ସଙ୍ଗଠନର ଅନେକ ବଡ଼ ବଡ଼ ହିଂସାକାଣ୍ଡର ମାଷ୍ଟରମାଇଣ୍ଡ୍ ସହ ଅନେକ ଘଟଣାର ନେତୃତ୍ୱ ନିଏ। ତେଣୁ ପୋଲିସ ସବୁ ବେଳେ ଏହି କୁଖ୍ୟାତ ମାଓ ନେତାର ତଥ୍ୟ ସଂଗ୍ରହ ପାଇଁ ପ୍ରୟାସ କରୁଥିବା ବେଳେ ବର୍ତ୍ତମାନର ଫଟୋ ପୁଲି ପୁଲିସକୁ ମିଳିବା ପରେ ଏହା ହିଡ଼ମାକୁ ଧରିବାରେ ସହାୟକ ହେବ ବୋଲି କୁହାଯାଉଛି। ତେବେ ଏହି ଫଟୋ ଛତିଶଗଡ଼ର ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜଣେ ନକ୍ସଲ ହିଁ ପ୍ରଦାନ କରିଥି?ବା ଜଣାପଡ଼ିଛି। ତେଣୁ ଗଣମାଧମ ର ଫଟୋ ହିଁ ହିଡମାର ବର୍ତ୍ତମାନର ବୋଲି ସ୍ପଷ୍ଟ କରାଯାଇଛି।

## ଦାଦନରୁ ସ୍ୱାଭିମାନର ଯାତ୍ରା

# ମହରାଯୋରବାସୀଙ୍କୁ ନୂତନ ପରିଚୟ ଦେଇଛି ଟେରାକୋଟା ଶିଳ୍ପ



ନୂଆପଡ଼ା, (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ର ମହରାଯୋର ଗାଁ । ଗାଁରେ ପାରମ୍ପରିକ କୁମ୍ଭାର ସମ୍ପ୍ରଦାୟର ଅନେକ ପରିବାର ବସବାସ କରନ୍ତି । କୌଳିକ କର୍ମରେ ପରିବାର ପ୍ରତିପୋଷଣ ସମ୍ଭବ ହେଉ ନଥିବାରୁ ଅଭାବ ଅନାଟନ ମଧ୍ୟରେ ଏମାନେ ଦିନେ ଗାଁ ଛାଡି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯିବା ପାଇଁ ବାଧ୍ୟ ହେଉଥିଲେ । ସେମାନଙ୍କ ପାଇଁ କଷ୍ଟକର ଜୀବନ ସହିତ ପରିବାରର ବୁଢ଼ାବୁଢ଼ୀ ଏବଂ ଛୋଟ ଛୋଟ ପିଲା ଛୁଆମାନେ ଏହାଦ୍ୱାରା ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏବେ କିନ୍ତୁ ନୂଆପଡ଼ା ଜିଲ୍ଲା ପ୍ରଶାସନ ଓ ହସ୍ତଶିଳ୍ପ ବିଭାଗର ସହାୟତା ସେମାନଙ୍କ ଜୀବନଧାରାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ହସ୍ତଶିଳ୍ପ ବିଭାଗ ତରଫରୁ ସେମାନଙ୍କୁ ଅଭିଜ୍ଞ ପ୍ରଶିକ୍ଷକ ମାନଙ୍କ ଦ୍ୱରା ଟେରାକୋଟା ନିର୍ମାଣ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହା ସେମାନଙ୍କ ଜୀବନରେ ନୂତନ ସମୃଦ୍ଧି ଆଣିଦେଇଛି । ଅତୀତର ଦାଦନ ଶ୍ରମିକ ଯୋଗେଶ୍ୱର ରଣା ଯିଏକି ବର୍ତ୍ତମାନର ଜଣେ ଟେରାକୋଟା ମାଷ୍ଟର୍ ଟ୍ରେନର କହନ୍ତି, କେବେ ଦିନେ ଆମେ ଅନ୍ୟ ରାଜ୍ୟକୁ ଯାଇ ଇଟାଭାଟି ମାଲିକଙ୍କ ପାଇଁ ମାଟି ଚକଟୁ ଥିଲୁ । କିନ୍ତୁ ଏବେ ଜିଲ୍ଲା ପ୍ରଶାସନ ସହାୟତାରେ ନିଜ ଘରେ ଥାଇ ନିଜ ଗାଁର ମାଟି ଚକଟି ଆମେ ସ୍ୱାଭିମାନ ସହିତ ବଞ୍ଚି ପାରୁଛୁ । ଟେରାକୋଟା ଶିଳ୍ପ ଆମକୁ ଏକ ନୂତନ ପରିଚୟ ସହିତ ଜୀବଦାନ ଦେଇଛି । ସୂଚନାଯୋଗ୍ୟ ଯେ ଜିଲ୍ଲା ହସ୍ତଶିଳ୍ପ ବିଭାଗ ସହାୟତାରେ ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଯନ୍ତ୍ରଚାଳିତ କୁମ୍ଭାର ଚକ ଦ୍ୱାରା କମ୍ ପରିଶ୍ରମରେ ସୁନ୍ଦର ସୁନ୍ଦର ଟେରାକୋଟା ସମାଗ୍ରୀ ନିର୍ମାଣ କରି ପାରୁଛନ୍ତି । ଗାଁରେ ମା ଜୟଦୁର୍ଗା ଓ ମା ମାଣିକେଶ୍ୱରୀ ନାମରେ ଦୁଇଟି ମହିଳା ସ୍ୱୟଂ ସହାୟକ ଦଳ ଗଠିତ ହୋଇଛି । ଏଥିରେ ତିରିଶଟି ପରିବାର ଯୋଡି ହୋଇଛନ୍ତି । ନିଜ ଗାଁରେ ନିଜ ଘରେ ରହି ସେମାନେ ଏବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି କ୍ଷହସ୍ତଶିଳ୍ପ ବିଭାଗ ଦ୍ୱାରା ସେମାନଙ୍କ ଉତ୍ପାଦ ସବୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ମାଧ୍ୟମରେ ବିକ୍ରୀବଟା କରିବା ସୁଯୋଗ ଯୋଗାଇ ଦିଆଯାଉଛି। ଏହାଦ୍ୱାରା ସେମାନେ ବେଶ୍ ଦୁଇ ପଇସା ରୋଜଗାର କରି ଖୁସି ରେ ଜୀବନ ଯାପନ କରି ପାରୁଛନ୍ତି । ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଏବେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ବିଲୋପ ପାଇଁ ଯେଉଁ ଅଭିଯାନ ଚଳାଇ ଛନ୍ତି ସେଥିରେ ମହାରାଜୋର ଗାଁ ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଛି ।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ଅଧିନସ୍ଥ କଲ୍ୟାଣ ମଣ୍ଡପଠାରେ ଜିଲ୍ଲାପାଳ ଙ୍କ ଦ୍ୱାରା ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଯାଇଛି । ସୂଚନା ଅନୁଯାୟୀ ସୋମବାର ସକାଳ ୮ଘଟିକା ସମୟରେ ବାଲିମେଳା କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲାପାଳ ଙ୍କ ଦ୍ୱାରା ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣି ରେ ପ୍ରାୟ ଅଭିଯୋଗ ଜାଗା ବାଡ଼ି ପଟ୍ଟା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନମିଳିବା ଉପରେ ଆସିଥିବା ବେଳେ । ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ର ପି ଏଚ ସି ରହିଥିବା ବେଳେ ବର୍ତ୍ତମାନ ସି ଏଚ ସି ସି କରିବା ପାଇଁ ମଧ୍ୟ ଅଭିଯୋଗ ବର୍ତ୍ତମାନ ର ବିଜେଡି ନଗର ସଭାପତି ରାଜେନ୍ଦ୍ର କୂଳଦୀପ ଦେଇଥିଲେ । ଏହି ଜନଶୁଣାଣୀ କର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ସିଡିଓ ନରେଶ ଚନ୍ଦ୍ର ଶବର , ବାଲିମେଳା ନଗର ଅଧକ୍ଷ ପ୍ରଦୀପ କୁମାର ନାୟକ ଙ୍କ ସହ ଜିଲା ର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏଥିସହିତ କିଛି ଦିବ୍ୟଙ୍ଗଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା ।

## ରକ୍ତଦାନ ଶିବିର

କୁଚିଣ୍ଡା, (ଭାସ୍କର ନ୍ୟୁଜ୍): ବ୍ଲଡବ୍ୟାଙ୍କ ବୁର୍ଲାର ଅନୁରୋଧ କ୍ରମେ ଏକ କ୍ଷୁଦ୍ର ରକ୍ତଦାନ ଶିବିରର ଆୟୋଜନ ଅପରେସନ ସିନ୍ଦୁର ନାଁ ରେ କରାଯାଇଛି। ଯେଉଁଥିରେ ଚାଷୀ ନେତା ସମୀର ବାବୁ ଓ ସମ୍ବଲପୁର ବିଜେପି ସାଧାରଣ ସମ୍ପାଦକ ଅନୀଲ ବେହେରା ଯୋଗ ଦେଇଥିଲେ । ହୀରାକୁଦ ବିଜେପିରୁ ପ୍ରଦୀପ ରାଉତ ରାୟ, ମନୋଜ ସ୍ୱାଇଁ, ଅନୁପ ମିଶ୍ର, ଜଗନ୍ନାଥ ଚୌଧୁରୀ,ସୁଧୀର ମିଶ୍ର,ଚକ୍ର ସେଠି, ଅଶ୍ୱିନୀ ସାହୁ, ପ୍ରଦୀପ ପରିଡା, କିଶୋର ସାହୁ, ସନ୍ତୋଷ ଠାକୁର,ମମତା ମୁଦୁଲି, ଶେଫାଳି ସେଠି, ସପ୍ନା ବାଗ, ସୁଜାତା ମହାନ୍ତି, ସଂଯୁକ୍ତା ଆଚାର୍ଯ୍ୟ,ଆଦି ନେତୃତ୍ୱ ନେଇଥିଲେ ୩୨ ଗ୍ରୁପ ବ୍ଲଡ଼ ସଂଗ୍ରହ ହୋଇଥିଲା

# ଉଦ୍‌ଘାଟନ ଅପେକ୍ଷାରେ ବସ୍ ଷ୍ଟାଣ୍ଡ



ରାଇଘର,(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ନିକଟରେ ନିର୍ମାଣ ହୋଇଥିବା ବସ୍ ଷ୍ଟାଣ୍ଡ ବର୍ତ୍ତମାନ ଉଦଘାଟନ ଅପେକ୍ଷାରେ ରହିଥିବା ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି ରାଇଘର ଠାରେ ଗୋଟାଏ ବସ୍ ଷ୍ଟାଣ୍ଡ ର ଆବଶ୍ୟକତା ରହିଥିବା ଦୃଷ୍ଟିରୁ ୨୦୦୨ ମସିହାରେ ବସ୍ ଷ୍ଟାଣ୍ଡ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କୌଣସି କାରଣବଶତଃ ବସ୍ ଷ୍ଟାଣ୍ଡର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନଥିଲା। ଏହା ମଧ୍ୟରେ ପାଞ୍ଚ ପାଞ୍ଚ ଟି ସାଧାରଣ ଇଲେକ୍ସନ ସରିଯାଇଥିବା ବେଳେ ଏହା ମଧ୍ୟରେ କିଛି କିଛି କାମ ହୋଇ ପୁଣି କାମ ବନ୍ଦ ହୋଇ ବସ୍ ଷ୍ଟାଣ୍ଡ ସମ୍ପୂର୍ଣ୍ଣ ହୋଇପାରିନଥିଲା। ଗତ ୨୦୨୪ ଇଲେକ୍ସନ ପରେ ଯେତେବେଳେ ନୂତନ ସରକାର ଓଡ଼ିଶାରେ ଗଠନ ହେଲା ତାପରେ ବସ୍ ଷ୍ଟାଣ୍ଡ ର କାମ ଜୋର୍ ସୋର୍ ରେ ଚାଲୁ ରହିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବସ୍ ଷ୍ଟାଣ୍ଡର ଉପରେ ଚାଦର ବିଛାଯିବା ଶହ ରଙ୍ଗ ମରା କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଲାଣି। ବସ୍ ଷ୍ଟାଣ୍ଡ ଉଦଘାଟନ ହେଲେ ଦୀର୍ଘ ଦିନ ର ଅପେକ୍ଷାର ଅନ୍ତ ଘଟିବ ବୋଲି ସାଧାରଣ ରେ ଚର୍ଚ୍ଚା ଜୋର ଧରିଛି।

## ସିବିଏସ୍‌ଇ ସ୍କୁଲକୁ ନେଇ ତେଜୁଛି ଅସନ୍ତୋଷ

ବରଗଡ଼, (ଭାସ୍କର ନ୍ୟୁଜ୍): ବରଗଡ଼ ଜିଲ୍ଲାର ୧୨ଟି ବ୍ଲକ୍ ବରଗଡ଼ ସହର ସମେତ ଶତାଧିକ ସିବିଏସ୍‌ଇ ସ୍କୁଲ ଛତୁ ଫୁଟିବା ଭଳି ଥିବା ବେଳେ ଏସବୁ ସ୍କୁଲକୁ କେଉଁ ଆଧାରରେ ଏନ୍‌ଓସି ଦିଆଯାଇଛି, ଏଥିରେ ଭେରିଫିକେସନ୍ ଠିକ୍ ଭାବେ ହୋଇଛି କି ନାହିଁ, ଚଳିତ ବର୍ଷ ପଦମପୁର ସମେତ କେତେକ ସିବିଏସ୍‌ଇ ସ୍କୁଲ୍ ଫଳାଫଳ ପ୍ରକାଶ ନ ପାଇବା ଏବଂ ଏହି ସିବିଏସ୍‌ଇ ସ୍କୁଲର ନିଜସ୍ୱ ପରୀକ୍ଷା ସେଣ୍ଟର ନଥିବା ବେଳେ ଆଫିଲେଟେଡ୍ ନ ହୋଇଥିବା ବେଳେ ଏସବୁ ସ୍କୁଲ ପ୍ରତି ବରଗଡ଼ ଡିଇଓ ଅଫିସ୍ ର କାର୍ଯ୍ୟାନୁଷ୍ଠାନ ରେଜଲ୍ଟ ନ ବାହାରିବା ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ସହ ଏନ୍‌ଓସି ଦେବାକୁ ନେଇ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ପ୍ରିୟାପ୍ରୀତିତୋଷଣରୁ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହେଉଛି।

# ରକ୍ତ ଭଣ୍ଡାର ସ୍ଥାପନ ଦାବି

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଉପ-ଖଣ୍ଡସ୍ତରୀୟ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ନଥିବାରୁ ରୋଗୀ ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଖଡ଼ିଆଳ ହସ୍ପିଟାଲ ରେ ରକ୍ତ ଭଣ୍ଡାର ନଥିବାରୁ ରୋଗୀ ମୃତ୍ୟୁ ବରଣ କରୁଥିବା ଦେଖିବାକୁ ମିଳୁଛି। ବୋଡ଼େନ, ସିନାପାଲି, ଖଡ଼ିଆଳ ବ୍ଲକ ସହ ଖଡ଼ିଆଳ ଏନ ଏ ସି ସହ ପଖାପେକ୍ଷୀ ତିନି ଲକ୍ଷ ଲୋକେ ଏହି ଚିକିତ୍ସାଳୟ ଭରସାରେ ନିର୍ଭର କରନ୍ତି। ଖଡ଼ିଆଳ ଚିକିତ୍ସାଳୟରେ ରକ୍ତ ଭଣ୍ଡାର ନିହାତି ଜରୁରୀ। ରକ୍ତ ଭଣ୍ଡାର ଖୋଲିବା ପାଇଁ ସମାଜସେବୀ ଯୁବବର୍ଗ, ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ମହଲରେ ଦାବି ହେଉଛି । ଏଥି ପ୍ରତି ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରିବାକୁ ଖଡ଼ିଆଳ ଅଞ୍ଚଳର ସମସ୍ତ ମହଲରେ ଅନୁରୋଧ କରାଯାଇଛି।

# ଜିଲ୍ଲାସ୍ତରୀୟ ବିକାଶ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ



ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ବାଣିଜ୍ୟ ଓ ପରିବହନ ତଥା ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ ସମୀକ୍ଷା ଏବଂ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜିଲ୍ଲାରେ ଆସନ୍ତା ୧୨/୬/୨୫ ରୁ ୧୮/୬/୨୫ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ବିକାଶ ମେଳା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଝରି ଗାଁ ନରସିଂହ ଭତରା ,ସାଂସଦ ପ୍ରତିନିଧି କୁଞ୍ଜ ବିହାରୀ ଦାସ , ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ,ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସିଡିଓ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଗୃହରେ ସ୍ୱାସ୍ଥ୍ୟ, ଖଣି, ପରିବହନ, ପାନୀୟ ଜଳ, ଯୋଗାଣ, ସାମାଜିକ ସୁରକ୍ଷା,ସମାଜ କଲ୍ୟାଣ, ଶିଳ୍ପ, ଶ୍ରମ, ଦକ୍ଷତା ବିକାଶ, ଜିଲ୍ଲା ପରିଷଦ ବିଭାଗର ବର୍ଷ ପୂର୍ତ୍ତି ମଧ୍ୟରେ ନିଆଯାଇଥିବା ପଦକ୍ଷେପ ଓ ଯୋଜନା ପ୍ରଣୟନ ଉପରେ ବିଭିନ୍ନ ତଥ୍ୟ ପିପିଟି ମାଧ୍ୟମରେ ମାନ୍ୟବର ମନ୍ତ୍ରୀ ଅବଗତ ହୋଇଥିଲେ। ନୂତନ ମଣ୍ଡେଇ ପଡିଆରେ ଆୟୋଜିତ ହେବାକୁ ଥିବା ବିକାଶ ମେଳାରେ ବିଭିନ୍ନ ବିଭାଗୀୟ ଷ୍ଟଲ,ଖାଦ୍ୟ ଉତ୍ସବ ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ, ଗ୍ରାମାଞ୍ଚଳରୁ ବ୍ଲକ ଓ ସହରାଞ୍ଚଳ ରେ ବିକାଶ ବାହନ ଯାତ୍ରା ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ବିଶେଷ ପ୍ରଚାର ପ୍ରସାର ,ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ଶାନ୍ତି ଶୃଙ୍ଖଳା, ପାର୍କିଂ, ମାଜିଷ୍ଟ୍ରେଟ ଦାୟିତ୍ୱ, ଶୌଚାଳୟ, ପାନୀୟ ଜଳ, ପରିମଳ, ଅଗ୍ନିଶମ ନିରାପତ୍ତା,ଷ୍ଟଲ୍ ,ସାଂସ୍କୃତିକ କାର୍ଯ୍ୟକ୍ରମ,ପଡିଆ ସଫେଇ,ବିଶେଷ ପ୍ରଚାର ପ୍ରସାର,ମିଡିଆ,ସୁଭଦ୍ରା ଶକ୍ତି ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତା, ଷ୍ଟେଜ,ଅତିଥି ସ୍ୱାଗତ,ବିଦ୍ୟୁତ୍ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇ ଏହାର ସଫଳ ରୂପାୟନ ପାଇଁ ବିଶେଷ ପଦକ୍ଷେପ ନେବାକୁ ମ ମନ୍ତ୍ରୀ ଜିଲ୍ଲା ପ୍ରଶାସନ କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଷ୍ଟଲ୍ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ସଫଳ ଭାବରେ ପ୍ରଦର୍ଶନ ପାଇଁ ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ ଆରମ୍ଭ କରିବାକୁ ବିଭାଗିୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜିଲ୍ଲାରେ ବିଭାଗୀୟ ବିଭିନ୍ନ ଯୋଜନାର ପ୍ରଣୟନ ଓ ହିତାଧିକାରୀମାନଙ୍କୁ ପହଞ୍ଚିଥିବା ସହାୟତା,ବିକାଶ ମୂଳକ କାର୍ଯ୍ୟକ୍ରମର ବିକାଶ ମେଳା ରେ ସଫଳ ପ୍ରଦର୍ଶନ ଓ ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ କହିଥିଲେ। ବିକାଶ ମେଳାରେ ମୋଟ ବିଭାଗୀୟ ଷ୍ଟଲ୍ ୩୬ ଏବଂ ପାରମ୍ପରିକ ଖାଦ୍ୟ ଷ୍ଟଲ ୨୫ ଏଭଳି ୬୧ ଟି ଷ୍ଟଲ ର ଆୟୋଜନ କରାଯାଉଛି।ଶେଷରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମହା ସଂକୀର୍ତ୍ତନ ମେଳା ଓ ଲୋକକଳା ସମାବେଶ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦରରେ ମହାସଂକୀର୍ତ୍ତନ ଓ ଲୋକକଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ନିର୍ଦ୍ଦେଶକ୍ରମେ ବିଭାଗୀୟ ସମସ୍ତ ପଦାଧିକାରୀ ତଥା ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗ ତଥା ଉଦ୍ୟମରେ ଜିଲ୍ଲାରେ ଶ୍ରୀ ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦ ଓଡ଼ିଶା ଶାଖା ମାଲକାନଗିରି ଜିଲ୍ଲାରେ ହରିନାମ ସଂକୀର୍ତ୍ତନ ତଥା ଲୋକ କଳାର ଏକ ମହା ସମାବେଶ ଓ ସଂକୀର୍ତ୍ତନ ଦଳଙ୍କ ବିଶାଳ ପଦଯାତ୍ରା ସକାଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ବାହାରି ଡି. ଏନ୍.କେ ବ୍ଲକ ପଡ଼ିଆ ଠାରେ ସମ୍ମିଳିତ ହୋଇଥିଲେ। ମାଲକାନଗିରି, ମାଥିଲି, ଚିତ୍ରକୋଣ୍ଡା, କୋରକୁଣ୍ଡା, ଖଇରପୁଟ, କାଲିମେଳା, ପଡ଼ିଆ ସାତ ଟି ଯାକ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମ ଗୁଡ଼ିକରେ ଥିବା ସଂକୀର୍ତ୍ତନ ମଣ୍ଡଳୀର ହଜାର ହଜାର ସଂଖ୍ୟାରେ ପୁରୁଷ ଓ ମହିଳାମାନେ ଏହି ଶୋଭା ଯାତ୍ରାରେ ଉପସ୍ଥିତ ରହି ନାମ ସଂକୀର୍ତ୍ତନ କରିଥିଲେ । ବ୍ଲକ ପଡ଼ିଆ ଠାରେ ଆୟୋଜିତ ଆଧାତ୍ମିକ ସଭାରେ ବିଭିନ୍ନ ଅଞ୍ଚଳ ରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ଓ ଲୋକ କଳାକାରମାନଙ୍କୁ ସମ୍ମାନିତ କରାଯାଇ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ସଭାପତି ରାମଚନ୍ଦ୍ର ଗୌଡ଼, ଜିଲ୍ଲା ସମ୍ପାଦକ ରାମଚନ୍ଦ୍ର ମାଝି, ରାଜ୍ୟ ଉପଦେଷ୍ଟା ନୃସିଂହ ଚରଣ ସାମନ୍ତରାୟ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ରାଜ୍ୟ ସଂଯୋଜକ ଦୁଷ୍ମନ୍ତ ପୁରୋହିତ, ରାଜ୍ୟ କୋଷାଧକ୍ଷ ଶରତଚନ୍ଦ୍ର ପରିଡ଼ା, ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପାଲ୍, ରାଜ୍ୟ ସଙ୍ଗଠନ ସମ୍ପାଦିକା ପୁଷ୍ପାଞ୍ଜଳୀ ସାହୁ, ରାଜ୍ୟ ଯୁଗ୍ମ ସଂଯୋଜକ ଜୟ ମଙ୍ଗଳ ବିଶିଙ୍କ ସହିତ ମାଲକାନଗିରି ଜିଲ୍ଲା ସମସ୍ତ ଲୋକ କଳାକାର, ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ପରିଷଦର ସଦସ୍ୟ ମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ କିପରି ଲୋକକଳା ପରମ୍ପରା ବଞ୍ଚିରହିବ ସେଥିପ୍ରତି ଗୁରୁତ୍ୱ ଦେବା ସହିତ ଲୋକକଳାକାରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଜିଲ୍ଲା ସଦର ମହାକୁମା ଠାରେ ଥିବା ସରକାରୀ ପଞ୍ଜିକୃତ ବହୁପୁରାତନ ଜୟ ବଜରଙ୍ଗ ବାଲି ଜଗନ୍ନାଥ କଳା ପରିଷଦ ସଂକୀର୍ତ୍ତନ ମଣ୍ଡଳୀକୁ କିଛି ସୂଚନା ଦିଆଯାଇ ନଥିବାରୁ ସଂକୀର୍ତ୍ତନ ମଣ୍ଡଳୀର ସଭାପତି ପ୍ରଫୁଲ କୁମାର ପଣ୍ଡା, ଦିବାକର ପାଳ ଓ ଅନ୍ୟ ସଦସ୍ୟ ମାନେ କ୍ଷୋଭ ପ୍ରକାଶ କରିବା ସହିତ ପରବର୍ତ୍ତି ସମୟରେ ଏପରି ଭୁଲ ନକରିବାକୁ ପରାମର୍ଶ ଦେବା ସହ କ୍ଷୋଭ ବ୍ୟକ୍ତ କରିଥିବା ଜଣା ପଡ଼ିଛି ।

## ଭଉଣୀକୁ ହତ୍ୟା କଲା ଭାଇ

ଲହୁଣୀପଡ଼ା, (ଭାସ୍କର ନ୍ୟୁଜ୍): ସାମାନ୍ୟ କଳିରୁ ମହାଭାରତ। ସାନ ଭାଇ ଲୁହା ଛଡରେ ପିଟି ପିଟି ବଡ ଭଉଣୀକୁ ହତ୍ୟା କରିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ସୁନ୍ଦରଗଡ ଜିଲା ମହୁଲପଦା ଥାନା ଅନ୍ତର୍ଗତ ଜିନକଲା ଗ୍ରାମରେ ଘଟିଛି। ରବିବାର ରାତିରେ ସାନଭାଇ ବିଜୟ ମାହାନ୍ତ ଓ ତାର ସ୍ତ୍ରୀ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡା ହେଉଥିଲା । ଏଥିରେ ବିଜୟର ବଡ ବାପା ଝିଅ ତଥା ବିଜୟର ବଡ ଭଉଣୀ ହେମଗିରି ମାହାନ୍ତ ମଧ୍ୟସ୍ତି କରୁଥିଲେ। ଏଥିରେ ଭାଇ ବିଜୟ ଉତ୍ୟକ୍ତ ହୋଇ ଏକ ଲୁହାଛଡ଼ରେ ହେମଗିରିର ମୁଣ୍ଡକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହେମଗିରି ଟଳି ପଡ଼ିଥିଲେ। ପରେ ନିଜେ ଆକ୍ରମଣକାରୀ ଭାଇ ବିଜୟ ଚିକିତ୍ସା ପାଇଁ ବଣାଇଁ ଡାକ୍ତରଖାନାକୁ ଆଣିଥିଲା କିନ୍ତୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ପୋଲିସ୍ ଘଟଣାର ତଦନ୍ତ ଜାରି ରଖିଛି।



ବାଲିମେଳା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଧିନସ୍ତ ରାସବେଡା ପଞ୍ଚାୟତର ପାଲକା ଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ଏହି ଗ୍ରାମରେ ରହୁଥିବା ଦୁଇ ଜଣ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ସାମାନ୍ୟ ବଚସା ରୁ ଗଣ୍ଡଗୋଳ ହୋଇଥିଲା। ଏହାକୁ ନେଇ ତାର ମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆହତ ବ୍ୟକ୍ତି ଜଣକ ହେଉଛନ୍ତି ରାସବେଡା ପଞ୍ଚାୟତ ଅଧିନସ୍ତ ପାଲକାଗୁଡା ଗ୍ରାମରେ ରହୁଥିବା କୃପା ମୁଦୁଲୀଙ୍କ ପୁଅ ତ୍ରୀପତି ମୁଦୁଲୀ-(୪୫)ବୋଲି ଜଣା ପଡିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଏହି ପାଲକା ଗୁଡା ଗ୍ରାମର ରହୁଥିବା ହରି ମୁଦୁଲୀଙ୍କ ପୁଅ ହାଡ଼ି ମୁଦୁଲୀ ଏବଂ ସେହି ଗ୍ରାମରେ ରହୁଥିବା ତ୍ରୀପତି ମୁଦୁଲୀଙ୍କ ମଧ୍ୟରେ ଗତ ୮ ତାରିଖ ରବିବାର ଦିନ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ହାଡ଼ି ମୁଦୁଲୀ ଶ୍ରୀପତିଙ୍କ ଘରକୁ ଆସି ଗାଳିଆରେ ହାଣିବା ସହିତ ତାର ବିଧି ମାରିଦେବାକୁ ଧମକ ଦେଇ ଯାଇଥିଲେ। ଏହା ପରେ ସେହିଦିନ ସନ୍ଧ୍ୟା ପ୍ରାୟ ୭ ଟା ସମୟରେ ଶ୍ରୀପତି ହାଡ଼ିଙ୍କୁ ବୁଝାଇବା ପାଇଁ ତାଙ୍କ ଘରକୁ ଯାଇଥିଲେ। ଠିକ ଏହି ସମୟରେ ଶ୍ରୀପତି ହାଡ଼ିଙ୍କୁ କିଛି କହିବା ପୂର୍ବରୁ ହାଡ଼ି ମୁଦୁଲୀ ଧନୁ ତାର ଆଣି ଶ୍ରୀପତିଙ୍କ ଛାତିକୁ ତାର ମାରିଥିଲେ। ତାର ମାଡ଼ ହେବା ପରେ ସେ ଗୁରୁତର ଆହତ ଅବସ୍ଥାରେ ବନ୍ଧୁ କୋଗରେ ବିଶ୍ରାମ କରିଥିଲେ। ତ୍ରୀପତିଙ୍କ ପରିବାର ଲୋକେ ତାଙ୍କ ପାଟି ଶୁଣି ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ଗଜଲମ୍ବୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ହେଲେ ତାଙ୍କ ଛାତିରେ ପଶିଥିବା ତୀର ନବାହାରିବାରୁ ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ନିମନ୍ତେ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଉଥିଲା ହେଲେ ତାଙ୍କ ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉଚ୍ଚ ଚିକିତ୍ସା ନିମନ୍ତେ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡିକାଲକୁ ପଠାଇଥିବା ଜଣା ପଡିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୮୦ ପ୍ରତିଶତ...

ହୋଇଥିଲା। ସେହିପରି ରଥଯାତ୍ରା ସମୟରେ ଆମ୍ବୁଲାନ୍ସ କରିଡର କରାଯିବ। ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଗୁମୁଟ୍ଗୁମୁଟ୍କୁ ଦୃଷ୍ଟିରେ ରଖି ସହର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା କରାଯିବ। ୨୦ଲକ୍ଷ ପାଣିବୋତଲ ଓ ପାଉଚର ବ୍ୟବସ୍ଥା କରାଯିବ। ପ୍ରତ୍ୟେକ ସାହି ଗଳିକନ୍ଦିରେ ରାସ୍ତାଘାଟ ମରାମତି, ମଲ୍ଲାଧୁଆଁ ସ୍ପ୍ରେ, ବ୍ଲିଚିଂ ପାଉଡର ମରାମତି ଆଦି ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ୍ରୁମ୍ ଖୋଲାଯିବ। ମାଳତୀ ପାଟପୁରରେ ପର୍ଯ୍ୟଟକ ବସ୍ ଓ ଯାତ୍ରୀବାହୀ ବସ୍ ପାର୍କିଂ କରିବେ। ଏହି ବୈଠକରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଅତିରିକ୍ତ ମୁଖ୍ୟ ଶାସନସଚିବ, ପୁରୀ ଜିଲ୍ଲାପାଳ ଓ ଏସ୍ପି ଏବଂ ସାଂସଦ ଓ ବିଧାୟକମାନେ ଯୋଗ ଦେଇଥିଲେ।

### ବଦଳିଛି ବିକାଶର...

ରହିଥିବାବେଳେ ମୋଦି ସରକାର ନକରାତ୍ମକତ୍ୱ ସକରାତ୍ମକ ଦିଗ ଆଡ଼କୁ ପାଦ ବଢ଼ାଇବାରେ ଲାଗିଛନ୍ତି। ଶ୍ରୀ ନଡ୍ଡା ଆହୁରି କହିଥିଲେ ଯେ ଆଜି ଭାରତର ସାଧାରଣ ନାଗରିକଙ୍କ ବିଶ୍ୱାସ ମୋଦୀ ହୈ ତୋ ମୁମକିନ ହୈ। ଏଥିସହ ସରକାରଙ୍କ ୩ ଉପଲବ୍ଧି ଉପରେ ଶ୍ରୀ ନଡ୍ଡା ଆଲୋକପାତ କରିଥିଲେ। ବିକାଶ, ଆଦିବାସୀ ଓ ନବସୃଜନ ମୋଦୀ ସରକାରଙ୍କ ଆଭିମୁଖ୍ୟ ବୋଲି ସେ କହିଥିଲେ। ସେ କହିଥିଲେ, ବିଜେପି ପରମ୍ପରା, ସିଦ୍ଧାନ୍ତ ଓ ଗ୍ରାଉଣ୍ଡଫର୍ମରର ମନ୍ତ୍ର ଶିଖାଇଥାଏ। ଆମେ ସବ୍କା ସାଥ, ସବ୍କା ବିକାଶ, ସବ୍କା ବିଶ୍ୱାସ ଓ ସବ୍କା ପ୍ରୟାସ ନୀତିକୁ ଆପଣାଇଛୁ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ ମୋଦୀ ସରକାର ଜାମ୍ମୁକାଶ୍ମୀରରୁ ୩୭୦ ଧାରାର ଉଚ୍ଛେଦ ସହ ଟ୍ରିପଲ ତଲାକ ବିଲ୍କୁ ପାସ୍ କରିଛନ୍ତି। ସରକାର ଦେଶର ଓ ସମୁଦାୟର ହିତକୁ ମଜବୁତ କରିବା ପାଇଁ ନୂଆ ୱାକ୍ଫ ଆଇନ ଆଣିଛନ୍ତି। ଭାରତ ଖୁବ୍ଶୀଘ୍ର ବିଶ୍ୱର ଚତୁର୍ଥ ଅର୍ଥ ବ୍ୟବସ୍ଥା ହେବାକୁ ଯାଉଛି ବୋଲି ସୂଚନା ଦେଇ ଶ୍ରୀ ନଡ୍ଡା କହିଥିଲେ, ବିଦେଶୀ ମୁଦ୍ରାଭଣ୍ଡାର, ରପ୍ତାନୀ ଏବଂ ଏଫଡିଆଇରେ ବୃଦ୍ଧି ଘଟିଛି। ଜିଏସ ସଂଗ୍ରହରେ ୨୩୮ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି।

### ବନ୍ୟଜନ୍ତୁ ଆକ୍ରମଣ...

ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ୫ ବର୍ଷ ମଧ୍ୟରେ ବନ୍ୟପ୍ରାଣୀ ଆକ୍ରମଣରେ ୭୯୯ଜଣଙ୍କ ଜୀବନ ଯାଇଛି। ତେବେ ହାତୀ ଓ ଅନ୍ୟ ବନ୍ୟଜନ୍ତୁଙ୍କ ଆକ୍ରମଣରେ ୧୯୬୨ଜଣ ଆହତ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରେ ସର୍ବାଧିକ ୧୪୬ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ବାସସ୍ଥାନ ନଷ୍ଟ ଏବଂ ଜଙ୍ଗଲ ଆଚ୍ଛାଦନ ହ୍ରାସ ହେତୁ ଏହି ଅଞ୍ଚଳରେ ହାତୀମାନଙ୍କର ଗତିବିଧି ଅଧିକ ରହିଛି। ଫଳରେ ହାତୀମାନେ ନିକଟ ରହୁଥିବା ଅଞ୍ଚଳକୁ ମାଡ଼ି ଯାଉଛନ୍ତି। ବର୍ଦ୍ଧିତ ସହରୀକରଣ ଏବଂ ଜଙ୍ଗଲ କ୍ଷୟ ସ୍ଥିତିକୁ ଅଧିକ ଜଟିଳ କରିଛି। ଯାହାଫଳରେ ବାରମ୍ବାର ଓ ଗୁରୁତର ସଂଘର୍ଷମାନ ଘଟି ଚାଲିଛି।

### ଜେଲ୍ ଗଲେ...

୪୭ଲକ୍ଷ ଟଙ୍କା ନଗଦ ମିଳିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ପୂର୍ବରୁ ଶ୍ରୀ ଧାମନ ଭାରତୀୟ ବନସେବା ଅଧିକାରୀ ଭାବେ ୨୦୧୯ରେ ଓଡ଼ିଶା କ୍ୟାଡରରେ ଯୋଗ ଦେଇଥିଲେ। ତାଲିମ ପରେ ସେ ୨୦୨୧ କୁନ୍ଦୁରୁ ବାରିପଦାରେ ଏସିଏଫ ଭାବେ କାର୍ଯ୍ୟ କରିଥିଲେ। ପରେ ୨୦୨୧ରେ ସେ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ତାଙ୍କୁ ଆଇଏଏସ୍ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଥିଲା।

### ବିକାଶର ଶୀର୍ଷ...

କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମଞ୍ଜୁର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାର କାରଣ ବୁଝି ଏଥିପାଇଁ ଯଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା ଜେନାଲ, ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି। ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହି ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କ ବିରୁଦ୍ଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପୋଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ତୋରା ବାଲି ନାଲାଣ, ଆଇନ ଶୃଙ୍ଖଳା ଓ ସରକାରୀ କର୍ମଚାରୀ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସେ ପୁଣି କହିଥିଲେ ଯେ, ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ। ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ। ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀ ମାନେ ଯଥାଶୀଘ୍ର ପଦକ୍ଷେପ ନେଇ କାର୍ଯ୍ୟ ସମାପ୍ତ କରନ୍ତୁ। ସ୍ୱାସ୍ଥ୍ୟ ସେବାରେ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଉସୀ ମାଆ ମନ୍ଦିର ଠାରୁ ଶ୍ରୀ ବଳଦେବଜିଉ ମନ୍ଦିର ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ମାଆ ଓ ଭଉଣୀ ମାନଙ୍କର ସିନ୍ଦୂରର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନେଇଥିବା ପ୍ରତିଜ୍ଞା ଆଜି ସାରା ବିଶ୍ୱରେ ଗୁଞ୍ଜରିତ ହେଉଛି। ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀ ବଳଦେବଜିଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ପରେ ଜିଲ୍ଲା କୃଷି ରଥ ଓ ରାଜସ୍ୱ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ସମୀକ୍ଷା ବୈଠକରେ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ, ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ, ଧ୍ରୁବ ଚରଣ ସାହୁ ପାଟକୁରା ବିଧାୟକ, ଅରବିନ୍ଦ ମହାପାତ୍ର, ଜିଲ୍ଲାପରିଷଦ ସଭାପତି ଲିପିତା ଦାସଙ୍କ ସମେତ ଜିଲ୍ଲାପାଳ ସ୍ୱତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ ଓ ଜିଲ୍ଲାର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟେନର ବୋଝେଇ ଜାହାଜରେ ବିସ୍ଫୋରଣ

# ଲୋକଙ୍କୁ ସତର୍କ କଲା ପ୍ରଶାସନ



ନୂଆଦିଲ୍ଲୀ : କେରଳ ଉପକୂଳରେ ଥିବା ସିଙ୍ଗାପୁରର ଏକ କଣ୍ଟେନର ବୋଝେଇ ଜାହାଜରେ ବଡ଼ଧରଣର ବିସ୍ଫୋରଣ ଘଟିଛି। ଏ ନେଇ ସୂଚନା ମିଳିବା ପରେ ଏହି ଜାହାଜରେ ଥିବା ୨୨ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବାବେଳେ ୪ଜଣ କ୍ରିୟୁ ମେମ୍ବର ନିଖୋଜ ଥିବାନେଇ ସୂଚନା ଦିଆଯାଇଛି। ଏହି ଜାହାଜଟିର ଲମ୍ବ ୨୭୦ ମିଟର ଏବଂ ଏହାର ଉଚ୍ଚତା ୧୨.୫ ମିଟର ବୋଲି କୁହାଯାଉଛି। ଗତ ୭ ତାରିଖରେ ଜାହାଜଟି କଲମ୍ବୋରୁ ବାହାରିଥିଲା ଏବଂ ଚଳିତମାସ ୧୦ ତାରିଖରେ ମୁମ୍ବାଇରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। ତେବେ ଜାହାଜଟି କେରଳ ଉପକୂଳ ନିକଟରେ ପହଞ୍ଚିଥିବାବେଳେ ଏଥିରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। କ୍ଷୟକ୍ଷତିର କୌଣସି ରିପୋର୍ଟ ମିଳିନଥିଲେ ମଧ୍ୟ ଉପକୂଳବର୍ତ୍ତୀ ଲୋକମାନଙ୍କୁ ପ୍ରଶାସନ ସତର୍କ କରାଉଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧ କରି ତୁରନ୍ତ ପଦକ୍ଷେପ ନିଆଯାଉଥିଲା। ଭାରତୀୟ ନୌସେନା ଏବଂ ସାମୁଦ୍ରିକ ସଂସ୍ଥାଗୁଡ଼ିକ ସ୍ଥିତି ଉପରେ କଡ଼ା ନଜର ରଖୁଛନ୍ତି। ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଆବଶ୍ୟକ ପ୍ରସ୍ତୁତି ତୁରନ୍ତ କରିବା ପାଇଁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ କୋଝିକୋଡର ଜିଲ୍ଲାପାଳଙ୍କୁ କେରଳ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜାହାଜର କ୍ରିୟୁ ସଦସ୍ୟଙ୍କୁ କେରଳ ଉପକୂଳ ଆଣାଯାଏ ତେବେ ସେମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

## ଶ୍ରୀମନ୍ଦିରରେ ଦଇତାପତି ପ୍ରବେଶ



ପୁରୀ (ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କ ଗୁପ୍ତ ସେବା କରିବା ପାଇଁ ଆଜି ଭଗବାନ ଘରେ ଦଇତାପତିମାନେ ମନ୍ଦିର ପ୍ରବେଶ କରିଛନ୍ତି। ମଙ୍ଗଳ ଆଳତି ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ଏଥିପାଇଁ ଦଇତା ସେବକମାନେ ପ୍ରସ୍ତୁତ ଥିବା ବରିଷ୍ଠ ଦଇତାପତି ସେବକ କହିଛନ୍ତି। ଶ୍ରୀଜିଉଙ୍କ ଶ୍ରୀଅଙ୍ଗରକ୍ଷକ ଭାବେ ପରିଚିତ ଦଇତାପତି ସେବକମାନେ ସ୍ନାନ ପୂର୍ଣ୍ଣିମାଠାରୁ ଆରମ୍ଭ କରି ନବଯୌବନ ଦର୍ଶନ, ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନୀଳାଦ୍ରି ବିଜେର ସମସ୍ତ ନୀତି ନିର୍ବାହ କରିବାର ପ୍ରଥା ରହିଛି। ଦଇତା ପ୍ରବେଶ ପରେ ଆସନ୍ତାକାଲି ଶ୍ରୀଜିଉଙ୍କ ବଡ଼ସିଂହାର ଭୋଗ, ପହୁଡ଼ ଆଳତି ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀମୁଖଙ୍କୁ ଶ୍ରୀମୁଖ ଖଣ୍ଡୁଆରେ ଢାଙ୍କି ସବୁ ନୀତି କରାଯିବ। ବଡ଼ସିଂହାର ପରେ ଦଇତା ସେବକମାନେ ପ୍ରଭୁଙ୍କ ବାହୁଡ଼କଣ୍ଠ ନୀତି ସଂପାଦନ କରିବେ। ପରେ ଜେଠ ପୁଅଁସି ସେବକମାନେ ରତ୍ନ ସିଂହାସନରେ ଚାରି ବଡ଼ିବାକୁ ଉର୍ଦ୍ଧ୍ୱକୁ ଉଠେଇବେ ଓ ଶ୍ରୀ ପ୍ରଦାନ କରିବେ। ଚାର ବାଡ଼ିଆ ପରେ ଦଇତାପତିମାନେ ପ୍ରଭୁଙ୍କ ସେନାପଟା ବାନ୍ଧିବା ନୀତି ସଂପନ୍ନ କରିବେ।

## ଦୁର୍ଘଟଣାରେ ବାପା-ପୁଅ ମୃତ

କନ୍ଧମାଳ (ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ବାଲିଗୁଡାରେ ଅଭାବନୀୟ ଘଟଣା ଘଟିଛି। ଅଜଣା ଗାଡି ଧକ୍କାରେ ଚାଲିଗଲା ବାପା-ପୁଅଙ୍କ ଜୀବନ। ସୂଚନା ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ବାଲିଗୁଡା ଥାନା ସିଂଗିପାଙ୍ଗା ଗାଁର ହେମ କହଁର ଏବଂ ପୁଅ ନୀଳକଣ୍ଠ କହଁର ବାଇକ୍ ଯୋଗେ ରାଇପଙ୍ଗା ଗାଁକୁ ଯାଉଥିଲେ। ଫେରିବା ସମୟରେ ଗାଲିଗୁରା ଘାଟିରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହେମ କହଁରଙ୍କର ମୃତ୍ୟୁ ଘଟିଥିଲା। ଏବଂ ପୁଅ ନୀଳକଣ୍ଠଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।


**ପୂର୍ବ ତଟ ରେଳପଥ**

ପେ ଆଣ୍ଡ ୟୁଜ୍ ଟୟଲେଟ୍ର ଇ-ନିଲାମ

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.20.06.2025 ଘ.1500 ଘଣ୍ଟା

ନିଲାମ ଶେଷ ତାରିଖ ଓ ସମୟ: ତା.20.06.2025 ଘ.1530 ଘଣ୍ଟା

www.ireps.gov.in

PR-212/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Pattamundai, dated: 31.05.2025, I Jyostnarani Jena, Address: village- Alva, Po- Alva, Ps- Pattamundai, Dist- Kendrapara, Odisha, PIN-754215, declare that I have changed my name from Labanyabati Jena to Jyostnarani Jena. Henceforth, I shall be known as Jyastnarani Jena for all purposes.

Sd/ Jyostnarani Jena

**OFFICE OF THE MUNICIPAL COUNCIL, JATNI**

PHONE-0674-2490826, MAIL-MUNICIPALITYJATNI@GMAIL.COM

NO: 3575 /DATE: 09.06.2025

C-484

"E" PROCUREMENT NOTICE

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

| | | |
|---|---|---|
| 1. Tender Reference No | : | EO/JMC/083/2024-25 |
| 2. Tender I.D No. | : | 2025_ORULB_111312_pack1 |
| 3. Name of the Work | : | Civil Construction works as mentioned in website |
| 4. No. of works | : | 1 no |
| 5. Estimated Cost | : | on quoted value as per dtcn |
| 6. Period of Completion | : | 30 days |
| 7. Date and Time of Bidding | : | From 10.06.2025, 10:00 A.M to 16.06.2025, 05:00 P.M |
| 8. Last date and time for receipt Of bids in the portal | : | Dt.16.06.2025 up to 05:00 P.M |
| 9. Bids received online shall be opened on | : | Dt.17.06.2025 at 11.00 A.M |
| 10. Name and address of the Officer inviting Bid | : | Executive Officer, Jatni Municipality |

Further details can be seen from the procurement portal i.e. www.tendersorissa.gov.in

Sd/- Executive Officer
Jatni Municipality

OIPR 13041/11/0036/2526

**OFFICE OF THE BARIPADA MUNICIPAL COUNCIL, BARIPADA**

Phone:-06792-252703, Fax:-06792-252703, Email:-baripadam.hud@nic.in
Website- www.baripadamunicipality.in

No: 827 Date: 04.06.2025

C-453

DTCN PART-I (TCHNICAL BID) SECTION-II
COMPETITIVE BIDDING THROUGH 'e' Procurement

The Executive Officer on behalf of Baripada Municipality, Baripada invites percentage rate bids in single cover system in ONLINE MODE only in conformity with Detailed Tender Call Notice (DTCN). Bid Documents consisting of Work, Estimated Cost, Cost of Tender Paper, EMD, and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

Tender Reference No: BPDM- 4 of 2025-2026 | Tender I.D No : 2025_ORULB_

| Sl. No. | Description | Critical Dates |
|---|---|---|
| 1 | Procurement Officer – Publisher / Tender Inviting Authority / Bids | Executive Officer, Baripada Municipality, Baripada. |
| 2 | Name of the Work | As per DTCN |
| 3 | Nos. Of Work | As per DTCN |
| 4 | Tendered cost of the works | As per DTCN |
| (i) | Period of availability of tenders on-line for bidding | From Dt.09/06/2025 (01.00 P.M.) to Dt. 23/06/2025 (5.00 P.M.) |
| (ii) | Last date & time of bidding on-line (Submission of Bids) | Dt. 23/06/2025 (5.00 P.M.) |
| (iii) | Date & time of opening of the Bids received on-line | Dt. 24 /06/2025 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received on-line. | |

Detail Tender Call Notice (DTCN) may also be seen from the 'e'-procurement portal i.e. www.tendersorissa.gov.in and Baripada Municipality Website i.e. www.baripadamunicipality.in

Corrigendum or Addendum if any will not be published in newspapers and can be seen in e-procurement portal as well as in Baripada Municipality web side.

Sd/- Executive Officer,
Baripada Municipality

OIPR 13078/11/0045/2526

**AFFIDAVIT**

By virtue of an affidavit sworn before the Executive Magistrate, Dhenkanal, dated: 09.06.2025, I Tipu Biswal, Address: village- Ranipal, Po-Ghatipiri, PS- Sadar, Dist- Dhenkanal, Odisha, PIN-759015, declare that I have changed my son's name from Jagdish Prasad Biswal to Jagdish Prasad Biswal. Henceforth, He shall be known as Jagdish Prasad Biswal for all purposes.

Sd/- Tipu Biswal

ମହକୁମା, ବରିଷ୍ଠ ଦେୱାନୀ ବିଚାରପତି ଙ୍କ ଅଦାଲତ, କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

E-mail ID : ceebkbj@rediffmail.com

Order 5 Rule 20 C.P.C.

ସିଭିଲ ମୋକଦ୍ଦମା ନଂ. ୪୯/୨୦୧୭

ଅଲିଭା ନାୟକ ... ବାଦୀ

ବନାମ

ସାବିତ୍ରୀ ନାୟକ ଓ ଅନ୍ୟମାନେ ... ପ୍ରତିବାଦୀ

ପ୍ରାପ୍ତକୁ,

ପ୍ରତିବାଦୀ ନଂ. ୧୬- ପାଲଟୁସ ମିଞ୍ଜ, ପିତା- ସିଲାରୁସ ମିଞ୍ଜ, ବୟସ ୬୦ ବର୍ଷ, ବିବାସୀ/ପୋ.- ଭାଦବଗା, ଥାନା/ ତହସିଲ- ବିରମିତ୍ରପୁର, ମୁନସିଫି- ଉଦିତନଗର, ଜିଲ୍ଲା- ସୁନ୍ଦରଗଡ଼।

ଏତଦ୍ ଦ୍ୱାରା ଆପଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଅଲିଭା ନାୟକ, ସ୍ୱାମୀ- ମୁରାରି ରଞ୍ଜନ ନାୟକ, ପିତା- ସ୍ୱର୍ଗତ ଗିରିଶ ଚନ୍ଦ୍ର ପଟେଲ, ନିବାସୀ- କୁଚାଣ୍ଡିନାଗ,ପୋ./ଥାନା/ ତହସିଲ- ଜମନକିରା, ଜିଲ୍ଲା- ସମ୍ବଲପୁର ... ଦ୍ୱାରା ଉକ୍ତ ମୋକଦ୍ଦମା ଦାୟର କରିଛନ୍ତି। ତୁମକୁ ଅଦାଲତ ତରଫରୁ ନୋଟିସ ଯାଉଥିଲେ ମଧ୍ୟ ତୁମେ କାଣିଶୁଣି ଏହାକୁ ଗ୍ରହଣ ନ କରି ଅଗ୍ରାହ୍ୟ କରୁଥିବା ପ୍ରତିତ ହେଉଅଛି।

ଏଣୁ ଏତଦ୍ ଦ୍ୱାରା ତୁମ୍ଭ ଉପରେ ଜାରି କରାଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମା ର ପରବର୍ତ୍ତୀ ତାରିଖ ଆସନ୍ତା ୧୮.୦୬.୨୦୨୫ ରିଖ ସମୟ ୧୦.୦୦ଘଣ୍ଟା ଧାର୍ଯ୍ୟ କରାଯାଇଛି। ଉକ୍ତ ତାରିଖ ଓ ସମୟ ମଧ୍ୟରେ ତୁମେ ନିଜେ କିମ୍ବା ତୁମ ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବ ନଚେତ ମୋକଦ୍ଦମାଟି ତୁମ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ।

ସ୍ୱା/-
ବରିଷ୍ଠ ଦେୱାନୀ ବିଚାରପତି କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର

**ଦ.ପୂ. ରେଳପଥ-ଟେଣ୍ଡର**

www.ireps.gov.in

(PR-238)

**ପାୱାରଗ୍ରିଡ POWERGRID**

**ନୋଟିସ୍**

www.powergrid.in

ପାୱାର ଗ୍ରୀଡ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ

**OFFICE OF THE SUPERINTENDING ENGINEER**
**KANTABANJI (R&B) DIVISION**

B-189

Bid Identification No.07 / KBJ / 2025-2026

The Superintending Engineer, Kantabanji (R&B) Division on behalf of Governor of Odisha invites Percentage Rate bid for Building works detailed in the table below in Double Cover system ONLINE MODE from the Class of Contractors mentioned in Column-7 registered with the State Government and contractors of equivalent Grade/ Class registered with Central Government/ MES/ Railways for execution of Civil, EI & PH works. The proof of registration from the appropriate authority shall be enclosed along with the bid.

| | | |
|---|---|---|
| 1) | No. of work | 01 No. (Double Cover) |
| 2) | Nature of work | Bridge work |
| 3) | Class of contractor | B Class |
| 4) | Approximate value of work | Rs.64.70 Lakh |
| 5) | Tender cost | Rs. 10,000/- |
| 6) | Date and time of vailability of Bid documents in online | From Dt. 06.06.2025, 9:00 A.M. to Dt.16.06.2025 up to 05:00 P.M. |
| 7) | Date of Opening | Dt.17.06.2025 at 11:30 A.M. |
| 8) | Other details can be seen in the bidding documents from the e-procurement portal "www.tendersodisha.gov.in" | |
| 9) | The bidders have to participate in ONLINE bidding only. Further details can be seen from the website: www.tendersodisha.gov.in. All future corrigendum will be available on ONLINE MODE only. | |

Sd/- Ashutos Jena
Superintending Engineer,
Kantabanji (R&B) Division

OIPR 34099/11/0021/2526

ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BERHAMPUR**

(At/Po- Ambapua, Near Income Tax office, Berhampur-760011, Ganjam, Odisha)

(E-Mail : serwbpr2004@yahoo.com, Tel No. : 0680-2404287)

O-263

NOTICE

FOR PRADHAN MANTRI GRAM SADAK YOJANA (PMGSY)

NATIONAL COMPETITIVE BIDDING THROUGH "e"-Procurement

Bid identification No. Online Tender/06-2025-26/PMGSY/BPR

The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & Bridges under Pradhan Mantri Gram Sadak Yojana in the districts of Ganjam for 03 (Three) number of packages with estimated cost totalling to Rs 9.72 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. 17.06.2025

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with Chief Construction Engineer, Rural Works Circle, Berhampur // Superintending Engineer / Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 01.07.2025 upto 5.30 P.M

For further details and corrigendum (if any) please log on to www.pmgsytenders.gov.in

Sd/- Chief Construction Engineer
R.W.Circle, Berhampur

OIPR 25071/11/0097/2526

**ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ**

IDFC FIRST Bank

ସିକ୍ୟୁରିଟାଇଜେସନ ଓ ରିକନ୍ଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ

ତାରିଖ: ୧୦.୦୬.୨୦୨୫
ସ୍ଥାନ: ଓଡ଼ିଶା

ଅଧିକୃତ ଅଧିକାରୀ
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ



ନୂଆଦିଲ୍ଲୀ : ଭାରତର ଶତ୍ରୁଙ୍କର କଥା ଆସିଲେ ଚୀନ ଓ ପାକିସ୍ତାନର ନାଁ ସବୁଠୁ ଆଗରେ ଆସେ । ହେଲେ କିଛି ଦେଶ ଅଛନ୍ତି ଯିଏ ଭାରତ ପିଠିରେ ଛୁରି ଭୁଷିବାର ସୁଯୋଗରେ ଅଛନ୍ତି । ତୁର୍କୀ ଯେଉଁଭଳି ଭାବେ ପାକିସ୍ତାନକୁ ସପୋର୍ଟ କରୁଛି, ତା ଉପରେ କେବେ ଭରସା କରାଯାଇ ପାରିବ ନାହିଁ। ସେପଟେ ବାଂଲାଦେଶରେ ଶେଖ୍ ? ହସିନାଙ୍କ ସରକାର ହଟିବା ପରେ ଏହାର ହରକତ ବି ଭାରତ ବିରୋଧରେ ଥିବାର ନଜର ଆସିଛି । ଗୁଇନ୍ଦା ରିପୋର୍ଟରେ ଖୁଲାସା ହୋଇଛି ଯେ, ବାଂଲାଦେଶର ଇସଲାମିକ କଟ୍ଟରପନ୍ଥୀ ସଂଗଠନ ଜମାନ-ଏ-ଇସଲାମୀକୁ ତୁର୍କୀରୁ ବଡ଼ ଫଣ୍ଡିଂ ମିଳୁଛି । ତୁର୍କୀ ଏହା ଏଥିପାଇଁ କରୁଛି, ଯାହାକି ଭାରତର ପୂର୍ବୋତ୍ତରରେ ଆତଙ୍କ ପ୍ରସାର କରାଯାଇ ପାରିବ । ରିପୋର୍ଟ ମୁତାବିକ, ତୁର୍କୀର ଗୁଇନ୍ଦା ଏଜେନ୍ସିମାନେ ବାଂଲାଦେଶର କଟ୍ଟରପନ୍ଥୀ ସଂଗଠନର ପୂରା ସାହାଯ୍ୟ କରିବାରେ ଲାଗିଛନ୍ତି । ଏହି ଏଜେନ୍ସିମାନେ ବିଚାର ସ୍ତରରେ ନୁହେଁ ବରଂ ଆର୍ଥିକ ଓ ସାମରିକ ସହଯୋଗ ସ୍ତରରେ ମଧ୍ୟ କଟ୍ଟରପନ୍ଥୀଙ୍କ ସହ ଅଛନ୍ତି ।

## ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସ୍ୱାଧୀନତା ସଂଗ୍ରାମର ମହାନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ସହିଦ ଦିବସ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭଗବାନ ବିର୍ସା ମୁଣ୍ଡା ଆଦିବାସୀ ଭାଇ-ଭଉଣୀଙ୍କ କଲ୍ୟାଣ ଏବଂ ସେମାନଙ୍କର ଅଧିକାରର ସୁରକ୍ଷା ପାଇଁ ତାଙ୍କ ଜୀବନ ଉତ୍ସର୍ଗ କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ତାଙ୍କର ତ୍ୟାଗ ଏବଂ ସମର୍ପଣ ଦେଶର ଲୋକମାନଙ୍କୁ ପ୍ରେରିତ କରୁଥିବ । ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି – 'ସ୍ୱାଧୀନତା ସଂଗ୍ରାମର ମହାନାୟକ ଭଗବାନ ବିର୍ସା ମୁଣ୍ଡାଙ୍କୁ ତାଙ୍କ ସହିଦ ଦିବସରେ ଆଦରପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି । ଆଦିବାସୀ ଭାଇ-ଭଉଣୀମାନଙ୍କର କଲ୍ୟାଣ ଏବଂ ସେମାନଙ୍କର ଅଧିକାରର ସୁରକ୍ଷା ପାଇଁ ସେ ନିଜ ଜୀବନ ସମର୍ପିତ କରିଥିଲେ । ତାଙ୍କର ତ୍ୟାଗ ଏବଂ ସମର୍ପଣ ଦେଶବାସୀଙ୍କୁ ସର୍ବଦା ପ୍ରେରିତ କରୁଥିବ ।'



### ସହିଦ ଏଏସ୍‌ପି ଆକାଶରାଓ ଗିରପୁଞ୍ଜେଙ୍କୁ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି

## ହସ୍ପିଟାଲରେ ଆହତଙ୍କୁ ଭେଟିଲେ

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସୋମବାର ସୁକମା ଜିଲ୍ଲାରେ କୋଣ୍ଟାରେ ନକ୍ସଲ ବିଛାଇଥିବା ଆଇଇଡି ବିସ୍ଫୋରଣରେ ସହିଦ ହୋଇଥିବା ଏଏସ୍‌ପି ଆକାଶରାଓ ଗିରପୁଞ୍ଜେଙ୍କ ରାୟପୁରସ୍ଥିତ ବାସଭବନକୁ ଯାଇ ତାଙ୍କ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଏଥିସହ ତାଙ୍କ ପରିବାରବର୍ଗଙ୍କୁ ଭେଟି ଶୋକ ପ୍ରକାଶ ସହ ସମବେଦନା ଜ୍ଞାପନ କରିଛନ୍ତି । ଏହି ଅବସରରେ ଶ୍ରୀ ସାଏ କହିଥିଲେ ସ୍ୱର୍ଗତ । ଗିରପୁଞ୍ଜେଙ୍କ କର୍ତ୍ତବ୍ୟନିଷ୍ଠା, ଅଦମ୍ୟ ସାହସ ଓ ସମର୍ପଣଭାବକୁ କେବେ ବି ଅସ୍ୱୀକାର କରାଯାଇ ନପାରେ । ସେ ଆମ ପାଇଁ ଗର୍ବ ଓ ଗୌରବ । ସରକାର ଏହି ଦୁଃଖଦ ସମୟରେ ତାଙ୍କ ପରିବାର ସହ ରହିଛନ୍ତି । ଅନ୍ୟପକ୍ଷରେ ଛତିଶଗଡ ଜଙ୍ଗଲ ମନ୍ତ୍ରୀ କେଦାର କଶ୍ୟପ ଓ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ମନୋଜ ପିଙ୍ଗୁଆ, ପୋଲିସ ମହାନିର୍ଦ୍ଦେଶକ ଅରୁଣଦେବ ଗୌତମ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ବିବେକାନ୍ଦ ସିହ୍ନା ମଧ୍ୟ ସହିଦ ଗିରପୁଞ୍ଜେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସୁକୁମା ଘଟଣାକୁ ନେଇ ରାଜନନ୍ଦୋ ଗାଁରେ ହେବାକୁ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ମଧ୍ୟ ସ୍ଥଗିତ କରିଦିଆଯାଇଛି । ମହାନଦୀ ଭବନଠାରେ ବରିଷ୍ଠ ଅଧିକାରୀଙ୍କ ଏକ ବୈଠକରେ ସୁକୁମା ଘଟଣା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଘଟଣାରେ ସେଠାରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି । ତେବେ ଆଇଇଡି ବିସ୍ଫୋରଣରେ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାଯବାନମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଭେଟିବା ସହ ସେମାନଙ୍କର ସ୍ୱାସ୍ଥ୍ୟସେବା ବିଷୟରେ ପଚାରି ବୁଝିଥିଲେ । ଏପରିକି ସମସ୍ତ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ବିଷ୍ଣୁଦେବ ନିର୍ଦ୍ଦେଶ ଦେଇଥିଲେ ।



## ଜାତୀୟ ଇ-ବିଧାନ ଆପ୍ଲିକେସନ୍ ଉଦ୍‌ଘାଟନ କଲେ କେନ୍ଦ୍ର ମନ୍ତ୍ରୀ



ନୂଆଦିଲ୍ଲୀ: କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ସୋମବାର ପୁଡୁଚେରୀ ବିଧାନସଭା ପାଇଁ ଜାତୀୟ ଇ-ବିଧାନ ଆପ୍ଲିକେସନ୍ (ନେଭା) ଉଦଘାଟନ କରିଛନ୍ତି । ଏହା ସ୍ୱଚ୍ଛ, ଦକ୍ଷ ଏବଂ ପରିବେଶ ଅନୁକୂଳ ଶାସନ ଦିଗରେ ଏକ ପ୍ରମୁଖ ପଦକ୍ଷେପ । ପୁଡୁଚେରୀର ଉପରାଜ୍ୟପାଳ କେ. କୈଳାସନାଥନ, ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଏନ.ରଙ୍ଗାସାମୀ, ପୁଡୁଚେରୀ ବିଧାନସଭାର ବାଚସ୍ପତି ଆର. ସେଲଭାମ ମଧ୍ୟ ଉଦଘାଟନ ଉତ୍ସବରେ ଉପସ୍ଥିତ ଥିଲେ । ସମାବେଶକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କହିଛନ୍ତି, 'ନେଭାଏକ ପରିବର୍ତ୍ତନକାରୀ ପଦକ୍ଷେପ ଯାହା ବିଧାନସଭା କାର୍ଯ୍ୟପନ୍ଥାରେ ସଠିକ-ସମୟରେ ସ୍ୱିକୃତିକୁ ସୁନିଶ୍ଚିତ କରେ ଏବଂ ଆମର ଗଣତନ୍ତ୍ରକୁ ସୁଦୃଢ଼ କରେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଗତ ଦଶନ୍ଧିର ପ୍ରମୁଖ ସଫଳତା ଉପରେ ମଧ୍ୟ ମନ୍ତ୍ରୀ ଆଲୋକପାତ କରିଥିଲେ । ପୁଡୁଚେରୀର ଉପରାଜ୍ୟପାଳ ନେଭାର ଶୁଭାରମ୍ଭକୁ ଏକ ମାଇଲଖୁଣ୍ଟ ଭାବରେ ପ୍ରଶଂସା କରି କହିଛନ୍ତି ଯେ ଏହା କେବଳ ବିଧାନସଭା କାର୍ଯ୍ୟକୁ ଡିଜିଟାଇଜେସନ୍ କରେ ନାହିଁ ବରଂ କାର୍ଯ୍ୟର ଲାଇଭ-ଷ୍ଟ୍ରିମିଂକୁ ମଧ୍ୟ ସକ୍ଷମ କରେ, ଯାହା ଅଧିକ ଜନସାଧାରଣଙ୍କ ଗ୍ରହଣୀୟତା ଏବଂ ସ୍ୱଚ୍ଛତା ସୁନିଶ୍ଚିତ କରେ ।

## ହନିମୁନ୍ ହତ୍ୟା ଘଟଣାର ବ୍ୟବଚ୍ଛେଦ ରିପୋର୍ଟ ପ୍ରକାଶ

ଇନ୍ଦୋର :ମେଘାଳୟରେ ରାଜା ରଘୁବଂଶୀ ହତ୍ୟା ମାମଲାର ପର୍ଦ୍ଦାଫାଶ କରିଛି ପୁଲିସ । ରାଜାଙ୍କୁ ତାଙ୍କ ସ୍ତ୍ରୀ ସୋନମ ସୁପାରି କିଲରଙ୍କ ଜରିଆରେ ହତ୍ୟା କରିଥିଲେ । ସୋମବାର ରାଜାଙ୍କ ବ୍ୟବଚ୍ଛେଦ ରିପୋର୍ଟ ପୁଲିସକୁ ହସ୍ତଗତ ହୋଇଛି । ରାଜାଙ୍କୁ କିପରି ହତ୍ୟା କରାଯାଇଥିଲା ତାହା ରିପୋର୍ଟରେ ଦର୍ଶାଯାଇଛି । ପୋଷ୍ଟ ମର୍ଟମ୍ ରିପୋର୍ଟ ଅନୁସାରେ ରାଜାଙ୍କ ମୁଣ୍ଡରେ ୨ଟି ଧାରୁଆ ଅସ୍ତ୍ରରେ ଆକ୍ରମଣର ଚିହ୍ନ ରହିଛି । ଆଉ ୨ଟି ଯାକ ଆଘାତ ଦୁଇଟି ଦିଗରୁ କରାଯାଇଛି ଅର୍ଥାତ ଗୋଟିଏ ଆଘାତ ସାମ୍ନାପଟୁ ଏବଂ ଅନ୍ୟଟି ପଛପଟୁ କରାଯାଇଥିବା ପୋଷ୍ଟ ମର୍ଟମ୍ ରିପୋର୍ଟରେ ସ୍ପଷ୍ଟ ହୋଇଛି । ଯାହା ସ୍ପଷ୍ଟ ଦର୍ଶାଉଛି କି ହତ୍ୟା ପ୍ରାୟୋଜିତ ଏବଂ ଅତି ନିକଟରୁ କରାଯାଇଛି । ଅତ୍ୟନ୍ତ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରାଯାଇଛି ବୋଲି ମେଘାଳୟ ଏସଆଇଟି(ସ୍ୱତନ୍ତ୍ର ତଦନ୍ତକାରୀ ଟିମ) ମୁଖ୍ୟ ହର୍ବର୍ଟ ପିନିଏଡ ଖାର୍କୋନଗର କହିଛନ୍ତି । ଏହି ମାମଲାରେ ପୁଲିସ ସୋନମ ଏବଂ ଅନ୍ୟ ୩ ହତ୍ୟାକାରୀଙ୍କୁ ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରୁ ଗିରଫ କରିଛି । ସୋନମ ସେମାନଙ୍କୁ ତାଙ୍କ ସ୍ୱାମୀ ରାଜାଙ୍କୁ ହତ୍ୟା କରିବା ଲାଗି ସୁପାରି ଦେଇଥିଲେ ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି । ଅଭିଯୁକ୍ତମାନେ ହେଲେ ବିଶାଲ ଚୌହାନ, ରାଜ କୁଶୱାହା ଏବଂ ଅକ୍ଷତ ରାଜପୁତ । ଏମାନଙ୍କ ମଧ୍ୟରୁ ରାଜ ହେଉଛନ୍ତି ସୋନମଙ୍କ ପ୍ରେମିକ । ସୂଚନା ଅନୁଯାୟୀ,ବିବାହ ପରେ ହନିମୁନ୍ ପାଇଁ ସିଲଙ୍ଗ ଯାଇଥିଲେ ଇନ୍ଦୋରର ବ୍ୟବସାୟୀ ରାଜା ରଘୁବଂଶୀ ଓ ତାଙ୍କ ପତ୍ନୀ ସୋନମ୍ । ସେଠାକୁ ଯିବାର କିଛି ଦିନ ଯାଏ ପରିବାର ଲୋକଙ୍କ ଯୋଗାଯୋଗରେ ଥିଲେ । ହେଲେ ହଠାତ୍ ଦୁହିଁଙ୍କ ଫୋନ୍ ସ୍ୱିଚ୍ ଅଫ୍ ହୋଇଯାଇଥିଲା । କିଛି ଦିନ ଯୋଗାଯୋଗ ନହେବାରୁ ପରିବାର ଲୋକେ ସିଲଙ୍ଗ ଗଲେ । ଯେଉଁ ଠିକଣା ପୂର୍ବରୁ ରାଜା କହିଥିଲେ ସେ ସ୍ଥାନକୁ ଯାଇ ଖୋଜାଖୋଜି କରିବା ପରେ ବି ପୁଅ ବୋହୂ ମିଳିଲେନି । ସେଠାରୁ ଫେରି ସ୍ଥାନୀୟ ପୋଲିସର ସାହାଯ୍ୟ ମାଗିଥିଲେ । ସ୍ଥାନୀୟ ପୁଲିସ ମେଘାଳୟ ପୁଲିସ ସହ ଯୋଗାଯୋଗ କରିଥିଲେ । ଅନେକ ଖୋଜିବା ପରେ ଜୁନ୍ ୨ ତାରିଖରେ ଚେରାପୁଞ୍ଜିର ଏକ ଝରଣା ନିକଟରୁ ରାଜାଙ୍କ ମୃତଦେହ ମିଳିଥିଲା । ତେବେ ମୃତଦେହର ହାତରେ ରାଜା ଟାଟୁ ହୋଇଥିବା ଦେଖି ସେଠାକାର ପୁଲିସ ଇନ୍ଦୋର ପୁଲିସକୁ ଜଣାଇବା ପରେ ପରିବାର ଲୋକେ ଯାଇ ପୁଅକୁ ଚିହ୍ନିଥିଲେ । ରାଜାଙ୍କ ମୃତଦେହରେ କ୍ଷତ ଚିହ୍ନ ଥିବାବେଳେ ତାଙ୍କ ଶବ ନିକଟରୁ ମାରଣାସ୍ତ୍ର ମଧ୍ୟ ଜବତ ହୋଇଥିଲା ।



## ମହାକାଶ ଯିବେ ଶୁଭ୍ରାଂଶୁ ଶୁକ୍ଳା

ନୂଆଦିଲ୍ଲୀ: ଜୁନ ୧୦ରେ ମହାକାଶ ଯିବେ ଶୁଭ୍ରାଂଶୁ ଶୁକ୍ଳା । ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ମହାକାଶ ଯାତ୍ରା କରୁଥିବା ବେଳେ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନକୁ ଯାତ୍ରା କରିବେ । ଜୁନ ୧୦ ଭାରତୀୟ ସମୟ ଅପରାହ୍ଣ ୫ଟା ୪୫ରେ ଆମେରିକାର ଆକ୍ସିୟମ ଯାନରେ ଅନ୍ୟ ୩ ସାଥୀଙ୍କ ସହ ଯାତ୍ରା କରିବେ ଶୁଭ୍ରାଂଶୁ । ଆମେରିକା ଏହି ଅଭିଯାନ କରୁଥିବା ବେଳେ ୪ ଜଣଙ୍କ ମଧ୍ୟରେ ଶୁଭ୍ରାଂଶୁ ପ୍ରଥମ ତଥା ଏକମାତ୍ର ଭାରତୀୟ । ଶୁଭ୍ରାଂଶୁ ଜଣେ ପାଇଲଟ । ମହାକାଶରେ ସେ ୧୪ ଦିନ ରହି ବିଭିନ୍ନ ଗବେଷଣା କରିବେ । ତାଙ୍କର ଅନୁଭୂତି ଭାରତ ତିଆରି କରୁଥିବା ଗଗନଯାନ ପାଇଁ ଆବଶ୍ୟକ ହେବ । ମହାକାଶରେ ପ୍ରମୁଖ ୮ଟି ବିଷୟବସ୍ତୁ ଉପରେ ସେ ଗବେଷଣା କରିବେ । ଆଗାମୀ ସମୟରେ ଭାରତ ନିଜସ୍ୱ ଜ୍ଞାନକୌଶଳରେ ଗଗନଯାନ ପ୍ରସ୍ତୁତ କରି ନିଜର ମହାକାଶଚାରୀଙ୍କୁ ସ୍ପେସ୍ ଷ୍ଟେସନ ପଠାଇବ ।

## ରାସ୍ତାରେ ବୁଲିବେନି କୁକୁର

ନୂଆଦିଲ୍ଲୀ: ଇରାନ ରାସ୍ତାରେ ଦେଖାଯିବେନି କୁକର । ଇରାନର କର୍ତ୍ତୃପକ୍ଷ ଦେଶର ବିଭିନ୍ନ ସହରରେ ସାର୍ବଜନୀନ ସ୍ଥାନରେ କୁକୁର ବୁଲାଇବା ଉପରେ ନିଷେଧ କରିଛନ୍ତି । ଜନସ୍ୱାସ୍ଥ୍ୟ, ସାମାଜିକ ବ୍ୟବସ୍ଥା ଏବଂ ସୁରକ୍ଷା ଚିନ୍ତାର କାରଣ ଦର୍ଶାଇ କିଛି ନିର୍ଦ୍ଦେଶ ଦେଇଛନ୍ତି କର୍ତ୍ତୃପକ୍ଷ । ଯାହାକୁ ନେଇ ଏବେ ମୁହାଁମୁହିଁ ହୋଇଛନ୍ତି ସାଧାରଣ ଲୋକେ ଏବଂ କର୍ତ୍ତୃପକ୍ଷ । ତେହେରାନ-ଭିତ୍ତିକ ଫରାଜ ନ୍ୟୁଜର ଏକ ରିପୋର୍ଟ ଅନୁଯାୟୀ, ଯେଉଁ ସହରଗୁଡ଼ିକରେ ଏହି ନିଷେଧ ଲାଗୁ କରାଯାଇଛି ସେଗୁଡ଼ିକ ମଧ୍ୟରେ କେରମାନଶାହ, ଇଲାମ, ହମାଦାନ, କେରମାନ, ବୋରୁଜେର୍ଦ୍ଦ, ରୋବାତ କରିମ, ଲାଭସାନାଟ ଏବଂ ଗୋଲସ୍ତାନ ଅନ୍ତର୍ଭୁକ୍ତ । ୨୦୧୯ରେ ରାଜଧାନୀ ତେହେରାନରେ ପ୍ରଥମ ଥର ପାଇଁ ସମାନ ନିଷେଧ ଲାଗୁ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ପାଖାପାଖି ଆଉ ୨୦ ସହରରେ ସମାନ ନିୟମ ଲାଗୁ କରିଚନ୍ତି ଇରାନ ସରକାର । ଯାହାକୁ ନେଇ ଇରାନୀ ଅଧିକାରୀମାନେ ଦାବି କରିଛନ୍ତି ଯେ କୁକୁର ବୁଲାଇବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଏ । ସେମାନେ ଏହା ମଧ୍ୟ ଯୁକ୍ତି ଦିଅନ୍ତି ଯେ କୁକୁର ବୁଲାଇବା ସୁରକ୍ଷା ସମସ୍ୟା ସୃଷ୍ଟି କରିପାରେ । ତଥାପି, ସେମାନେ ଏହି ଚିନ୍ତା ବିଷୟରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ଦେଇନାହାଁନ୍ତି । ରିପୋର୍ଟ ଅନୁଯାୟୀ, ଅଧିକାରୀମାନେ ନିଷେଧ ଉଲ୍ଲଂଘନ କରୁଥିବା କୁକୁର ମାଲିକମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ଲୋକମାନେ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ମଧ୍ୟ ପ୍ରତିବାଦ କରୁଛନ୍ତ । ଇରାନୀ ଖବରକାଗଜ ଅନୁଯାୟୀ, ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଇରାନୀ ସରକାରୀ ଖବରକାଗଜ ରିପୋର୍ଟ କରିଛି ଯେ ନୂତନ ପଦକ୍ଷେପଗୁଡ଼ିକ ସାର୍ବଜନୀନ ଶୃଙ୍ଖଳା ବଜାୟ ରଖିବା, ସୁରକ୍ଷା ସୁନିଶ୍ଚିତ କରିବା ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ।



# ବାଣିଜ୍ୟ




ନୂଆଦିଲ୍ଲୀ : ଫୁଡ୍ ଡିଷ୍ଟ୍ରିବ୍ୟୁସନ ପ୍ରସିଦ୍ଧ କମ୍ପାନୀ ଜୋମାଟୋର ମୂଳ କମ୍ପାନୀ ଇଟରନଲ ରେଷ୍ଟୁରାଣ୍ଟ ଗୁଡ଼ିକ ପାଇଁ ଅର୍ଡରର ସର୍ଭିସକୁ ମହଙ୍ଗା କରି ଦେଇଛି । ବିଶେଷକରି କିଛି କିଲୋମିଟର ଦୂରତାରୁ ଆସୁଥିବା ଅର୍ଡର ଏବେ ମହଙ୍ଗା ହୋଇଯିବ । ଉଲ୍ଲେଖନୀୟ ଯେ , କମ୍ପାନୀ ପ୍ରତ୍ୟେକ ଅର୍ଡରକୁ ଅଧିକ ପ୍ରଫିଟେବଲ କରିବାକୁ ଚାହୁଁଛି । ଜୋମାଟୋ ଏବେ ରେଷ୍ଟୁରାଣ୍ଟକୁ କହିଛି ଯେ , ୪ କିଲୋମିଟରରୁ ଅଧିକ ଦୂରତାରେ ଡେଲିଭରି କରଯାଉ ଥିବା ଅର୍ଡରରେ ପ୍ଲାଟଫର୍ମକୁ ଅତିରିକ୍ତ ଲଙ୍ଗ୍ ଡିଷ୍ଟାନ୍ସ ଫିସ୍ ଦିଅ । ମନିକଣ୍ଟ୍ରୋଲର ଏକ ରିପୋର୍ଟ ମୁତାବିକ, ରେଷ୍ଟୁରାଣ୍ଟକୁ ଜୋମାଟୋକୁ ଲଙ୍ଗ୍ ଡିଷ୍ଟାନ୍ସ ଫିସ୍ ଭାବେ ପ୍ରତି ଅର୍ଡରରେ ୨୦ ଟଙ୍କା ଅତିରିକ୍ତ ଦେବାକୁ ହେବ, ଯଦି ଡେଲିଭରୀ ଲୋକେସନ ରେଷ୍ଟୁରାଣ୍ଟ ବା କ୍ଲାଉଡ୍ କିଚେନରୁ ୪-୬ କିଲୋମିଟରର ଦୂର ଏବଂ ଅର୍ଡରର ଦାମ ୧୫୦ ଟଙ୍କାରୁ ଅଧିକ ଥିବ । ଯଦି ଡେଲିଭରୀ ଲୋକେସନ ୬ କିଲୋମିଟର ଠାରୁ ଅଧିକ ଦୂରରେ , ତ ଫିସ୍ ଦୁଇ ଗୁଣା ହୋଇଯିବ ଏବଂ ରେଷ୍ଟୁରାଣ୍ଟକୁ ଏହି ଅର୍ଡରର ଦାମ୍ ପାଇଁ ଜୋମାଟୋକୁ ପ୍ରତି ଅର୍ଡରରେ ୪୦ ଟଙ୍କା ଦେବାକୁ ହେବ । ଛୋଟ ଅର୍ଡର ପାଇଁ , ଯେଉଁ ୦-୧୫୦ ଟଙ୍କା ମୂଲ୍ୟର ବ୍ରେକେଟ୍ ?ରେ ଆସିଥାଏ, ଯଦି ଖାଦ୍ୟ ୬ କିଲୋମିଟର ଭିତରେ ଡେଲିଭର କରାଯାଏ ତ ରେଷ୍ଟୁରାଣ୍ଟକୁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ହେବ ନାହିଁ ।

## ଗଜାନନ କାଲେ ଟିପିଏନ୍‌ଓଡିଏଲ୍‌ର ନୂଆ ସିଇଓ



ବାଲେଶ୍ୱର (ଭାସ୍କର ନ୍ୟୁଜ୍): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ (ସିଇଓ-ଡେଜିଗନେଟ୍) ଭାବେ ଗଜାନନ ଏସ କାଲେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଦ୍ୟୁତ ବିତରଣ କ୍ଷେତ୍ରରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରଖିଥିବା ଶ୍ରୀ କାଲେ ଦେଶର ବହୁ ନାମିଦାମୀ ବିଦ୍ୟୁତ ବିତରଣ କମ୍ପାନୀରେ ଗୁରୁ ଦାୟିତ୍ୱ ବହନ କରିଛନ୍ତି । ସେ ନାଗପୁର ସ୍ଥିତ 'ଏନଆଇଟି'ରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ସ୍ନାତକୋତ୍ତର ହାସଲ କରିଥିବାବେଳେ ଆଇଆଇଏମ ଅହମ୍ମଦାବାଦରୁ ପରିଚାଳନା କ୍ଷେତ୍ରରେ ଡିଗ୍ରୀ ହାସଲ କରିଛନ୍ତି । ବିଦ୍ୟୁତ ବିତରଣ ଓ ପରିଚାଳନା କ୍ଷେତ୍ରରେ ତାଙ୍କର ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି । ନିଜର ଅଭିମତ ରଖି ଶ୍ରୀ କାଲେ କହିଛନ୍ତି ଯେ, 'ଉପଭୋକ୍ତାଙ୍କୁ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଜୁଳି ସେବା ଯୋଗାଇବା ପାଇଁ ଟିପିଏନଓଡିଏଲ ସର୍ବଦା ପ୍ରତିଶୃତିବଦ୍ଧ । ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ପରିଚାଳନା ପଦ୍ଧତି ଦ୍ୱାରା ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ଆମର ସର୍ବଦା ଲକ୍ଷ୍ୟ । ଟିପିଏନଓଡିଏଲର ସିଇଓ(ଡେଜିଗନେଟ୍) ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ କାଲେ ଦିଲ୍ଲୀ ବିଦ୍ୟୁତ୍ ବିତରଣ ନିଗମ ତଥା 'ଟିପିଡିଡିଏଲ'ର ସିଇଓ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ଏହା ପୂର୍ବରୁ ସେ ଓଡିଶାର ଟିପିଡବ୍ଲୁଡିଏଲ, ଆଜମେରର 'ଟିପିଏଡିଏଲ' ରେ ମଧ୍ୟ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି । ତେବେ ଟିପିଡିଡିଏଲ'ର ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ) ଭାବେ ଟିପିଏନଓଡିଏଲ ପୂର୍ବତନ ସିଇଓ ଦ୍ୱିଜଦାସ ବସାକଙ୍କ ବଦଳି ହୋଇଛି । ସୂଚନାଥାଉକି ଟିପିଏନଓଡିଏଲ ପ୍ରାୟ ୯୭ଲକ୍ଷ ଲୋକଙ୍କୁ ବିଜୁଳି ସେବା ଯୋଗାଉ ଥିବାବେଳେ ୨୦ ଲକ୍ଷରୁ ଅଧିକ ପଞ୍ଜୀକୃତ ଉପଭୋକ୍ତା ଅଛନ୍ତି । ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ୨୭ହଜାର ୯୨୦ ବର୍ଗ କିଲୋମିଟର ଅଞ୍ଚଳକୁ ଟିପିଏନଓଡିଏଲ ବିଦ୍ୟୁତ ବିତରଣ କରୁଛି ।

## ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ବିଗ୍ ବ୍ୟାଙ୍ଗଲ ଅଫର୍

ନୂଆଦିଲ୍ଲୀ: ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଜୁଏଲାରୀ ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍‌ସ ସ୍ୱତନ୍ତ୍ର ପାର୍ବଣ ଅଫର ସହିତ ନାରୀତ୍ୱ, ସମୃଦ୍ଧତା ଓ ମୌସୁମୀର ଆଗମନକୁ ପାଳନ କରୁଥିବା ପ୍ରିୟ ଓଡିଆ ପର୍ବ ରଜ ପର୍ବ ଉତ୍ସବ ପାଳନରେ ସାମିଲ ହୋଇଛି । ଏହି ଶୁଭ ଅବସରର ସମ୍ମାନରେ ବ୍ରାଣ୍ଡ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିର୍ମିତ ସୁନ୍ଦର ଚୁଡ଼ି ବା ବ୍ୟାଙ୍ଗଲଗୁଡିକର ଶୁଭାରମ୍ଭ କରାଯାଇଛି । ଓଡିଶାରେ ୧୪ଟି ଶୋ'ରୁମର ଏକ ମଜବୁତ ଉପସ୍ଥିତି ସହିତ ଏହି ବ୍ରାଣ୍ଡ ପରମ୍ପରା, ଭାବନା ଓ କାରିଗରୀକୁ ପ୍ରତିଫଳିତ କରୁଥିବା ଅଳଙ୍କାର ମାଧ୍ୟମରେ ଏହି ଉତ୍ସବକୁ ଗ୍ରାହକଙ୍କ ନିକଟତର କରିଛି । ଏହି ଉତ୍ସବ ପାଳନର ଅଂଶ ଭାବେ ଗ୍ରାହକମାନେ ସୁନା ଚୁଡ଼ି (ବ୍ୟାଙ୍ଗଲ)ର ମେକିଂ ଚାର୍ଜ ଉପରେ ଫ୍ଲାଟ ୫୦ ପ୍ରତିଶତ ରିହାତି ଏବଂ ହୀରା ମୂଲ୍ୟ ଓ ମେକିଂ ଚାର୍ଜ ଉପରେ ୩୫ ପ୍ରତିଶତର ରିହାତି ଉପଭୋଗ କରିପାରିବେ । ଏହି ଅଫର ଆସନ୍ତା ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଓଡିଶାର ସମସ୍ତ ରିଲାଏନ୍ସ ଜୁଏଲ୍ସ ଶୋ'ରୁମଗୁଡିକରେ ଏବଂ ୱେବସାଇଟରେ ବୈଧ ରହିବ । ଏହି ଚୁଡ଼ି ବା ବ୍ୟାଙ୍ଗଲ କଲେକ୍ସନରେ ଚୁଡ଼ି-ଷ୍ଟାଇଲ ବ୍ୟାଙ୍ଗଲ, ସୁନ୍ଦର ଭବ୍ୟ କଡା, ଷ୍ଟେଟମେଣ୍ଟ କଙ୍ଗନ ଭଳି ଟାଇମଲେସ୍ କ୍ଲାସିକ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ଓ ଆଧୁନିକ ଡିଜାଇନଗୁଡିକର ବିଶାଳ ସମ୍ଭାର ସାମିଲ ରହିଛି । ପ୍ରତ୍ୟେକ ଅଳଙ୍କାରକୁ କିଶୋରାବସ୍ଥାର ଆନନ୍ଦ ହେଉ କିମ୍ବା ଯୁବ ବୟସର ଶକ୍ତି, କିମ୍ବା ମାତୃତ୍ୱର ମହାନତା, ଜଣେ ମହିଳାଙ୍କ ଜୀବନ ଯାତ୍ରାର ପ୍ରତ୍ୟେକ ପର୍ଯ୍ୟାୟକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର ଭାବରେ ଡିଜାଇନ କରାଯାଇଛି । ସୂକ୍ଷ୍ମ କାରିଗରୀ ଏବଂ ପାରମ୍ପରିକ ଶୈଳୀ ଠାରୁ ଆରମ୍ଭ କରି ଆଧୁନିକ ଷ୍ଟାଇଲ ପର୍ଯ୍ୟ' ବିଭିନ୍ନ ପ୍ରକାରର ଡିଜାଇନର ଏକ ବିସ୍ତୃତ ଶୃଙ୍ଖଳା ସହିତ ଏଭଳି ଚୁଡ଼ି ବା ବ୍ୟାଙ୍ଗଲଗୁଡିକ ଆଭୂଷଣଠାରୁ ବେଶ ଅଧିକ କିଛି ଅଟେ, ଏଗୁଡିକ ଉତ୍ସବ, ଅଭିବ୍ୟକ୍ତି ଓ ପରିଚୟର ପ୍ରତୀକ ଅଟେ । ରଜ ପର୍ବ ମହିଳାଙ୍କ ପାଇଁ ଆରାମ, ନବୀକରଣ ଓ ଭକ୍ତି ତଥା ଗୌରବାଲୋକନର ସମୟ ଅଟେ ଏବଂ ରିଲାଏନ୍ସ ଜୁଏଲ୍ସ ଅଳଙ୍କାର ମାଧ୍ୟମରେ ଏହି ସାଂସ୍କୃତିକ ଭାବନାକୁ ଧାରଣ କରିଛି ଯାହା ବ୍ୟକ୍ତିତ୍ୱ ଓ ଉତ୍କର୍ଷତାକୁ ପ୍ରତିଫଳିତ କରୁଛି । ଉପହାର ହେଉ କିମ୍ବା ନିଜ ପାଇଁ ଚୟନ କରିବା ହେଉ, ପ୍ରତ୍ୟେକଟି ଅଳଙ୍କାରକୁ ସେମାନଙ୍କୁ ଆନନ୍ଦର ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଜାତୀୟ ସ୍ତରରେ ଏବଂ ଓଡିଶାରେ ଏକ ମଜବୁତ ଉପସ୍ଥିତି ସହିତ ରିଲାଏନ୍ସ ଜୁଏଲ୍ସ ସୁନା, ହୀରା ଓ ଅନ୍ୟାନ୍ୟ ମୂଲ୍ୟବାନ ଧାତୁରେ ନିଖୁଣ ଭାବେ ନିର୍ମିତ ସୁନ୍ଦର କଲେକ୍ସନ ପ୍ରଦାନ କରିବା ଜାରି ରଖିଛି । ଏହି ବ୍ରାଣ୍ଡ ଏହାର ଗୁଣବତା, କାରିଗରୀ ଓ ବିବିଧ ଶୃଙ୍ଖଳାର ଅଳଙ୍କାର ପାଇଁ ସୁପରିଚିତ ଅଟେ ଯାହା ପାର୍ବଣ, ଦୈନନ୍ଦିନ ବ୍ୟବହାର ଓ ସଫଳ ମୁହୂର୍ତ୍ତଗୁଡିକ ପାଇଁ ବେଶ ଉପଯୁକ୍ତ ରହିଥାଏ ।



### ବିଶ୍ୱ ବ୍ୟାଙ୍କ ରିପୋର୍ଟ

## ୨୨୬ ମିଲିୟନ ଭାରତୀୟ ଦାରିଦ୍ର୍ୟରୁ ମୁକ୍ତ

ନୂଆଦିଲ୍ଲୀ: ଭାରତ ଗତ ୭ ବର୍ଷ ମଧ୍ୟରେ ଦାରିଦ୍ର୍ୟ ନିର୍ମୂଳନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ବିଶ୍ୱ ବ୍ୟାଙ୍କର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ରୁ ୨୦୨୨-୨୩ ମଧ୍ୟରେ ପ୍ରାୟ ୨୨୬ ମିଲିୟନ ଭାରତୀୟ ଅତି ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି । ଏହି ଅଭୂତପୂର୍ବ ସଫଳତା ଭାରତର ଅନ୍ତର୍ଭୁକ୍ତିକରଣ ନୀତି, ଅର୍ଥନୈତିକ ସଂସ୍କାର ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଫଳାଫଳ ବୋଲି ବିଶ୍ୱ ବ୍ୟାଙ୍କ ଉଲ୍ଲେଖ କରିଛି । ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁସାରେ, ୨୦୧୧-୧୨ରେ ଭାରତରେ ଅତି ଦାରିଦ୍ର୍ୟରେ ଥିବା ଲୋକଙ୍କ ହାର ୨୭.୧% ଥିବାବେଳେ, ୨୦୨୨-୨୩ ସୁଦ୍ଧା ଏହା ୫.୩%କୁ ହ୍ରାସ ପାଇଛି । ଏହା ମାନେ ପ୍ରାୟ ୨୬୯ ମିଲିୟନ ଲୋକ ଅତି ଦାରିଦ୍ର୍ୟ ସୀମାରୁ ଉପରକୁ ଉଠିଛନ୍ତି । ବିଶ୍ୱ ବ୍ୟାଙ୍କ ଅତି ଦାରିଦ୍ର୍ୟକୁ ଦୈନିକ ୨.୧୫ ଆମେରିକୀୟ ଡଲାର (ପ୍ରାୟ ୧୮୧ ଟଙ୍କା) ରୁ କମ ଆୟରେ ଜୀବନଯାପନ କରୁଥିବା ବ୍ୟକ୍ତି ଭାବେ ବ୍ୟାଖ୍ୟା କରିଛି । ୨୦୨୧ ପର୍ଚେସିଂ ପାୱାର ପାରିଟି (ପିପିପି) ଆଧାରରେ ନୂତନ ମାନଦଣ୍ଡ ସହିତ ଏହି ଗଣନା କରାଯାଇଛି ।

## ଶୁଭାଙ୍ଗି ଘୋଷଙ୍କୁ ବେଷ୍ଟ ଗାର୍ମେଣ୍ଟ କନ୍‌ଷ୍ଟ୍ରକ୍‌ଶନ ଆୱାର୍ଡ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ସିଲେଇ ମେଶିନ ବ୍ରାଣ୍ଡ ଉଷା ଇଣ୍ଟର-ନ୍ୟାଶନାଲ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଫ୍ୟାଶନ ଟେକ୍ନୋଲୋଜି (ଏନ୍‌ଆଇଏଫଟି)ର ଗ୍ରାଜୁଏଶନ ଶୋ'ରେ 'ନିଫ୍ଟ ବେଷ୍ଟ ଗାର୍‌ମେଣ୍ଟ କନ୍‌ଷ୍ଟ୍ରକ୍ସନ ଆୱାର୍ଡ ୨୦୨୫'ର ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ଡା. ହରି ବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପ୍ରଦର୍ଶନୀର ଅଂଶ ଭାବେ ଶୁଭାଙ୍ଗି ଘୋଷଙ୍କୁ ପ୍ରତିଷ୍ଠିତ 'ନିଫ୍ଟ ବେଷ୍ଟ ଗାରମେଂଟ କନ୍‌ଷ୍ଟ୍ରକ୍‌ଶନ ଆୱାର୍ଡ ୨୦୨୫'ରେ ସମ୍ମାନିତ କରାଯାଇଥିବା ବେଳେ ତାଙ୍କୁ ଏକ ଉଷା ଜାନୋମି ଆଲୁରେ ଡିଏଲଏକ୍ସ ସିୱିଙ୍ଗ ମେଶିନ ଓ ଉତ୍କର୍ଷତାର ପ୍ରମାଣପତ୍ର ଦିଆଯାଇଥିଲା । ଚଳିତ ବର୍ଷ ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକାତା, ଗାନ୍ଧୀନଗର, ଭୁବନେଶ୍ୱର, ପାଟନା, କାଙ୍ଗରା, କନ୍ନୁର, ଯୋଧପୁର, ସିଲଂଗ, ଶ୍ରୀନଗର ଓ ରାଏବରେଲୀ ସମେତ ଦେଶବ୍ୟାପୀ ନିଫ୍ଟର ୧୫ଟି କ୍ୟାମ୍ପସରେ ଗ୍ରାଜୁଏଟ ହୋଇଥିବା ଫ୍ୟାଶନ ଡିଜାଇନ ଛାତ୍ରଛାତ୍ରୀମାନଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଅବସରରେ ଉଷାର ପ୍ରବକ୍ତା କହିଛନ୍ତି, 'ଆମେ ନିଫ୍ଟ ସହ ସହଯୋଗିତା କରି ଗର୍ବିତ, ଏକ ଅନୁଷ୍ଠାନ ଯାହା ଫ୍ୟାଶନ ଲିଡରମାନଙ୍କ ପରବର୍ତ୍ତୀ ପିଢିର ସୃଜନଶୀଳତା ଓ ଉଦ୍ଭାବନକୁ ବିକଶିତ ଓ ଉନ୍ନତ କରିଥାଏ, ଯାହା ସେମାନଙ୍କୁ ନିଜର କ୍ଷମତାକୁ ବିସ୍ତାର ଓ ଉପଯୋଗ କରିବାରେ ସାହାଯ୍ୟ କରିଥାଏ ।




## କ୍ୱାଣ୍ଟମ୍ ପକ୍ଷରୁ ବିନିର୍ମାଣ ସୁବିଧା ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା

ହାଇଦରାବାଦ : ହାଇଦରାବାଦ ଭିତ୍ତିକ ଇଭି ଷ୍ଟାର୍ଟଅପ, କ୍ୱାଣ୍ଟମ ଏନର୍ଜି ଲିମିଟେଡ ପ୍ରସ୍ତାବିତ ଫ୍ୟୁଚର ସିଟି, ହାଇଦରାବାଦ ନିକଟ ମହେଶ୍ୱରମଠାରେ ଏହାର ଅତ୍ୟାଧୁନିକ ବିନିର୍ମାଣ ସୁବିଧା ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରୁଛି । ଏହି କାରଖାନା ଉକ୍ତ ଅଞ୍ଚଳରେ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ସ୍ୱଚ୍ଛ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶିଳ୍ପର ଏକ ପେଣ୍ଟସ୍ଥଳ ହେବା ନିମନ୍ତେ ତେଲେଙ୍ଗାନାର ଦୂରଦୃଷ୍ଟି ପ୍ରତି ଅବଦାନ ରଖିବ । ବାର୍ଷିକ ୨ ଲକ୍ଷ ୟୁନିଟ ଉତ୍ପାଦନ କ୍ଷମତା ଏବଂ ୨.୪ ଲକ୍ଷ ବର୍ଗଫୁଟ ଅଞ୍ଚଳରେ ପରିବ୍ୟାପ୍ତ ହେବା ସହିତ ଏହି କାରଖାନାକୁ ଏକ ନେଟ-ଜିରୋ ପରିସର ହେବା ନିମନ୍ତେ ଡିଜାଇନ କରାଯାଇଛି, ଯାହା ପରିବେଶଗତ ଦୃଷ୍ଟିରୁ ଉତ୍ତରଦାୟୀ ଶିଳ୍ପ ଭିତ୍ତିଭୂମିର ବର୍ଦ୍ଧିତ ଆବଶ୍ୟକତ ସହିତ ମେଳ ଖାଉଛି । କ୍ୱାଣ୍ଟମ ଏନର୍ଜିର ପ୍ରଚଳିତ ଲାଇନ ମଡେଲ ପ୍ଲାଜମା, ମିଲାନ ଏବଂ ବିଜିନେସ ଏବଂ ଭାରତୀୟ ସଡ଼କ ଏବଂ ଜଳବାୟୁ ପରିସ୍ଥିତି ନିମନ୍ତେ ସ୍ୱତନ୍ତ୍ର ଭାବରେ ସ୍ମାର୍ଟ ବୈଶିଷ୍ଟ୍ୟଗୁଡିକ ସହିତ ପ୍ରଦର୍ଶନକୁ ସମନ୍ୱିତ କରି ବଜାରକୁ ଆସିବାକୁ ଥିବା ଏହାର ନୂତନ ଉତ୍ପାଦଗୁଡିକ ନବୋନ୍ମେଷୀ ଇଲେକ୍ଟ୍ରିକ ଦୁଇ-ଚକିଆ ଗାଡିଗୁଡ଼ିକ ନିମନ୍ତେ ଚାହିଦା ବୃଦ୍ଧି ଲକ୍ଷ୍ୟ କରିବା ପରେ ଏହି ରଣକୌଶଳାତ୍ମକ ସମ୍ପ୍ରସାରଣ ହାତକୁ ନିଆଯାଇଛି । ଏହି ଅବସରରେ ପ୍ରକାଶ କରି ଶ୍ରୀ ଚକ୍ରବର୍ତ୍ତୀ ଚୁକ୍କାପାଲ୍ଲି, ମ୍ୟାନେଜିଂ ଡାଇରେକ୍ଟର- କ୍ୱାଣ୍ଟମ ଏନର୍ଜି କହିଥିଲେ, 'ମହେଶ୍ୱରମଠାରେ ଥିବା ଆମର ଉତ୍ପାଦନ କାରଖାନାର ସମ୍ପ୍ରସାରଣ କ୍ୱାଣ୍ଟମ ଏନର୍ଜିର ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ହୋଇଛି ।




## ଆର୍‌ବିଆଇ ରେପୋ ହାର ହ୍ରାସକୁ କ୍ରେଡାଇର ସ୍ୱାଗତ

ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କର ରେପୋ ହାରକୁ ୫୦ ବେସିସ୍ ପଏଣ୍ଟ ହ୍ରାସ କରି ୫.୫୦% କରିବା ନିର୍ଣ୍ଣାୟକ ପଦକ୍ଷେପକୁ ସ୍ୱାଗତ କରିଛନ୍ତି କ୍ରେଡାଇ ଓଡ଼ିଶାର ସଭାପତି ସ୍ୱଦେଶ କୁମାର ରାଉତରାୟ । ଏହା କ୍ରମାଗତ ଭାବରେ ତୃତୀୟ ଥର ହ୍ରାସ ପାଇଛି । ଏହାର ଅଭିବୃଦ୍ଧି ଅର୍ଥନୈତିକ ଗତିକୁ ଉଜ୍ଜ୍ୱଳ କରିଛି । ବିଶେଷକରି ଯେତେବେଳେ ସିପିଆଇ ମୁଦ୍ରାସ୍ଫୀତି ୪ ବର୍ଷରେ ସର୍ବନିମ୍ନ ୩.୨% କୁ ହ୍ରାସ ପାଇଛି, ଯାହା ୪% ଲକ୍ଷଠାରୁ ବହୁତ କମ୍ । ଏହି ପଦକ୍ଷେପ ଦେଶର ସାମଗ୍ରିକ ଅର୍ଥନୈତିକ ମୌଳିକ ତତ୍ତ୍ୱ ଉପରେ ବିଶ୍ୱାସକୁ ପ୍ରତିଫଳିତ କରେ । ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଭାବରେ ଉଭା ହେଉଥିବାରୁ, ଏହି ହାର ହ୍ରାସ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ରିଅଲ୍ ଇଷ୍ଟେଟ୍ କ୍ଷେତ୍ର କେବଳ ମେଟ୍ରୋ ସହରଗୁଡ଼ିକରେ ନୁହେଁ ବରଂ ଟାୟାର-୨ ଏବଂ ଟାୟାର-୩ ବଜାରରେ ମଧ୍ୟ ଦୃଢ଼ ଆକର୍ଷଣର ସମ୍ମୁଖୀନ ହେଉଛି । କମ୍ ଋଣ ହାରରେ ଗୃହ ଋଣ ସୁଲଭତା ବୃଦ୍ଧି କରିବ, ବିଶେଷକରି ମଧ୍ୟମ ଆୟ ଏବଂ ସୁଲଭ ଗୃହ କ୍ଷେତ୍ର ମଧ୍ୟରେ - ଯେଉଁ କ୍ଷେତ୍ରଗୁଡ଼ିକ ସୁଧ ହାର ପରିବର୍ତ୍ତନ ପ୍ରତି ସବୁଠାରୁ ସମ୍ବେଦନଶୀଳ । ଏହା ଇଏମ୍‌ଆଇ ହ୍ରାସ କରିବା, କ୍ରେତା ଭାବନାକୁ ଉନ୍ନତ କରିବା ଏବଂ ପ୍ରଥମ ଥର ପାଇଁ ଗୃହ କ୍ରେତାଙ୍କୁ ବଜାରକୁ ଆଣିବା । ଏହି ପଦକ୍ଷେପର ଲହରୀ ପ୍ରଭାବ ରିଅଲ ଇଷ୍ଟେଟ ବାହାରେ ବିସ୍ତାର କରିବ ବୋଲି ଆଶା କରାଯାଉଛି । ଶିଳ୍ପଗୁଡ଼ିକରେ ଚାହିଦା ବୃଦ୍ଧି କରିବା, ଘରୋଇ ନିବେଶକୁ ଉତ୍ସାହିତ କରିବା ଏବଂ ଋଣ ୨୬ ପର୍ଯ୍ୟନ୍ତ ସାମଗ୍ରିକ ଆର୍ଥିକ କାର୍ଯ୍ୟକଳାପକୁ ପୁନର୍ଜୀବିତ କରିବା ଏକ ସକାରାତ୍ମକ ଦୃଷ୍ଟିକୋଣ ସହିତ, ଗ୍ରାମୀଣ ଏବଂ ଅର୍ଦ୍ଧ-ସହରୀ ଅଞ୍ଚଳଗୁଡ଼ିକର ଉନ୍ନତ କୃଷି ଉତ୍ପାଦନ, ଗ୍ରାମୀଣ ଆୟ ବୃଦ୍ଧି ଏବଂ ଶକ୍ତିଶାଳୀ ବ୍ୟବହାର ମାଧ୍ୟମରେ ମଧ୍ୟ ଲାଭବାନ ହେବେ ବୋଲି ଆଶା କରାଯାଉଛି । ଗତ ଛଅ ମାସ ମଧ୍ୟରେ ମୋଟ ୧୦୦ ବେସିସ୍ ପଏଣ୍ଟ ହ୍ରାସ ସହିତ କ୍ରେଡାଇ ଓଡ଼ିଶା ଏହାକୁ ଏକ ରଣନୈତିକ ଏବଂ ସ୍ୱାଗତଯୋଗ୍ୟ ହସ୍ତକ୍ଷେପ ଭାବରେ ଦେଖୁଛି ।୨୦୩୦ ସୁଦ୍ଧା ୧ ଟ୍ରିଲିୟନ ଡଲାରରେ ପହଞ୍ଚିବାକୁ ଯାଉଥିବା ରିଅଲ୍ ଇଷ୍ଟେଟ୍ କ୍ଷେତ୍ର, ଭାରତର ୮ ଟ୍ରିଲିୟନ ଡଲାର ଅର୍ଥନୀତି ହେବା ଦିଗରେ ମହତ୍ୱାକାଂକ୍ଷୀ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନକାରୀ ରହିବ । କ୍ରେଡ଼ାଇ ଓଡ଼ିଶା ସରକାରୀ ଅଂଶୀଦାର ଏବଂ ନୀତି ପ୍ରତିଷ୍ଠାନ ସହିତ ସହଯୋଗ କରିବାକୁ ପ୍ରତିବଦ୍ଧ, ଯାହା ଦ୍ୱାରା ପରିଣାମସ୍ୱରୂପ ଅଭିବୃଦ୍ଧି ସମାଜର ସମସ୍ତ ବର୍ଗ ପାଇଁ ଅନ୍ତର୍ଭୁକ୍ତ ହେବ ।



ନୂଆଦିଲ୍ଲୀ : ଆଇପିଏଲ୍ ୨୦୨୫ରେ ରହିଛନ୍ତି ଫ୍ଲପ୍ ୧୧ । ଏହି ଲିଷ୍ଟରେ ଅଛନ୍ତି ଅନେକ ମହାନ ଖେଳାଳି । ଏଥିରେ ଏପରି ୨ ପ୍ଲେୟର ଅଛନ୍ତି ଯାହାଙ୍କ ଦରମା ମିଶି ୫୦ କୋଟିରୁ ଅଧିକ। ରିଷଭ ପନ୍ତ ଏବଂ ଭେଙ୍କଟେଶ ଆୟର, ଉଭୟଙ୍କ ଦରମା ୫୦ କୋଟି ପାର। ଏହାବ୍ୟତୀତ ଏମ୍ଏସ୍ ଧୋନିଙ୍କ ନାମ ମଧ୍ୟ ଲିଷ୍ଟରେ ଅଛି ସାମିଲ। ଫ୍ଲପ୍ ୧୧ର ଓପନର ଭାବେ ଅଛନ୍ତି ରଚିନ ରବିନ୍ଦ୍ର । ସିଜିନରେ ୮ଟି ମ୍ୟାଚରେ ସେ କରିଛନ୍ତି ୧୯୧ ରନ୍ । ତାଙ୍କ ସାଥି ଦେଉଛନ୍ତି ଈଶାନ କିଶାନ । ଈଶାନ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ କରିଥିଲେ । ଯଦି ଏହି ଦୁଇଟି ଇନିଂସକୁ ହଟାଯାଏ, ତେବେ ସେ ୧୨ଟି ଇନିଂସରେ କେବଳ ୧୫୪ ରନ କରିଛନ୍ତି। ଏହି ଲିଷ୍ଟର ତୃତୀୟରେ ରହିଛନ୍ତି ରିଷଭ ପନ୍ତ । ସେ ଚଳିତବର୍ଷ କିଛି ବିଶେଷ ପ୍ରଦର୍ଶନ କରିନାହାଁନ୍ତି । ତାଙ୍କ ଶତକକୁ ବାଦ ଦେଲେ ସେ କରିଛନ୍ତି ମାତ୍ର ୧୫୧ ରନ୍ । ଭେଙ୍କଟେଶ ଆୟର ଲିଷ୍ଟର ଚତୁର୍ଥ ସ୍ଥାନରେ ରହିଛନ୍ତି । ସେ ଚଳିତ ସିଜନରେ ନିରାଶ କରିଥିଲେ। ୨୩ କୋଟି ୭୫ଲକ୍ଷରେ କେକେଆର ତାଙ୍କୁ ଟିମ୍‌ରେ ଯୋଡିଥିଲା । କିନ୍ତୁ ସେ ପୁରା ସିଜିନରେ ମାତ୍ର ୧୪୨ ରନ୍ କରିଥିଲେ । ୫ମ ସ୍ଥାନରେ ରହିଛନ୍ତି ନୀତିଶ କୁମାର ରେଡ୍ଡୀ । ଚଳିତ ସିଜନରେ ତାଙ୍କ ବ୍ୟାଟିଂ ସମସ୍ତଙ୍କୁ ନିରାଶ କରିଥିଲା। ଲିଆମ୍ ଲିଭିଂଷ୍ଟୋନ୍ ୬ ନମ୍ବରରେ ରହିବେ । ସେ ସିଜନରେ କେବଳ ୧୧୨ ରନ୍ କରିଥିଲେ। ୭ନମ୍ବରରେ ରହିଛନ୍ତି ଗ୍ଲେନ୍ ମ୍ୟାକ୍ସୱେଲ୍ । ସେ ୭ ମ୍ୟାଚରେ କରିଛନ୍ତି ମାତ୍ର ୪୮ ରନ୍ । ଏମ୍ଏସ୍ ଧୋନି ଚଳିତବର୍ଷ ୧୯୬ ରନ୍ କରିଥିଲେ। ରଶିଦ୍ ଖାନ ବହୁତ ଖରାପ ବୋଲିଂ କରିଥିଲେ।

### ବାରବାଟୀରେ ହେବ ପୁଣି ଅନ୍ତର୍ଜାତୀୟ ମ୍ୟାଚ୍

## ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ ଟି-୨୦



କଟକ (ଭାସ୍କର ନ୍ୟୁଜ): ବାରବାଟୀକୁ ପୁଣି ଫେରିଛି ଟି-୨୦। ଆସନ୍ତା ଡିସେମ୍ବର ୯ ତାରିଖରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସୋମବାର ୨୦୨୫ ପାଇଁ ଅନ୍ତର୍ଜାତୀୟ ଘରୋଇ ସିଜିନ୍ ଏବଂ ଦକ୍ଷିଣ ଆଫ୍ରିକା 'ଏ'ର ଭାରତ ଗସ୍ତ ପାଇଁ ସଦ୍ୟତମ କାର୍ଯ୍ୟସୂଚୀ ଘୋଷଣା କରିଛି। ବିସିସିଆଇ ଦ୍ୱାରା ଘୋଷଣା କରାଯାଇଥିବା ଅନୁସାରେ, ଭାରତ ଗସ୍ତ ସମୟରେ, ଦକ୍ଷିଣ ଆଫ୍ରିକା ୫ଟି ଟି-୨୦ ମ୍ୟାଚ୍ ଖେଳିବ। ଯାହା ମଧ୍ୟରୁ ପ୍ରଥମ ଟି-୨୦ ମ୍ୟାଚ୍ ଓଡ଼ିଶାର କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ଏହା ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ସେହିପରି ଡିସେମ୍ବର ୧୧ରେ ନ୍ୟୁ ଚଣ୍ଡିଗଡ଼ରେ ଦ୍ୱିତୀୟ ଟି-୨୦, ଡିସେମ୍ବର ୧୪ରେ ଧର୍ମଶାଳାରେ ତୃତୀୟ ଟି-୨୦, ଡିସେମ୍ବର ୧୭ରେ ଲକ୍ଷ୍ନୌରେ ଚତୁର୍ଥ ଟି-୨୦, ଡିସେମ୍ବର ୧୯ରେ ଅହମ୍ମଦାବାଦରେ ୫ମ ଟି-୨୦ ମ୍ୟାଚ୍ ଖେଳାଯିବ। ପରିଦର୍ଶକ ଦଳ ଦୁଇଟି ଟେଷ୍ଟ ମ୍ୟାଚ୍ ମଧ୍ୟ ଖେଳିବ। ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଟେଷ୍ଟ ସିରିଜର ପ୍ରଥମ ଟେଷ୍ଟ ମ୍ୟାଚ୍ ନଭେମ୍ବର ୧୪ ରୁ ନୂଆଦିଲ୍ଲୀରେ ଆରମ୍ଭ ହେବ। ସେହିପରି ଗୌହାଟୀରେ ଦ୍ୱିତୀୟ ଟେଷ୍ଟ ନଭେମ୍ବର ୨୨ରୁ ଅନୁଷ୍ଠିତ ହେବ। ସେହିପରି ଦୁଇ ଦେଶ ମଧ୍ୟରେ ତିନୋଟି ଏକଦିବସୀୟ ମ୍ୟାଚ୍ ଖେଳାଯିବ। ନଭେମ୍ବର ୩୦ରେ ରାଞ୍ଚିରେ ପ୍ରଥମ ଏକଦିବସୀୟ, ଡିସେମ୍ବର ୩ରେ ରାୟପୁରରେ ଦ୍ୱିତୀୟ ଏକଦିବସୀୟ, ଡିସେମ୍ବର ୬ରେ ଭାଇଜାଗରେ ତୃତୀୟ ଏକଦିବସୀୟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, ବାରବାଟୀକୁ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରାଇବା ପାଇଁ ଓସିଏ ପକ୍ଷରୁ ବିସିସିଆଇକୁ ନିବେଦନ କରାଯାଇଥିଲା। ଗତ ଫେବୃଆରୀ ୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ସଫଳତାର ସହିତ ଶେଷ ହୋଇଥିଲା। କେବଳ ମ୍ୟାଚ ସମୟରେ ଫ୍ଲଡ ଲାଇଟ ଖରାପ ହେବା ଘଟଣାକୁ ଛାଡିଦେଲେ ବାକି ସବୁକିଛି ଯୋଜନା ମୁତାବକ ଚାଲିଥିଲା।

## ବେଙ୍ଗାଲୁରୁ ଦଳାଚକଟା ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା ଆରସିବି

ବେଙ୍ଗାଲୁରୁ: ବେଙ୍ଗାଲୁରୁ ଦଳାଚକଟା ମାମଲାକୁ ଦିନ ଗଡିବା ସହ ଏହା ଗମ୍ଭୀର ରୂପ ନେବାରେ ଲାଗିଛି। ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରିବା ସହ ଆରସିବି ଟିମ ସମେତ ୪ ପାର୍ଟି/ସଂଗଠନ ବିରୋଧରେ ଏଫଆଇଆର ରୁଜୁ କରିଥିଲା। ଏବେ ଏହାକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ଆରସିବି। ଏହା ପୂର୍ବରୁ ଏହି ଘଟଣାରେ ସରକାର କୌଣସି ଭାବେ ଦାୟୀ ନୁହନ୍ତି ବୋଲି କହି ସାରିଛନ୍ତି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା। ଯେଉଁ ୪ ସଂଗଠନ ବିରୋଧରେ ଏଫଆଇଆର ରୁଜୁ ହୋଇଛି ସେଥିରେ ଡିଏନଏ ଏଣ୍ଟରଟେନମେଣ୍ଟ ନେଟୱାର୍କ ସାମିଲ। ଡିଏନଏ ବେଙ୍ଗାଲୁରୁ ବିଜୟ ଉତ୍ସବ ସମାରୋହର ଆୟୋଜକ ଥିଲା। କୋର୍ଟରେ ଆରସିବି ନିଜର ଆବେଦନରେ କହିଛି ଯେ, ରାଜ୍ୟ ପୋଲିସର ଅବହେଳା କାରଣରୁ ଏତେ ବଡ଼ ଦୁର୍ଘଟଣା ଘଟିଛି।

## ଅଲ୍ ଇଣ୍ଡିଆ ସୈନିକ ସ୍କୁଲ୍ ଆନ୍ତଃ ଗୋଷ୍ଠୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ସୈନିକ ସ୍କୁଲ୍ ଭୁବନେଶ୍ୱର ପକ୍ଷରୁ ସୋମବର ଅଲ୍ ଇଣ୍ଡିଆ ସୈନିକ ସ୍କୁଲ୍ ଆନ୍ତଃ ଗୋଷ୍ଠୀ ଫୁଟବଲ୍ ଟୁର୍ନାମେଣ୍ଟ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ସାରା ଭାରତରେ ସୈନିକ ସ୍କୁଲ୍ ନେଟୱାର୍କରୁ ଶ୍ରେଷ୍ଠ ଯୁବ ଫୁଟବଲ୍ ଖେଳାଳିମାନଙ୍କୁ ଏକତ୍ର କରୁଥିବା ଏହି କାର୍ଯ୍ୟକ୍ରମ ୭ ରୁ ୧୫ ଜୁନ୍ ୨୦୨୫ ପର୍ଯ୍ୟନ୍ତ ସ୍ଥିର କରାଯାଇଛି। ଆୟୋଜକ ପ୍ରତିଷ୍ଠାନର ଭବ୍ୟ କ୍ୟାମ୍ପସ୍ ପଡ଼ିଆରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ କ୍ରୀଡା ଏବଂ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ଶ୍ରୀ ସୂରଜ ଭାରତର ଭବିଷ୍ୟତର ପ୍ରତିରକ୍ଷା କର୍ମଚାରୀଙ୍କ ମଧ୍ୟରେ କେବଳ ଶିକ୍ଷାଗତ ଉତ୍କର୍ଷତା ନୁହେଁ ବରଂ କ୍ରୀଡା ମନୋଭାବ, ଶୃଙ୍ଖଳା ଏବଂ ନେତୃତ୍ୱକୁ ପୋଷଣ କରିବା ପାଇଁ ସୈନିକ ସ୍କୁଲ୍ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ସେ ସୈନିକ ସ୍କୁଲ୍ ଭୁବନେଶ୍ୱରର ଉତ୍କୃଷ୍ଟ ପ୍ରସ୍ତୁତି ଏବଂ ଉଷ୍ମ ଆତିଥ୍ୟ ପାଇଁ ମଧ୍ୟ ପ୍ରଶଂସା କରିଥିଲେ। ଏହି ଚାମ୍ପିଅନସିପରେ ବିଭିନ୍ନ ସୈନିକ ସ୍କୁଲ ଏବଂ ଏସ୍‌ବିଏମ୍ ସୈନିକ ସ୍କୁଲର ୨୪ଟି ଦଳ ଅଂଶଗ୍ରହଣ କରିବେ, ଯେଉଁମାନେ ସେମାନଙ୍କ ନିଜ ନିଜ ଆନ୍ତଃ-ଗ୍ରୁପ ଫୁଟବଲ୍ ଟୁର୍ନାମେଣ୍ଟରେ ଚାମ୍ପିଅନ୍ ହୋଇ ଉଠିଛନ୍ତି ଏବଂ ତିନୋଟି ବର୍ଗରେ ଜାତୀୟ ସମ୍ମାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ: ସବ-ଜୁନିୟର ବାଳକ (୧୫ ବର୍ଷରୁ କମ୍), ଜୁନିୟର ବାଳକ (୧୭ ବର୍ଷରୁ କମ୍), ଜୁନିୟର ବାଳିକା (୧୭ ବର୍ଷରୁ କମ୍)। ସେମାନଙ୍କ ନିଜ ନିଜ ବର୍ଗରେ ବିଜେତାମାନେ ସୁବ୍ରୋତୋ କପ୍ ଆନ୍ତର୍ଜାତୀୟ ଟୁର୍ନାମେଣ୍ଟ ୨୦୨୫ ରେ ସୈନିକ ସ୍କୁଲର ପ୍ରତିନିଧିତ୍ୱ କରିବେ। ସୈନିକ ସ୍କୁଲ ଭୁବନେଶ୍ୱରର ପ୍ରିନ୍ସିପାଲ କର୍ଣ୍ଣେଲ ପଙ୍କଜ କୁମାର ଏହି ପ୍ରତିଷ୍ଠିତ ଇଭେଣ୍ଟ ଆୟୋଜନ କରିବାରେ ନିଜର ଗର୍ବ ପ୍ରକାଶ କରିଥିଲେ ଏବଂ ଯୁବ କ୍ୟାଡେଟମାନଙ୍କ ମଧ୍ୟରେ ଚରିତ୍ର ଏବଂ ସ୍ଥିରତା ଗଠନ କରିବାରେ କ୍ରୀଡାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସନ୍ ମ୍ୟାଚ୍ ପ୍ରଭାବଶାଳୀ ଦକ୍ଷତା ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲା, ଯାହା ଆଗକୁ ଫୁଟବଲ୍ର ଏକ ରୋମାଞ୍ଚକର ସପ୍ତାହ ପାଇଁ ସ୍ୱର ସ୍ଥାପନ କରିଥିଲା। ସପ୍ତାହ ସାରା ମ୍ୟାଚ୍ ସ୍ଥିର ହୋଇଥିବା ବେଳେ, ପ୍ରତ୍ୟେକ ବର୍ଗର ଫାଇନାଲ୍ ୧୫ ଜୁନ୍ ରେ ଅନୁଷ୍ଠିତ ହେବ, ତା'ପରେ ସମାପନୀ ଉତ୍ସବ ଏବଂ ପୁରସ୍କାର ବଣ୍ଟନ ହେବ।

## ଭାରତ ପାଇଁ ସ୍ୱର୍ଣ୍ଣ ଆଣିଲେ ଜିନ୍ଦଲ ସ୍ପୋର୍ଟ ହଷ୍ଟେଲ କ୍ରୀଡ଼ାବିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ମସ୍କୋ ଉସୁ ଷ୍ଟାର ଅନ୍ତର୍ଜାତୀୟ ଚାମ୍ପିଅନସିପରେ ଦେଶ ପାଇଁ ଗୌରବ ଆଣିଛନ୍ତି ବଡବିଲସ୍ଥିତ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଦୁଇ କ୍ରୀଡ଼ାବିତ ପ୍ରେମ ମୁଣ୍ଡା ଓ ରାଜକୁମାର ମୁଣ୍ଡା। ସିନିଅର ପୁରୁଷ ୪୮ କେଜି ଓ ୫୨ କେଜି ବର୍ଗରେ ପ୍ରେମ ଓ ରାଜକୁମାର ଅତି ଚମତ୍କାର କୌଶଳ ପ୍ରଦର୍ଶନ କରିବା ସହ ଆୟୋଜକ ରୁଷର ଶୀର୍ଷସ୍ତରୀୟ ପ୍ରତିଯୋଗୀଙ୍କୁ ହରାଇ ଏହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେମାନଙ୍କ ଏହି ବିଜୟ ଓଡ଼ିଶା ଓ ଭାରତୀୟ ଉସୁ କ୍ରୀଡ଼ା ପାଇଁ ବିଶ୍ୱସ୍ତରରେ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛି। ଶାଲୁ ଜିନ୍ଦଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ପରିଚାଳିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପ୍ରୋତ୍ସାହନରେ ଏହି ହଷ୍ଟେଲ ପ୍ରତିଷ୍ଠିତ ହୋଇଛି। ଏହି ସଫଳତାରେ କୁରୁକ୍ଷେତ୍ର ସାଂସଦ ତଥା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏହା ଆମ ପାଇଁ ଅତ୍ୟନ୍ତ ଗୌରବର ମୁହୂର୍ତ୍ତ। ମୁଁ ସେମାନଙ୍କୁ ସମ୍ମାନ ଜଣାଇବା ସହ ଗ୍ରାମୀଣ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବାର ପ୍ରତିଶ୍ରୁତିବଦ୍ଧତା ପାଇଁ ଜିନ୍ଦଲ ଫାଉଣ୍ଡେସନର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି। ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି, ଏକ ଗ୍ରାମୀଣ ଅଞ୍ଚଳରୁ ବିଶ୍ୱ ଦରବାର ଯାଏ ସେମାନଙ୍କ ଯାତ୍ରା ନିଶ୍ଚିତ ଭାବେ ପ୍ରେରଣାଦାୟୀ। ଜିନ୍ଦଲ ଫାଉଣ୍ଡେସନ ଜରିଆରେ ଏବଂ ସାମଗ୍ରିକ ସହଯୋଗରେ ଆମେ ସେମାନଙ୍କ ସ୍ୱପ୍ନର ସଫଳତା ପାଇଁ ଉଦ୍ୟମ କରୁ। ଏହି ସ୍ୱର୍ଣ୍ଣ ପଦକ ସେମାନଙ୍କ ଉତ୍ସାହ ଓ ତଥା ଆମ କ୍ରୀଡ଼ା ବିକାଶ ପଦକ୍ଷେପ ଜରିଆରେ ରୂପାନ୍ତରଣ ପ୍ରତି ଏକ ସମ୍ମାନ। ୨୦୧୨ରେ କେନ୍ଦୁଝର ଜିଲ୍ଲା ଦେଓଝରରେ ଜିନ୍ଦଲ ଫାଉଣ୍ଡେସନ ସିଏସଆର କାର୍ଯ୍ୟକ୍ରମ ଆରମ୍ଭ କରିବା ପରଠାରୁ ସେମାନଙ୍କ ଯାତ୍ରା ଆରମ୍ଭ ହୋଇଥିଲା। ଜିନ୍ଦଲ ସ୍ପୋର୍ଟ ହଷ୍ଟେଲ ଜରିଆରେ ଓ କୋଚ୍ ପଙ୍କଜ ମହାନ୍ତଙ୍କ ନେତୃତ୍ୱରେ ସେମାନଙ୍କ ପୋଷଣ, ତାଲିମ ଓ ଶିକ୍ଷା ଆରମ୍ଭ ହୋଇଥିଲା। ଗତ ଡେରାଡୁନ ଅନ୍ତର୍ଜାତୀୟ କ୍ୟାମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ ଦ୍ୱାରା ସେମାନେ ଅନ୍ତର୍ଜାତୀୟ ଚାମ୍ପିଅନସିପ୍ ପାଇଁ ମନୋନୀତ ହୋଇଥିଲେ। ଜିନ୍ଦଲ ଫାଉଣ୍ଡେସନ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ପ୍ରେମ ଓ ରାଜକୁମାରଙ୍କ ସମେତ ଶ୍ୱେତା ରାଣୀ, ବବଲୁ, ମଞ୍ଜୁ ମୁଣ୍ଡା ମଧ୍ୟ ପ୍ରଶିକ୍ଷିତ ହୋଇ ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫାଉଣ୍ଡେସନ ପକ୍ଷରୁ ଦେଶର ୩୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ମହିଳା ଓ ପୁରୁଷ ହକି, ମହିଳା ଓ ପୁରୁଷ ଫୁଟବଲ, କବାଡ଼ି, ଖୋ-ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ନିର୍ମାଣ ପାଇଁ ପ୍ରୋତ୍ସାହିତ କରାଯାଉଛି।

## କେରଙ୍ଗ ପ୍ରିମିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ଜାଁଳା ଏକାଦଶ ଚାମ୍ପିଅନ୍



ଖୋର୍ଦ୍ଧା (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କେରଙ୍ଗ ପ୍ରେମିୟର ନାଇଟ ଟୁର୍ଣ୍ଣାମେଣ୍ଟ ରବିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଗୋଟି ଦଳ ଭାଗ ନେଇଥିଲେ। ପ୍ରଥମ ମ୍ୟାଚ ଗୁରୁଜଙ୍ଗ ଏକାଦଶ ବନାମ ଭିଣ୍ଟେଜ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏକାଦଶ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୫୭/୬ କରିଥିବା ବେଳେ ଭିଣ୍ଟେଜ ଏକାଦଶ ନିର୍ଦ୍ଧାରିତ ୬ ଓଭରରେ ମାତ୍ର ୧୩୭ ରନ କରି ପରାଜିତ ହୋଇଥିଲା। ଏହି ଦଳର ଡବ୍ଲୁ ସର୍ବାଧିକ ୯୯ ରନ ବନାଇ ଥିଲେ। ଦ୍ୱିତୀୟ ମ୍ୟାଚ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ବନାମ ଫିଅରଲେସ ଫାଇଟର କେରଙ୍ଗ ମଧ୍ୟରେ ହୋଇଥିଲା। ଟସ ଜିତି ପ୍ରଥମ ବ୍ୟାଟିଂ କରି ଫିଅରଲେସ ଫାଇଟର କେରଙ୍ଗ ନିର୍ଦ୍ଧାରିତ ୬ ଓଭରରେ ୯୯ / ୩ ରନ କରିଥିଲା। ଦ୍ୱିତୀୟ ବ୍ୟାଟିଂରେ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ନିର୍ଦ୍ଧାରିତ ଓଭରରେ ୧୦୩/୫ କରି ବିଜୟ ଲାଭ କରିଥିଲା। ତୃତୀୟ ମ୍ୟାଚ କେସିଏ କେରଙ୍ଗ ବନାମ ଟାଇଟଲ କ୍ଲବ ଜଟଣୀ ମଧ୍ୟରେ ହୋଇଥିଲା। ପ୍ରଥମ ବ୍ୟାଟିଂ କରି କେସିଏ କେରଙ୍ଗ ନିର୍ଦ୍ଧାରିତ ଓଭରରେ ୯୫/୫ ରନ କରିଥିଲେ। ଟାଇଟଲ କ୍ଲବ ଜଟଣୀ ଦ୍ୱିତୀୟ ବ୍ୟାଟିଂରେ ୯୭/୨ ରନ କରି ଜଟଣୀ ବିଜୟ ହାସଲ କରିଥିଲା। ଚତୁର୍ଥ ମ୍ୟାଚ କୁମାର ଖାଡିଆ ଜଟଣୀ ବନାମ ଜାଁଳା ଏକାଦଶ ମଧ୍ୟରେ ହୋଇଥିଲା। ପ୍ରଥମ ବ୍ୟାଟିଂ କରି କୁମାର ଖାଡିଆ ଜଟଣୀ ନିର୍ଦ୍ଧାରିତ ଓଭରରେ ୧୩୩/୦ ରନ କରିଥିଲା। ଦ୍ୱିତୀୟ ବ୍ୟାଟିଂ କରି ଜାଁଳା ଏକାଦଶ ନିର୍ଦ୍ଧାରିତ ଓଭରରେ ୧୩୫/୨ ରନ କରି ବିଜୟୀ ହୋଇଥିଲା। ସେହିଭଳି ପ୍ରଥମ ସେମିଫାଇନାଲ ଟାଇଟଲ କ୍ଲବ ଜଟଣୀ ଏବଂ ଗୁରୁଜଙ୍ଗ ଏକାଦଶ ମଧ୍ୟରେ ହୋଇଥିଲା। ପ୍ରଥମ ବ୍ୟାଟିଂ କରି ଗୁରୁଜଙ୍ଗ ଏକାଦଶ ୮୩/୭ ରନ କରିଥିବା ବେଳେ ଟାଇଟଲ କ୍ଲବ ଜଟଣୀ ୮୪/୮ ସ୍କୋର କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଦ୍ୱିତୀୟ ସେମିଫାଇନଲ ଏକାମ୍ର କ୍ଷେତ୍ର ଭୁବନେଶ୍ୱର ବନାମ ଜାଁଳା ଏକାଦଶ ମଧ୍ୟରେ ହୋଇଥିଲା। ଜାଁଳା ଏକାଦଶ ନିର୍ଦ୍ଧାରିତ ଓଭରରେ ୧୧୫/୩ ସ୍କୋର ବନାଇଥିବା ବେଳେ ଦ୍ୱିତୀୟ ବ୍ୟାଟିଂ କରି ଏକାମ୍ରକ୍ଷେତ୍ର ଭୁବନେଶ୍ୱର ନିର୍ଦ୍ଧାରିତ ଓଭରରେ ମାତ୍ର ୭ ରନ ପଛରେ ରହି ପରାଜୟ ହୋଇଥିଲା। ସେହିଭଳି ପରିଶେଷରେ ଫାଇନାଲ ମ୍ୟାଚ ଜାଁଳା ଏକାଦଶ ଏବଂ ଟାଇଟଲ କ୍ଲବ ଜଟଣୀ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଜାଁଳା ଏକାଦଶ ନିର୍ଦ୍ଧାରିତ ୫ ଓଭରରେ ୧୨୧ /୪ ସ୍କୋର କରିଥିବା ବେଳେ ଟାଇଟଲ କ୍ଲବ ଜଟଣୀ ମାତ୍ର ୬୦ ରନ କରି ଅଲ୍ ଆଉଟ ହୋଇ ଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଜାଁଳା ଏକାଦଶ ଚାମ୍ପିଆନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦୀୟା ମୁସଲିମ ଜମାତର ସଭାପତି ଓସିମ ଅହମଦ, କେରଙ୍ଗ ସରପଞ୍ଚ ମବରୁର ହୁସେନ, ସମିତି ସଭ୍ୟ ଶାହିଦ ମହମ୍ମଦ, ଜିଲ୍ଲା ମୁବଲ୍ଲିଗ ଇନଚାର୍ଜ ମୌଲାନା ହଲିମ ଅହମଦ ଖାନ୍ ଏବଂ କଟକ ମୌଲାନା ଫଜଲ ହକ ଖାନ୍ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରସାହି ସମିତି ସଭ୍ୟ ରାମଚନ୍ଦ୍ର ସାମନ୍ତରାୟ, କେରଙ୍ଗ ଯୁବ ସଂଗଠନର ସଭାପତି ମୋହିଉଦ୍ଦିନ ଖାନ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ଓ ଟ୍ରଫି ପ୍ରଦାନ କରା ଯାଇଥିଲା। କେରଙ୍ଗ କ୍ରିକେଟ ଆସୋସିଏସନର ସମସ୍ତ କର୍ମକର୍ତ୍ତା ତଥା ପୁରାତନ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ବହୁ ସାହାଯ୍ୟ ଓ ସହଯୋଗ କରିଥିଲେ।

## ମା'ମଙ୍ଗଳପାଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ନୂଆଗାଁ ଚାମ୍ପିଅନ୍



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କଣ୍ଡରାପୋଶି ପଞ୍ଚାୟତ ରେଙ୍ଗାଲବେଡା ଗ୍ରାମର ମା'ମଙ୍ଗଳପାଟ କ୍ରିକେଟ୍ କମିଟି ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡିଆ ଠାରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ନୂଆଗାଁ ଏବଂ ବଉଳମାଳ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ନୂଆଗାଁ ଦଳ ଟସ୍ ଜିତି ୬ ୱିକେଟ ହରାଇ ୫୦ ରନ୍ କରିଥିଲା। ବିପକ୍ଷ ଦଳ ନିର୍ଦ୍ଧାରିତ ୬ଓଭରରେ ୭ୱିକେଟ ହରାଇ ୪୭ରନ୍ କରିବାରେ ସକ୍ଷମ ହୋଇଥିଲା। ଅମ୍ପାୟାର ଭାବେ ବିପନ ନାଏକ ଓ ପୁଟୁକୁ ନାଏକ, ସ୍କୋରର ବାପି କୁମାର ନାଏକ ଦାୟିତ୍ୱ ତୁଲାଇଥିବା ବେଳେ ଧାରାବିବରଣୀ ରାଜେଶ ମାଝୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ବିଜେପି ସଂପାଦିକା ଗୀତାଞ୍ଜଳୀ ମହାନ୍ତ, ସମାଜସେବୀ କୃପାସିନ୍ଧୁ ମହାନ୍ତ ଯୋଗଦେଇ ଚାମ୍ପିଅନ ନୂଆଗାଁ ଦଳକୁ ୧୨ ଏବଂ ରନର୍ସ ବଉଳମାଳ ଦଳକୁଙ୍କୁ ୯ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲ। ରେଙ୍ଗାଲବେଡା ମା'ମଙ୍ଗଳପାଟ କ୍ରିକେଟ କମିଟିର ସଭାପତି ଜତିନ କୁମାର ନାଏକ, ସମ୍ପାଦକ ପପୁନ କୁମାର ମାଝୀ, ବିପିନ ନାଏକ, ପ୍ରଫୁଲ୍ଲ ନାଏକ, ରଞ୍ଜନ ନାଏକ, ଜିତୁ ନାଏକ, ମଙ୍ଗୁଲୁ ନାଏକ, ବିଜୟ କୁମାର ମୁଣ୍ଡା, ଅଜୟ କୁମାର ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।


### कार्यालय जिला परिषद्, कोडरमा

**निविदा से संबंधित शुद्धि पत्र**

अति अल्पकालीन निविदा आमंत्रण सूचना संख्या–04 / 2025–26 में इस कार्यालय के पत्रांक 175 / जि०प० 31.05.2025 PR No. 354065 दिनांक 02.06.2025 द्वारा आंशिक संशोधन किया गया था, जिसमें अपरिहार्य कारणवश पुनः निम्नवत् आंशिक संशोधन किया जाता है :–

| क्र० | ग्रुप संख्या | योजना का नाम | पूर्व में संशोधित तिथि: बेबसाईट में निविदा प्रकाशन की तिथि | पूर्व में संशोधित तिथि: ई–निविदा प्राप्ति की तिथि एवं समय | पूर्व में संशोधित तिथि: निविदा खोलने की तिथि एवं समय | वर्तमान में संशोधित तिथि: बेबसाईट में निविदा प्रकाशन की तिथि | वर्तमान में संशोधित तिथि: ई–निविदा प्राप्ति की तिथि एवं समय | वर्तमान में संशोधित तिथि: निविदा खोलने की तिथि एवं समय |
|---|---|---|---|---|---|---|---|---|
| 1 | 01 | Construction of Zila Parishad Koderma Office Building | 05.06.2025 | 06.06.2025 से 12.06.2025 अपराह्न 05:00 बजे तक | 14.06.2025 पूर्वाह्न 11:00 बजे | 09.06.2025 | 10.06.2025 से 21.06.2025 अपराह्न 05:00 बजे तक | 23.06.2025 पूर्वाह्न 11:00 बजे |

निविदा की अन्य शर्तें यथावत रहेंगी।

जिला अभियंता,
जिला परिषद्, कोडरमा

PR 354533 Panchayati Raj (25-26)_D



### कार्यपालक अभियंता का कार्यालय
### लघु सिंचाई रूपांकण प्रमण्डल, दुमका शिविर देवघर

**शुद्धि-पत्र**

इस कार्यालय द्वारा आमंत्रित निविदा आमंत्रण सूचना संख्या– **W.R.D./M.I.D.D.D.C.DEOGHAR/F$_2$-01/2025-26 Dated :- 05/06/2025** जिसका Pr.No. 354290 (Water Resource) 25-26 (D) द्वारा दिनांक 06.06.2025 को विभिन्न सामाचार पत्रों में प्रकाशित किया गया था। उक्त निविदा आमंत्रण सूचना में क्षैतिज (Horizontal) क्रमांक 12 पर अंकित **कार्य समाप्ति की तिथि** को सभी योजनाओं के लिये 12 माह के स्थान पर 11 माह तथा 11 माह के स्थान पर 10 माह पढ़ा जाये। शेष सभी सूचनाएँ पूर्ववत् रहेगी।

कार्यपालक अभियंता
लघु सिंचाई रूपांकण प्रमण्डल,
दुमका शिविर देवघर

PR.NO.354496 Water Resource(25-26):D



### Government of Jharkhand
### Home, Prison and Disaster Management Department
### (Disaster Management Division)
### T.A. Division Building, Near Golchakar, Dhurwa, Ranchi, Jharkhand, Pin Code-834004.

**Expression of Interest (Request for Proposal)**

HIRING SERVICES OF CHARTERED ACCOUNTANT FIRM FOR STATUTORY AUDIT FOR THE FINANCIAL YEAR - 2010-11 TO FINANCIAL YEAR 2025-26

Due to unavoidable reasons the date of Pre bid meeting, Submission of Proposal and Opening of Technical bid of the advertisement published on 31.05.2025 PR No.-353889 is revised as follows :-

**Important Dates**

i. Date of pre bid meeting-**19.06.2025**
ii. Last date of submission of proposal-**26.06.2025** upto **5.00** P.M.
iii. Dated of opening of technical bid – **01.07.25- 3.00** P.M.

**Joint Secretary, Home,**
**Prison and Disaster Management Department**
**(Disaster Management Division) Jharkhand, Ranchi**
**T.A. Division Building, Near Golchakar, Dhurwa, Ranchi, Jharkhand, Pin Code-834004.**

PR 354502 (Disaster Management)25-26*D



### ASIRVAD MICRO FINANCE LTD

CIN U65923TN2007PLC064550
9th and 10th Floor, No 9, Club House Road, Anna Salai,
Chennai 600 002. Tamil Nadu.
Tel:044-42124493

**ସୁନା ନିଲାମ ସୂଚନା**

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 23.06.2025 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ଖଣିଘର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ

ବନ୍ଧକ ସୂଚୀ :

ଓଡ଼ିଶା ଅନୁଗୁଳ ବୋଇଣ୍ଡା – ଜିଏଲ୍ 329050700002121, 2135, 2161, ଛେଣ୍ଡିପଦା – ଜିଏଲ୍ 325270700002983, 325270730040774, କୋସଳା – ଜିଏଲ୍ 325600700003373, 3385, 325600730033456, 3537, 3729, ସୋନପୁର ଢୁଙ୍ଗୁରିପାଲି – ଜିଏଲ୍ 325580700005115, 325580730024559, 6835, ବାଲେଶ୍ୱର ବସ୍ତା – ଜିଏଲ୍ 325380700004811, 4822, 4824, 4825, 4833, 4866, 4875, 4883, 4904, 4913, 4941, 4946, 4952, 325380730040347, ଗୋପାଳପୁର – ଜିଏଲ୍ 329040700002943, 2974, 3004, 3013, 3026, 3059, 3060, 3066, 3088, 329040730013869, ମାର୍କୋଣା – ଜିଏଲ୍ 325620700002364, 2365, 2374, 2403, 2408, 325620730013417, 3600, ଥାନାଛକ – ଜିଏଲ୍ 328280700002623, 2716, 2725, ବାଲେଶ୍ୱର ବାଲିଆପାଳ – ଜିଏଲ୍ 325210700003978, 3983, 3987, 4009, 4016, 4023, 4038, 4041, 4050, 4055, 325210730021727, 1728, 1739, 1767, 1848, 1863, 1866, 1983, ବରଗଡ଼ ସୋହେଲା – ଜିଏଲ୍ 328960700002990, 3014, ଭଦ୍ରକ 42 ମଉଜା – ଜିଏଲ୍ 325550700003315, 3340, 3341, 3367, 3371, 3373, 3388, ତିହିଡ଼ି – ଜିଏଲ୍ 325010700006655, 6699, 6705, 6780, 325010730035665, କଟକ ଚାନ୍ଦୋଳ – ଜିଏଲ୍ 325800700003754, ନରସିଂହପୁର – ଜିଏଲ୍ 328970700002402, 2498, 2512, 2530, 2540, ଦେବଗଡ଼ ଦେବଗଡ଼ – ଜିଏଲ୍ 325990700003577, 3879, 3881, 3884, 3890, 3911, 3920, 3928, 3941, 3944, 3951, 3958, ଢେଙ୍କାନାଳ ଗଁଦିଆ – ଜିଏଲ୍ 325910700003372, 3398, 3457, 325910730039554, ରସୋଲ – ଜିଏଲ୍ 325930700002433, 325930730011170, 1233, ଗଞ୍ଜାମ ବେଗୁନିଆପଡ଼ା – ଜିଏଲ୍ 328290700001954, 2104, 2119, 2120, 2135, 2405, 2406, 2407, 2410, 2411, 328290730013773, 3808, 4095, ହୁମା – ଜିଏଲ୍ 325980700003745, 3751, ରମ୍ଭା – ଜିଏଲ୍ 326580700003670, 3682, 3688, 3689, 3698, 3715, 3722, 3731, 3750, 3767, 326580730011942, ଯାଜପୁର ଜାରକା – ଜିଏଲ୍ 325370700003076, 325370730019629, ମଙ୍ଗଳପୁର – ଜିଏଲ୍ 325000700007228, 7233, 7247, 7265, 7272, 7273, 7280, 7294, 7299, 7328, 7342, 7358, 7366, 7369, 7385, 7400, 7435, 325000730038889, ଯାଜପୁର ସିଂହପୁର – ଜିଏଲ୍ 327730700005689, 5706, 5758, 5789, 5794, କେନ୍ଦ୍ରାପଡ଼ା ଆଳି – ଜିଏଲ୍ 325300700003656, 3688, 3711, 325300730043084, ରାଜନଗର – ଜିଏଲ୍ 325140700008234, 8235, 8244, 325140730069560, 9672, କେନ୍ଦୁଝର ଚମ୍ପୁଆ – ଜିଏଲ୍ 326000700003140, 3173, ଢେଙ୍କାନାଳ – ଜିଏଲ୍ 327830700003324, 3330, 3346, 3361, 3369, 3372, 3387, 3388, 3415, 3435, 3438, 3447, 3451, 3455, କେନ୍ଦୁଝର ଛେନାପଦି – ଜିଏଲ୍ 325490700005241, 5262, 5265, 5273, 5281, 5293, 5295, 5297, 325490730060976, ଖୋର୍ଦ୍ଧା ନିରାକାରପୁର – ଜିଏଲ୍ 325680700006317, 6369, 6379, 6392, 6419, 6441, 6453, 6463, 6484, 6489, 6496, 6497, 6500, 6502, 6506, 6516, 6518, 6521, 6525, 6526, 6527, 6535, 6544, 325680730090103, 0232, 2058, 2166, 2492, 2709, 3072, 3367, ମୟୂରଭଞ୍ଜ ବେଟନୋଟି – ଜିଏଲ୍ 328020700003214, 3288, 328020730025399, 5561, 5909, ଖୁଣ୍ଟା – ଜିଏଲ୍ 325390700002704, 2706, 2727, ବାଲେଶ୍ୱର ଖଇରା – ଜିଏଲ୍ 325220700002884, 2899, 2920, 2936, 325220730041794, ପୁରୀ ଅଗସ୍ତ୍ୟଅକ୍ରୀଅ–ଶୀଳ, 325090730069677, 9687, ଗୋପ – ଜିଏଲ୍ 325030700007899, 7919, 7937, 7995, 8063, 8108, 8109, 325030730076149, କାକଟପୁର – ଜିଏଲ୍ 325180700005847, ମାଲୁଦ – ଜିଏଲ୍ 328270700004290, 4303, 4381, 4384, 4390, 4394, 4427, 328270730076524, 6997, ପୁରୀ ଚନ୍ଦନପୁର – ଜିଏଲ୍ 325920700003948, 3983, ସୋନପୁର – ଜିଏଲ୍ 325240700003897, 3901, 3925, 3973, 325240730022752, 2753, 3020, 3158,

ଉପରୋକ୍ତ ନିଲାମିରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତି ନିମ୍ନଲିଖିତ ଅନୁପାଳନ କରିବା ଜରୁରୀ :– ଇଚ୍ଛୁକ ବୋଲିଦାତା ଇଏମ୍‌ଡି ରୂପେ ଟ.10,000/– ଜମା କରିବା ଜରୁରୀ । (ଅସଫଳ ବୋଲିଦାତାଙ୍କୁ ଫେରସ୍ତ କରାଯିବ) ନିଲାମି ଦିନ ହିଁ ନଗଦ ରୂପେ ଫେରସ୍ତ କରାଯିବ । ବୋଲିଦାତାମାନେ ବୈଧ ଆଇଡି କାର୍ଡ / ପ୍ୟାନ୍ କାର୍ଡ ପାଖରେ ରଖିବା ଜରୁରୀ । ଅଧିକ ଜାଣିବା ନିମନ୍ତେ ଦୟାକରି 9542500664 ନମ୍ବରକୁ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ଆଶିରୱାଡ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍ ।

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା



ସୁସ୍ଥ ଶରୀର ପାଇଁ ସକାଳର ଜଳଖିଆ, ଦିନ ଓ ରାତି ଭୋଜନ ଖୁବ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଶରୀରକୁ ଉପଯୁକ୍ତ ପୋଷଣ ମିଳିଥାଏ। ମାତ୍ର ଅନେକ ସମୟରେ ଦେଖାଯାଏ,କେତେକ ଲୋକେ ରାତି ଖାଦ୍ୟ ଖାଇ ନଥାଆନ୍ତି। କିଛି ଲୋକେ କର୍ମବ୍ୟସ୍ତତା ମଧ୍ୟରେ ଘରକୁ ଆସି ଥକ୍କାପଣ କାରଣରୁ ଖାଲି ପେଟରେ ଶୋଇ ପଡିଥାଆନ୍ତି। ସେହିପରି ଓଜନ ବୃଦ୍ଧି ପାଇଁ କେତେକ ଲୋକେ ରାତ୍ରି ଭୋଜନ କରିନଥାଆନ୍ତି। ମାତ୍ର ଏପରି କରିବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ବେଶ କ୍ଷତିକାରକ ହୋଇଥାଏ। ଜାଣନ୍ତୁ ରାତ୍ରି ଭୋଜନ ନକଲେ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପକାଏ..। ରାତିରେ ଖାଦ୍ୟ ନଖାଇଲେ ଓଜନ ହ୍ରାସ ହେବ ବୋଲି ଚିନ୍ତା କରୁଥିଲେ, ଏହା ଭୁଲ ଧାରଣା। ରାତ୍ରି ଭୋଜନ ନକରିବା ଦ୍ୱାରା ଶରୀରକୁ ଆବଶ୍ୟକ ପରିମାଣରେ ପୋଷକ ତତ୍ତ୍ୱ ମିଳି ପାରିନଥାଏ। ଫଳରେ କୁପୋଷଣର ଶିକାର ହେବା ସହ ଅଧିକ ହାଲିଆ ଅନୁଭବ ହୋଇଥାଏ। ଦୈନନ୍ଦିନ କାମ ପାଇଁ ଆବଶ୍ୟକ ପରିମାଣରେ ଶକ୍ତି ମିଳିପାରି ନଥାଏ। ଶରୀରରେ ରକ୍ତର ଅଭାବ ହୋଇଥାଏ। ରାତିରେ ଖାଦ୍ୟ ନଖାଇବା ଦ୍ୱାରା ବାରମ୍ବାର ନିଦ ଭାଙ୍ଗିଥାଏ। ରାତି ଅଧରେ ଭୋକ ମଧ୍ୟ ଲାଗିଥାଏ। ଖାଲି ପେଟରେ ଶୋଇବା ଦ୍ୱାରା ପେଟ ଜନିତ ଅନେକ ସମସ୍ୟା ଦେଖାଦିଏ।





## ଶୋଇବା ପୂର୍ବରୁ ପିଅନ୍ତୁ ଲବଙ୍ଗ ପାଣି

### ଭଲ ନିଦ ସହ ରହିବେ ସୁସ୍ଥ

*ରୋଷେଇ ଠାରୁ ଆରମ୍ଭ କରି ଔଷଧୀୟ ଗୁଣରେ ଭରପୁର ଲବଙ୍ଗ। ଏହାର ପ୍ରତ୍ୟେକ ଉପାଦାନ ନିଜସ୍ୱ ଗୁଣରେ ପରିପୂର୍ଣ୍ଣ। ଏଗୁଡ଼ିକ କେବଳ ଖାଦ୍ୟକୁ ସ୍ୱାଦିଷ୍ଟ କରିବାରେ ସହାୟକ ନୁହେଁ, ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ। ଯାହାର ସୁଗନ୍ଧ ଏବଂ ସ୍ୱାଦ ସମସ୍ତଙ୍କୁ ଯେତିକି ପସନ୍ଦ, ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସମାନ ଭାବରେ ଲାଭଦାୟକ। କେବଳ ଲବଙ୍ଗ ନୁହେଁ, ଏହାର ପାଣି ମଧ୍ୟ ସ୍ୱାସ୍ଥ୍ୟ ଉପରେ ବହୁତ ଭଲ ପ୍ରଭାବ ପକାଇଥାଏ। ଯଦି ଏହାକୁ ଶୋଇବା ପୂର୍ବରୁ ସେବନ କରାଯାଏ, ତେବେ ଅନେକ ପ୍ରକାରର ରୋଗରୁ ରକ୍ଷା ପାଇହେବ। ଆସନ୍ତୁ ଜାଣିବା ଏହାର ଲାଭ...*

#### ଜାଣନ୍ତୁ ଲବଙ୍ଗ ପାଣି କିପରି ପିଇବେ

ଲବଙ୍ଗର ସେବନ ଶରୀର ପାଇଁ ଅନେକ ଦୃଷ୍ଟିରୁ ଲାଭଦାୟକ ବୋଲି ବିବେଚନା କରାଯାଏ। କିନ୍ତୁ ରାତିରେ ଲବଙ୍ଗ ପାଣି ପିଇବା ଦ୍ୱାରା ଶରୀର ଉପରେ ଅନେକ ପ୍ରଭାବ ପଡ଼ିଥାଏ। ଏଥିପାଇଁ ଦୁଇଟି ଲବଙ୍ଗକୁ ପାଣିରେ ଫୁଟାନ୍ତୁ। ତା'ପରେ ଏହି ପାଣି ଥଣ୍ଡା କିମ୍ବା ଉଷୁମ ଥିବା ବେଳେ ସେବନ କରନ୍ତୁ।

#### ଯକୃତକୁ ସଫା କରେ

ଲବଙ୍ଗ ପାଣି ପିଇବା ଦ୍ୱାରା ଯକୃତକୁ ବିଷମୁକ୍ତ କରିବାରେ ମଧ୍ୟ ସାହାଯ୍ୟ ମିଳିଥାଏ। ଏକ ଅଧ୍ୟୟନ ଅନୁଯାୟୀ, ଏଥିରେ ମିଳୁଥିବା ୟୁଜେନାଲ୍ ପ୍ରଦାହ ଏବଂ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିବାରେ ସାହାଯ୍ୟ କରେ, ଯାହା ଯକୃତକୁ କ୍ଷତି ପହଞ୍ଚାଇପାରେ।

#### ପାଚନ ପ୍ରଣାଳୀ ମଜବୁତ ହୁଏ

ପାଚନ ପ୍ରଣାଳୀ ମଜବୁତ ହୁଏ ରାତ୍ରି ଭୋଜନ ପରେ ଲୋକମାନେ ପ୍ରାୟତଃ ଗ୍ୟାସ୍, ବଦହଜମି ଭଳି ପାଚନ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏପରି ପରିସ୍ଥିତିରେ, ଲବଙ୍ଗ ପାଣି ଆରାମ ଦେଇପାରେ। ଏହାର ସେବନ ପାଚନ ସମସ୍ୟା ଦୂର କରିବାରେ ଏକ ଗେମ ଚେଞ୍ଜର ଭାବରେ କାମ କରିପାରିବ। ଏକ ଅଧ୍ୟୟନ ଅନୁଯାୟୀ, ଲବଙ୍ଗ ଡାଇରିଆ ଏବଂ ପେଟର ବିରକ୍ତିର ଲକ୍ଷଣ ଦୂର କରିବାରେ ପ୍ରଭାବଶାଳୀ। ଏହା ପାଚନ କ୍ରିୟାକୁ ଉନ୍ନତ କରିବାରେ ସାହାଯ୍ୟ କରେ, ଯାହା ପାଚନ କ୍ରିୟାକୁ ଉନ୍ନତ କରିବାରେ ସାହାଯ୍ୟ କରେ।

#### ଆପଣ ବାରମ୍ବାର ଅସୁସ୍ଥ ହେବେ ନାହିଁ

ଉଷୁମ ଲବଙ୍ଗ ପାଣି ପିଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଲବଙ୍ଗ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର, ତେଣୁ ଏହାର ପାଣି ଶରୀରର କ୍ଷତିକାରକ ସଂକ୍ରମଣ ସହିତ ଲଢ଼ିବାର କ୍ଷମତାକୁ ଉନ୍ନତ କରିପାରିବ।

#### ପାଟିର ଯତ୍ନ ନିଏ

ଲବଙ୍ଗରେ ୟୁଜେନାଲ୍ ମିଳିଥାଏ, ଯାହା ଅନେକ ପ୍ରକାରର ପାଟି ସମସ୍ୟା ପାଇଁ ଲାଭଦାୟକ ହୋଇପାରେ। ୟୁଜେନାଲରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଅଛି, ଯାହା ପାଟିରେ କ୍ଷତିକାରକ ଜୀବାଣୁର ବୃଦ୍ଧିକୁ ରୋକିଥାଏ। ଶୋଇବା ପୂର୍ବରୁ ଏହାକୁ ସେବନ କଲେ, ଏହା ନିଶ୍ଚିତ କରିବ ଯେ ଆପଣଙ୍କ ପାଟି ବ୍ୟାକ୍ଟେରିଆ ମୁକ୍ତ ରହିବ।

#### ଚାପରୁ ଦୂରେଇ ରଖେ

ଲବଙ୍ଗରେ ୟୁଜେନାଲ୍ ଥିବାରୁ ଏହା ଚାପ ଏବଂ ଚିନ୍ତା ହ୍ରାସ କରିବାରେ ସହାୟକ ହୋଇପାରେ। ଶୋଇବା ପୂର୍ବରୁ ଲବଙ୍ଗ ପାଣି ପିଇବା ଦ୍ୱାରା ଆପଣ ଚାପମୁକ୍ତ ଅନୁଭବ କରିପାରିବେ। ଯାହା ଭଲ ନିଦରେ ସାହାଯ୍ୟ କରେ।

## ଇଣ୍ଡଷ୍ଟ୍ରିରେ ପାରିଶ୍ରମିକକୁ ନେଇ ପ୍ରଶ୍ନ ଉଠାଇଲେ ୱାମିକା



ଫିଲ୍ମ ଇଣ୍ଡଷ୍ଟ୍ରିରେ ପାରିଶ୍ରମିକରେ ବଡ଼ ତାରତମ୍ୟ ରହିଛି। ଏକ ସାକ୍ଷାତକାରରେ ଏହା କହିଛନ୍ତି 'ଭୂଲ୍ ଚୁକ୍ ମାଫ୍' ନାୟିକା ୱାମିକା ଗବ୍ବି । ତାଙ୍କୁ ପଚରାଯାଇଥିଲା, ଫିଲ୍ମ ଫ୍ଲପ୍ ହେଲେ ମଧ୍ୟ ପୁରୁଷ କଳାକାରଙ୍କ ପାରିଶ୍ରମିକ କାହିଁକି କମେ ନାହିଁ । ଅନ୍ୟପକ୍ଷେ, ମହିଳା କଳାକାର ସର୍ବଦା ସମାଲୋଚନା ଓ ପାରିଶ୍ରମିକ କାଟ ଭଳି ବୋଝର ସମ୍ମୁଖୀନ ହୁଅନ୍ତି । ୱାମିକା କହିଲେ, ଇଣ୍ଡଷ୍ଟ୍ରିରେ ପାରିଶ୍ରମିକରେ ତାରତମ୍ୟ ରହିଛି । ପୁରୁଷ ସାଥୀ କଳାକାରଙ୍କ ତୁଳନାରେ ମହିଳାଙ୍କୁ କମ୍ ପାରିଶ୍ରମିକ ମିଳୁଛି । ୱାମିକା କହିଛନ୍ତି, ପାରିଶ୍ରମିକରେ ତାରତମ୍ୟ ତାଙ୍କୁ ବିଚଳିତ କରେ ନାହିଁ । କିନ୍ତୁ ଏହି ଭାବନା ତାଙ୍କର ବି ଅଛି ଯେ ଜଣେ ମହିଳା ଭାବେ ତାଙ୍କୁ କମ୍ ପାରିଶ୍ରମିକ ମିଳିବ । ତାଙ୍କ କହିବା ଅନୁସାରେ, ଜଣେ ପୁରୁଷ କଳାକାର ଥିଏଟରକୁ ଅଧିକ ଦର୍ଶକ ଟାଣିପାରନ୍ତି କିନ୍ତୁ ଜଣେ ନାୟିକାଙ୍କ ବିନା ଫିଲ୍ମ ହୋଇପାରିବ ନାହିଁ । ବେଳେବେଳେ ନିର୍ମାତା ପ୍ରଚୁର ଅର୍ଥ ଦେଇ ହିରୋକୁ କାଷ୍ଟ୍ କରନ୍ତି। କିନ୍ତୁ ଫିଲ୍ମ ଭଲ ନ ଚାଲିଲେ ସେମାନଙ୍କ ପାରିଶ୍ରମିକ କଟାଯାଏ ନାହିଁ । ତା'ର କାରଣ ସେ ବୁଝିପାରନ୍ତି ନାହିଁ । ପାରିଶ୍ରମିକ ତାରତମ୍ୟ ଦୂର କରିବାକୁ ୱାମିକା ବ୍ୟକ୍ତିଗତ ଭାବେ ଲଢ଼େଇ କରୁଛନ୍ତି ବୋଲି କହିଛନ୍ତି । ନିକଟରେ ମୁକ୍ତିପ୍ରାପ୍ତ ରୋମାଣ୍ଟିକ୍ କମେଡି ଫିଲ୍ମ 'ଭୂଲ୍ ଚୁକ୍ ମାଫ୍'ରେ ରାଜକୁମାର ରାଓଙ୍କ ଅପୋଜିଟ୍‌ରେ ନଜର ଆସିଥିଲେ ୱାମିକା । 'ଦିଲ୍ କା ଦରୱାଜା ଖୋଲ୍ ନା ଡାର୍ଲିଂ', 'ଭୂତ୍ ବଙ୍ଗ୍‌ଲା' ଓ 'ଗୁଡାଚାରୀ ୨'ରେ ସେ ନଜର ଆସିବେ ।

## ୯୦ ବର୍ଷରେ ଡେବ୍ୟୁ କରିବେ ଅମୀରଙ୍କ ମାଆ



ଅଭିନେତା ଆମିର ଖାନ ଆଜିକାଲି ତାଙ୍କ ଆଗାମୀ ଫିଲ୍ମ ସୀତାରେ ଜମିନ ପର ପାଇଁ ଖବରରେ ଅଛନ୍ତି। ଏହି ଫିଲ୍ମ କେବଳ ଏହାର ବିଶେଷ କାହାଣୀ ପାଇଁ ନୁହେଁ ବରଂ ଉତ୍କୃଷ୍ଟ କ୍ୟାମିଓ ପାଇଁ ମଧ୍ୟ ଲଗାତାର ଖବରରେ ରହିଛି। ରିପୋର୍ଟ ହୋଇଛି ଯେ ଅମୀର ଖାନଙ୍କ ମାଆ ଏହି ଫିଲ୍ମ ମାଧ୍ୟମରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଅଭିନେତା ପ୍ରକାଶ କରିଛନ୍ତି ଯେ ତାଙ୍କ ମାଆ ଜୀନତ ହୁସେନ ଜୁନ ୧୩ ତାରିଖରେ ୯୧ ବର୍ଷ ବୟସରେ ପାଦ ଦେବେ। ସେ ତାଙ୍କ ଆଗାମୀ ଫିଲ୍ମ ସୀତାରେ ଜମିନ ପର ସହିତ ବଲିଉଡରେ ଡେବ୍ୟୁ କରୁଛନ୍ତି। ଇଣ୍ଡିଆ ଟୁଡେ ଅନୁଯାୟୀ, ଅମୀର କହିଛନ୍ତି ଯେ ଫିଲ୍ମର ନିର୍ଦ୍ଦେଶକ ଆରଏସ ପ୍ରସନ୍ନା ଆମିରଙ୍କୁ ତାଙ୍କ ମାଆଙ୍କୁ ଫିଲ୍ମରେ ଆସିବାକୁ ରାଜି କରାଇବାକୁ ଅନୁରୋଧ କରିଥିଲେ। ଏହା ପରେ ଅମୀର ଜୀନତଙ୍କୁ ପଚାରିଥିଲେ। ଅମୀରଙ୍କ ଭଉଣୀ ନିଖତ ଖାନ ମଧ୍ୟ ସିତାରେ ଜମିନ ପରର ଏକ ଅଂଶ। ଆମିର କହିଛନ୍ତି ଯେ ଯେତେବେଳେ ସେମାନେ ସୀତାରେ ଜମିନ ପର ପାଇଁ ସୁଟିଂ କରୁଥିଲେ, ତାଙ୍କ ମାଆ ଯିଏ କେବେ ସେଟକୁ ଯାଇ ନଥିଲେ, ସେ ଅମୀରଙ୍କୁ ସ୍ଥାନ ବିଷୟରେ ପଚାରିଥିଲେ। ଅମ୍ମି ଫିଲ୍ମ କିପରି ତିଆରି ହୁଏ ତାହା ଜାଣିବା ପାଇଁ ସୁଟିଂ ଦେଖିବାକୁ ଚାହୁଁଥିଲେ। ଯେତେବେଳେ ଅମ୍ମି ଆଗ୍ରହ ଦେଖାଇଲେ, ମୁଁ କହିଲି- 'ଏଠାକୁ ଆସ।' ମୁଁ ଗାଡ଼ି ପଠାଇଥିଲି ଏବଂ ସେ ମୋ ଭଉଣୀଙ୍କ ସହିତ ସେଟକୁ ଆସିଥିଲେ। ସେ ହ୍ୱିଲଚେୟାରରେ ଆସିଥିଲେ। ଆମେ ହାପି ୱେଡିଂ ଗୀତର ସୁଟିଂ କରୁଥିଲୁ ଏବଂ ଏହା ଏକ ବହୁତ ମଜାଦାର ସୁଟିଂ ଥିଲା। ଅମ୍ମି ଆରାମରେ ବସି ଆମକୁ ଦେଖୁଥିଲେ। ସେତେବେଳେ ଫିଲ୍ମ ଟିମ ହାପି ୱେଡିଂ ଗୀତର ସୁଟିଂ କରୁଥିଲା। ଆମିର ଆହୁରି କହିଥିଲେ, 'ପ୍ରସନ୍ନା ମୋ ପାଖକୁ ଆସି କହିଲେ, 'ସାର୍, ଯଦି ଆପଣଙ୍କର କିଛି ଆପତ୍ତି ନାହିଁ, ତେବେ ଆପଣ କ'ଣ ଆମ୍ମି ଜୀଙ୍କୁ ସଟରେ ସାମିଲ କରିବାକୁ ଅନୁରୋଧ କରିପାରିବେ ? ଏହା ଫିଲ୍ମର ଶେଷ ଗୀତ ଏବଂ ଏହା ଏକ ବିବାହ ଉତ୍ସବର ସିକ୍ୱେନ୍ସ। ସେ ସହଜରେ ଅତିଥିମାନଙ୍କ ମଧ୍ୟରୁ ଜଣେ ହୋଇପାରିବେ। ଏହା ମୋ ପାଇଁ ଏକ ଭାବପ୍ରବଣ କଥା, ମୁଁ ଚାହୁଁଛି ଯେ ସେ ଫିଲ୍ମର ଏକ ଅଂଶ ହୁଅନ୍ତୁ।' ପ୍ରାରମ୍ଭରେ ସଂକୋଚରେ, ଅମୀର ପ୍ରଥମେ ଏହା କରିବାକୁ ମନା କରିଦେଇଥିଲେ। ଆମିର କହିଥିଲେ, 'ମୁଁ ତାଙ୍କୁ କହିଥିଲି, 'ତୁମେ ପାଗଳ ହୋଇଗଲଣି ମୋର ଆମ୍ମିଙ୍କୁ ପଚାରିବାକୁ ସାହସ ହେବ ନାହିଁ। ମୁଁ ତାଙ୍କୁ କିପରି ଫିଲ୍ମରେ ମୋତେ ଏକ ସଟ ଦେବାକୁ କହିବି। ସେ ବହୁତ ଜଦଖୋର। କିନ୍ତୁ ଯେତେବେଳେ ମୁଁ ଶେଷରେ ତାଙ୍କୁ ପଚାରିଲି, ସେ କହିଲେ, 'ହଁ, ଠିକ ଅଛି।' ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଅମୀର କହିଥିଲେ ଯେ ଆମ୍ମି ଗୋଟିଏ କିମ୍ବା ଦୁଇଟି ସଟରେ ଅଛନ୍ତି। ଏହା ମୋର ଏକମାତ୍ର ଫିଲ୍ମ ଯାହାର ସେ ଅଂଶ ହୋଇଛନ୍ତି।

## ବୁଦ୍ଧିମତ୍ତାକୁ ପ୍ରଭାବିତ କରେ ଅଧିକ ମିଠାଜାତୀୟ ଖାଦ୍ୟ


*ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ବୁଦ୍ଧିମତାକୁ ପ୍ରଭାବିତ କରିଥାଏ।*



'ଅତ୍ୟଧିକ ମିଠା ଓ ବୁଦ୍ଧିମତା' ବିଷୟକୁ ନେଇ ହୋଇଥିବା ସର୍ଭେରୁ ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏଭଳି କଥା ଜାଣିପାରିଛନ୍ତି। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ବୁଦ୍ଧିମତାରେ ତାରତମ୍ୟତା ଦେଖିବାକୁ ମିଳିଥିଲା।

## ପୁଣି ଆହାନଙ୍କ୍ ବଲିଉଡ୍ କମ୍‌ବ୍ୟାକ୍

୨୦୨୧ରେ 'ତଡ଼ପ୍' ଫିଲ୍ମ ମାଧ୍ୟମରେ ବଲିଉଡ୍ ଡେବ୍ୟୁ କରିଥିଲେ ଅଭିନେତା ସୁନୀଲ ସେଟ୍ଟୀଙ୍କ ପୁଅ ଆହାନ ସେଟ୍ଟୀ । ସେହି ଫିଲ୍ମରେ ତାଙ୍କ ବିପକ୍ଷରେ ତାରା ସୁତାରିଆ ସ୍କ୍ରିନ୍ ସେୟାର କରିଥିଲେ । ଯଦିଓ ଫିଲ୍ମଟି ବକ୍ସ ଅଫିସ୍‌ରେ ସେଭଳି କିଛି ଯାଦୁ ଦେଖାଇପାରିନଥିଲା ତେବେ ସେଥିରେ ଆହାନଙ୍କର ଅଭିନୟକୁ ସମାଲୋଚକମାନେ ପ୍ରଶଂସା କରିଥିଲେ । ଏପରିକି ଶ୍ରେଷ୍ଠ ନବାଗତ ଭାବେ ସେ ଦୁଇଟି ପୁରସ୍କାର ବି ପାଇଥିଲେ । ତାର ଦୀର୍ଘ ୪ ବର୍ଷ ପରେ ଆହାନ ପୁଣି ବଲିଉଡ୍‌କୁ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି । ଆଗକୁ ତାଙ୍କୁ ଏକ ଆକ୍ସନ୍ ଥ୍ରିଲରରେ ଦେଖିବାକୁ ମିଳିବ । ଲୋକପ୍ରିୟ ବଙ୍ଗଳା ଫିଲ୍ମନିର୍ମାତା ବିର୍ସା ଦାସଗୁପ୍ତା ତାର ନିର୍ଦ୍ଦେଶନା ଦେବେ ବୋଲି ଖବର ମିଳିଛି । ଶିବାଶିଷ ସରକାର ଓ ରିଭୁ ଦାସଗୁପ୍ତା ପ୍ରଯୋଜନାରେ ରହିବେ। ଅକ୍ଟୋବରରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇପାରେ । ଏଥିରେ ଆହାନଙ୍କର ଦମଦାର ଆକ୍ସନ୍ ତାଙ୍କ କ୍ୟାରିୟରକୁ ଏକ ନୂଆ ଦିଗ ଦେବ ବୋଲି କୁହାଯାଉଛି । ଏହି ଫିଲ୍ମ ବ୍ୟତୀତ ଆହାନଙ୍କ ନିକଟରେ ବହୁଚର୍ଚ୍ଚିତ ଫିଲ୍ମ 'ବର୍ଡର'ର ସିକ୍ୱେଲ ରହିଛି ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): ଓଡିଶାର ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ପୁରୀ ଜିଲ୍ଲା ସଂସ୍କୃତି ଭବନ ଠାରେ ରାଜ୍ୟ ସ୍ତରୀୟ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ସଭାପତିତ୍ୱ କରି ରଜମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମାଜସେବୀ ଓ ଶିକ୍ଷାବିତ୍ ଶଶଧର ପଣ୍ଡା ମୁଖ୍ୟବକ୍ତା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଡକ୍ଟର ତ୍ରିଲୋଚନ ବରାଳ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶ୍ରୀମନ୍ଦିର ସେବାୟତ ଶିବନାରାୟଣ ପୂଜାପଣ୍ଡା, ଗୋଟିପୁଅ ନୃତ୍ୟଗୁରୁ ମାଗୁଣୀ ଜେନା, ନିର୍ଦ୍ଦେଶକ ରଙ୍ଗଶାଳା ପୁରୀର ବିକ୍ରମ କୁମାର ସାହୁ, ସାମ୍ବାଦିକ ସର୍ବେଶ୍ୱର ଜେନା ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କଳାକାର କବି ସମାଜସେବୀ ମାନଙ୍କୁ, ଶ୍ରୀକ୍ଷେତ୍ର ଧାମ ସମ୍ମାନ, ଓଡ଼ିଶା ଗୌରବ ସମ୍ମାନ ପ୍ରଦାନ କରିଥିଲେ। ଅପରାହ୍ନରେ ଫେଷ୍ଟିଭାଲ ନିର୍ଦ୍ଦେଶକ ମୋନାଲିସା ଷଡ଼ଙ୍ଗୀ ଓ ପ୍ରଦୀପ କୁମାର ବିହାରୀଙ୍କ ପରିଚାଳନାରେ ରଜ ପ୍ରତିଯୋଗିତା କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ବସନ୍ତ କୁମାର ଦାସ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ରଜ କୁଇନ ଆୱାର୍ଡ଼ ପ୍ରଦାନ କରିଥିଲେ।

# ବିଛାକୁଣ୍ଡି ରାସ୍ତାରେ ୧୮ ହାତୀପଲ, ଲୋକେ ଆତଙ୍କିତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଯୋଡ଼ା ସହର ଉପକଣ୍ଠର ବିଛାକୁଣ୍ଡି ରାସ୍ତାରେ ହାତୀ ପଲର ଆତଙ୍କ ଯୋଗୁଁ ଲୋକେ ଭୟଭୀତ ହୋଇ ପଡିଛନ୍ତି। ବନବିଭାଗ କର୍ମଚାରୀ ଓ ସ୍କ୍ୱାର୍ଡ ନିୟୋଜିତ ଥିଲେ ହେଁ ହାତୀ ଘୋଉଡାଇବାରେ ବିଫଳ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଏହି ହାତୀ ପଲରେ ୩ ଟି ଦନ୍ତା,୯ ଟି ମାଇ ଓ ୬ଟି ହାତୀ ଛୁଆ ଅଛନ୍ତି। ଏହି ହାତୀ ପଲ ବିଛାକୁଣ୍ଡି ଜଙ୍ଗଲରୁ କମାରଯୋଡ଼ା ମଧ୍ୟରେ ରହିଥିବା ଜନବସତି ଅଞ୍ଚଳରେ ଘୁରି ବୁଲୁଛନ୍ତି। ଲୋକେ ଘରୁ ବାହାରକୁ ବାହାରିବା ପାଇଁ ଅସୁରକ୍ଷିତ ମନେ କରୁଛନ୍ତି। ଯୋଡ଼ା,ବିଛାକୁଣ୍ଡି ଓ କମାରଯୋଡ଼ା ରାସ୍ତାଟି ଖଣ୍ଡବନ୍ଧ ଏବଂ ଭୂୟାଁରୋଇଡ଼ା ସହିତ ସଂଯୋଗ ହୋଇ ଥିବାରୁ ଉକ୍ତ ରାସ୍ତାରେ ପ୍ରତିଦିନ ଲୋକେ ଯାତାୟାତ କରୁଛନ୍ତି। ତତସହିତ ଖଣ୍ଡବନ୍ଧ ଖଣି ଅଞ୍ଚଳକୁ ଶ୍ରମିକମାନେ ନିୟମିତ ଯାଆସ କରୁଛନ୍ତି। ହାତୀପଲ ରାସ୍ତା କଡ଼ରେ ବିଚରଣ କରୁଥିବାରୁ



ଲୋକେ ଯାତାୟତରେ ଗନ୍ତବ୍ୟ ସ୍ଥଳକୁ ବିଳମ୍ବରେ ପହଂଚୁଛନ୍ତି। ଗତ ଦଶଦିନ ହେବ ଏହି ହାତୀପଲ ଉକ୍ତ ଅଞ୍ଚଳରେ ବିଚରଣ କରୁଛନ୍ତି। ବନବିଭାଗର ମାତ୍ର ଜଣେ କର୍ମଚାରୀ ଓ ଚାରି ଜଣ ସ୍କ୍ୱାଡ ନିୟୋଜିତ ଥିବାରୁ ହାତୀ ପଲ ଘଉଡାଇ ବାରେ ସକ୍ଷମ ହୋଇ ପାରୁନଥିବା ସାଧାରଣରେ ଅଭିଯୋଗ ହେଉଛି। ଜନଜୀବନ ପ୍ରତି ହାତୀ ଉପଦ୍ରବର ଆଶଙ୍କା ରହିଥିବାରୁ ବନ ବିଭାଗ ହାତୀ ଘଉଡାଇ ପାଇଁ ଅଧିକ ସ୍କ୍ୱାର୍ଡ୍ ନିୟୋଜିତ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଯୋଡ଼ା ସହର ବାସି ଦାବି କରିଛନ୍ତି। ଏଦିଗରେ ବନ ବିଭାଗ ଜନସାଧାରଣଙ୍କର ସୁରକ୍ଷା ଦିଗରେ ହାତୀ ଗତିବିଧି ଉପରେ କଡ଼ା ନଜର ରଖାଯାଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ପ୍ରକାଶ କରିଛନ୍ତି। ତେବେ ଯୋଡ଼ା ସହର ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଖଣି ଖନନ ଯୋଗୁଁ ସର୍ବ ପୁରାତନ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଖଣି କମ୍ପାନୀ ମାନେ ଜଙ୍ଗଲ ଧ୍ୱଂସ କରି ଚାଲି ଥିବା ବେଳେ ନୂତନ ଜଙ୍ଗଲ ସୃଷ୍ଟି କରୁନାହାଁନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଜଙ୍ଗଲ ଜମିରେ ଜଙ୍ଗଲ କାଟି ଖଣିଜ ଉତ୍ତୋଳନ କରିବା ପାଇଁ ବିଭିନ୍ନ ଖଣି କମ୍ପାନୀ ଗୁଡ଼ିକୁ ପରିବେଶୀୟ ଅନୁମୋଦନ ଦେଇ ଚାଲିଛି। ଜଙ୍ଗଲ ଧ୍ୱଂସ ରୋକିବା ପାଇଁ ଏବଂ ବୃକ୍ଷ ରୋପଣ କରି ଜଙ୍ଗଲ ବୃଦ୍ଧି କରିବା ପାଇଁ କୌଣସି ଖଣି କମ୍ପାନୀ ପଦକ୍ଷେପ ନେଉନାହାନ୍ତି। ଫଳରେ ଜଙ୍ଗଲ ଉଜୁଡ଼ି ଯିବା ଯୋଗୁଁ ହାତୀ ସହିତ ଅନ୍ୟ ବନ୍ୟ ଜନ୍ତୁ ମାନେ ଜଙ୍ଗଲରେ ଖାଦ୍ୟ ପାଉ ନାହାଁନ୍ତି। ଯାହାଦ୍ୱାରା ଖାଦ୍ୟ ଅନ୍ୱେଷଣ ପାଇଁ ହାତୀ ଉପଦ୍ରବ ଜନବସତି ଗୁଡିକରେ ବୃଦ୍ଧି ପାଉଛି ଏବଂ ହାତୀ ମଣିଷ ମୁହାଁ ମୁହିଁ ହେବା ଯୋଗୁଁ ଲୋକଙ୍କ ଜୀବନ ହାନି ହେଉଛି। ଏଦିଗରେ ବନ ବିଭାଗ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଜଙ୍ଗଲ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ସୁରକ୍ଷା ପ୍ରତି ଦୃଷ୍ଟି ଦେବାପାଇଁ ଲୋକେ ଦାବି କରିଛନ୍ତି।

# ରାଜନଗର ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ରାଜନଗର ପଞ୍ଚାୟତରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ତାଲିମ ଶିବିରେ ବ୍ଲକ କୃଷି ଅଧିକାରୀ ଅମର ପ୍ରସାଦ ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଭାରତୀୟ ଅନୁସନ୍ଧାନ ପରିଷଦର ବୈଜ୍ଞାନିକ ଡ. ରାଜଲକ୍ଷ୍ମୀ ବେହେରା, ରାଣୀତାଲ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ମହନ୍ତ ଓ ଡ. ବିଜୟଲକ୍ଷ୍ମୀ ରାଉତ, ବରିଷ୍ଠ ଗବେଷିକା ଭାନୁମତୀ ଧନ୍ଦା, ସରପଞ୍ଚଙ୍କ ପ୍ରତିନିଧି ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ସନାତନ ବାରିକ ପ୍ରମୁଖ ଯୋଗଦେଇ ଚାଷୀମାନେ ଅଧିକ



ଅମଳ ପାଇଁ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ଅବଲମ୍ବନ କରିବା ଆବଶ୍ୟକ ବୋଲି କହିଥିଲେ। ଶିବିରରେ କୃଷି ବୈଜ୍ଞାନିକ ଓ ଗବେଷକମାନେ ଖରିଫ୍ ଚାଷ, ପନିପରିବା ଚାଷ, ମାଛ ଚାଷ, ଡାଲିଜାତୀୟ ଚାଷ, ଆଖୁ, ଅଦା, ପଶୁପାଳନ ଇତ୍ୟାଦି ଚାଷ ଉପରେ ତାଲିମ ଦେଇଥିଲେ। ଡିଟିଏମ ରଂଜିତ କୁମାର ସାହୁ, ଏଟିଏ ଅନୁରାଗ ନାୟକ, ଗିରିଜାଶଂକର ରାୟ ଚୌଧୁରୀ, ବ୍ଲକ ଉଦ୍ୟାନ ବିଭାଗ ଅଧିକାରୀ ବିଜୟ କୁମାର ସିଂ ଓ ସତ୍ୟବ୍ରତ ନାୟକ, ମତ୍ସ୍ୟ ବିଭାଗ ଅଧିକାରୀ ସୁଚିତ୍ରା ବେହେରା ଓ ସଂଗୀତା ପତି, ଗ୍ରାମ୍ୟ କୃଷି କର୍ମଚାରୀ ତ୍ରିନାଥ ଭୋଇ, ସନ୍ତୋଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଜ୍ରପାତରେ ଦୁଇ ଗାଈ ମୃତ



ନିଆଳି, (ଭାସ୍କର ନ୍ୟୁଜ): ନିଆଳି ବ୍ଲକ ଦେବୀକନ୍ଦଳ ଦୀପାଞ୍ଚଳ ଏକବରୁଆ ପଞ୍ଚାୟତ ନାଟି ଗ୍ରାମରେ ସୋମବାର ଅପରାହ୍ନ ରେ ବଜ୍ରପାତ ଘଟି ଦୁଇଟି ଗାଈ ମୃତ୍ୟୁ ହୋଇଥିବା ଜଣାଯାଇଛି। ନାଟି ଗ୍ରାମର ଭଗବାନ ଦାଶ ଓ ସୁଷମା ପ୍ରଧାନଙ୍କ ଗାଈ ଗହିରରୁ ଚରା ସାରି ଘରକୁ ଫେରୁଥିବା ବେଳେ ବର୍ଷା ପବନ ଶହ ଘଡ଼ଘଡ଼ି ପଡି ଦୁଇଟି ଗାଈ ମୃତ୍ୟୁ ବରଣ କରିଛନ୍ତି। ଘଟଣା ସ୍ଥଳରେ ପ୍ରାଣୀ ଚିକିତ୍ସା ବିଭାଗ ର କୌଣସି କର୍ମଚାରୀ ପହଞ୍ଚି ନାହାନ୍ତି।

## ନୂତନ ସମବାୟ ଉପନିବନ୍ଧକଙ୍କୁ ସାକ୍ଷାତ



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ): ଭଦ୍ରକ ସମବାୟ ସମିତି ସମୂହ ଉପନିବନ୍ଧକ ଭାବେ ସୋମବାର ଯୋଗ ଦେଇଥିବା ଦୁଃଖିଆ ଟୁଡୁଙ୍କୁ ସମବାୟ ସମିତି କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ସୌଜନ୍ୟମୂଳକ ସାକ୍ଷାତ କରିଥିବା ଜଣାଯାଇଛି। ଜିଲ୍ଲା ସଂଘ ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ରଙ୍କ ନେତୃତ୍ୱରେ ବାସୁଦେବପୁର ସଭାପତି ତନ୍ମୟ ମହାନ୍ତି, ଚାନ୍ଦବାଲି ସଭାପତି ବୃନ୍ଦାବନ ଭୋଳ, ଭଦ୍ରକ ବ୍ଲକ ସଭାପତି ଗୌରାଙ୍ଗ ନାୟକ, ଧାମନଗର ସଭାପତି ରଙ୍ଗାଧର ସେଠୀ ଓ ଭଣ୍ଡାରିପୋଖରୀ ସଭାପତି ରାଜେନ୍ଦ୍ର କୁମାର ଖଣ୍ଡାଇ ଓ ସହକାରୀ ସମବାୟ ଉପନିନ୍ଧକ ଆଲୋକ ବଲ୍ଲଭ ସାହାଣୀ ପ୍ରମୁଖ ଟୁଡୁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଜିଲ୍ଲାରେ ସମବାୟ ସମିତିଗୁଡିକର ସୁଚାରୁ ପରିଚାଳନା ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଜି କାର୍ଯ୍ୟାଳୟରେ ଯୋଗଦାନ କରିଥିବା ଟୁଡୁ ପ୍ରତିଶ୍ରୁତି ଦେଇଥିଲେ।

## ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧଦିବସ ପାଳିତ

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ପଦ୍ମପୁର ମଣ୍ଡଳ ସ୍ତରରେ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୨୫ ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଥିଲା। ଏଥିରେ ଉଭୟ ପଦ୍ମପୁର ଓ ଆଖୁସିଂ ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହା ପଦ୍ମପୁର ସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଗୋପାଳ ସାହୁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ବିର୍ଷମୁଣ୍ଡାଙ୍କ ଜୀବନୀ ଉପରେ କିଛି କହିଥିଲେ। ଏଥିରେ ଏସଟି ମୋର୍ଚ୍ଚା ରାଜ୍ୟ



ସମ୍ପାଦକ ବିଦ୍ୟାଧର ଶବର, ଗୋପାଳ ସାହୁ, ନଚିକେତା ସାହୁ, ଜଗନ୍ନାଥ, ସୁଜିତ୍, ସାରଙ୍ଗ, ସନ୍ତୋଷ, ବିକାଶ, ବାଲୁ, ବାବୁଲା, ବାବୁ, ମୁରଲୀ, ପ୍ରଶାନ୍ତ, ଦେବରାଜ, ଦଇତାରୀଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ।

# ମା’ କିଚକେଶ୍ୱରି ଏକାଡେମିର ବାର୍ଷିକ ଉତ୍ସବ




କରଞ୍ଜିଆ, (ଭାସ୍କର ନ୍ୟୁଜ): କରଞ୍ଜିଆ ସ୍ଥିତ ମା’ କିଚାକେଶ୍ୱରି ଏକାଡେମିର ଦ୍ୱିତୀୟ ବାର୍ଷିକ ଉତ୍ସବ ସାଇ ସାଗର କନକ୍ଲେଭ ଠାରେ ଅନୁଷ୍ଠାନର ସଭାପତି କୃଷ୍ଣଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରେସ କ୍ଲବ୍ ସମ୍ପାଦକ କର୍ଣ୍ଣାର୍ଜୁନ୍ ସାହା ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଓ ଚରିତ୍ର ଗଠନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଗାଲୁସାହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନାରାୟଣ ସାହୁ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଏବିଓ ରତ୍ନାକର ମହାନ୍ତ ଓ ଜାମୁଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ମହନ୍ତ ଯୋଗଦେଇ ଏକାଡେମୀର ପଦକ୍ଷେପକୁ ପ୍ରଶଂସା କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଥମେ ଅନୁଷ୍ଠାନର ଅଧ୍ୟକ୍ଷା ସୁଭଦ୍ରା ରାଉତ ଅତିଥି ପରିଚୟ ସହିତ ସ୍ୱାଗତ ଭାସଣ ପ୍ରଦାନ କରିଥିଲେ। ପରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସୁଭଦ୍ରା ରାଉତ, ଭବାନି ପାଲ, ବନ୍ଦନା ଗ୍ରହାଚାର୍ଯ୍ୟ, ମୋନାଲିସା ମହାନ୍ତ, ଆକାଶ ପାଲ, ରଘୁନାଥ ନାୟକ, ବଳରାମ ନାୟକ, ଯୋଗବନ୍ଧୁ ପାତ୍ର, ଯଯାତୀ କିଶୋର ମହନ୍ତ, ହାପି ମହାନ୍ତ, ଅବନ୍ତିକା ସାହା, ମଧୁସ୍ମିତା ନାୟକ, ସସ୍ମିତା ରାଉତ ପ୍ରମୁଖ ପରିଚାଳନା କରିଥିଲେ। ଏହି ଏକାଡେମୀରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପଢିବାର ବ୍ୟବସ୍ଥା ରହିଛି ବୋଲି ଅନୁଷ୍ଠାନର ପରିଚାଳକ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରକାଶ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାଢ଼ା କାମକୁ ତଦାରଖ କଲେ ବିଭାଗୀୟ ଉପରିସ୍ଥ ଅଧିକାରୀ

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ): କଣ୍ଟାପଡ଼ା ବ୍ଲକ ଅଡ଼ସପୁର ପଂଚାୟତରେ ପାଣି ପଞ୍ଚାୟତ ପକ୍ଷରୁ କ୍ଷେତକୁ ଜଳ ଯିବା ନିମନ୍ତେ ହେଉଛି କାଢ଼ା କାମ। ଏହି କାଢ଼ା କାମକୁ ତଦାରଖ କରିବା ନିମନ୍ତେ ଉକ୍ତ ବିଭାଗର ଯନ୍ତ୍ରୀ, ଏସଡିଓ, କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ତଦାରଖ



କରି ପାଣି ପଞ୍ଚାୟତର ସଭାପତି ମହାପାତ୍ରଙ୍କୁ କାର୍ଯ୍ୟ ପାଇଁ ପ୍ରଶଂସା କରିଛନ୍ତି। କାଢ଼ା କାମ ସଠିକ ଭାବରେ କରାଯାଇଥିବା କହିଛନ୍ତି। ଠିକ ସମୟରେ କାଢ଼ା କାମ ଶେଷ ହୋଇ ଧାନ ରୁଆ ପୂର୍ବରୁ କାଡା କାର୍ଯ୍ୟ ଶେଷ କରାଯାଇ ପାଣି କ୍ଷେତକୁ ଯୋଗେଇ ଦିଆଯିବ।

## ବଜ୍ରପାତ ରୋକିବାରେ ତାଳଗଛ ହେବ ସହାୟକ

# ଗଛ କମିବାରୁ ବଢୁଛି ବଜ୍ରପାତ, ଯାଉଛି ଜୀବନ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): କିଛିଦିନ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବଜ୍ରପାତ ପଡ଼ି ଏକ ପରିବାର ଆହତ ହେବା ସହ ଜଣେ ମହିଳାଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। କିଛି ବର୍ଷ ତୁଳନାରେ ଏବେ ବହୁ ମଣିଷ ବଜ୍ରପାତରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପଶୁପକ୍ଷୀମାନଙ୍କର ମଧ୍ୟ ଜୀବନ ଯାଉଛି। ଯାହାକୁ ନେଇ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହୋଇଛି। ବଜ୍ରପାତକୁ ରୋକିବା ପାଇଁ ଗ୍ରାମ ଗୁଡିକରେ ତାଳ ଗଛ ଲଗାଇ ସଚେତନତା ସୃଷ୍ଟି କରାଯାଉ। ପୂର୍ବରୁ ବହୁ ଗାଁ, ଗଣ୍ଡା, ବିଲ ଓ ତୋଟାରେ ତାଳ ଗଛ ରହିଥିଲା। ଏହି ତାଳ ଗଛର ଚାହିଦା ମଧ୍ୟ ରହିଥିଲା। ଏହି ଗଛ ଘର ତିଆରିରେ ବ୍ୟବହାର କରାଯିବା ସହିତ ତାଳପତ୍ର ଓ ତାଳଶିରାରେ ଘରୋଇ ଉପକରଣ ତିଆରି ହେଉଥିଲା। ଖରାଦିନେ ତାଳସଜ ଖାଇବାର ମଜା



ନିଆରା ରହିଛି। ବର୍ଷାଦିନେ ପାଚିଲା ତାଳର ପ୍ରସ୍ତୁତ ପିଠା ଖାଇବାକୁ ସ୍ୱାଦିଷ୍ଟ ଲାଗେ। କିନ୍ତୁ ଏବେ ଗାଁ ଗହଳିରେ ତାଳ ଗଛ ଦେଖିବାକୁ ମିଳୁନାହିଁ। ଯେଉଁଠି ତାଳ ଗଛ ରହିଛି ସେଠାରେ ଗାଁର କିଛି ମୁଷ୍ଟିମେୟ ଓ ଅର୍ଦ୍ଧଶିକ୍ଷିତ ଅବା ମୂର୍ଖାମୀ ଲୋକମାନେ ଗଛ କାଟି ଦେଉଥିବା ବେଳେ ରୋପଣ କରିବାକୁ ଆଗ୍ରହ ସୃଷ୍ଟି ହେଉନାହିଁ। ଏବେ ଦିନକୁଦିନ ତାଳ ଗଛ ଦେଖିବାକୁ କମିଯାଇଛି। ତାଳ ଗଛ ବହୁ ବଡ଼ବଡ଼ ହୋଇଥିବାରୁ ବଜ୍ରପାତ ହେଲେ ତାଳ ଗଛକୁ ହିଁ ମାରିଥାଏ। ଏଭଳି କ୍ଷେତ୍ରରେ ବଜ୍ରପାତ ଗାଁ ଗଣ୍ଡା ଓ ବିଭିନ୍ନ ସ୍ଥାନକୁ ସିଧା ମାରୁଥିବାରୁ ଗୋରୁଗାଈ, ମଣିଷଙ୍କ ମୃତ୍ୟୁ ସଂଖ୍ୟା ଦିନକୁଦିନ ବୃଦ୍ଧିପାଇଛି। ଯଦି ପ୍ରଶାସନ ଏହି କ୍ଷେତ୍ରରେ ଦୃଷ୍ଟି ଦେଇ ବିଭିନ୍ନସ୍ଥାନରେ ତାଳଗଛ ଲଗାଯିବାକୁ ସଚେତନତା ସୃଷ୍ଟି କରାଯାଇ ପାରନ୍ତା ତେବେ ଆଗାମୀ ପିଢ଼ି ବଜ୍ରପାତରୁ କିଛିଟା ରକ୍ଷା ପାଇପାରନ୍ତା ବୋଲି କିଛି ପରିବେଶବିତ୍ ମତ ଦେଇଛନ୍ତି। ଅନ୍ୟପକ୍ଷରେ ନିର୍ବାଚିତ ପ୍ରତିନିଧି ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ତାଳଗଛ ଲଗାଇବା ପାଇଁ ସ୍ୱତନ୍ତ୍ର ଯୋଜନା କରି ପ୍ରକଳ୍ପ ମାଧ୍ୟମରେ କାର୍ଯ୍ୟକ୍ରମ କରାଯାଇ ପାରନ୍ତା ତେବେ ଗାଁ ଲୋକମାନେ ଏଥିରେ ସାମିଲ ହୋଇପାରନ୍ତେ। ତେଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପ୍ରଚୁର ତାଳ ଗଛ ଲଗାଇବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ବଜ୍ରପାତକୁ ରୋକାଯାଇ ପାରନ୍ତା ବୋଲି ପରିବେଶବିତ ମତ ପୋଷଣ କରିଛନ୍ତି।

# ବସୁଧା ଟାଙ୍କିରେ ନାହିଁ ପାଣି, ଶୋଷ ମେଣ୍ଟାଉଛି ଝର ପାଣି



ବନ୍ଧୁଗାଁ, (ଭାସ୍କର ନ୍ୟୁଜ): ବନ୍ଧୁଗାଁ ବ୍ଲକ ଜାଗୁଗୁଡା ପଞ୍ଚାୟତ ତାଡ଼ିଙ୍ଗିଡଙ୍ଗର ଗାଁରେ ବସୁଧା ପାଣି ଟାଙ୍କି ଥାଇ ମଧ୍ୟ ଝରଣାରୁ ପିଉଛନ୍ତି ପାଣି। ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଗାଁକୁ ବିଶୁଦ୍ଧ ପାଇପ ପାଣି ଯୋଗାଇ ଦେବାର ପ୍ରତିଶ୍ରୁତି ଯେପରି ଏଠାରେ ସାତ ସପନ ପାଲଟିଛି। ୩ବର୍ଷ ତଳେ କଳ୍ପନା କରାଯାଇଥିଲା ବସୁଧା ଯୋଜନାରେ ଲୋକେ ବିଶୁଦ୍ଧ ପିଇବା ପାଣି ପାଇବେ। ୨୦୨୩ ମସିହାରେ ବସୁଧା ଯୋଜନାରେ ନିର୍ମିତ ହୋଇଛି ବସୁଧା ଓଭରହେଡ ଟାଙ୍କି ଏବଂ ଟାଙ୍କିର ସୁରକ୍ଷା ପାଇଁ ପାଚେରୀ ମଧ୍ୟ ନିର୍ମାଣ ହୋଇଛି। ଗାଁକୁ ପାଇପ୍ ଲାଇନ୍ ବିଛାଯାଇଛି ଏବଂ ଟ୍ୟାପ ନିର୍ମାଣ ସରିଛି। ବିନା ନଳକୂପରେ ଗାଁ ରୁ ୫୦୦ ମିଟର ଦୂରରେ ଥିବା ଏକ ଝରଣାରୁ ପାଇପ୍ ଯୋଗେ ଟାଙ୍କିକୁ ସଂଯୋଗ କରାଯାଇଥିଲା ଏଥିପାଇଁ ଖର୍ଚ୍ଚ ହୋଇଥିଲା ୨୦ ଲକ୍ଷ ୧୪ ହଜାର ୫୦୦ ଶହ ୩୭ ଟଙ୍କା କିନ୍ତୁ ସେହି ଝରଣା ଶୁଖି ଯିବାରୁ ଆଜି ପର୍ଯ୍ୟନ୍ତ ଲୋକେ ପାଇ ପାରୁନାହାନ୍ତି ବିଶୁଦ୍ଧ ପାନୀୟ ଜଳ। ଯାହାକୁ ନେଇ ତାଡିଗିଂ ଡଗଂର ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଗ୍ରାମବାସୀ ମାନଙ୍କର ଝରଣାର ପାଣିରେ ବିତୁଛି ଜୀବନ। ପିଇବା ପାଣିଠାରୁ ଆରମ୍ଭ କରି ସବୁ କିଛି ସେହି ଝରଣା ଉପରେ ନିର୍ଭର କରିବାକୁ ପଡୁଛି। କୋରାପୁଟ ଜିଲ୍ଲା ପ୍ରଶାସନ ଏବଂ ନିର୍ବାଚିତ ଜନପ୍ରତିନିଧିଙ୍କ ନଜର ଆଢୁଆଳରେ ରହିଯାଇଛି ଏହି ଦୃଶ୍ୟ। ବର୍ଷ ବର୍ଷ ଧରି ଝରଣାର ପାଣି ଜନସାଧାରଣଙ୍କ ଶୋଷ ସହିତ ସମସ୍ତ ଆବଶ୍ୟକତାକୁ ମେଣ୍ଟାଇ ଚାଲିଛି। ଗାଁରେ ନଳକୂପ, କୂଅ ଓ ପୋଖରୀ ନ ଥିବା କାରଣରୁ ଉକ୍ତ ଗ୍ରାମରେ ବସବାସ କରୁଥିବା ୫୪ ପରିବାରର ଲୋକେ ଗାଁରୁ ପ୍ରାୟ ଅଧ କିଲୋମିଟର ଦୂର ଝରଣା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିବାକୁ ପଡୁଛି। ଫଳରେ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଲକ୍ଷାଧିକ ଟଙ୍କାରେ ନିର୍ମିତ ବସୁଧା ଯୋଜନା ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ ମଧ୍ୟ ଠିକାଦାର ଓ ଯନ୍ତ୍ରୀ ମାନଙ୍କ ସଲା ସୂତରାରେ ସବୁ କିଛି ଠିକ ଠାକ୍ ଚାଲିଥିବା ଜାଣିବାକୁ ମିଳିଛି। ଏଥି ପାଇଁ ଗାଁରେ ଅତିଶୀଘ୍ର ପିଇବା ପାଣି ସମସ୍ୟା ସମାଧାନ ପାଇଁ ନୂତନ ନଳକୂପ ଖୋଳିବା ନିମନ୍ତେ ପ୍ରଶାସନ ଓ ନିର୍ବାଚିତ ଜନପ୍ରତିନିଧି ମାନଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ‘ଓଡିଶାବାସୀଙ୍କ ପାଇଁ ନନ୍ଦିନୀଙ୍କ ଦିଗ୍‌ଦର୍ଶନ ଅବିସ୍ମରଣୀୟ’



ଢେଙ୍କାନାଳ, (ଭାସ୍କର ନ୍ୟୁଜ): ନନ୍ଦିନୀ ଦେବୀଙ୍କ ନେତୃତ୍ୱ ଏବଂ କାର୍ଯ୍ୟଶୈଳୀ ଆଜି ବି ଲୋକମୁଖରେ ଚର୍ଚ୍ଚିତ। ଓଡ଼ିଶାବାସୀଙ୍କ ପାଇଁ ତାଙ୍କର ଦିଗ୍‌ଦର୍ଶନ ଅବିସ୍ମରଣୀୟ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ୍ କୁମାର କର ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ‘ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ’ର ସଭାଗୃହରେ ‘ସ୍ମୃତିରେ ନନ୍ଦିନୀ’ ଶୀର୍ଷକ ଆଲୋଚନାଚକ୍ର ସୋମବାର ମଧ୍ୟାହ୍ନରେ ଆୟୋଜିତ ହୋଇଥିଲା। ଏହି ଅବସରରେ ନନ୍ଦିନୀ ଦେବୀଙ୍କ ନୂତନ ପ୍ରତିକୃତିରେ ‘ଅକ୍ଷମ କଲ୍ୟାଣ ସମିତି’ର ସଭାପତି ପ୍ରଦ୍ୟୁମ୍ନ ରଥ ମାଲ୍ୟାର୍ପଣ କରିଥିଲେ। ଡଃ ଧୀରେନ୍ଦ୍ର କୁମାର ଷଡଙ୍ଗୀଙ୍କ ରଚିତ ‘ତ୍ରିଭାଷୀ ବ୍ରେଲି ବର୍ଣ୍ଣବୋଧ’ (ଓଡିଆ, ହିନ୍ଦୀ ଓ ଇଂରାଜୀ) ପୁସ୍ତକ ଏବଂ ‘ଦୃଷ୍ଟିହୀନ ଶିଶୁଙ୍କ ଲାଳନ ପାଳନ ଓ ବୌଦ୍ଧିକ ବିକାଶ’ ଶୀର୍ଷକ ଦୁଇଟି ପୁସ୍ତକକୁ ମୁଖ୍ୟ ଅତିଥି ଡିଏଫ୍‌ଓ କର ଲୋକାର୍ପଣ କରିଥିଲେ। ସଭାରେ ଅଧ୍ୟକ୍ଷତା କରି ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ ଢେଙ୍କାନାଳର ଶିକ୍ଷା, ଶିଳ୍ପ ଓ କୃଷି କ୍ଷେତ୍ରରେ ନନ୍ଦିନୀ ଦେବୀଙ୍କ ଅବଦାନ ସ୍ମରଣ କରିଥିଲେ। ଢେଙ୍କାନାଳରେ ମହିଳା ମହାବିଦ୍ୟାଳୟ, ଷ୍ଟାଡିୟମ୍, ଉପଗ୍ରହ ପ୍ରଶାରିତ ଶିକ୍ଷା କାର୍ଯ୍ୟକ୍ରମ, ଗୋବିନ୍ଦପୁର ସୂତାକଳ, ସିମିନଇ କଳତନ୍ତ ଓ ଉତ୍କଳ ଆଜବେଷ୍ଟସ୍ ଆଦି ପ୍ରତିଷ୍ଠାରେ ନନ୍ଦିନୀ ଦେବୀ ଅଗ୍ରଦୂତ ଥିଲେ। ଆଲୋଚନା ଚକ୍ରରେ ଢେଙ୍କାନାଳ ବାର୍ ଆସୋସିଏସନ୍‌ର ଉପସଭାପତି ଟଙ୍କଧର ବେହେରା, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ସମୀର ସାହୁ, ସମାଜବାଦୀ ନେତା ସରୋଜ ଶତପଥୀ, କବୟତ୍ରୀ ନିର୍ମଳା ମହାପାତ୍ର, ରାଜକୁମାର ରାଜୀବ ଲୋଚନ ସିଂହଦେଓ, ଆଇନ୍‌ଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ପଦ୍ମଲୋଚନ ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ଦିବାକର ସାହୁ, ପ୍ରଧାନଶିକ୍ଷକ ମନୋଜ ପାଣିଗ୍ରାହୀ ଓ ଅକ୍ଷମ କଲ୍ୟାଣ ସମିତିର କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ ପ୍ରମୁଖ ଭାଗନେଇ ନନ୍ଦିନୀ ଦେବୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଚାଳନା କମିଟି ସଭ୍ୟ ଶରତ ସାହୁ ସଭା ସଂଯୋଜନା କରିଥିଲେ। ଦୃଷ୍ଟିହୀନ ବିଭାଗର ପ୍ରଧାନଶିକ୍ଷକ ମନୋଜ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ଢେଙ୍କାନାଳ, (ଭାସ୍କର ନ୍ୟୁଜ): ସଦର ବ୍ଲକ୍ ଅନ୍ତର୍ଗତ ଚାଉଳିଆ ପଂଚାୟତ ଖମାର ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଗ୍ରାମବାସୀଙ୍କ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ସଦର ଏସଡିପିଓ ରମେଶ ଦୋରା ଓ ସଦର ବ୍ଲକ୍ ଭାରପ୍ରାପ୍ତ ଅଧ୍ୟକ୍ଷ କାଳନ୍ଦୀ ବାରିକ୍ ଏବଂ ସମ୍ମାନିତ ଅତିଥି ଭାବେ ଗ୍ରାମର ବରିଷ୍ଠ ନାଗରିକ ଅନିରୁଦ୍ଧ ସାହୁ, ଅଜିତ ପଲ୍ଲାର, ବିକାଶ ରଥ, ନର୍ମଳ ନାୟକ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା ଅତିଥି ଭାବେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ରକ୍ତଦାନ ଶିବିରରେ ୧୧୩ୟୁନିଟ୍ ରକ୍ତ ସଂଗ୍ରହ ହୋଇ ଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବ୍‌ର ସଭାପତି ଶିବୁ ପ୍ରସାଦ ବାରିକ, ଉପସଭାପତି ରାକେଶ ଦାସ, ସଦସ୍ୟ ଅସିତ ଦେହୁରୀ, ମହମ୍ମଦ ଇମ୍ରାନ, ରଜତ ଦାଶ, ରାଜେଶ ଦାଶ, ବାଦଲ ବେହେରା ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ। ଢେଙ୍କାନାଳ ରକ୍ତ ଭଣ୍ଡାର ପରମାନନ୍ଦ ପଣ୍ଡା, ଲାବୋରଟୋରୀ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ଅଭିମନ୍ୟୁ ସାହୁ, ବିନୋଦିନୀ ଯୋଗାଣିଆ ଓ ତପନ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି ରକ୍ତଦାନ ଶିବିର ଢେଙ୍କାନାଳ ବଜରଙ୍ଗ କ୍ଲବ୍‌ର ସହାୟତାରେ ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିର ଆଗକୁ ଚାଲୁ ରହିବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

# ଦିଗିରେ ସାଇ ସଂଗଠନର ଜିଲ୍ଲା ଯୁବ ସମ୍ମିଳନୀ

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ବାଲିଖଣ୍ଡ ସତ୍ୟସାଇ ସମିତି ପକ୍ଷରୁ ଦିଗି ଠାରେ ଜିଲା ଯୁବ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ ତ୍ରୟରୁଦ୍ରମ, ଜ୍ୟୋତି ଆବାହନ, ବେଦପାଠ, ଆବାହନୀ ସଂଗୀତ ଗାନ ପରେ ଜିଲ୍ଲା ସଭାପତି ଡାକ୍ତର ରଣଜିତ୍ ଖଟୁଆ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତାପ ଭଞ୍ଜଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଖଟୁଆ, ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବ




ସଂଯୋଜକ ତୁଷାରକାନ୍ତ ନାଥ, ସମ୍ମାନିତ ଅତିଥି ଭାବେ ଜିଲା ଆଇ.ଟି. ସଂଯୋଜକ ଜ୍ୟୋତିପ୍ରକାଶ ସାହୁ, ରାଜ୍ୟ ଆଇ.ଟି ଇନ୍‌ଚାର୍ଜ ରବିନ୍ଦ୍ର କୁମାର ବେହେରା, ଜିଲା ସେବା ସଂଯୋଜକ ଜୟଚନ୍ଦ୍ର ବେହେରା, ତାରାବଲ୍ଲଭ ମହାପାତ, ସାଇଶମ୍ଭୁ ମିଶ୍ର, ଜ୍ୟୋତିପ୍ରକାଶ ସାହୁ, ବାସୁଦେବ ବାରିକ, ରାଜୀବଲୋଚନ ସାହୁ ପ୍ରମୁଖ ଯୋଗଦେଇ ଯୁବଗୋଷ୍ଠୀମାନେ ସତ୍ୟସାଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ସମାଜର ମଙ୍ଗଳ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ପକ୍ଷରୁ ଭାରତୀୟ ସେନା ବାହିନୀର ଜବାନ ହିତେଶ ରଂଜନ ପତିଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ବାଲିଖଣ୍ଡ ସମିତିର ଆବାହକ ବୃନ୍ଦାବନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ପୂର୍ବତନ ଜିଲ୍ଲା ସଭାପତି ଇଂ. ସନାତନ ପାତ୍ର, ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜୟ ପତି, ଅଶୋକ ବଳ, ମନୋଜ କୁମାର ନାୟକ, ଆବାହକ ସଂଜୟ କୁମାର ମହାପାତ୍ର, ଶଶଧର ସାମଲ, ରଶ୍ମୀରଂଜନ ନାୟକ, ଅରୁଣ କୁମାର ସାହୁ, ଦୈତାରୀ ସେଠୀ, ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ତମ କୁମାର ମହାନ୍ତି, ସାମନ୍ତ ମହାପାତ୍ର, ଉଦୟ କୁମାର ବେହେରା, ରଂଜନ କୁମାର ଦାସ, ସନାତନ ଶିଅଳ, ପ୍ରଶାନ୍ତ କୁମାର ମହାନ୍ତି, ସୁଶାନ୍ତ କୁମାର ନାୟକ, ପୁଷ୍ପଲତା ଜେନା, ଈଶ୍ୱରମ୍ମା ଶିଅଳ, କବିଲତା ପଣ୍ଡା, ଗଙ୍ଗାଧର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।




ମାଲକାନଗିରି, (ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚା, ମାଲକାନଗିରି ଶାଖା ତରଫରୁ ଆଜି ମହାମାୟୀ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ମାଲକାନଗିରି ଜିଲ୍ଲାପାଳଙ୍କ ଜରିଆରେ ୩ ଦଫା ବିଶିଷ୍ଟ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମରୂପ ଭାବରେ ସମଗ୍ର ଭାରତ ବର୍ଷରେ ଆଜି ସମସ୍ତ ରାଜ୍ୟର ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ସମାନ ସ୍ମାରକପତ୍ର ପ୍ରଦାନ କରାଯାଇଛି। ୩ ଦଫା ବିଶିଷ୍ଟ ସ୍ମାରକପତ୍ରରେ ଓଡ଼ିଶାରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ସୁରକ୍ଷା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଖ୍ରୀଷ୍ଟିଆନଙ୍କ ବିରୁଦ୍ଧରେ ହିଂସା ଏବଂ ଭେଦଭାବ ପାଇଁ ଦାୟୀ ବ୍ୟକ୍ତିମାନଙ୍କ ତଦନ୍ତ ଏବଂ ଦଣ୍ଡିତ କରିବା। ଭୟ ବିନା ନିଜ ଧର୍ମ ପାଳନ କରିବାର ସ୍ୱାଧୀନତା ସମେତ ସମସ୍ତ ନାଗରିକଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେବା। ଖ୍ରୀଷ୍ଟିଆନ ଭାଇଭଉଣୀମାନଙ୍କୁ ତତ୍କାଳୀନ ସୁରକ୍ଷା, କଲ୍ୟାଣ ଏବଂ ନିରାପତ୍ତା ପ୍ରଦାନ କରିବା ପାଇଁ ମାଲକାନଗିରି ଜିଲା ଖ୍ରୀଷ୍ଟିଆନ ମୋର୍ଚ୍ଚା ସଭାପତି ବିଜୟ ପୁସୁରୁ, ସମ୍ପାଦକ ସାମୁଏଲ ଗୋରଡା, ଜିଲ୍ଲାର ଜଣେ ଯୁବତୁଙ୍ଗ ନେତା ସର୍ବ କୁମାର ବିଶୋଇଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ସମସ୍ତ ଭାଇଭଉଣୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବେଦବର ପ୍ରଧାନଙ୍କୁ ଭେଟି ସ୍ମାରକପତ୍ର ଖଣ୍ଡିକ ଦେବା ସହ ଅବଗତ କରିଥିଲେ।

## ବିଭିନ୍ନ ସହାୟତା ବଣ୍ଟନ ସମ୍ପର୍କରେ ଜିଲ୍ଲାପାଳଙ୍କ ସମୀକ୍ଷା

ରାୟଗଡ, (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ ଦ୍ୱାରା ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ ହେବାକୁ ଥିବା ବିକାଶ ମେଳାର କର୍ଯ୍ୟନ୍ୱୟନ ବିଷୟରେ ଆଲୋଚନା ହୋଇଥିଲା। ଏକ ବର୍ଷ ଭିତରେ ବିଭିନ୍ନ ଯୋଜନାରେ ଉପଲବ୍ଧିକୁ ଲୋକଙ୍କ ପାଖରେ ପହଂଚାଇବା ଉଦେଶ୍ୟରେ ଜନ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ଭାବରେ କରାଯିବ। ଆସନ୍ତା ଜୁନ ୧୨ ତାରିଖରୁ ଆସନ୍ତା ଜୁନ ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲା ସ୍ତରରେ ବିକାଶ ମେଳା ଆୟୋଜନ କରାଯିବ। ଏହାସହିତ ବିକାଶ ବାହାନା ପ୍ରତ୍ୟେକ ବ୍ଲକରେ ପହଂଚି ଗ୍ରାମ ପଂଚାୟତ ମାନଙ୍କରେ ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବେ। ସେହିପରି ପୌରାଞ୍ଚଳ ନିମନ୍ତେ ମଧ୍ୟ ବିକାଶ ବାହନ ପରିକ୍ରମା କରିବ। ନିର୍ବାହୀ ଅଧିକାରୀ ମାନଙ୍କ ତତ୍ତ୍ୱାବଧାନରେ ଏହି ବାହନ ପରିକ୍ରମା କରିବ। ବାହାନକୁ ସ୍ୱାଗତ କରିବା ନିମନ୍ତେ କାର୍ଯ୍ୟକ୍ରମ ବିଡ଼ିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ଦ୍ୱାରା ବ୍ୟବସ୍ଥା କରାଯିବ। ଏହି ସମୀକ୍ଷା ବୈଠକରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡ଼ିଓ ମାନେ ଉପସ୍ଥିତ ଥିଲେ।

## ରାଧାକାନ୍ତ ତ୍ରିପାଠୀଙ୍କ ବିୟୋଗ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ତଳଗୋପବିନ୍ଧା ପଞ୍ଚାୟତ ଅଧୀନ ମାତଗଜପୁର ଗ୍ରାମର ବିଶିଷ୍ଟ ମାନବାଧିକାର କର୍ମୀ ସମାଜସେବୀ ତଥା ସୁପ୍ରିମକୋର୍ଟର ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ (୫୧)ଙ୍କର ରବିବାର ଦିଲ୍ଲୀ ଠାରେ ପରଲୋକ ହୋଇଯାଇଛି। ରବିବାର ଦିନ ପ୍ରାୟ ୧୨.୧୦ ମିନିଟରେ ଦିଲ୍ଲୀସ୍ଥିତ ବାସଭବନରେ ତାଙ୍କର ହୃଦ ଘାତ ହୋଇଥିଲା। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଏମ୍ସ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ତ୍ରିପାଠୀ ସାମାଜିକ ନ୍ୟାୟ ପାଇଁ ଲଢେଇ ବହୁ କୃଷକ ଦଳିତ ଏବଂ ଗରିବ ନିଃସହାୟ ଲୋକଙ୍କୁ ନ୍ୟାୟ ପ୍ରଦାନରେ ସଫଳ ହୋଇଥିଲେ। ତାଙ୍କ ସମାଜସେବା ପାଇଁ ତତ୍କାଳୀନ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଠାରୁ ଆରମ୍ଭକରି ସୁପ୍ରିମକୋର୍ଟ ବାର ଆସୋସିଏସନ ମଧ୍ୟ ଅନେକ ଥର ତାଙ୍କୁ ପ୍ରଶଂସା କରିଥିଲେ। କେବଳ ସେତିକି ନୁହେଁ ଇଣ୍ଟରନ୍ୟାସନାଲ କୋର୍ଟ ଅଫ ଜଷ୍ଟିସର ବିଚାରପତି ମଧ୍ୟ ତାଙ୍କୁ ନିଜେ ସମ୍ମାନିତ କରିଛନ୍ତି। ଏଥିସହ ଓଡିଶା ସରକାର ମଧ୍ୟ ତାଙ୍କୁ ସମାଜସେବା ପାଇଁ ରାଜ୍ୟ ପୁରସ୍କାର ୨୦୧୮ ମସିହା ରେ ପ୍ରଦାନ କରିଥିଲେ। ପୀଡ଼ିତଙ୍କୁ ନ୍ୟାୟ ଦେବା ପାଇଁ ପ୍ରତ୍ୟେକ ମାମଲାରେ ତାଙ୍କ ନିରବଚ୍ଛିନ୍ନ ଉଦ୍ୟମକୁ ଇଣ୍ଡିଆ ବୁକ ଅଫ ରେକର୍ଡ଼ସରେ ପ୍ରଶଂସା କରାଯାଇଛି। ଭଦ୍ରକ ଜିଲ୍ଲାର ସାଳନ୍ଦୀ ସଂସ୍କାର, ରେବ କପାଳୀ ସଂସ୍କାର ଯୋଜନାରେ କ୍ଷତିଗ୍ରସ୍ତ ଚାଷୀଙ୍କ ସ୍ୱାର୍ଥ ପାଇଁ ଜାତୀୟ ମାନବାଧିକାର ଆୟୋଗ ଠାରେ ମାମଲା ରୁଜୁ କରି ପ୍ରାୟ ୬୦ କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ କରାଯାଇଛି।

## ସରକାରଙ୍କ ନିର୍ଦ୍ଦେଶକୁ ନାହିଁ ଭ୍ରୂକ୍ଷେପ

# ମେସିନ ଦ୍ୱାରା ପୋଖରୀ ଖନନ କାର୍ଯ୍ୟ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସରକାର ଗ୍ରାମାଞ୍ଚଳର ଗରିବ ଲୋକମାନେ ଯେପରି ଆର୍ଥିକ ଭାବରେ ସଶକ୍ତ ହେବେ, କାମ କରିବା ପାଇଁ ଯେପରି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ନ ଯିବେ ସେଥିପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କରିଛନ୍ତି। ଏହି ଯୋଜନାରେ ଜଣଙ୍କୁ ବର୍ଷରେ ୧୦୦ଦିନ ନିଶ୍ଚିତ ଭାବରେ କାମ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ସେଥିପାଇଁ ସରକାରଙ୍କ ଅନୁଦାନରେ କରାଯାଉଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକ ଜବ କାର୍ଡ ଥିବା ଗ୍ରାମବାସୀଙ୍କ ଶ୍ରମ ଦାନରେ କରାଯିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହା ଦ୍ୱାରା ଗ୍ରାମବାସୀମାନଙ୍କ ଆର୍ଥିକ ସ୍ଥିତି ମଜବୁତ୍ ହେବା ସହିତ ସେମାନେ ଯେପରି ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଯିବେ ନାହିଁ ତାହା ନିଶ୍ଚିତ କରାଯାଉଛି। ତେବେ ବିଭିନ୍ନ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖାଯିବା ସହିତ ମେସିନ ସାହାଯ୍ୟରେ କାର୍ଯ୍ୟ କରାଯାଉଥିବା ଦେଖାଯାଉଛି। କିଛିଦିନ ପୂର୍ବରୁ ଖୋଦ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୋନପୁର ଜିଲ୍ଲାରେ ମେସିନ ସାହାଯ୍ୟରେ ଏକ ପୋଖରୀ ଖୋଳାଯାଉଥିବା ଦେଖି ଏପରି ଘଟଣା ଦୃଷ୍ଟିକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି କହିଥିଲେ। ତେବେ ପୁର୍ନବାର ସେହିପରି ମେସିନ ସାହାଯ୍ୟରେ ପୋଖରୀ ଖୋଳାଯାଉଥିବା ଦୃଷ୍ଟିକୁ ଆସିଛି କେନ୍ଦୁଝର ଜିଲ୍ଲା ଝୁମ୍ପୁରା ବ୍ଲକ ଟୁକୁଡ଼ିହା ପଞ୍ଚାୟତ ସରାସିଙ୍ଗା ଗ୍ରାମରେ। ସୂଚନା ଅନୁସାରେ ଝୁମ୍ପୁରା ପଞ୍ଚାୟତ ସମିତି ତରଫରୁ ୨୦୨୪-୨୫ ଆର୍ଥିକ ବର୍ଷର ୧୫ ତମ ସିଏଫସି ଯୋଜନାରେ ୪,୦୦,୦୦୦ ଟଙ୍କା ଆର୍ଥିକ ଅନୁଦାନରେ ସରାସିଙ୍ଗା ଗୋପାଳ ସାହି ପୋଖରୀ ଉନ୍ନତି କରଣ କାର୍ଯ୍ୟ କରାଯାଉଛି। ତେବେ ପୋଖରୀ ଖନନ କାର୍ଯ୍ୟକୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନୁଯାୟୀ ଲୋକମାନଙ୍କ ଦ୍ୱାରା ଖୋଳାଯିବା ନିୟମ ଥିବାବେଳେ ମେସିନ ସାହାଯ୍ୟରେ ପୋଖରୀ ଖୋଳାଯାଉଥିବା ଦେଖାଯାଇଛି। ପୋଖରୀ ଖନନ କାର୍ଯ୍ୟ ଟୁକୁଡିହା ଗ୍ରାମ ପଞ୍ଚାୟତ ଦ୍ୱାରା କରାଯାଉଛି। ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମେସିନ ଦ୍ୱାରା ପୋଖରୀ ଖୋଳିବା କାର୍ଯ୍ୟ କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିବା ସତ୍ତ୍ୱେ ଟୁକୁଡିହା ପଞ୍ଚାୟତରେ ଏହାକୁ ଭ୍ରୁକ୍ଷେପ ନକରି ମେସିନ ଦ୍ୱାରା ପୋଖରୀ ଖୋଳାଯାଉଛି। ଟୁକୁଡ଼ିହା ପଞ୍ଚାୟତ କର୍ତ୍ତୃପକ୍ଷ ଓ ଝୁମ୍ପୁରା ପଞ୍ଚାୟତ ସମିତି କର୍ତ୍ତୃପକ୍ଷ ଏହା ଜାଣି ସୁଦ୍ଧା ଏହା ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଆଶ୍ଚର୍ଯ୍ୟ ଜନକ। ଏଥିପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ, ପଞ୍ଚାୟତି ରାଜ ବିଭାଗ ଓ ବିଶେଷ ଭାବରେ ମାନ୍ୟବର ପଞ୍ଚାୟତି ରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଦୃଷ୍ଟି ଦେବାକୁ ଦାବି ହେଉଛି।

## ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ସ୍ଥିତ ସାନପଦର ଗ୍ରାମ ଆଦିବାସୀ ସାହିର ରାଉଳ ନାୟକ(୭୦) ପାଣିରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି। ପୁଲିସ ସୂଚନା ଅନୁଯାଇ ନାୟକ ସୋମବାର ଦିନ ପୂର୍ବାହ୍ନରେ ପୋଖରୀକୁ ଶୌଚ ହେବା ପାଇଁ ଯାଉଥିବା ବେଳେ ଅଗଭୀର ଜଳରାଶି ମଧ୍ୟରେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ପରେ ପରିବାର ସଦସ୍ୟ ମାନେ ବହୁ ଖୋଜା ଖୋଜି କରି ନିରାଶ ହୋଇଥିବା ବେଳେ ପୋଖରୀ କୁଳରୁ ଚପଲ ଦେଖି ସନ୍ଦେହ ପ୍ରକାଶ ପାଇବାରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ପୋଖରୀ ଭିତରୁ ମୃତକଙ୍କ ଶବ ଉଦ୍ଧାର କରିଥିଲେ। ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ବେଗୁନିଆ ଥାନା ପୋଲିସକୁ ଖବର ଦେବା ପରେ ବେଗୁନିଆ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଗରାପୁର ଶିବାନନ୍ଦ ଆଶ୍ରମରେ ବୃକ୍ଷରୋପଣ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଗରାପୁର ସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବୃକ୍ଷରୋପଣ କରାଯାଇଛି। ଏହି ଅବସରରେ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଆଶ୍ରମ ପରିସରରେ ଓ ନିକଟସ୍ଥ ଆଳିଜଙ୍ଗା ଗ୍ରାମକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଅଁଳା, ଆମ୍ବ, ବେଲ, ପଣଷ, କରଞ୍ଜ, ଲିମ୍ବ ଓ ଅର୍ଜୁନ ପ୍ରଭୃତି ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ। ଏଥିସହିତ ଶ୍ରୀମା ବୃକ୍ଷକୁ ପୂଜା କରିବା ସହ ବୃକ୍ଷକୁ ବନ୍ଧୁତାର ଡୋରରେ ବାନ୍ଧି ରଖିବାକୁ ପ୍ରୟାସ କରିବା ନିମନ୍ତେ ଉପସ୍ଥିତ ଆଶ୍ରମବାସୀ, ଭକ୍ତ, ଶ୍ରଦ୍ଧାଳୁ ଓ ଗ୍ରାମବାସୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାସହିତ ଶ୍ରୀମା ଉପସ୍ଥିତ ଲୋକମାନଙ୍କୁ ବିଭିନ୍ନ ଗଛର ଚାରା ବଣ୍ଟନ କରିଥିଲେ। କେନ୍ଦ୍ରାପଡା ସହର ନିକଟ ଦେଇଯାଇଥିବା ରେଳଲାଇନ ପାର୍ଶ୍ୱରେ ଥିବା ଖାଲି ସ୍ଥାନରେ ତାଳ ଗଛର ଚାରା ରୋପଣ କରିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ପରିବେଶର ସୁରକ୍ଷା ନିମନ୍ତେ ସମସ୍ତେ ମିଳିମିଶି ବୃକ୍ଷରୋପଣ କରିବା ସହ ପରିବେଶକୁ ସୁସ୍ଥ ଓ ସୁନ୍ଦର ରଖିବା ଦିଗରେ ପ୍ରଚେଷ୍ଟା ଜାରି ରଖିବାକୁ ନିବେଦନ କରିଥିଲେ। ଏଥିସହିତ ଶ୍ରୀମା ପିଙ୍ଗଳ, ନିଆଳ, ମେରିବେଟ, ଚାରିନେଙ୍ଗଳ, ବରପଦା, ଚଣ୍ଡିଆ ଗ୍ରାମ ସହିତ କେନ୍ଦ୍ରାପଡାର ବିଭିନ୍ନ ଗ୍ରାମ ଗୁଡିକରେ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ସହିତ ଗ୍ରାମର ଦେବାଦେବୀ ପୀଠ ସମେତ ପ୍ରତ୍ୟେକ ଗ୍ରାମରେ ଥିବା ଅବ୍ୟବହୃତ ଜମିରେ ବୃକ୍ଷରୋପଣ କରି ସୁସ୍ଥ ସମାଜ, ସୁସ୍ଥ ପରିବେଶ ଓ ସୁସ୍ଥ ଜୀବନ ଗଠନରେ ସହାୟକ ହେବାକୁ ଶ୍ରୀମା ପରାମର୍ଶ ଦେଇଥିଲେ।

## ମୋଟର ସାଇକେଲ ଚୋରି

ବେତନଟୀ, (ଭାସ୍କର ନ୍ୟୁଜ): ଭାସ୍କର ନ୍ୟୁଜ ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ କେସିପୁର ଓଭରବ୍ରିଜ ତଳୁ ମୋଟର ସାଇକେଲ ଚୋରି। ଘଟଣାରୁ ପ୍ରକାଶ ଏତଲାକାରୀ ବେତନଟୀ ଥାନା ଏସଏସନ୍ ହଣ୍ଡାଶୋଳ ପଞ୍ଚାୟତ ଅଧୀନ ତାରାଶୋଳ ଭାଲୁବସା ଗ୍ରାମର ଲକ୍ଷ୍ମୀଧର ମହାନ୍ତଙ୍କ ଅଭିଯୋଗ ମୁତାବକ ସେ ସବୁଦିନ ଭଳି ୫ ତାରିଖ ଦିନ ମଧ୍ୟ ସେ ନିଜ ଓଡି-୧୧ଡି-୮୮୩୮ ନମ୍ବର ବିଶିଷ୍ଟ ବାଇକଯୋଗେ କେସିପୁର ଷ୍ଟେସନରେ ପହଞ୍ଚିଲେ। କେସିପୁର ଓଭରବ୍ରିଜ ତଳେ ଗାଡି ହ୍ୟାଣ୍ଡେଲ ଲକ୍ କରି ଟ୍ରେନଯୋଗେ ବାଲେଶ୍ୱରକୁ ପଦ୍ମକାମ ପାଇ ଯାଇଥିଲେ। ଅପରାହ୍ନରେ ଫେରି ନିଜର ବାଇକ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ନପାଇ ଶେଷରେ ନିରାଶ ହୋଇ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ଡିଆର୍କେ କପ୍: କୋର ହାର୍ଣ୍ଟର୍ସ ଓ ରାଫେଲ ରକେଟ୍ସ ବିଜୟୀ



ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଡିଆର୍କେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆର୍କେ କପ ଦିବାରାତ୍ର ୨୦ - ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୫ମ ଦିନର ୧ମ ମ୍ୟାଚରେ କୋର ହାର୍ଣ୍ଟର୍ସ, ପରି ଚାଲେଞ୍ଜର୍ସକୁ ୮୩ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି କୋର ହାର୍ଣ୍ଟର୍ସ ୧୬ ଓଭରରେ ୭ ୱିକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ କ୍ଷମାସାଗର ବଳ ୭୩, ସୁମନ କର ୬୭ ଓ ଦିବ୍ୟେଶ ମହାନ୍ତି ୨୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ୟାସିନ ଆଲାମ ୪ ଓ ମେରି ଲୋକନାଥ ୨ଟି ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ ପରି ଚାଲେଞ୍ଜର୍ସ ୧୬ ଓଭରରେ ୮ ୱିକେଟ ହରାଇ ୧୦୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ମହାନ୍ତି ୩୫ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଭିଷେକ ପରିଡା, କ୍ଷମାସାଗର ବଳ ଓ ମନୋଜ ବାରିକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨ୟ ମ୍ୟାଚରେ ରାଫେଲ ରକେଟ୍ସ, ଲାଲବଜାର ୱରିୟାର୍ସକୁ ୧୨ ରନରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ରାଫେଲ ରକେଟ୍ସ ୧୬ ଓଭରରେ ୪ ୱିକେଟ ହରାଇ ୧୬୧ ରନ କରିଥିଲେ। ଦଳ ପକ୍ଷରୁ ରୁପମ ମହାନ୍ତି ୫୮, ପ୍ରୀତପାଳ ସିଂହ ୩୮, ସୌମ୍ୟ ରଞ୍ଜନ ମହାନ୍ତି ୨୯ ଓ ଅମିତ ପରିଡା ୨୪ ରନ ସଂଗ୍ରହ କରିଥିଲେ। ଉତ୍ତରରେ ଲାଲବଜାର ୱରିୟାର୍ସ ୬୭ ରନ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିନ୍‌ହା, ପ୍ରୀତିଦେବ ଜେନା, ମାନସ ଧଳ ଓ ନିର୍ବିଶଙ୍କର ବାରିକ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅମ୍ପାୟାର ଆଶୁତୋଷ ପାଣି ଓ ଦିଲ୍ଲୀପ ଦାସ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରରେ ସହାୟତା କରିଥିଲେ। ସୋମନାଥ ସିଂହ ଓ ବୁବୁ ସିନ୍‌ହା ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥି ଭାବେ ଯୋଗଦେଇ ପୂର୍ବତନ କ୍ରିକେଟ ଖେଳାଳି ଅମୀୟ କୁମାର ବଳ, ସନ୍ତୋଷ ଓତା, ପ୍ରଭାସ ଚନ୍ଦ୍ର ଘଡେଇ ଓ ଦେବାଶିଷ ରଣା ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ, ଆୟୋଜକ ଅମିତାଭ ଦାସ ଓ ସତ୍ୟନାରାୟଣ ଜୀଉ ଉପସ୍ଥିତ ଥିଲେ।

## ୧୦ ଦଫା ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ



ଗୋପ, (ଭାସ୍କର ନ୍ୟୁଜ୍): ୧୩ ଦଫା ଦାବି ନେଇ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗୋପ ବ୍ଲକ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଗୋପ ଜୋନାଲ ସମ୍ପାଦକ ପ୍ରସନ୍ନ କୁମାର ଦାସଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗୋପ ଆଖଣ୍ଡଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରୁ ବାହାରି ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରି ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିବା ସହ ଏକ ସାଧାରଣ ସଭା କରିଥିଲେ। ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍ ଗୋ, ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ, ଜିଲ୍ଲା ସଂପାଦକ କୃଷ୍ଣ ଚନ୍ଦ୍ର ରାଉତ, ପ୍ରଦୀପ୍ତ କୁମାର ମହାନ୍ତି, ମନୋରଞ୍ଜନ ପରିଡା, ପବିତ୍ର ମୋହନ ଦାସ ପ୍ରମୁଖ ଯୋଗଦେଇ ନିର୍ବାଚନ ସମୟରେ ସରକାର ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୃତି ପାଳନ ନକରି ଖାଲି ଫମ୍ପା ଆୱାଜ କରିବା ସହ ଲୋକମାନଙ୍କୁ ଶୋଷଣ କରୁଥିବା କହିଥିଲେ। ଯଦି ସରକାର ଦେଇଥିବା ପ୍ରତିଶ୍ରୃତି ଖୁବ୍ ଶୀଘ୍ର ପାଳନ ନକରେ ତେବେ ଆଗାମୀ ଦିନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜରାସ୍ତାରେ ବିକ୍ଷୋଭ କରିବ ବୋଲି କହିଥିଲେ। ପରେ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡରେ ଏକକ ବ୍ୟବସ୍ଥା ପ୍ରତ୍ୟାହାର କରି ପରିବାରର ମୁଖ୍ୟଙ୍କ ସହିତ ସମସ୍ତଙ୍କୁ ଅର୍ନ୍ତଭୁକ୍ତ କରିବା, ରାସନ କାର୍ଡରେ ବାଦ୍ ପଡିଥିବା ହିତାଧିକାରୀଙ୍କୁ କାର୍ଡ଼ ପ୍ରଦାନ କରିବା, ୩୦୦ ୟୁନିଟ୍ ବିଜୁଳି ଦେୟ ଛାଡ୍ କରିବା, ୬୦ ବର୍ଷରୁ ଊର୍ଦ୍ଧ୍ୱ ଚାଷୀମୂଲିଆଙ୍କୁ ୬ ହଜାର ଟଙ୍କା ପେନସନ୍ ଲାଗୁ କରିବା, ଟାଟା କମ୍ପାନୀର ଜୁଲୁମ ବନ୍ଦ କରିବା, ଗୋପ ଓ କୋଣାର୍କ ଅଞ୍ଚଳରେ ଥିବା ଜମା ସମସ୍ୟା ଶିଘ୍ର ସମାଧାନ କରିବା ଆଦି ୧୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ଗୋପ ବିଡିଓ ଛବି ରାଣୀ ସାହୁଙ୍କୁ ପ୍ରଦାନ କରିଥିଲେ।

## ଆଳି ଗାନ୍ଧୀ ସହଦେବ ଦାସଙ୍କ ଶ୍ରାଦ୍ଧଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଆଳି, (ଭାସ୍କର ନ୍ୟୁଜ୍): ଆଳି ପଟ୍ଟାମୁଣ୍ଡାଇ ଯୁଗ୍ମ ନିର୍ବାଚନ ମଣ୍ଡଳୀ ର ପ୍ରାକ୍ତନ ବିଧାୟକ, ସମାଜସେବୀ ତଥା ଆଳିର ଗାନ୍ଧୀ ସହଦେବ ଦାସଙ୍କ ୬୪ତମ ଶ୍ରାଦ୍ଧବାର୍ଷିକ ଏହି ଜୁନ ମାସ ୧୫ତାରିଖ ଦିନ ପାଳନହେବାକୁ ଯାଉଛି। ଏହି ଦିବସ ଉପଲକ୍ଷେ ସହଦେବ ଦାସ ସ୍ମୃତିସଂସଦ ପକ୍ଷରୁ ନମୌଜା ସାରସ୍ୱତ ଆଶ୍ରମ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସଂସଦର ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ୧୫ ତାରିଖ ଦିନ ଶ୍ରାଦ୍ଧଉତ୍ସବ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଋନ୍ଦିଆପଦା, ଲାଙ୍ଗୁଡ଼ି ଠାରେ ବନ୍ୟପ୍ରାଣୀ ସୁରକ୍ଷା ଏବଂ ପରିବେଶ ସୁରକ୍ଷା ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିକୁ ପୂଣ୍ୟଶ୍ଳୋକ ରଥ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ତାପସ କୁମାର ମହାନ୍ତି, ସହାୟକ, ଏଲ୍.ଏ.ଡି.ସି.ଏସ୍., ଭଦ୍ରକ, ଧନଞ୍ଜୟ ଜେନା, ଅଧିକ୍ଷକ, ମୁକ୍ତିକାନ୍ତ ନାୟକ, ସଂପାଦକ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଲାଙ୍ଗୁଡ଼ି, ପିତାମ୍ବର ନାୟକ, ବନରକ୍ଷୀ, ସାତଭଉଣୀ, ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀ ତଥା ବନ୍ୟ ବିଭାଗର କର୍ମୀ ଏବଂ ଉପସ୍ଥିତ ଥିବା ପିଲାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ରକ୍ରମ ମାଧ୍ୟମରେ ବନ୍ୟପ୍ରାଣୀଙ୍କୁ କିପରି ସୁରକ୍ଷା କରିପାରିବା ଏବଂ ପରିବେଶ ପ୍ରଦୂଷଣକୁ ରୋକିବା ନିମିତ୍ତ ପ୍ଲାଷ୍ଟିକ୍‌କୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ସମ୍ବନ୍ଧରେ ସମସ୍ତଙ୍କୁ ସଚେତନତାର ବାର୍ତ୍ତା ଦିଆଯାଇ ଥିଲା। ପିଲାମାନଙ୍କ ଦ୍ୱାରା ଗଛ ଉପରେ ଏକ ସୁନ୍ଦର ଅଭିନୟ ବେଶ୍ ମନଲୋଭା ଥିଲା। ପରିଶେଷରେ ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇ ପରିବେଶକୁ ସବୁଜମୟ କରିବା ପାଇଁ ସଂକଳ୍ପ କରିଥିଲେ।

## ସାମାନ୍ୟ ବଚସାକୁ ନେଇ ଘରେ ପଶି ସଂଘବଦ୍ଧ ଆକ୍ରମଣ

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲା କଣିହାଁ ଥାନା ଡେରଙ୍ଗ ଗ୍ରାମରେ ସାମାନ୍ୟ ବଚସାକୁ ନେଇ ଗ୍ରାମର ସୁରେଶ ସାହୁଙ୍କ ଘରକୁ ରବିବାର ରାତି ପ୍ରାୟ ୯ ଘଟିକା ସମୟରେ ଗ୍ରାମର ଗୋଛୟତ ସାହିର ୩୦/୪୦ ଜଣ ଲୋକ ଜୋର ଜବରଦସ୍ତ ପଶି ମହିଳାମାନଙ୍କୁ ଅସଦାଚରଣ କରିବା ସହ ମାରଣାସ୍ତ୍ର ସାହାଯ୍ୟରେ ସୁରେଶ ସାହୁ (୬୫), ପ୍ରତାପ ସାହୁ(୨୬), ପ୍ରକାଶ ସାହୁ (୨୫) ଙ୍କୁ ମୁଣ୍ଡ ହାତକୁ ମରଣାନ୍ତକ ଆକ୍ରମଣ କଲେ। ସେମାନଙ୍କ ଚିତ୍କାର ଶୁଣି ପଡୋଶୀ ଲୋକ ଘଟଣା ସ୍ଥଳକୁ ଆସିବାରେ ଅଭିଯୁକ୍ତ ମାନେ ସେଠାରୁ ଦୌଡି ପଳାଇଥିଲେ। ପରେ ଗୁରୁତର ଅବସ୍ଥାରେ ସମସ୍ତଙ୍କୁ କଣିହାଁ ମେଡ଼ିକାଲରେ ଭର୍ତ୍ତି କରାଯାଇ ଥିଲା। ସେଠାରେ ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ହାଇଟେକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ୩ଜଣଙ୍କ ମଧ୍ୟରୁ ସୁରେଶ ସାହୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ପୋଲିସ ଏଥିରେ ସମ୍ପୃକ୍ତ ଗୋଛାୟତ ସାହିର ଛବି ଗୋଛାୟତ (୨୮), କବି ଗୋଛାୟତ (୨୬),ଚରଣ ଗୋଛାୟତ (୨୫),ସୁନନ୍ଦ ଗୋଛାୟତ (୨୪)କୁ ଅଟକ ରଖିଛି। ଖବର ନେବାରେ ଜଣାଯାଏ ଯେ, ଗ୍ରାମରେ ସୁରେଶ ସାହୁ ଏକ ଦୋକାନ କରିଛନ୍ତି। ରବିବାର ରାତି ୮ଘଟିକା ସମୟରେ ଗୋଛୟତ ସାହିର ଛବି ଗୋଛାୟତ ସଉଦା ପାଇଁ ଯାଇଥିଲେ ଓ ଦର ଦାମକୁ ନେଇ ସୁରେଶ ସହିତ ଯୁକ୍ତିତର୍କ ହେବାସହ ବଚସା ହୋଇଥିଲା। ଏହାକୁ ରାଗ ରଖି ରାତି ୯ଘଟିକା ସମୟରେ ଛବି ସାହି ଲୋକଙ୍କୁ ନେଇ ସୁରେଶ ସାହୁଙ୍କ ଘରେ ସଂଘବଦ୍ଧ ଆକ୍ରମଣ କରିଥିଲା। ଉକ୍ତ ଘଟଣାକୁ ନେଇ ଗ୍ରାମରେ ବ୍ୟାପକ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ମେଡିକାଲ ଛକରେ ଘନ ଘନ ବୈଠକ କରୁଛନ୍ତି। ଗୋଛୟତ ସାହିରେ କାହାକୁ ରଖାଇ ଦିଆଯିବ ନାହିଁ ବୋଲି କୁଆଡେ ଆଲୋଚନା କରିଥିବା ଜଣାଯାଇଛି। ଭୟରେ ଗୋଛୟତ ସାହି ପୁରୁଷ ଶୂନ୍ୟ ହୋଇଥିବା ସହ କେବଳ ୫/୬ଜଣ ମହିଳା ଥିବା ଜଣାଯାଇଛି। ପୋଲିସ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝସୁଝା ଚଳାଇଛନ୍ତି। ଗ୍ରାମବାସୀ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କଠୋରରୁ କଠୋର ଦଣ୍ଡ ପ୍ରଦାନ ପାଇଁ ପୁଲିସ ପାଖରେ ଅଡି ବସିଛନ୍ତି। ଗ୍ରାମରେ ଉତ୍ତେଜନା ଜାରି ରହିଛି।

## ଜବରଦଖଳକାରୀଙ୍କ କବଜାରେ ସରକାରୀ ଜାଗା

# ରସୋଲରେ ଜବରଦଖଲ ଉଚ୍ଛେଦ କେବେ !

ବୋଲଗଡ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଓ ରାଜସ୍ୱ ବିଭାଗ ବାରମ୍ବାର ଗଣମାଧ୍ୟମ ଦ୍ୱାରା ସୂଚନା ଦେଉଅଛନ୍ତି ଯେ ସରକାରୀ ଜାଗା, ଗୋଚର ଜାଗା ଓ ଅନାବାଦୀ ଜାଗାକୁ ଉଚ୍ଛେଦ କରି ରାଜସ୍ୱ ବିଭାଗ ଦ୍ୱାରା ହେପାଜତରେ ରଖାଯିବ। ସରକାରୀ ରାସ୍ତାକୁ ଯେଉଁ ଜବର ଦଖଲକାରୀ ମାନେ ଜବରଦଖଲ କରିଥିବେ ସେମାନଙ୍କ ଠାରୁ ଉଚ୍ଛେଦ କରି ସର୍ବସାଧାରଣ ବ୍ୟବହାର ନିମନ୍ତେ ବ୍ୟବହାର କରାଯିବ। କିନ୍ତୁ ଏହା ବିଫଳ ହୋଇଛି ବୋଲଗଡ ବ୍ଲକରେ। ବୋଲଗଡ ତହସିଲ ଅନ୍ତର୍ଗତ ରାସୋଲ ଗ୍ରାମରେ ସରକାରୀ ରାସ୍ତା ଜବର ଦଖଲକୁ ନେଇ ୨୦୨୩ ମସିହାରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ବୋଲଗଡ ତହସିଲଦାରଙ୍କ ଦ୍ୱାରା ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୋଲଗଡ ତହସିଲଦାର ପିଚୁକୁଳି ରାଜସ୍ୱଅଧିକାରୀଙ୍କ ନିକଟକୁ ତଦନ୍ତ ପାଇଁ ପଠେଇଥିଲେ। ତଦନ୍ତ ହୋଇ ବୋଲଗଡ ତହସିଲ କାର୍ଯ୍ୟାଳୟରେ ପୁଣି ଅଟକ ରହିଲା। ପୁନର୍ବାର ରାସୋଲ ଗ୍ରାମବାସୀଙ୍କ ଦ୍ୱାରା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ନିକଟରେ ନଭେମ୍ବର ୧୬ ତାରିଖ ୨୦୨୪ ମସିହାରେ ରାସୋଲ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ବୋଲଗଡ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇ ଶୀଘ୍ର ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୨୪ ମସିହାରେ ଯୋଗ ଦେଇଥିବା ବୋଲଗଡ ତହସିଲଦାର ନିବେଦିତା ପରିଡା, ସରକାରୀ ଅମିନ, ପିଚୁକୁଳି ରାଜସ୍ୱ ଅଧିକାରୀ ଦେବଦତ୍ତ ବିଶ୍ୱାଳ ଖାତା ନମ୍ବର ୩୯୯ ପ୍ଲଟ ନମ୍ବର ୭୫୬,୭୫୧,୩୬୫କୁ ଆସି ମାପ ଚିହ୍ନଟ କରିଥିଲେ। ସରକାରୀ ସର୍ବସାଧାରଣ ରାସ୍ତା ଜବର ଦଖଲ କରିଥିବା ବ୍ୟକ୍ତି ନାଁରେ ଜି ଫର୍ମ ପିଚୁକୁଳି ରାଜସ୍ୱଅଧିକାରୀ ବୋଲଗଡ ତହସିଲଦାରଙ୍କୁ ଦେଇଥିଲେ। ପୁନର୍ବାର ରାସୋଲ ଗ୍ରାମବାସୀ ଏହି ମାପ ଚିହ୍ନଟ ଜାଗାକୁ ଉଚ୍ଛେଦ ପାଇଁ ଲିଖିତ ଆକାରରେ ତହସିଲଦାରଙ୍କୁ ଜଣାଇଥିଲେ। ପୂର୍ବ ତହସିଲଦାର ନିବେଦିତା ପରିଡା ଏଠାରୁ ବଦଳି ହେବା ପରେ ବୋଲଗଡ ତହସିଲଦାର ବିଜୟ କୁମାର ସେଠୀ ଯୋଗ ଦେଇଛନ୍ତି। କିନ୍ତୁ ସେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଗ୍ରାମବାସୀ ଦୁଇବର୍ଷ ହେଲା ତହସିଲ ଅଫିସ ଦୌଡ଼ି ଦୌଡ଼ି ନିରାଶ ହୋଇପଡିଛନ୍ତି। ଅପରପକ୍ଷେ ନିର୍ଦ୍ଦିଷ୍ଟ କିଛି ଜବରଦଖଲକାରୀ ବ୍ୟକ୍ତିମାନେ ରାସୋଲ ଗ୍ରାମର ଜଣେ ବେସରକାରୀ ଅମିନଙ୍କୁ ଆଣି ସେହି ରାସ୍ତାକୁ ମାପ ସରକାରୀ ଜାଗାକୁ ନିଜ କବଲାବୋଲି କହୁଛନ୍ତି। ବେସରକାରୀ ଅମିନଙ୍କୁ ଏ ବାବଦରେ ଲୋକମାନେ ପଚାରିବାରୁ ସେ କହୁଛନ୍ତି ସରକାରୀ ଅମିନ, ତହସିଲଦାର, ଆରଆଇଙ୍କ ମାପ ଭୁଲ ମୋ ମାପ ଠିକ। ଯାହା ଫଳରେ ଦ୍ୱନ୍ଦ ଉପୁଜିଛି। ଲୋକମାନଙ୍କ ଓ ଜବରଦଖଲ କାରୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗୁଛି। ରାସୋଲ ଗ୍ରାମବାସୀ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳରାଣା, ବୋଲଗଡ ତହସିଲଦାର ବିଜୟ କୁମାର ସେଠୀ ଓ ପିଚୁକୁଳି ଆରଆଇ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ସରକାରୀ ରାସ୍ତାକୁ ଜବରଦଖଲ ଉଚ୍ଛେଦ କରି ସର୍ବସାଧାରଣ ରାସ୍ତାକୁ ଜନସାଧାରଣଙ୍କ ଉପଯୋଗୀ ପାଇଁ ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି। ନଚେତ ଆଗାମୀ ଦିନରେ ତହସିଲ କାର୍ଯ୍ୟାଳୟ ଏବଂ ଖୋର୍ଦ୍ଧାଜିଲ୍ଲାପାଳଙ୍କ ଆଗରେ ଧାରଣା ଦେବା ପାଇଁ ଗ୍ରାମବାସୀ କହିଛନ୍ତି।

## ୪ ବାଲି ବୋଝେଇ ହାଇୱା ଜବତ୍, ୩ ଅଟକ



କରଞ୍ଜିଆ, (ଭାସ୍କର ନ୍ୟୁଜ): ଏକ୍ସନ୍ ମୁଡ଼ ରେ ଉପଖଣ୍ଡ ପୋଲିସ୍ ଅଧିକାରୀ ନବ କ୍ରିଷ୍ଣା ନାଏକ। ଗୋଟିଏ ଦିନରେ ୪ ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିବା ସହିତ ୩ ଜଣକୁ ଅଟକ ରଖିଛନ୍ତି। ଘଟଣା ଅନୁଯାୟୀ ଗତକାଲି ରାତ୍ରି ସମୟ ଉପଖଣ୍ଡ ପୋଲିସ ଅଧିକାରୀ ନବ କ୍ରିଷ୍ଣ ନାଏକ ପେଟ୍ରଲିଂ କରୁଥିବା ସମୟରେ ଆନନ୍ଦ ପୁରରୁ ଆସୁଥିବ ୪ଟି ବେଆଇନ୍ ବାଲି ବୋଝେଇ ହାଇୱାକୁ ଜବତ୍ କରିବା ସହିତ ତିନି ଜଣଙ୍କୁ ଅଟକ ରଖିଛନ୍ତି। ନାଏକ ବିଶେଷ ସୂତ୍ରରୁ ବେଆଇନ୍ ବାଲି ବୋଝେଇ ହାଇୱା କରଞ୍ଜିଆ ଅଞ୍ଚଳକୁ ଆସୁଥିବା ଖବର ପାଇ ଉପଖଣ୍ଡ ପୋଲିସ୍ ଅଧିକାରୀ ନାଏକ ଓ ପୋଲିସ ବାଲି ଗାଡ଼ି ଉପରେ ଚଢ଼ାଉ କରି ୪ଟି ବେଆଇନ୍ ବାଲି ବୋଝେଇ ହାଇୱା ଗୁଡିକର କାଗଜପତ୍ର ଯାଞ୍ଚ୍ କରିଥିଲେ। ହେଲେ କୌଣସି ଗାଡ଼ିର ସଠିକ୍ କାଗଜ ପତ୍ର ନଥିବାରୁ ୪ଟି ହାଇୱାକୁ ଜବତ୍ କରିଥିଲେ। ତେବେ ଗୋଟିଏ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହୋଇଥିବାରୁ ତାକୁ ଠାକୁରମୁଣ୍ଡା ଥାନାକୁ ହସ୍ତାନ୍ତର କରିଥିଲେ ଓ ଆଉ ଦୁଇଟି ହାଇୱା କରଞ୍ଜିଆ ଥାନାକୁ ଆଣିଥିଲେ। ସେହିପରି ଆଉ ଗୋଟେ ହାଇୱା ଚାଳକ ଘଟଣା ସ୍ଥଳରେ ହାଇୱାକୁ ଲକ୍ କରି ସେଠାରୁ ଚୋମ୍ପଟ ମାରିବାରୁ ହାଇୱାକୁ ପୋଲିସ୍ ଜବତ୍ କରି କରଞ୍ଜିଆ ଥାନାକୁ ଆଣିଥିଲେ। ତେବେ ଚାରୋଟି ହାଇୱା ମଧ୍ୟରୁ ଦୁଇଟି ହାଇୱା ପାଟବିଲରୁ ଜବତ୍ ହୋଇଥିବା ବେଳେ ଗୋଟିଏ କେନ୍ଦୁମୁଣ୍ଡୀରୁ ଓ ଅନ୍ୟଟି ଜୁଆଳୀକଟା ପେଟ୍ରୋଲ ପମ୍ପ ନିକଟରୁ ଜବତ୍ କରାଯାଇଥିବା ଉପଖଣ୍ଡ ପୋଲିସ୍ ଅଧିକାରୀ ନବକୃଷ୍ଣ ନାଏକ ସୂଚନା ଦେଇଛନ୍ତି।

## ଚାଷୀ ସମସ୍ୟା ନେଇ ଗଣଧାରଣା

### ମୁଗ ବୀମା ରାଶି ପ୍ରଦାନ, ଉଦନ୍ତୀ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦାବି



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଏକ ମରୁଡି ପ୍ରପୀଡ଼ିତ ଅଞ୍ଚଳ। ଅଧିକାଂଶ ସମୟରେ ଗୋଲାମୁଣ୍ଡା ବ୍ଲକରେ ମରୁଡି ସ୍ଥିତି ଦେଖା ଦେଇଥାଏ। ଏଭଳି ପରିସ୍ଥିତିରେ ଗୋଲାମୁଣ୍ଡା ବ୍ଲକରେ ଜଳସେଚନର ବ୍ୟବସ୍ଥା ନ ଥିବା ଯୋଗୁଁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯିବା ଭଳି ପରିବେଶ ସୃଷ୍ଟି ହେଉଛି। ଏନେଇ ଜନ ସଂଗ୍ରାମ ସମିତିର ଆହ୍ୱାନ କ୍ରମେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଶତାଧିକ ଚାଷୀ ସାଉଲ ମଙ୍ଗରାଜ ଜନ ସଂଗ୍ରାମ ସମିତିର ସଭାପତିଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗଣ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଏହି ଗଣଧାରଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଗତ ବର୍ଷର ମୁଗ ବାବଦର ବୀମା ରାଶି ଚାଷୀ ମାନଙ୍କୁ ଶିଘ୍ର ପ୍ରଦାନ କରାଯାଉ ଓ ଉଦନ୍ତୀ ନଦୀରେ ବ୍ୟାରେଜ ନିର୍ମାଣ କରି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ସମସ୍ତ ଗ୍ରାମକୁ ଜଳସେଚନ ବ୍ୟବସ୍ଥା କରାଯାଉ ଏବଂ ଇନ୍ଦ୍ରାବତୀ କେନାଲ ଯୋଗେ ନିର୍ମିତ ହୋଇଥିବା କେନାଲର ଭୁଲ୍ ଡିଜାଇନ୍ ଯୋଗୁଁ ବୃନ୍ଦାବାହାଲ ଅଞ୍ଚଳ ଚାଷୀ ଜଳସେଚନ ପାଇଁ ପାଣି ପାଇ ପାରୁନାହାନ୍ତି ସେଥିପାଇଁ କେନାଲ ନିର୍ମାଣକାରୀ ଠିକା ସଂସ୍ଥା ଓ ସଂପୃକ୍ତ ଯନ୍ତ୍ରୀ ଏବଂ ଅଧିକାରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ବୃନ୍ଦାବାହାଲ ଠାରୁ ଆସିଥିବା କେନାଲର ସଂପ୍ରସାରଣ କରାଯାଉ। ଏହି ଧାରଣାରେ ଜନ ସଂଗ୍ରାମ ସମିତି ସଂପାଦକ ଅନିଲ କୁମାର ମଲ୍ଲିକଙ୍କ ସମେତ କୃଷ୍ଣଚନ୍ଦ୍ର ମୁଣ୍ଡ, ଘନ ରଣା, ଦିଲୀପ ମାଝୀ, ଅଗସ୍ତି ମାଝୀ, ଦାଉତ ହରପାଳ, ମାଧବ ମାଝୀ, ମଧୁ ମାଝୀ, ଅବତାର ଧାରୁଆ, ଜଗନ୍ନାଥ ମାଝୀ, ରେଙ୍ଗା ମାଝୀ, ଅର୍ଜୁନ ମୁଣ୍ଡ, ଅସାରୁ ମାଝୀ, ଭଜନ ମାଝୀ, ଗୋବର୍ଦ୍ଧନ ଛତ୍ରୀଆ ପ୍ରମୁଖ ବସିଛନ୍ତି। ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜନ ସଂଗ୍ରାମ ସମିତି ସଭାପତି ଶ୍ରୀ ମଙ୍ଗରାଜ ପ୍ରକାଶ କରିଛନ୍ତି।

## ଭିଜିଲାନ୍ସ ଜାଲରେ ଉପ ଜିଲ୍ଲାପାଳ





ଭବାନୀପାଟଣା/ଧର୍ମଗଡ଼, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ର ଉପ ଜିଲ୍ଲାପାଳ ୨୦୨୧ ବ୍ୟାଚ୍ - ଆଇଏଏସ୍ ଧୀମାନ ଚକମା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିବା ଘଟଣା ଏବେ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ରବିବାରଦିନ କଳାହାଣ୍ଡି ଜିଲ୍ଲା ଧର୍ମଗଡ ସବ-କଲେକ୍ଟର ଧୀମାନ ଚକମା, ସ୍ଥାନୀୟ ଜୟପାଟଣା ଅଞ୍ଚଳର ଜଣେ କ୍ରସର ମାଲିକ ଠାରୁ ୨୦ଲକ୍ଷ ଟଙ୍କା ଲାଞ୍ଚ ଦାବିର କିସ୍ତି ଭାବରେ ୧୦ଲକ୍ଷ ଟଙ୍କା ନେବାବେଳେ ଭିଜିଲାନ୍ସ ଟିମ୍ ବାନ୍ଧିଛି। ଲାଞ୍ଚ ଦେଉଥିବା କ୍ରସର୍ ବ୍ୟବସାୟୀ ଜଣଙ୍କୁ ସବ କଲେକ୍ଟର ଶ୍ରୀ ଚକମା କୌଣସି କାରଣ ବଶତଃ ୨୦ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ ନହେଲେ ତାଙ୍କ ବ୍ୟବସାୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଥିଲେ। ମିଳିଥିବା ସୂଚନା ମତେ ଉପଜିଲ୍ଲାପାଳ ବ୍ୟବସାୟଙ୍କ କ୍ରସକୁ ଯାଇ ଅତର୍କିତ ଚଢ଼ାଉ କରି ବେନିୟମ ଭାବେ କ୍ରସର ଚାଲୁଥିବା ହେତୁ ୨କୋଟି ଟଙ୍କା ଜରିମାନା ରାଶି ପାଇଁ ନୋଟିସ କରିଥିଲେ। ପରବର୍ତ୍ତୀ ସମୟରେ ଜରିମାନା ରାଶି କୋହଳ କରିବାକୁ ସେ ୨୦ଲକ୍ଷ ଟଙ୍କା ଦେବାପାଇଁ ବ୍ୟବସାୟକୁ ଦାବି କରିଥିଲେ। ତତ ଅନୁଯାୟୀ ବ୍ୟବସାୟୀ ଜଣକ ପ୍ରଥମ କିସ୍ତି ବାବଦକୁ ଉପ ଜିଲ୍ଲାପାଳଙ୍କ ଧର୍ମଗଡ଼ସ୍ଥିତ ସରକାରୀ ବାସଭବନକୁ ଯାଇ ଲାଞ୍ଚ ରାଶି ଦେଇଥିଲେ। ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ଟିମ ଉପଜିଲ୍ଲାପାଳଙ୍କ ବାସଭବନରେ ମାଡି ବସିଥିଲେ। ଉକ୍ତ ସମୟରେ ତାଙ୍କ ଦୁଇ ହାତରେ ବିଭିନ୍ନ ମୂଲ୍ୟର ୨୬ ନମ୍ବର ୧୦୦ ନୋଟ୍ ବଣ୍ଡଲ୍ ଯାଞ୍ଚ କରିଥିଲେ। ଏବଂ ତାଙ୍କ ବାସଭବନ ଅଫିସ ଟେବୁଲ ଡ୍ରୟର ଭିତରେ ରଖିଥିଲେ। ହାତ ଧୋଇବା ଏବଂ ଟେବୁଲ ଡ୍ରୟର ଧୋଇବା ଉଭୟ ସକାରାତ୍ମକ ରାସାୟନିକ ପ୍ରତିକ୍ରିୟା ଦେଖା ଦେଇଥିଲା। ଏହା ପରେ, ତାଙ୍କ ସରକାରୀ ବାସଭବନରେ ତଲାସି ସମୟରେ ଆହୁରି ୪୭ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଆହୁରି ତଲାସି ଜାରି ରହିଛି ଓ ଭିଜିଲାନ୍ସ ଟିମ୍ ଉପ ଜିଲ୍ଲାପାଳ ଚକମାଙ୍କୁ ତଦନ୍ତ ପାଇଁ ନିଜ ସାଥୀରେ ନେଇଛି। ଏହି ସମ୍ପର୍କରେ, ଭିଜିଲାନ୍ସ ସେଲ୍ ପିଏସ୍ କେସ୍ ନମ୍ବର ୬/୨୦୨୫ରେ ୭ ପି.ସି. ଆଇନ, ୧୯୮୮ ଅନୁଯାୟୀ ପି.ସି. (ସଂଶୋଧନ) ଆଇନ, ୨୦୧୮ ଦ୍ୱାରା ସଂଶୋଧିତ ପଞ୍ଜିକୃତ କରାଯାଇଛି। ସୋମବାର ଦିନ ପୁଣି ଏକ ଭିଜିଲାନ୍ସ ଟିମ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ତଦନ୍ତ କରିଛନ୍ତି। ତଦନ୍ତ ରିପୋର୍ଟ ତଲାପ ପରେ ସ୍ୱାସ୍ଥ୍ୟ ଗତ ପରୀକ୍ଷା କରାଯାଇ କୋର୍ଟଚାଲାଣ କରାଯିବା ସୂଚନା ମିଳିଛି। ଅନ୍ୟପଟେ ପୈତୃକ ବାସଭବନ ଓ ଆବାସୀ କାର୍ଯ୍ୟାଳୟରେ ସ୍ଥାବର ଅସ୍ଥାବର ସମ୍ପତି ଉପରେ ଖୋଳତାଡ଼ ଚାଲିଥିବା ଜଣାପଡ଼ିଛି। ଗତ ୨୯/୧/ ୨୦୨୪ମସିହାରେ ଧୀମାନ ଚମକା ୨୯ ନମ୍ବର ଉପଜିଲ୍ଲାପାଳ ଭାବରେ ଧର୍ମଗଡ଼ କାର୍ଯ୍ୟାଳୟରେ ଯୋଗ ଦେଇଥିଲେ। ଜଣେ ଆଇଏଏସ୍ ଅଧିକାରୀ ଜିଲ୍ଲାରେ ପ୍ରଥମ ଥର ପାଇଁ ଭିଜିଲାନ୍ସ ଜାଲରେ ପଡିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚା ବିଷୟ ପାଲଟିଛି।

## ଶ୍ରୀ ମହାବୀର ମନ୍ଦିର ଓ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ





ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ସଦର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମ ଠାରେ ଶ୍ରୀ ଶ୍ରୀ ମହାବୀର ହନୁମାନ ମନ୍ଦିର ଏବଂ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ ଗତ ତା.୦୪.୬ ଠାରୁ ଆରମ୍ଭ ହୋଇ ତା.୦୮.୬ ରବିବାର ଦିନ ଏକ ଧାର୍ମିକ ପରିବେଶ ମଧ୍ୟରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ଉକ୍ତ ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଓ କର୍ତ୍ତୀ ରୂପେ ଜଗନ୍ନାଥପୁର ଗ୍ରାମର ଭକ୍ତ ମନୋରଞ୍ଜନ ରାଜଗୁରୁ ଏବଂ ତାଙ୍କର ଧର୍ମପତ୍ନୀ ପୁଷ୍ପାଞ୍ଜଳୀ ରାଜଗୁରୁ ଦାୟିତ୍ୱ ତୁଲାଇ ଥିବା ସ୍ଥଳେ ମୁଖ୍ୟ ପୁରୋହିତ ଭାବେ ନିରଞ୍ଜନ ଦାଶ, ଆଚାର୍ଯ୍ୟ ମନୋରଞ୍ଜନ ଦାଶ, ପ୍ରଚାରକ ପ୍ରଦ୍ୟୁମ୍ନ ମିଶ୍ର, ବ୍ରହ୍ମା ବଳଭଦ୍ର ମିଶ୍ର, ଚଣ୍ଡୀ ଚକ୍ରଧର ତ୍ରିପାଠୀ, ରୁଦ୍ରାଭିଷେକ ହରିହର ମିଶ୍ର ରାୟଗଡ଼ା, ଏବଂ ପ୍ରଭୁ ଶ୍ରୀ ହନୁମାନଙ୍କ ସେବାୟତ ତିରୁପତି ମିଶ୍ର ଏବଂ ଗଦାଧର ଦାଶ ସ୍ୱସ୍ତି ବଚନ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ ଉକ୍ତ ପ୍ରତିଷ୍ଠା ଉତ୍ସବରେ ଜଗନ୍ନାଥପୁର ଗ୍ରାମର ସମସ୍ତ ଜନସାଧାରଣ ପ୍ରମୁଖ ସମ୍ପୂର୍ଣ୍ଣ ସାହାଯ୍ୟ କରିଥିଲେ ୪ ତାରିଖ ଦିନ ଅଙ୍କୁରାରୋପଣ ଏବଂ କଳସ ଯାତ୍ରା ହୋଇଥିବାସ୍ଥଳେ ୫ ତାରିଖ ଦିନ ସାଲା ପୂଜା, ୬ ତାରିଖ ଦିନ ବନଜାଗ ଯାତ୍ରା ଏବଂ ରତ୍ନ ଭରଣ ହୋଇଥିଲା ୭ ତାରିଖରେ ପ୍ରାଣ ପ୍ରତିଷ୍ଠା ତଥା ଜୀବନ୍ୟାସ କାର୍ଯ୍ୟକ୍ରମ ହୋଇଥିଲା ଏବଂ ୮ ତାରିଖ ଦିନ ପ୍ରଭୁ ଶ୍ରୀ ହନୁମାନ ପ୍ରାସାଦ ବିଜେ କରିବା ସହିତ ସମସ୍ତ ଭକ୍ତମାନଙ୍କୁ ପ୍ରସାଦ ବିତରଣ ବ୍ୟବସ୍ଥା କରା ଯାଇଥିଲା।

## ବହୁଜନ ମିଳିତ ମହାସଂଘର ଯୁବଛାତ୍ର ବୈଠକ




ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଆଜି ଧର୍ମଗଡ଼ ବ୍ଲକ ବୋଡ଼େନ ଠାରେ ମୂଳନୀବାସୀ ବହୁଜନ ମିଳିତ ମହାସଂଘର ଯୁବ- ଛାତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ମନୋଜ ବାଗଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଉକ୍ତ ଅଞ୍ଚଳର ଅନେକ ଯୁବ ଛାତ୍ର ମାନେ ଯୋଗ ଦେଇଥିଲେ। ଆଲୋଚକ ଭାବରେ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ବ୍ଲକ କୋଷାଧ୍ୟକ୍ଷ ଯୋଗେସ ତାଣ୍ଡି, ବୁଦ୍ଧ ଚେରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଚକ୍ରଧର ବେଣୁପାଣି, ଉପ ସଭାପତି ପ୍ରେମଲାଲ ଜଗତ, ଏଓଏସ୍ଏସ୍ଏଫ ଯୁବ ସଭାପତି ଡଗମାଳିଆ ନାଏକ ଯୋଗ ଦେଇ ବହୁଜନ ସମାଜ ଏକ ହେବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଇତିହାସ କହେ ଏଦେଶ ଏକ ସମୃଦ୍ଧି ସମ୍ପନ୍ନ ଦେଶ ଥିଲା। ହେଲେ ପରବର୍ତୀ ସମୟରେ ବର୍ଣ୍ଣ ଓ ଜାତି ବ୍ୟବସ୍ଥା ହେତୁ ଏଠିକାର ଲୋକଙ୍କ ମଧ୍ୟରେ ଏକତା ନଷ୍ଟ ହେଲା। ଫଳସ୍ୱରୂପ ଏ ଦେଶକୁ ବାରମ୍ବାର ବିଦେଶୀ ମାନେ ଆକ୍ରମଣ କଲେ ଓ ଧନସମ୍ପତ୍ତି ଲୁଣ୍ଠନ କରିବା ସହିତ ଦୀର୍ଘ ବର୍ଷ ଶାସନ କଲେ। ତଥାଗତ ବୁଦ୍ଧ, ମହାତ୍ମା ଫୁଲେ, ବିର୍ସା ମୁଣ୍ଡା ଆଦି ମହାପୁରୁଷ ବ୍ୟବସ୍ଥା ବିରୁଦ୍ଧରେ ଲଢ଼ି ଲୋକଙ୍କୁ ଏକଜୁଟ ହେବାର ବାର୍ତ୍ତାଦେଲେ। ସ୍ୱାଧୀନତା ପରବର୍ତୀ ସମୟରେ ଡ଼. ଆମ୍ବେଦକର ସମ୍ବିଧାନ ରଚନା କରି ଏଦେଶର ସମସ୍ତ ଜନସାଧାରଣଙ୍କୁ ସମାନ ଅଧିକାର ଦେଲେ। କିନ୍ତୁ ୭୫ ବର୍ଷ ପରେ ମଧ୍ୟ ଏହି ବହୁଜନ ସମାଜ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ପାଇଲେ ନାହିଁ। ସରକାର ମାନେ ବିଭିନ୍ନ ଷଡଯନ୍ତ୍ର କରି ଆମ୍ଭ ମାନଙ୍କୁ ସମ୍ବିଧାନ ପ୍ରଦତ୍ତ ଅଧିକାରରୁ ବଂଚିତ କଲେ। ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ବ୍ୟବସ୍ଥାକୁ ଘରୋଇକରଣ କରି ଆମ ଦେଶ ଭିତରେ ଦୁଇଟି ଗୋଷ୍ଠୀ ସୃଷ୍ଟି କରୁଛନ୍ତି. ଫଳରେ ବହୁଜନ ସମାଜର ଗରୀବ ଜନସାଧାରଣ ଆହୁରି ଗରୀବ ହେଉଛନ୍ତି। ଆମର ଯୁବକ ଯୁବତୀ ନିଯୁକ୍ତି ନପାଇ ଦାଦନ ଯାଇ ଜୀବନ ହାରୁଛନ୍ତି। ଜନ ପ୍ରତିନିଧି ମାନେ ଲୋକଙ୍କ ମୌଳିକ ସୁବିଧା ବିଷୟରେ ଉଦାସ ରହୁଛନ୍ତି. ଏଭଳି ପରିସ୍ଥିତିରେ ଯୁବ ଛାତ୍ର ମାନେ ଏ ଦେଶର ଇତିହାସ ଓ ରାଜନୀତିକୁ ବୁଝି ନିଜର ହକ ଅଧିକାର ହାସିଲ ପାଇଁ, ତଥା ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେବାକୁ ବକ୍ତା ମାନେ ଆହ୍ୱାନ ଦେଇଥିଲେ। ପରିଶେଷରେ ଆସନ୍ତା ୧୫ ତାରିଖ ଦିନ ଭବାନୀପାଟଣା ଠାରେ ହେବାକୁ ଥିବା ମହାସଂଘର ଜିଲ୍ଲା ବୈଠକକୁ ସମସ୍ତେ ଯୋଗ ଦେବାକୁ ଆହ୍ୱାନ କରି ବୈଠକ ଶେଷ ହୋଇଥିଲା।

## ପୋଲିସ ଶାଖା ସଙ୍ଘ ନିର୍ବାଚନ

### ଚିତ୍ତରଞ୍ଜନ ସଭାପତି ଓ ଜାହ୍ନବୀ ସମ୍ପାଦକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ପୋଲିସ ଶାଖା ସଂଘ ନିର୍ବାଚନ- ୨୦୨୫ ଇତି ମଧ୍ୟରେ ଶେଷ ହୋଇ ଫଳାଫଳ ପ୍ରକାଶ ପାଇଛି। ଗତ ୭ ତାରିଖ ଶନିବାର ଦିନ ସ୍ଥାନୀୟ ରିଜର୍ଭ ପୋଲିସ କାର୍ଯ୍ୟାଳୟ ଏବଂ ଜିଲ୍ଲାର ବିଭିନ୍ନ ପୋଲିସ ଥାନାମାନଙ୍କରେ ଏହି ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଓ ୮ ତାରିଖ ଦିନ ଫଳାଫଳ ଘୋଷଣା କରାଯାଇଥିଲା। ଚଳିତ ନିର୍ବାଚନରେ ଜିଲ୍ଲା ସଂଘର ସଭାପତି ଭାବେ ଚିତ୍ତରଞ୍ଜନ ଦାସ ନିର୍ବାଚିତ ହୋଇଥିଲା ବେଳେ ସମ୍ପାଦକ ଭାବେ ଜାହ୍ନବୀ ସାହୁ, ଉପ- ସଭାପତି ଦ୍ରୋଣଦେବ କୁମାର, ସହ ସମ୍ପାଦକ-୧ ଜଳନ ବାଗ ଓ ସହ ସମ୍ପାଦକ-ଧ୍ୱଜକେତନ ସେଠୀ ନିର୍ବାଚିତ ହୋଇଥିଲେ। ସଭାପତି ଚିତ୍ତରଞ୍ଜନ ଦାସ ପୂର୍ବ ନିର୍ବାଚନରେ ମଧ୍ୟ କଳାହାଣ୍ଡି ସଂଘର ସଭାପତି ରହିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଳାହାଣ୍ଡି ଜିଲ୍ଲା ତଥା ଓଡିଶା ରାଜ୍ୟ ପୋଲିସରେ ପ୍ରଥମ ଥର ପାଇଁ ଜଣେ ମହିଳା ପୋଲିସ କଳାହାଣ୍ଡି ପୋଲିସ ସଂଘର ସଂପାଦକ ପଦରେ ବିଜୟୀ ହୋଇଛନ୍ତି। ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ଜିଲ୍ଲା ସଂଘ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



## ଗେଣ୍ଡୁଫୁଲ ଚାଷ ଦେଇଛି ସ୍ୱତନ୍ତ୍ର ପରିଚୟ

### କମ୍ ଖର୍ଚ୍ଚରେ ଲାଭବାନ ହୋଇଛନ୍ତି ମୁନିରାମ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ସରକାରୀ ସହାୟତାରେ ଚାଷୀ ମାନେ କିଏ ଧାନ ଚାଷ ତ ଆଉ କିଏ ପନିପରିବା ଚାଷ ତ ଆଉ କିଏ ଡାଲି ଜାତୀୟ ଫସଲ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି। ହେଲେ ଏମିତି ଜଣେ ଚାଷୀ ଅଛନ୍ତି ଏ ସବୁକୁ ମାତ ଦେଇ ଗେଣ୍ଡୁଫୁଲ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ଗୋଲାମୁଣ୍ଡା ବ୍ଲକରେ ଜଣେ ମାତ୍ର ଚାଷୀ ଯିଏକି ଗେଣ୍ଡୁଫୁଲ ଚାଷ କରି ପାଇଛନ୍ତି ନିଜର ସ୍ୱତନ୍ତ୍ର ପରିଚୟ। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଧାମନପୁର ପଞ୍ଚାୟତର ମୁକୁନ୍ଦପୁର ଗ୍ରାମର ଚାଷୀ ମୁନିରାମ ପୁଟେଲ ଆଗରୁ ପନିପରିବା ଚାଷ କରୁଥିଲେ। ହେଲେ କୃଷି ଉଦ୍ୟାନ ବିଭାଗର ସହାୟତାରେ ସେ ଗତ ୨୦୧୮ ମସିହାରେ ଗେଣ୍ଡୁଫୁଲ ଚାଷ ଆରମ୍ଭ କରିଥିଲେ। ଚାଷୀ ମୁନିରାମ ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳୀ ପୁଟେଲ ନିଜ ଘର ପଛପଟେ ଥିବା ୫୦ ଡ଼ିସିମିଲ ଜାଗାରେ ଗେଣ୍ଡୁଫୁଲ ଚାଷ କରିଛନ୍ତି। ଗେଣ୍ଡୁଫୁଲ ଚାଷରେ କମ୍ ଖର୍ଚ୍ଚ ଓ କମ୍ ସମୟ ଦେଉଥିବା ବେଳେ ଭଲ ଲାଭବାନ ମଧ୍ୟ ହେଉଛନ୍ତି। ଗେଣ୍ଡୁଫୁଲ ଚାଷରେ ବର୍ଷକୁ ଲକ୍ଷେ ଟଙ୍କା ଆୟ କରନ୍ତି। ଗେଣ୍ଡୁ ଫୁଲ ପ୍ରଥମତଃ ଆୟ କରିବାର ଏକ ମାଧ୍ୟମ ହୋଇଥିବା ବେଳେ ସୌନ୍ଦର୍ଯ୍ୟ ମଧ୍ୟ ବଢାଇଛି। ବିଗତ ୫ ବର୍ଷ ହେବ ନିଜ ବାଡ଼ିରେ ଫୁଲ ଚାଷ କରିଥିବା ବେଳେ ଏକ ପାର୍କର ମଧ୍ୟ ଭ୍ରମ ସୃଷ୍ଟି କରିଛି। ବିଶେଷ କରି ବର୍ଷା ଋତୁରେ ଫୁଲ ଫୁଟିଥାଏ ଓ ଲୋକେ ନିଜ ବାଡ଼ି ବଗିଚାରେ ଫୁଲ ଗଛ ଲଗାଇ ଥାନ୍ତି। ବର୍ଷା ଋତୁ ଗଲା ପରେ ଆଉ ଫୁଲ ଦିଶେ ନାହିଁ। କିନ୍ତୁ ଚାଷୀ ମୁନିରାମ ପୁଟେଲଙ୍କ ବାଡ଼ିରେ ବର୍ଷ ସାରା ଫୁଲ ଫୁଟିଥାଏ। ଜିଲ୍ଲାର ଭବାନୀପାଟଣା, ଜୁନାଗଡ଼ ଧର୍ମଗଡ଼ ବ୍ଲକର ଫୁଲ ଦୋକାନୀ ମାନେ ନେଇ ବିକ୍ରି କରିଥାନ୍ତି। ବର୍ତ୍ତମାନ ଗେଣ୍ଡୁଫୁଲ ପନିପରିବା ଠାରୁ ମଧ୍ୟ ଅଧିକ ଦାମରେ ବିକ୍ରି ହେଉଛି। କେଜି ପ୍ରତି ୬୦ ଟଙ୍କାରେ ବିକ୍ରି କରୁଥିବା ନେଇ ଚାଷୀ କହିଛନ୍ତି। ଚାଷୀ ମୁନିରାମ କହନ୍ତି ଫୁଲ ଚାଷ ପାଇଁ ସକାଳେ ତିନି ଘଣ୍ଟା ଓ ଅପରାହ୍ନରେ ତିନି ଘଣ୍ଟା ସମୟ ଦେଇଥାନ୍ତି। ବର୍ତ୍ତମାନ ୫ ବର୍ଷ ହେବ ସେ ଗେଣ୍ଡୁଫୁଲ ଚାଷ କରୁଛନ୍ତି। ଗୋଟିଏ ଗେଣ୍ଡୁଫୁଲ ଗଛର ପରମାୟୁ ୬ ମାସ ଥିବା ବେଳେ ୫ରୁ ୬ କେଜି ଫୁଲ ଯୋଗାଇଥାଏ। ଆଜିକା ଦିନରେ ଯେକୌଣସି ଚାଷହେଉ ନା କାହିଁକି ନିଜର ତନ, ମନ ଓ ଧନ ଲଗାଇ ଚାଷ କଲେ ନିହାତି ଭାବରେ ଆଗକୁ ବଢି ପାରିବେ ଏବଂ ଏହା ମୁକୁନ୍ଦପୁର ଗ୍ରାମର ଚାଷୀ ମୁନିରାମ ପୁଟେଲ କରିକି ଦେଖାଇଛନ୍ତି।

## ସରିଲା ମା' ଧରଣୀ ନକ୍ଆଉଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ) : ଲାଞ୍ଜିଗଡ ବ୍ଲକ ବାତେଲିମା ପଞ୍ଚାୟତ ବୋରିଂପଦର ଖେଳ ପଡ଼ିଆଠାରେ ଆଜି ମାଁ ଧରଣୀ ନକ୍ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ୍ ଫାଇନାଲ ମ୍ୟାଚ ସହିତ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗନ୍ନାଥପୁର ସମିତିସଭ୍ୟ ପ୍ରଦୀପ ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ପ୍ରେସ କ୍ଲବର କୋଷାଧ୍ୟକ୍ଷ ପରେଶ କୁମାର ନାୟକ, ସଦସ୍ୟ ତଥା ଯୁବ ସାମ୍ବାଦିକ ପ୍ରଭୁରଞ୍ଜନ ସାମଲ, ଯୁବସମାଜସେବୀ ମୂରଲୀ ନାଏକ, ତରୁଣ କୁମାର ସାମଲ, ଅମିନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ଚମ୍ପାଦେଇପୁର ଓ ବାଣିପଙ୍ଗା କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅମ୍ପାୟାର ଭାବେ ଭକ୍ତପ୍ରସାଦ ଦୋରା ଓ ବିପ୍ର ହରିଜନ ଦାୟିତ୍ୱ ତୁଲାଇଥିବାବେଳେ ସ୍କୋର ବୋର୍ଡ ଦାୟିତ୍ୱରେ ଦାନେ ମାଝୀ ରହିଥିଲେ। ମା' ଧରଣୀ ଯୁବକ ସଂଘର କର୍ମକର୍ତ୍ତା ଚନ୍ଦ୍ର ମାଝୀ, ଗୌନ୍ତିଆ କୃଷ୍ଣଚନ୍ଦ୍ର ଗଉଡ଼, ଶିବ ମାଝୀ, ଜୟ ମାଝୀ, ଚଇତ ମାଝୀ, କ୍ଷେତ୍ର ମାଝୀ, ନିରଞ୍ଜନ ମାଝୀ, ଆନନ୍ଦ ଗଉଡ଼ ପ୍ରମୁଖ ଟୁର୍ଣ୍ଣାମେଣ୍ଟ୍ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।




## ବିକଶିତ କୃଷି ସଂକଳ୍ପ ଅଭିଯାନ





ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚହକା ପଞ୍ଚାୟତ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଗୋଲାମୁଣ୍ଡା କୃଷି ବିଭାଗ ଅଧିକାରୀ ନୈାକେଶ୍ୱର ନାଗଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବରିଷ୍ଠ ଶିକ୍ଷାବିତ ଦୁରୁଦକ୍ଷ୍ୟ ପଟେଲ, ଚହକା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦନାର ବାଗ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚାସିନ ଅତିଥିମାନେ ବିକଶିତ କୃଷି ସଂକଳ୍ପ ଅଭିଯାନ ସମ୍ପର୍କରେ ନିଜ ନିଜ ଅଭିଭାଷଣ ରଖିଥିଲେ। କୃଷି ବିଭାଗ ଜରିଆରେ ସରକାରୀ ଯୋଜନା ଆସୁଛି କିନ୍ତୁ ଚାଷୀମାନେ ଠିକ ରୂପେ ତାର ଫାଇଦା ପାଉଛନ୍ତି କି ନାହିଁ ଏ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଚାଷୀ ଭାଇମାନଙ୍କୁ କୃଷି ବିଭାଗ ତରଫରୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅନେକ ଚାଷୀ ସହିତ ମହିଳାମାନେ ଉପସ୍ଥିତ ଥିଲେ।

## ରାଶିଫଳ

**ମଙ୍ଗଳବାର, ୧୦ ଜୁନ୍ ୨୦୨୫**



**ମେଷ:** ସ୍ୱଭାବରେ ଉଗ୍ରତା ଉପରେ ନିୟନ୍ତ୍ରଣ ରଖିବାକୁ ଉପଦେଶ। ଶାରୀରିକ ତଥା ମାନସିକ ଅସୁସ୍ଥତା ଅନୁଭବ କରିପାରନ୍ତି। କମ ସଫଳତା ମିଳିବାରୁ ନିରାଶା ହୋଇପାରନ୍ତି। ସନ୍ତାନମାନଙ୍କ ବିଷୟରେ ଚିନ୍ତା ହୋଇପାରେ।




**ବୃଷ:** ପ୍ରତ୍ୟେକ କାର୍ଯ୍ୟ ଆତ୍ମବିଶ୍ୱାସ ଏବଂ ଅଟଳ ମନୋବଳର ସହିତ କରନ୍ତୁ, ନିଶ୍ଚିତ ସଫଳତା ମିଳିବ। ପିତା କିମ୍ବା ପୈତୃକ ସଂପତ୍ତିରେ ଲାଭ ହେବ। ସରକାରଙ୍କଠାରୁ ଆର୍ଥିକ ଲାଭ ହେବ। ବିଦ୍ୟାର୍ଥୀମାନେ ନିଜର ପଢ଼ାରେ ଭଲ ପ୍ରଦର୍ଶନ କରିବେ। ଖେଳକୁଦ ଏବଂ କଳା କ୍ଷେତ୍ରରେ କଳାକାରମାନଙ୍କୁ ନିଜର ପ୍ରତିଭା ଦର୍ଶାଇବାପାଇଁ ମୌକା ମିଳିବ।



**ମିଥୁନ:** ଚାକିରିପେଶା ଲୋକଙ୍କୁ ଉଚ୍ଚ ପଦାଧିକାରିମାନଙ୍କ ତଥା ସରକାରଙ୍କ ତରଫରୁ ପରିଶ୍ରମର ଭଲ ଫଳ ମିଳିବ। ଭାଇ-ଭଉଣୀମାନଙ୍କ ତଥା ମିତ୍ରମାନଙ୍କ ସହିତ ଆନନ୍ଦପୂର୍ବକ ସମୟ କଟିବ। ଯାତ୍ରାର ସଂଭାବନା ଅଛି, ସେଥିରେ ଲାଭ ମଧ୍ୟ ହେବ।



**କର୍କଟ:** ଭୁଲ ବୁଝାବଣା ଏବଂ ନକାରାତ୍ମକ ବ୍ୟବହାର ଆପଣଙ୍କ ଚିତ୍ତରେ ଗ୍ଲାନିର ଭାବ ସୃଷ୍ଟି କରିବ। ସ୍ୱାସ୍ଥ୍ୟରେ ବିଶେଷରୂପରେ ଆଖିରେ ଅସୁବିଧା ହେବ। ପାରିବାରିକ ସଦସ୍ୟମାନଙ୍କ ସହିତ ମନମାଳିନ୍ୟ ହେବ। କାମରେ ସନ୍ତୋଷର ଭାବନା ଆସିବ।



**ସିଂହ:** ମଉଜ-ମସ୍ତୀ ଏବଂ ମନୋରଞ୍ଜନ ପ୍ରବୃତ୍ତିଗୁଡ଼ିକରେ ଆପଣଙ୍କ ବିଶେଷ ରୁଚି ରହିବ। ପିତା ତଥା ବରିଷ୍ଠ ନାଗରୀକମାନଙ୍କ ସହଯୋଗ ପ୍ରାପ୍ତ କରିବେ। ସାମାଜିକ ପ୍ରତିଷ୍ଠାରେ ବୃଦ୍ଧି ହେବ। ଆପଣଙ୍କ ସ୍ୱଭାବରେ କ୍ରୋଧ ଏବଂ ବ୍ୟବହାରରେ ଉଗ୍ରତା ରହିବ, ଏହା ଉପରେ ଅଂକୁଶ ରଖିବାକୁ ଉପଦେଶ।




**କନ୍ୟା:** ଆଜି ଆପଣଙ୍କ ଅହଂକାରର କାରଣରୁ ଝଗଡ଼ା ହେବାର ଆଶଂକା ଅଛି। ଶାରୀରିକ ଏବଂ ମାନସିକ ଚିନ୍ତା ସହିତ ଆଜିର ଦିନ କଟିବ। ସ୍ୱଭାବରେ ଉତ୍ତେଜନାଯୋଗୁଁ କାମ ବିଗିଡ଼ିବାର ଆଶଂକା ଅଛି। ମିତ୍ରମାନଙ୍କ ସହିତ ମନମାଳିନ୍ୟ ନ ହେଉ, ଏହାର ଧ୍ୟାନ ରଖିବେ। ଆକସ୍ମିକ ଧନ ଖର୍ଚ୍ଚ ହୋଇପାରେ।



**ତୁଳା:** ଗୃହସ୍ଥ ଜୀବନରେ ସୁଖ ଏବଂ ଆନନ୍ଦ ପ୍ରାପ୍ତି ହେବ। ଆୟ ବୃଦ୍ଧିର ଯୋଗ ଅଛି। ଅଫିସ୍, ବ୍ୟବସାୟ କ୍ଷେତ୍ରରେ ଅନୁକୂଳ ବାତାବରଣ ରହିବ। ପ୍ରମୋସନ ମିଳିବାରର ସଂକେତ ଅଛି। ପାରିବାରିକ ସଦସ୍ୟ ତଥା ମିତ୍ର ମାନଙ୍କ ସହିତ ଖୁସି ରହିବେ।



**ବିଚ୍ଛା:** ଜଗନ୍ନାଥଙ୍କର କୃପାରୁ ଆପଣଙ୍କ ସମସ୍ତ କାର୍ଯ୍ୟ ସଫଳତା ପୂର୍ବକ ସଂପନ୍ନ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ଏବଂ ସନ୍ତୋଷର ଅନୁଭବ ହେବ। ଉଚ୍ଚ ପଦାଧିକାରି ଏବଂ ବରିଷ୍ଠ ନାଗରୀକମାନଙ୍କ କୃପା ଆପଣ ଉପରେ ରହିବ। ସନ୍ତାନମାନଙ୍କର ସନ୍ତୋଷଜନକ ପ୍ରଗତିରେ ଆନନ୍ଦ ଅନୁଭବ ହେବ।



**ଧନୁ:** ଶରୀରରେ ଆଳସ୍ୟ, ଏବଂ ଅଣନିଶ୍ୱାସୀ ହୋଇପାରେ। ସ୍ୱାସ୍ଥ୍ୟ ନରମ-ଗରମ ରହିବ। କୌଣସି ବିଷୟରେ ଚିନ୍ତା କରନ୍ତୁ ନାହିଁ, ଆପଣଙ୍କ ପରିଶ୍ରମରେ ଶେଷରେ ସବୁ ଠିକ ହୋଇଯିବ। ସନ୍ତାନମାନଙ୍କ ବିଷୟରେ ଟିକେ ଚିନ୍ତା ହୋଇପାରେ। ଚାକିରି-ଧନ୍ଦାରେ ଉଚ୍ଚ ପଦାଧିକାରିମାନଙ୍କର କ୍ରୋଧର ଶିକାର ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ ବାଦ-ବିବାଦକୁ ଟାଳିବାକୁ ଚେଷ୍ଟା କରନ୍ତୁ।



**ମକର:** ନକାରାତ୍ମକ ବିଚାରରୁ ଦୂରରେ ରୁହନ୍ତୁ। ଅଚାନକ ଧନ ଖର୍ଚ୍ଚ ହୋଇପାରେ। ଚିକିତ୍ସାରେ ଖର୍ଚ୍ଚ ହେବାର ଆଶଂକା ଅଛି। ବ୍ୟାପାରରେ ଭାଗିଦାରୀମାନଙ୍କ ସହିତ ଆନ୍ତରିକ ମତଭେଦ ହୋଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ସାହିତ୍ୟ ଏବଂ କଳା କ୍ଷେତ୍ରରେ କିଛି ନୂଆ ସୃଜନ କରିବାର ପ୍ରେରଣା ମିଳିବ। ପ୍ରେମୀଜନ ଏବଂ ପ୍ରିୟ ବ୍ୟକ୍ତିମାନଙ୍କ ସହିତ ମିଳନ ତଥା ସାକ୍ଷାତ ସମ୍ଭବ।



**କୁମ୍ଭ:** ପ୍ରଣୟ, ରୋମାନ୍ସ, ଯାତ୍ରା, ପର୍ଯ୍ୟଟନ ଏବଂ ମନୋରଞ୍ଜନରେ ଆପଣଙ୍କ ଆଜିର ଦିନ କଟିବ। ମିତ୍ରମାନଙ୍କ ସହିତ ଭୋଜନ କରିବାର ଅବସର ଆସିବ। ବସ୍ତ୍ରାଭୂଷଣ ଏବଂ ବାହନ ପ୍ରାପ୍ତିର ଯୋଗ ଅଛି। ସାର୍ବଜନିକ ଜୀବନରେ ନାମ ଏବଂ ପ୍ରତିଷ୍ଠା ପ୍ରାପ୍ତି ହେବ। ଦୃଢ଼ ଆତ୍ମ ବିଶ୍ୱାସ ଯୋଗୁଁ କାର୍ଯ୍ୟରେ ସଫଳତା ପ୍ରାପ୍ତ କରିବେ।



**ମୀନ:** ଦୈନିକ କାର୍ଯ୍ୟ ବିନା କୌଣସି ଅବରୋଧରେ ସମ୍ପୂର୍ଣ୍ଣ ହେବ। ଘରେ ସୁଖ-ଶାନ୍ତି ଙ୍କର ବାତାବରଣ ରହିବ। ବାଣୀ ଏବଂ ବ୍ୟବହାରରେ ନିୟନ୍ତ୍ରଣ ରଖି ସମ୍ଭାଳିକରି କାର୍ଯ୍ୟ କରିବା ପାଇଁ ଉପଦେଶ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରି ପାରିବେ। ସହକର୍ମିମାନଙ୍କର ସହଯୋଗ ଆପଣଙ୍କ ବ୍ୟବସାୟ କ୍ଷେତ୍ରର କାର୍ଯ୍ୟକୁ ସରଳ ବନାଇବ। ମାମୁଁଘର ତରଫରୁ ଲାଭ ହେବ।



ଶ୍ରୀପତି ଗୁରୁ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯